# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୭/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, October 7/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 314 | ମୂଲ୍ୟ ₹୭/-




**ଅର୍ଶଦୀପଙ୍କ ପ୍ରଭାବୀ ବୋଲିଂ**

ବାଂଲାଦେଶ ବିପକ୍ଷ ଟି୨୦ ମ୍ୟାଚ୍‌ରେ ଭାରତୀୟ ବୋଲର ଅର୍ଶଦୀପ ସିଂ ପ୍ରଭାବୀ ବୋଲିଂ କରି ୩ ଉଇକେଟ ନେଇଛନ୍ତି।

୧୪

୦୮

**ପ୍ରଶଂସକଙ୍କୁ କ୍ଷମାମାଗିଲେ ନିୟା**

ଅଭିନେତ୍ରୀ ନିୟା ଶର୍ମା ରବିବାର 'ବିଗ୍‌ବସ୍ ୧୮'ରେ ଅଂଶଗ୍ରହଣ କରୁନାହାନ୍ତି ବୋଲି ସୂଚନା ଦେବା ସହ ପ୍ରଶଂସକମାନଙ୍କୁ କ୍ଷମା ମାଗିଛନ୍ତି।





ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ପ୍ରତିବାଦରେ ନ୍ୟୁୟର୍କ ପୋଷ୍ଟର ଫଟୋ ସାମ୍ବାଦିକ ସାମୁଏଲ୍ ମେନା ଜୁନିୟର ହ୍ୱାଇଟ୍ ହାଉସ୍ ନିକଟରେ ନିଜ ବାମହାତରେ ନିଆଁ ଲଗାଇଦେଇଛନ୍ତି।

# ଗାଜା ମସ୍‌ଜିଦରେ ଆକ୍ରମଣ: ୨୬ ମୃତ

**ମଧ୍ୟପ୍ରାଚ୍ୟରେ ଲାଗିରହିଛି ଅଶାନ୍ତି । ୨୦୨୩ ଅକ୍ଟୋବର ୭ରେ ହମାସ୍ ନେତୃତ୍ୱାଧୀନ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ଅଚାନକ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲା। ଏଥିରେ ୧୨୦୦ ଇସ୍ରାଏଲୀୟ ଏବଂ ବିଦେଶୀ ନାଗରିକ ନିହତ ହୋଇଥିଲେ। ଏହି ଆକ୍ରମଣ ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ଯୁଦ୍ଧ ଘୋଷଣା କରିଥିଲେ। ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ସୋମବାର ବର୍ଷେ ପୂରୁଥିବାବେଳେ ଇତିମଧ୍ୟରେ ଗାଜାରେ ମୋଟ ୪୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏପରି କି ଏହି ଯୁଦ୍ଧରେ ପ୍ରାୟ ୨.୩ ନିୟୁତ ଲୋକ ବିସ୍ଥାପିତ ହୋଇ ଖାଦ୍ୟ ସଙ୍କଟ ଦେଇ ଗତି କରୁଛନ୍ତି। ସ୍ଥିତି ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ରବିବାର କେନ୍ଦ୍ରୀୟ ଗାଜାର ଏକ ମସ୍‌ଜିଦ ଉପରକୁ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିଛି। ଏଥିରେ ୨୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୩ ଆହତ ହୋଇଛନ୍ତି ।**

**ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ବର୍ଷେ**

ଦେଇର ଅଲ୍-ବଲାହ, ୬।୧୦

ଗତବର୍ଷ ହମାସ୍ ନେତୃତ୍ୱାଧୀନ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ଇସ୍ରାଏଲ୍ ଉପରେ ରକେଟ ମାଡ଼ କରିବା ସହ କେତେଜଣ ବିଦେଶୀଙ୍କ ସମେତ ୨୫୧ ଇସ୍ରାଏଲୀଙ୍କୁ ପଣବନ୍ଦୀ କରି ଗାଜା ନେଇଯାଇ ଏହା ବଦଳରେ ଇସ୍ରାଏଲ୍‌ରେ ବନ୍ଦୀ ଥିବା ପାଲେଷ୍ଟିନୀୟଙ୍କ ମୁକ୍ତି ଦାବି କରିଥିଲା। ଇସ୍ରାଏଲ୍ ଉପରେ ଆକ୍ରମଣ ପରଠାରୁ ଉଭୟ ରାଷ୍ଟ୍ର ମଧ୍ୟରେ ଲଢ଼େଇ ଜାରି ରହିଛି। ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ସୋମବାର ବର୍ଷେ ପୂରୁଥିବାବେଳେ ଗାଜାରେ ମୋଟ ୪୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ ୧୬,୮୦୦ରୁ ଅଧିକ ଛୋଟ ପିଲା ଥିବାବେଳେ ୧୧,୦୦୦ ମହିଳା, ୧,୦୦୦ ସ୍ୱାସ୍ଥ୍ୟସେବା ଓ ସହାୟତା କର୍ମଚାରୀ ଏବଂ ୧୭୪ ଜଣ ସାମ୍ବାଦିକ ଅଛନ୍ତି। ଯୁଦ୍ଧରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଥିବାବେଳେ ଅନେକ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ପଳାୟନ କରିଛନ୍ତି। ଯୁଦ୍ଧବିରତି ପାଇଁ ଆମେରିକା ସମେତ ବିଭିନ୍ନ ଦେଶ ଏକାଧିକ ପର୍ଯ୍ୟାୟ ଉଦ୍ୟମ ଚଳାଇଥିଲେ ମଧ୍ୟ ଆକ୍ରମଣ ବନ୍ଦ ହେବା ପରିବର୍ତ୍ତେ ମଧ୍ୟପ୍ରାଚ୍ୟର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବର୍ଷକର ଯୁଦ୍ଧ




# ପୂଜା ଭିଡ଼ରେ ବସ୍ ବନ୍ଦ ଡାକରା

**ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ସାରା ରାଜ୍ୟ। ଏହି ସମୟରେ ଛୁଟି ରହୁଥିବାରୁ ଲୋକେ ଅଧିକ ବସ୍ ଯାତ୍ରା କରିଥାନ୍ତି। ହେଲେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରୁ ୨୪ ଘଣ୍ଟିଆ ବସ୍ ବନ୍ଦ ଡାକରା ଦିଆଯାଇଛି। ଲକ୍ଷ୍ମୀ ବସ୍‌ର ଟାୟାର-୨ ସେବା ଅର୍ଥାତ୍ ବ୍ଲକ୍‌ରୁ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳକୁ ପ୍ରତିବାଦ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୪ ଜିଲାର ଘରୋଇ ବସ୍ ମାଲିକ ସଂଘ ଏଭଳି ନିଷ୍ପତ୍ତି ନେଇଛି। ଏନେଇ ସରକାର ସୋମବାର ଆଲୋଚନା ପାଇଁ ଘରୋଇ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ଡାକିଛନ୍ତି। ଆଲୋଚନା ବିଫଳ ହେଲେ ଯାତ୍ରୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।**

**ଆଜି ମନ୍ତ୍ରୀଙ୍କ ସହ ଆଲୋଚନା**

ଭୁବନେଶ୍ୱର, ୬।୧୦
(ସୁନିତ୍ ମିଶ୍ର)

ଲକ୍ଷ୍ମୀ ବସ୍ ଚଳାଚଳକୁ ନେଇ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ବସ୍ ମାଲିକ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ରଖିବା ଲାଗି ଡାକରା ଦିଆଯାଇ ଥିବାବେଳେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଏ ସମ୍ପର୍କରେ ଆଲୋଚନା କରିବା ଲାଗି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ସକାଳୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ବସ୍ ମାଲିକ ସଂଘକୁ ଡକାଯାଇଛି। ୧୪ ଜିଲାର ୨୫ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟିଆ ଧର୍ମଘଟ କରିବେ ବୋଲି ଘୋଷଣା କରିସାରିଛନ୍ତି। ହେଲେ ମନ୍ତ୍ରୀଙ୍କ ତରଫରୁ ବୈଠକ ପରେ କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରବୋଧ କୁମାର ରଥ କହିଛନ୍ତି, ସୋମବାର ସକାଳ ୯ଟା ସମୟରେ ବ୍ରହ୍ମପୁରଠାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସହିତ ବୈଠକ ରହିଛି। ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେଣୁ ମନ୍ତ୍ରୀଙ୍କ ସହିତ ବୈଠକ ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏକପ୍ରକାର ଜଣାପଡ଼ିଛି।

ବସ୍ ମାଲିକ ସଂଘ ପୂର୍ବରୁ ଅଭିଯୋଗ କରିଥିଲେ ଯେ, ବିଜେଡି ସରକାର ଅମଳରେ ପ୍ରଥମେ ଟାୟାର-୧ ଅର୍ଥାତ୍ ଗ୍ରାମପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚାଲିଥିଲା। ପ୍ରତିବାଦ ପରେ ଏହା କିଛି ଦିନ ବନ୍ଦ ରହିଥିଲା। ତେବେ ପୁଣି ଟାୟାର-୨ ଲକ୍ଷ୍ମୀ ବସ ଚଳାଚଳ ନେଇ ବସ୍ ମାଲିକ ସଂଘ ପ୍ରତିବାଦ କରିଥିଲେ। ହେଲେ ନିର୍ବାଚନ ଯୋଗୁ ତାହା ସ୍ଥଗିତ ରହିଥିଲା। ବର୍ତ୍ତମାନ ସରକାର ବଦଳିଛି, ହେଲେ ପୂର୍ବ ସରକାରଙ୍କ ଯୋଜନା ବଦଳିନି ବୋଲି ବସ୍ ମାଲିକ ସଂଘ କହିଛନ୍ତି। ଏନେଇ ପରିବହନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କଳାହାଣ୍ଡି ବସ୍ ମାଲିକ ସଂଘ ସଭାପତି ପ୍ରବୋଧ ରଥ କହିଥିଲେ, ୧୪ ଜିଲା ଓ ୨୫ଟି ୟୁନିୟନ ଏହି ବନ୍ଦ ଡାକରାରେ ସାମିଲ ହୋଇଛନ୍ତି। ବର୍ଷେ ହେଲା ଆମେ ସଂଗ୍ରାମ ଜାରି ରଖିଛୁ। ଆମ ବସ୍ ମାଲିକ ଓ ☞ପୃଷ୍ଠା-୪

# ସ୍କୁଲରୁ ଫେରୁଥିବାବେଳେ ଛାତ୍ରୀଙ୍କୁ ବଳାତ୍କାର

କେନ୍ଦୁଝର, ୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଏକ ସ୍କୁଲରୁ ଛୁଟି ପରେ ଫେରୁଥିବା ଜଣେ ଛାତ୍ରୀ(୧୩)ଙ୍କୁ ବଳାତ୍କାର କରାଯାଇଚି। ଏ ନେଇ ପୀଡ଼ିତା ବାଂଶପାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନ ୧୨ଟାରେ ଶ୍ରେଣୀ ପରୀକ୍ଷା ସାରି ଛାତ୍ରୀ ☞ପୃଷ୍ଠା-୪

# ଅଗ୍ନିକାଣ୍ଡରେ ୭ ଜୀବନ୍ତ ଦଗ୍ଧ

ମୁମ୍ବାଇ, ୬।୧୦

ମୁମ୍ବାଇରେ ଥିବା ଏକ ଦୁଇମହଲା ବିଶିଷ୍ଟ ଦୋକାନ ତଥା ଆବାସିକ ବିଲ୍ଡିଂରେ ରବିବାର ସକାଳେ ନିଆଁ ଲାଗିଯିବାରୁ ୭ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପିଲା ରହିଛନ୍ତି। ଚେମ୍ବୁର ଅଞ୍ଚଳର ସିଦ୍ଧାର୍ଥ କଲୋନିରେ ଥିବା ଉକ୍ତ ବିଲ୍ଡିଂରେ ଭୋର ୫ଟା ୨୦ ମିନିଟ୍ ସମୟରେ ନିଆଁ ଲାଗିଥିଲା। ବିଲ୍ଡିଂର ତଳମହଲାରେ ଏକ ଦୋକାନ ଚାଲିଥିବାବେଳେ ଉପର ମହଲାରେ ଲୋକେ ରହୁଥିଲେ। ତଳମହଲାରେ ନିଆଁଲାଗି ଏହା ଉପର ମହଲାକୁ ବ୍ୟାପିଯାଇଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ୭ ଜଣଙ୍କୁ ନିକଟବର୍ତ୍ତୀ ରାଜୱାଡ଼ି ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ୫ଟି ଦମକଳ ସହାୟତାରେ ସକାଳ ୯ଟା ୧୫ ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିଲା।

**ଆଜିର ମନ୍ତବ୍ୟ**

"ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ନେତୃତ୍ୱକୁ ନେଇ ଅସମାନତା ରହିଆସିଛି। ପ୍ରକୃତ ସମାନତା ଆଣିବାକୁ ହେଲେ ଅଧିକରୁ ଅଧିକ ମହିଳା ନିର୍ବାଚିତ ହେବା ଜରୁରୀ।

-ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

ବାଲେଶ୍ୱର, ୬।୧୦ (ବାଞ୍ଛାନିଧି ଦେ)

ସମଗ୍ର ରାଜ୍ୟରେ ଓଏସ୍‌ଏସ୍‌ସି ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଛି। ତେବେ ବାଲେଶ୍ୱରର ଗୋପାଳଗାଁସ୍ଥିତ ପ୍ରଜ୍ଞାଭାରତୀ ସ୍କୁଲ ପରୀକ୍ଷା କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଖୋଲାଯାଇଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଥିବା ଅଭିଯୋଗ ଆଣିଥିବା ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ପରିଚାଳକ ଏକ ରୁମ୍‌ରେ ଅଟକ ରଖିବାରୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ପରୀକ୍ଷା ହଲ୍ ମଧ୍ୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଯିବା ନିୟମ ଥିବା ବେଳେ ବାଲେଶ୍ୱରର ଗୋପାଳ ଗାଁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭର ବହୁ ପୂର୍ବରୁ ସିଲ୍ ଖୋଲାଯାଇ ପ୍ରଶ୍ନପତ୍ର ଲିକ୍ ହୋଇଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ଜଣେ ପରୀକ୍ଷାର୍ଥୀଙ୍କ ଅଭିଯୋଗ ମୁତାବକ, ପରୀକ୍ଷା ହଲ୍‌ରେ ବସିଥିବା ସମୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ପାଇଲୁ। ଏ ସମ୍ପର୍କରେ ଅଭିଯୋଗ କରିବାରୁ ପ୍ରଶ୍ନପତ୍ର ପ୍ୟାକେଟ ସେପରି ଆସିଥିବା ଜଣେ ଶିକ୍ଷୟିତ୍ରୀ ☞ପୃଷ୍ଠା-୪

# ପାକିସ୍ତାନକୁ ହରାଇଲା ଭାରତ



ଶ୍ରେୟଙ୍କା ପାଟିଲ

**ମହିଳା ଟି୨୦ ବିଶ୍ୱକପ୍**

ଦୁବାଇ, ୬।୧୦ (ପି.ଟି.)

ମହିଳା ଟି୨୦ ବିଶ୍ୱକପରେ ପାକିସ୍ତାନକୁ ୬ ଉଇକେଟରେ ହରାଇ ପ୍ରଥମ ବିଜୟ ହାସଲ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୦ ଓଭରରେ ୮ଉଇକେଟ ହରାଇ ୧୦୫ ରନ୍ କରିଥିଲା। ଜବାବରେ ଭାରତ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ମ୍ୟାଚ ଖେଳିଥିବା ଭାରତ ଏହା ସହ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୮ ରନରେ ଭାରତକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚ୍‌ରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ☞ପୃଷ୍ଠା-୪


DHARITRI YOUTH CONCLAVE 2024

CLIMATE CHANGE : BUILDING RESILIENCE

ଧରିତ୍ରୀ 50 Years

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ' ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪'**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଆବେଦନର ଶେଷ ତାରିଖ : ୩୧ ଅକ୍ଟୋବର ୨୦୨୪
ଦୟାକରି ନିଜ ବିବରଣୀ
dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ
www.dharitriyouthconclave.com କୁ ଦେଖନ୍ତୁ

 କ୍ଲାଇମେଟ ଗ୍ରାଣ୍ଟ ଆୱାର୍ଡ ତାରିଖ : ୨୪ ନଭେମ୍ବର ୨୦୨୪

APPLY NOW
https://tinyurl.com/38xd8xnz








# ଗାଜା ଯୁଦ୍ଧ @ ୩୬୫ ଦିନ

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ସୋମବାର ବର୍ଷେ ପୂରୁଥିବାବେଳେ ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲୀ ସେନା ଅନେକ ହଜାର ପାଲେଷ୍ଟିନୀୟଙ୍କ ଜୀବନ ନେବା ସହ ନିୟୁତ ନିୟୁତ ଲୋକଙ୍କୁ ବିସ୍ଥାପିତ କରିଦେଇଛି। ଶାନ୍ତି ଫେରାଇଆଣିବା ଦିଗରେ ତମାମ ଅନ୍ତର୍ଜାତୀୟ ଉଦ୍ୟମ ବିଫଳ ହୋଇଛି। ଇତିମଧ୍ୟରେ ଇସ୍ରାଏଲ୍‌ର ଘନ ଘନ ଏୟାରଷ୍ଟ୍ରାଇକ୍ ଏବଂ ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଓ ହୁତିର ସମ୍ପୃକ୍ତି ସୀମାରେ ଭୟାବହ ଯୁଦ୍ଧକୁ ଡାକି ଆଣିଛି। ଏହି ପରିପ୍ରେକ୍ଷୀରେ ଯୁଦ୍ଧ ଘନଘଟାର ପ୍ରମୁଖ ଘଟଣାବଳୀ ଉପରେ ଏକ ନଜର...

**୨୦୨୩ ଅକ୍ଟୋବର ୭:** ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରି ୧,୨୦୫ ଜଣଙ୍କ ଜୀବନ ନେଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ ଥିଲେ। ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିଥିଲା, ଯାହାଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଥିଲା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍‌କୁ ସମୂଳେ ଧ୍ୱଂସ କରିବା ପାଇଁ ପ୍ରତିଜ୍ଞା ସହ ଯୁଦ୍ଧ ଘୋଷଣା କରିଥିଲେ।

**ଅକ୍ଟୋବର ୧୩:** ଗାଜାରେ ଇସ୍ରାଏଲ୍ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଉତ୍ତର ଗାଜାରେ ସାମରିକ ଆକ୍ରମଣ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଦକ୍ଷିଣକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

**ଅକ୍ଟୋବର ୨୭:** ଇସ୍ରାଏଲ୍ ଗାଜା ସ୍ଥଳଭାଗରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ଆକ୍ରମଣ ଯୋଗୁ ପାଲେଷ୍ଟିନୀୟଙ୍କ ଗଣବିସ୍ଥାପନ ଓ ପଳାୟନ ହୋଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି।

**ନଭେମ୍ବର ୧୫:** ଇସ୍ରାଏଲୀ ସୈନ୍ୟ ଗାଜାର ଅଲ୍-ଶିଫା ହସ୍ପିଟାଲକୁ ହମାସ୍ କମାଣ୍ଡରଙ୍କ ଆଡ୍ଡା ଦର୍ଶାଇ ଆକ୍ରମଣ କରିଥିଲେ।

**ନଭେମ୍ବର ୨୦୨୩:** ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଏକ ସାମୟିକ ସନ୍ଧି ହୋଇଥିଲା। ଏଥିଯୋଗୁ ହମାସ୍ ୮୦ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିଥିଲା। ଏହା ବଦଳରେ ଇସ୍ରାଏଲ୍‌ରେ ବନ୍ଦୀ ଥିବା ୨୪୦ ପାଲେଷ୍ଟିନୀୟଙ୍କୁ ତେଲ୍ ଆଭିଭ ଛାଡ଼ିଦେଇଥିଲା।

**୨୦୨୪ ଫେବୃଆରୀ ୨୯:** ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣରେ ଖାଦ୍ୟ ପାଇଁ ଧାଁ ଦଉଡ଼ କରୁଥିବା ୧୨୦ ନାଗରିକ ନିହତ ହୋଇଥିଲେ। ଏହି ନାଗରିକମାନଙ୍କୁ ଇସ୍ରାଏଲ୍ ବିପଦ ସୃଷ୍ଟିକାରୀ ବୋଲି ଦର୍ଶାଇଥିଲା।

**ମାର୍ଚ୍ଚ ପ୍ରାରମ୍ଭ:** ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପ୍ରଦାନ ପାଇଁ ଅନେକ ଦେଶ ଆକାଶମାର୍ଗରୁ ଜରୁରୀ ସାମଗ୍ରୀ ଏୟାରଡ୍ରପିଂ ଆରମ୍ଭ କରିଥିଲେ।

**ମାର୍ଚ୍ଚ ୧୫:** ଗାଜାରେ ଅନ୍ତର୍ଜାତୀୟ ସହାୟତା ଉଦ୍ୟମ କ୍ରମେ ପ୍ରଥମେ ସାଇପ୍ରସ୍ ଖାଦ୍ୟ ଓ ଔଷଧ ପଠାଇଥିଲା।

**ଏପ୍ରିଲ ୧:** ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ଆମେରିକୀୟ ଦାତବ୍ୟ ଅନୁଷ୍ଠାନ ୱାର୍ଲ୍ଡ ସେଣ୍ଟ୍ରାଲ କିଚେନ୍‌ର ୭ ସଦସ୍ୟ ପ୍ରାଣ ହରାଇଥିଲେ। ପରେ ଇସ୍ରାଏଲ୍ ନିଜ ଭୁଲ୍ ବୁଝିପାରି ଏହାକୁ ଏକ 'ଷ୍ଟ୍ରାଟେଜିକ୍ ମିଷ୍ଟେକ୍' ବୋଲି ମାନିଥିଲା।

**ଏପ୍ରିଲ ୧୩:** ଇସ୍ରାଏଲ୍ ଉପରେ ଇରାନ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା। ଇସ୍ରାଏଲ୍ ଏହାର ଜବାବରେ ହମାସ୍‌କସ୍ଥିତ ଇରାନୀୟ ବାଣିଜ୍ୟିକ ଦୂତାବାସ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା।

**ମେ' ୭:** ଇସ୍ରାଏଲୀ ସେନା ଦକ୍ଷିଣ ଗାଜା ଓ ରାଫା ସହରକୁ ଟାର୍ଗେଟ କରିବା ସହ ଇଜିପ୍ଟ ସୀମାକୁ ଦଖଲ କରିନେଇଥିଲା।

**ଜୁଲାଇ ୧୩:** ଦକ୍ଷିଣ ଗାଜାରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହମାସ୍ ସାମରିକ ନେତା ମୋହମେଦ୍ ଦେଇଫ୍ ନିହତ ହୋଇଥିଲେ।

**ଜୁଲାଇ ୨୦:** ତେଲ୍‌ଆଭିଭରେ ଡ୍ରୋନ୍ ଆକ୍ରମଣ ପରେ ଇସ୍ରାଏଲ୍ ହୁତି ବିଦ୍ରୋହୀଙ୍କୁ ଟାର୍ଗେଟ କରି ୟେମେନ୍‌ରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରୁ ଲେବାନନ ସୀମାରେ ଇସ୍ରାଏଲ୍-ହେଜ୍‌ବୋଲ୍ଲା ମଧ୍ୟରେ ସଂଘର୍ଷ ବଢ଼ିଥିଲା।

**ଜୁଲାଇ ୨୭:** ଗୋଲାନ୍ ହାଇଟ୍ସରେ ରକେଟ୍ ଆକ୍ରମଣରେ ୧୨ ଶିଶୁ ନିହତ ହୋଇଥିଲେ। ଏଥିରେ ହେଜ୍‌ବୋଲ୍ଲା ନିଜ ସମ୍ପୃକ୍ତିକୁ ଖଣ୍ଡନ କରିଥିଲା।

**ଜୁଲାଇ ୩୦:** ବେରୁଟ୍‌ରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା କମାଣ୍ଡର ଫଉଦ୍ ଶୁକ୍‌ର ନିହତ ହୋଇଥିଲେ। ଏହାର ଦିନକ ପରେ ଇରାନରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ହମାସ୍ ନେତା ଇସ୍‌ମାଇଲ୍ ହାନିୟେ ନିହତ ହୋଇଥିଲେ। ଏଥିପାଇଁ ହମାସ୍ ଓ ଇରାନ ଇସ୍ରାଏଲ୍‌କୁ ଦାୟୀ କରିଥିଲେ।

**ଅଗଷ୍ଟ ୧୬:** ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ସନ୍ଧି ପାଇଁ ଆମେରିକା ଏକ ଡିଲ୍ ପ୍ରସ୍ତାବ ଦେଇଥିଲା। ହମାସ୍ ତତ୍କାଳ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା।

**ଅଗଷ୍ଟ ୨୨:** ସଂଘର୍ଷ ବିରାମ ପାଇଁ ଇଜିପ୍ଟ ଓ କାତାର ମଧ୍ୟସ୍ଥତାରେ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିଲା।

**ଅଗଷ୍ଟ ୨୫:** ହେଜ୍‌ବୋଲ୍ଲା ପକ୍ଷରୁ କରାଯାଇଥିବା ଏକ ବଡ଼ ଆକ୍ରମଣକୁ ପ୍ରତିହତ କରିଥିବା ବିଷୟ ଇସ୍ରାଏଲ୍ କହିଥିଲା। ଇସ୍ରାଏଲ୍‌କୁ ହେଜ୍‌ବୋଲ୍ଲା ଶତାଧିକ ରକେଟ ଓ ଡ୍ରୋନ୍ ଛାଡ଼ିଥିବା ସ୍ୱୀକାର କରିଥିଲା।

**ଅଗଷ୍ଟ ୨୮:** ପାଲେଷ୍ଟିନୀୟ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍ ୱେଷ୍ଟ ବ୍ୟାଙ୍କରେ ଅପରେଶନ୍ ଆରମ୍ଭ କରିଥିଲା। ଜାତିସଂଘ ଏହାକୁ ତତ୍କାଳ ବନ୍ଦ କରିବାକୁ ପରାମର୍ଶ ଦେଇଥିଲା।

**ସେପ୍ଟେମ୍ବର ୧୭-୧୮:** ଲେବାନନ୍‌ରେ ପେଜର ଓ ୱାକିଟକି ଭଳି ଯୋଗାଯୋଗ ଉପକରଣଗୁଡ଼ିକରେ ଲଗାତର ବିସ୍ଫୋରଣ ଘଟିବାରେ ଲାଗିଥିଲା।



ଏଥିରେ ୩୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ହେଜ୍‌ବୋଲ୍ଲା ସଦସ୍ୟମାନେ ରେଡିଓ ତରଙ୍ଗରେ ଚାଲୁଥିବା ପେଜରକୁ ସୁରକ୍ଷିତ ମନେକରି ବ୍ୟବହାର କରୁଥିବାବେଳେ ଇସ୍ରାଏଲ୍‌ର ସ୍ପାଏ ଏଜେନ୍ସି ମୋସାଦ ପୂର୍ବରୁ ଏକ ଶେଲ୍ କମ୍ପାନୀ ଜରିଆରେ ସେଥିରେ ବିସ୍ଫୋରକ ଭର୍ତ୍ତି କରି ଏଭଳି ଅଭିନବ ଆକ୍ରମଣ ଘଟାଇବାରେ ସଫଳ ହୋଇଥିବା କୁହାଯାଇଥିଲା।

**ସେପ୍ଟେମ୍ବର ୨୭:** ବେରୁଟ୍‌ରେ ଇସ୍ରାଏଲ୍‌ର ଏକ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲା ଏବଂ ଜଣେ ଇରାନୀୟ ଜେନେରାଲ ନିହତ ହୋଇଥିଲେ। ଇରାନ୍ ଏହାର ମୁହଁତୋଡ଼ ଜବାବ ଦେବା ପାଇଁ ଧମକ ଦେଇଥିଲା।

**ଅକ୍ଟୋବର ୧:** ଇରାନ ଇସ୍ରାଏଲ୍ ଉପରକୁ ୧୮୧ ମିଶାଇଲ୍ ଛାଡ଼ିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଆଇରନ୍ ଡୋମ ଜରିଆରେ ଆୟତ୍ତ କରାଯାଇଥିବା ଇସ୍ରାଏଲ୍ ଦର୍ଶାଇଥିଲା।

# ମଧ୍ୟପ୍ରାଚ୍ୟ ରକ୍ତରଞ୍ଜିତ

## ବିଶ୍ୱ ଅର୍ଥନୀତି ପ୍ରଭାବିତ

ଗାଜା/ତେଲ୍‌ଆଭିଭ, ୬।୧୦

୨୦୨୨ ଫେବୃଆରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଇଥିବାବେଳେ ୨୦୨୩ ଅକ୍ଟୋବର ୭ରେ ମଧ୍ୟପ୍ରାଚ୍ୟରେ ଆଉ ଏକ ବଡ଼ ଯୁଦ୍ଧ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିଛି। ହୁତି ଆତଙ୍କବାଦୀ ଲୋହିତ ସାଗରରେ ବର୍ଷକ ମଧ୍ୟରେ ଶତାଧିକ ମାଲବାହୀ ଜାହାଜକୁ ଆକ୍ରମଣ କରିସାରିଲେଣି। ଏହି ପୃଷ୍ଠଭୂମିରେ ଆସନ୍ତା ବର୍ଷ କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୧୩୦ ଆମେରିକୀୟ ଡଲାରକୁ ଛୁଇଁବ ବୋଲି ଅକ୍ସଫୋର୍ଡ ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ମଧ୍ୟ ତୈଳ ଦରରେ ୩.୩% ବୃଦ୍ଧି ଘଟିବା ଅନୁମାନ କରିଛି। ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଗାଜାର ସଶସ୍ତ୍ର ଶାସକ ହମାସ୍, ଲେବାନନ୍‌ର ହେଜ୍‌ବୋଲ୍ଲା ଓ ୟେମେନ୍‌ର ହୁତି ଆତଙ୍କବାଦୀଙ୍କ ସମର୍ଥନରେ ଆରବୀୟ ରାଷ୍ଟ୍ରଗୁଡ଼ିକୁ ବାହାରିବା ପାଇଁ ଆହ୍ୱାନ ଦେଇଥିବାରୁ ତୈଳ ଉତ୍ପାଦନ ଓ ରପ୍ତାନି ପ୍ରଭାବିତ ହୋଇପାରେ। ଏପରି ହେଲେ ଯୁଦ୍ଧର ପ୍ରଭାବ ମଧ୍ୟପ୍ରାଚ୍ୟ ପରିସୀମା ଡେଇଁ ସାରା ବିଶ୍ୱକୁ କବଳିତ କରିବ। ଆମେରିକା, କାନାଡା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ଶକ୍ତିଶାଳୀ ଜି୭ ରାଷ୍ଟ୍ର ଇସ୍ରାଏଲ୍‌କୁ ସମର୍ଥନ ଦେଉଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ସଙ୍କଟର ଅବସାନ ଆଶା ଦିଶୁନାହିଁ। ଇରାନର ତୈଳ ଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ ପାଇଁ ଆଲୋଚନା ଚାଲିଛି। ଇରାନର ତୈଳ ଉତ୍ସକୁ ଟାର୍ଗେଟ କରାଗଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ିବ। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍‌କୁ ଆକାଶଛୁଆଁ କରାଇବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।





## ଗାଜାରେ ୪୨ ହଜାର ମୃତ

୨୦୨୩ ଅକ୍ଟୋବରରେ ହମାସ୍‌ର ଶତାଧିକ ରକେଟମାଡ଼ରେ ୧,୨୦୫ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୦୦ ଜଣ ଏବେ ମଧ୍ୟ ହମାସ୍ କବଳରେ ରହିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଗାଜା ଆକ୍ରମଣରେ ୪୧,୭୮୮ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଅନେକ ଲକ୍ଷ ଲୋକ ବିସ୍ଥାପିତ ହୋଇ ଇଜିପ୍ଟ ସମେତ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକରେ ଆଶ୍ରୟ ନେଇଛନ୍ତି।

## ସପକ୍ଷ, ବିପକ୍ଷରେ ରାଲି

ଯୁଦ୍ଧ ବର୍ଷପୂର୍ତ୍ତିର ଅବ୍ୟବହିତ ପୂର୍ବରୁ ରବିବାର ପାଲେଷ୍ଟାଇନ୍ ସମର୍ଥନରେ ଓ ଇସ୍ରାଏଲ୍ ସପକ୍ଷରେ ବିଶ୍ୱର ବିଭିନ୍ନ ଭାଗରେ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଲଣ୍ଡନ୍, ବର୍ଲିନ୍, ପ୍ୟାରିସ୍ ଓ ରୋମ୍ ସମେତ ଅନେକ ୟୁରୋପୀୟ ସହରରେ ଲୋକେ ରାସ୍ତାକୁ ଓହ୍ଲାଇ ସ୍ଲୋଗାନ ଦେଇଛନ୍ତି। ଅଷ୍ଟ୍ରେଲିଆରେ ଅନେକ ହଜାର ଲୋକ ପାଲେଷ୍ଟାଇନ୍ ଓ ଲେବାନନ୍‌କୁ ସମର୍ଥନ କରି ଶୋଭାଯାତ୍ରା କରିଛନ୍ତି। ମେଲବର୍ନରେ ଇସ୍ରାଏଲ ସପକ୍ଷରେ ବିଶାଳ ରାଲିର ଆୟୋଜନ କରାଯାଇଛି। ଅନ୍ୟ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ଲେବାନନ୍ ନାଗରିକମାନେ ହେଜ୍‌ବୋଲ୍ଲା ନେତା ହସନ୍ ନସ୍‌ରଲ୍ଲାଙ୍କ ସ୍ମୃତିରେ ପ୍ରାର୍ଥନା ସଭା କରିଛନ୍ତି।

## ପରସ୍ପର ଟାର୍ଗେଟରେ ନେତାନ୍ୟାହୁ-ଖାମେନେଇ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଏବେ ପରସ୍ପର ଟାର୍ଗେଟକୁ ଆସିଯାଇଛନ୍ତି। ହମାସ୍, ହେଜ୍‌ବୋଲ୍ଲା ଓ ହୁତିକୁ ଖୋଲା ସମର୍ଥନ କରୁଥିବା ଖାମେନେଇଙ୍କୁ ତେହରାନ୍‌ରେ ଏୟାରଷ୍ଟ୍ରାଇକ୍ କରି ହତ୍ୟା କରିବା ପାଇଁ ଇସ୍ରାଏଲ୍ ପକ୍ଷରୁ ସିକ୍ରେଟ୍ ମିଶନର ଯୋଜନା ଚାଲିଥିବା ଜେରୁଜେଲମ୍ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ନେତାନ୍ୟାହୁ ଓ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କ ସମେତ ସେନା ଅଧିକାରୀମାନେ ଇରାନର ହିଟ୍ ଲିଷ୍ଟରେ ଥିବା ଏକ ସୂତ୍ରରୁ ଜଣାପଡ଼ିଛି।



ୟହୟା ସିନ୍‌ୱାର



ଆୟାତୋଲ୍ଲା ଅଲୀ ଖାମେନେଇ



ଇସ୍‌ମାଇଲ୍ ହାନିୟେ



ହସନ୍ ନସ୍‌ରଲ୍ଲା

## ୭ ନିରୀହଙ୍କୁ ହତ୍ୟାକଲେ ପାଲେଷ୍ଟିନୀୟ ଆତଙ୍କବାଦୀ

ଇସ୍ରାଏଲ୍‌ର ତେଲ୍‌ଆଭିଭସ୍ଥିତ ପୋର୍ଟ ସିଟି ଜାଫାରେ ମଙ୍ଗଳବାର ରାତିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ହମାସ୍ ନିଜକୁ ଦାୟୀ କରିଛି। ନିକଟସ୍ଥ ଏକ ମସ୍‌ଜିଦରେ ଲୁଚିଥିବା ପାଲେଷ୍ଟିନୀୟ ଆତଙ୍କବାଦୀ ମହମ୍ମଦ ମେସେକ୍(୧୯) ଓ ଅହମଦ ହିମୋଉନି(୨୫) ଏହି ଆକ୍ରମଣ ଘଟାଇଥିଲେ। ପ୍ରାଣ ହରାଇଥିବା ୬ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ବାଟ୍ ୟାମ୍ ନିବାସୀ ରିଭାଇଟାଲ ବ୍ରୋନ୍ସଟେଇନ୍(୨୪), ଜର୍ଜିଆର ଇଲିଆ ନୋଜାଡ୍‌ଜେ(୪୨), ଲୋଡ୍ ବାସିନ୍ଦା ଶାହର ଗୋଲ୍ଡମ୍ୟାନ୍ (୩୦), ଇନ୍‌ବାର ସେଗେଭ୍ ଭିଗ୍‌ଡେର(୩୩), ନାଡିଆ ସେକୋଲେନ୍‌କୋ(୪୦) ଏବଂ ଗ୍ରୀସ୍ ନାଗରିକ ଜୋନାସ୍ ଖ୍ରୋସିସ୍(୨୬)। ସପ୍ତମ ମୃତକଙ୍କ ପରିଚୟ ମିଳିନାହିଁ। ଆତଙ୍କବାଦୀମାନେ ଗୁଳି କରୁଥିବାବେଳେ ରିଭାଇଟାଲ ନିଜ ୯ ମାସର ପିଲାକୁ ବଞ୍ଚାଇବା ପାଇଁ ଉଦ୍ୟମ କରି ଶେଷରେ ପ୍ରାଣ ହରାଇଥିଲେ।



ଇନ୍‌ବାର ସେଗେଭ୍ ଭିଗ୍‌ଡେର



ଶାହର ଗୋଲ୍ଡମ୍ୟାନ୍



ରିଭାଇଟାଲ ବ୍ରୋନ୍ସଟେଇନ୍



ଲେବାନନ୍‌ର ସିଡୋନ୍‌ରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍ ବେଳେ କାର୍ ଭିତରୁ ଅନେଇଛନ୍ତି ଜଣେ ଶିଶୁ।

## ହେଜ୍‌ବୋଲ୍ଲାର ୫୦୦ ଫାଇଟର ନିହତ

ବେରୁଟ୍ ସମେତ ଲେବାନନ୍‌ର ବିଭିନ୍ନ ଭାଗରେ ଇସ୍ରାଏଲ୍‌ର ମିଶାଇଲ ମାଡ଼ ଜାରି ରହିଛି। ବିଶେଷକରି ଦକ୍ଷିଣ ବେରୁଟ୍‌ରେ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଏୟାରଷ୍ଟ୍ରାଇକ୍ କରୁଛି। ରବିବାର ସୁଦ୍ଧା ୪୪୦ ଆତଙ୍କବାଦୀ ଓ ବିଭିନ୍ନ ର୍‍ୟାଙ୍କର ୩୦ କମାଣ୍ଡର ନିହତ ହୋଇଥିବା ଆଇଡିଏଫ୍ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଅଞ୍ଚଳ ଛାଡ଼ି ଚାଲିଯିବା ପାଇଁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଇଛି।




**Junagarh: Binayak Motors,** Ph: 9237387143, 9237387150, 9237387144; **Bolangir: Jairam Motors,** Ph: 6372703005, 8117911265; **Rourkela: Rev Motors,** Ph: 9861929403, 7735123565, 7978289917; **Bargarh: Shivam Motors,** Ph: 9938120588, 7978563215; **Bhawanipatna: Sriram Enterprises,** Ph: 9437966332, 06670230332; **Jharsuguda: Shree Swapneshwar Motors,** Ph: 9583152832, 9861085558; **Sambalpur: Maa Samleswari Automobiles,** Ph: 8118050205; **YBC: Sundergarh,** Ph: 9438622911; **Bonaigarh,** Ph: 7008868582; **Kesinga,** Ph: 9938312661; **Sonepur,** Ph: 9937535378; **Khariar,** Ph: 9556605754; **Padampur,** Ph: 9777767175; **Attabira,** Ph: 8018927369; **Titlagarh,** Ph: 8249952614; **Bamra,** Ph: 9668703749; **Kuchinda,** Ph: 8280063040.




E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP. *Black glass on the vehicle is due to lighting effect.*

**ORBIT MOTORS**
**ROURKELA:** 9437041155, 9040404444. **SUNDARGARH:** 9437049161, 9437131074. **DEOGARH:** 9437061223, 7064400290. **BONAIGARH:** 6372903336.

**SKY AUTOMOBILES**
**BERHAMPUR:** 9778202019. **BHANJANAGAR:** 9778202019. **PARALAKHEMUNDI:** 9778202019. **PHULBANI:** 9778202019.

**ODYSSEY MOTORS**
**SAMBALPUR (AINTHAPALI):** 7381433909. **BOLANGIR:** 9438068327. **BARGARH:** 9556352943. **NUAPADA:** 7381017851. **SONEPUR:** 9438068327. **JHARSUGUDA:** 9439892153. **BOUDH:** 8594908009. **PADAMPUR :** 9556352493. **KUCHINDA:** 7381060299. **BAMRA:** 9439892153.

**APARNAA MOTORS**
**SAMBALPUR (PARDHIAPALI):** 9237395001. **ATTABIRA:** 9237395001.

**LEGEND CARS**
**JEYPORE:** 7894406481, **RAYGADA:** 9692883042 **BHAWANIPATNA:** 7894442907.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Terms and conditions apply. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. *3 years or 100 000 km whichever is earlier. ^Total offer is inclusive of Gold Coin offer applicable on Alto K10, S-Presso, Celerio, Swift and Brezza. Above offers are valid till 13th Oct, 2024.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଶିଳ୍ପୀ ମହାସଂଘର ଦ୍ୱାଦଶ ବାର୍ଷିକ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ସିପିଆଇ(ଏମ୍) ଏବଂ ବିଭିନ୍ନ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୫ଟା ।
- ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବିଚାରପତି ଦେବବ୍ରତ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପାନ୍ଥ ନିବାସ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୬ଟା ୧୫ ।
- ସଙ୍ଗୀତାୟନ 'ନୃତ୍ୟାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- କଳାକାର ଥିଏଟକ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦ ।

## ପୁରୀ

- ଶ୍ରୀକ୍ଷେତ୍ର ଅଟୋଚାଳକ ସଂଘ ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।
- ସିପିଆଇଏମ୍ ପକ୍ଷରୁ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପ୍ରତିବାଦରେ ଧାରଣା, ସ୍ଥାନ: କଚେରି ଛକ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ।

## ବାଲେଶ୍ୱର

- ୭୦ତମ ଜିଲାସ୍ତରୀୟ ବନ ସଂରକ୍ଷଣ ସପ୍ତାହ ପାଳନ, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ

- ଜନଶୁଣାଣି ଶିବିର,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ,ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ନିପୁଣ ଓଡ଼ିଶା,ସ୍ଥାନ:ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା ।
- ପିଲାଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୨ଟା ।

## କେନ୍ଦୁଝର

- ନାରାୟଣ ମଠରେ ପୂଜାର୍ଚ୍ଚନା, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୭ ଟା ।
- ମା' ବ୍ରାହ୍ମଣୀ ଦେବୀ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଅତା, ବାଟୋ, ଘସିପୁରା, ସମୟ: ସକାଳ ୭ ଟା ।
- ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ବୈଠକ, ସ୍ଥାନ: ଫୋରମ କାର୍ଯ୍ୟାଳୟ, ଆନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା ।
- ଅଲେଖ ମହିମା କମିଟି ପକ୍ଷରୁ ବୈଠକ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା ।
- ଦୁର୍ଗା ସେବା ସଂଗଠନ ପକ୍ଷରୁ ବୈଠକ, ସ୍ଥାନ: ମହାଦେବ ମନ୍ଦିର, ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୪ ଟା ।

## ମୟୂରଭଞ୍ଜ

- ମୟୂରଭଞ୍ଜ ଜିଲା ପ୍ରବେଶ ପଥରେ ସ୍ୱାଗତମ ଫାଟକର ଶିଳାନ୍ୟାସ ଉତ୍ସବ, ସ୍ଥାନ: କଳମା ଛକ ବୈଶିଙ୍ଗା, ବେତନଟୀ ବ୍ଲକ, ସମୟ: ସକାଳ ୯ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଅନ୍ନ ଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା ।
- ଶାରଦୀୟ ଦୁର୍ଗା ଓ କାଳୀପୂଜା ପାଇଁ ପ୍ରଶାସନିକସ୍ତରରେ ଶାନ୍ତି କମିଟି ବୈଠକ, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ସାଢ଼େ ୩ଟା ।
- ଲାବଣ୍ୟ ଥିଏଟର ଭୁବନେଶ୍ୱର ଆନୁକୂଲ୍ୟରେ ନାଟକ 'ଅଭିନେତ୍ରୀ' ପରିବେଷଣ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର

- ପାଲେଷ୍ଟାଇନ ସଂହତି ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ

- ଦିଗପହଣ୍ଡି ବ୍ଲକସ୍ତରୀୟ ସୁରଭି,
- ସ୍ଥାନ: ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ଅର୍ଥନୀତି ବିଭାଗର ପାଠଚକ୍ର, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ, ସମୟ:ପୂର୍ବାହ୍ନ ୧୦ଟା ।
- ବୁଦ୍ଧଖୋଲ ଉନ୍ନୟନ ସମିତି ବୈଠକ,ସ୍ଥାନ: ବୁଗୁଡା ବୁଦ୍ଧଖୋଲ ପାଦଦେଶ,ସମୟ: ଅପରାହ୍ନ ୪ଟା ।

## କନ୍ଧମାଳ

- ଟୟ ଟ୍ରେନ ଉଦଘାଟନ, ସ୍ଥାନ: ଦାରିଙ୍ଗବାଡି ହିଲଭିୟୁ ପାର୍କ,
- ସମୟ: ସକାଳ ୮ଟା ୩୦ ।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ–କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା ।

## ଅନୁଗୋଳ

- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ–ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାସେବୀ ସଙ୍ଗଠନ ବୃଷଭ ଫାଉଣ୍ଡେଶନ ପକ୍ଷରୁ ରାସ୍ତା କଡ଼ରେ ପଡ଼ିଥିବା ବାଲି ଆସ୍ତରଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ଟା ।
- ସ୍ୱାରସ୍ୱତ ପରିକ୍ରମା ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନ: ଟ୍ରୁନ,ପାରାଦୀପଗଡ, ପାରାଦୀପ, ସମୟ: ଅପରାହ୍ନ ୪ଟା ।

## କେନ୍ଦ୍ରାପଡ଼ା

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ତହସିଲ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା ।

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ– ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- କଳିଙ୍ଗନଗର ପୁସ୍ତକ ମେଳା କମିଟିର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ : ଯାଜପୁର ରୋଡ ଭୀମସେନ ପ୍ୟାଲେସ, ସମୟ :ଅପରାହ୍ନ ୫ଟା ।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଶୋଡଷ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: ନାରାୟଣୀ ପୀଠ ଭାପୁର ବ୍ଲକର ପଥର ଚକଡା, ସମୟ: ସନ୍ଧ୍ୟା ୭ଟା ।
- ମହିଶାଷୁଣୀ ପୀଠରେ ନବଦିନାତ୍ମକ ପୂଜାର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା ।
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା'ବିମଳାଙ୍କ ନବଦିନାତ୍ମକ ପୂଜାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା ।
- ଶୋଡଷ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା ।
- ଶୋଡଷ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା ।
- ଶୋଡଷ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।

## ନବରଙ୍ଗପୁର

- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନୋଡାଲ ଆରସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- କୋରାପୁଟ ବ୍ଲକ୍ ଉମୁରି ପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ : ଉମୁରି ଗ୍ରାମ ପଞ୍ଚାୟତ, କୋରାପୁଟ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ସମ୍ବଲପୁର

- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ପଞ୍ଚମ୍ୟାଦି କଳ୍ପାରମ୍ଭ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୫ଟା ।
- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ପଞ୍ଚମୀ ପୂଜା, ସ୍ଥାନ: ଦାନୀପାଲି ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ସକାଳ ୫ଟା ।
- ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପକ୍ଷରୁ ତିରୁପତି ବାଲାଜୀ ମନ୍ଦିର ପ୍ରସାଦରେ ଅପମିଶ୍ରଣ ପ୍ରତିବାଦରେ ବିଶାଳ ଶୋଭାଯାତ୍ରା, ସ୍ଥାନ: ମହିଳା ଥାନା ସମ୍ମୁଖରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ, ସମୟ : ପୂର୍ବାହ୍ନ ୧୦ଟା ।
- ସିଏସ୍‌ଆଇଆର ପକ୍ଷରୁ ହନି ମିଶନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୋମୁରା ବ୍ଲକ ମୂଷାକାନୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ।

## ବଲାଙ୍ଗୀର

- ପୌରାଞ୍ଚଳ ଯାଦବ ମହାସଭା ପକ୍ଷରୁ ନୂଆଖାଇ ଭେଟଘାଟ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ।
- ସମ୍ବିଧାନ ପ୍ରଣୟନ ସଭା ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବଲାଙ୍ଗୀର ପବ୍ଲିକ ସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ ।

## ସୁବର୍ଣ୍ଣପୁର

- କଳ୍ପାରମ୍ଭ, ପଞ୍ଚଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା ।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ପଞ୍ଚମ ଦିବସ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା ।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା ।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା ।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା ।

## ସୁନ୍ଦରଗଡ଼

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଟାଙ୍ଗରପାଲି ବ୍ଲକ ସମ୍ମିଳନୀ କକ୍ଷ,ସମୟ:ସକାଳ ୧୦ଟା୩୦ ।

## ରାଉରକେଲା

- ନବରାତ୍ରି ପୀଠରେ ଷଷ୍ଠୀ ପାଳନ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ଶକ୍ତିପୀଠ, ସମୟ: ସକାଳ ୯ଟା ।
- ସାଇସେବକ ମଣ୍ଡଳୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୨ ଲାଲ୍ ପଡ଼ିଆ, ସମୟ : ସକାଳ ୭ଟା ।
- ଇ–ସାହିତ୍ୟ ଆଲୋଚନା ଚକ୍ର, ସ୍ଥାନ: ବ୍ୟାସଭବନ, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ହିଲ୍‌ଟପ୍ ଟାୱାର, ସେକ୍ଟର–୧, ସମୟ: ସକାଳ ୬ଟା ।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ପାର୍ଟି କାର୍ଯ୍ୟାଳୟ, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା ।
- ଗୋପବନ୍ଧୁ ଓ ଚିତ୍ତରଞ୍ଜନ ଜୟନ୍ତୀ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼

- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: , ତିଲେଇବଣି ବ୍ଲକର ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: ବାରକୋଟ ବ୍ଲକର କାଉଁସି ବାହାଳ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଉନ୍ନତମାନର ଫଳ ଉତ୍ପାଦନ ବୃଦ୍ଧି ନିମନ୍ତେ ୬ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ରର ପଞ୍ଚମ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା ।
- ଓଡ଼ିଆ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଉତ୍ସବ, ସ୍ଥାନ: ଦେବଗଡ଼ କଲେଜ, ସମୟ: ପୂର୍ବାହ୍ନ ୧୧ଟା ।
- ପିଏମ କିଷାନ ସମ୍ମାନ ନିଧି ଯୋଜନାର ଚାଷୀଙ୍କୁ ୧୮ତମ କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନକେନ୍ଦ୍ର, କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା ।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ପଞ୍ଚମ ଦିବସ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସାର୍ବଜନୀନ ଦୁର୍ଗାପୂଜା କମିଟି ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଦେବଗଡ ମାର୍କେଟ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ମାତା କୁଷମାଣ୍ଡା ପୂଜା, ସ୍ଥାନ: ଦୁର୍ଗା ମଣ୍ଡପ, ତରବୋଡ, ସମୟ: ସକାଳ ୬ଟା ୩୦ ।
- ନବରାତ୍ର ଦୁର୍ଗା ପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗା ମଣ୍ଡପ, ନୂଆପଡ଼ା, ସମୟ: ସକାଳ ୭ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗା ମଣ୍ଡପ ନୂଆପଡା, ସମୟ: ରାତି ୮ଟା ।
- ସ୍ୱର ଝଙ୍କାର ଲୋକକଳା ମଞ୍ଚ ଓଡ଼ିଶା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇସମୁଣ୍ଡି ଗାଁ ଭାଇସିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୮ଟା ।

## ବୌଦ୍ଧ

- ବୌଦ୍ଧ ନିର୍ବାଚନମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ତିଳେଶ୍ୱର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସକାଳ ୯ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଜନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ଚାରିଛକ , ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଦୁଃସ୍ଥାନସ୍ଥ ନୀଚସ୍ଥ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଭିତରେ ଦିନଟି କଟାଇବାକୁ ପଡ଼ିପାରେ । ଦୂରଯାତ୍ରା, ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳପ୍ରାପ୍ତି ଘଟିବ । ଭୁଲ ବୁଝାମଣାଜନିତ ପାରିବାରିକ ଅଶାନ୍ତି ସାଙ୍ଗକୁ ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ବୃଷ** ଦିନଟିରେ ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ପ୍ରକାରର ଅଭାବ,ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ । କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । କିଛି ମୂଲ୍ୟବାନ୍ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ । ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

**ମିଥୁନ** ଆର୍ଦ୍ରା ନକ୍ଷତ୍ର ପାଇଁ ଅର୍ଥ ସଙ୍କଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିବାରେ ସମର୍ଥ ହେବେ । ଘରୋଇ କାମରେ ବୟସ୍କ ବ୍ୟକ୍ତିମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ । ଯାତ୍ରା ସମୟରେ ଚୋରି, ପକେଟମାର କିମ୍ବା ନିଜର ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନ ହାନିର ସୂଚନା ରହିଛି ।

**କର୍କଟ** ପରିସ୍ଥିତି ପ୍ରତି ସଚେତନ ହୋଇ କାମ କରିବା ଦ୍ୱାରା କାର୍ଯ୍ୟ ହାସଲ ସାଙ୍ଗକୁ ବିଭିନ୍ନ ପ୍ରକାର ସୁବିଧା ଉପଭୋଗ କରିପାରିବେ । କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ସାହାଯ୍ୟ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡିପାରେ । ଅଶ୍ଳେଷା ନକ୍ଷତ୍ର ଶିଳ୍ପ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ ।

**ସିଂହ** ପାରିବାରିକ କ୍ଷେତ୍ରରେ ରହିଥିବା ବିଷମତା କାହା ସମ୍ମୁଖରେ ପ୍ରକାଶ କରିପାରିବେ ନାହିଁ । ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ବଢ଼ିଯିବ । ସଭାସମିତିରେ ସମର୍ଥନ କିମ୍ବା ଆନୁଷ୍ଠାନିକ କାମରେ ସହଯୋଗ କାରଣରୁ ପ୍ରଶଂସିତ ହେବେ । ମଘା ନକ୍ଷତ୍ର ଅଭାବ ଅସୁବିଧା ମଧ୍ୟରେ କୌଣସି କାମ ଅଟକିବ ନାହିଁ ।

**କନ୍ୟା** ଦୀର୍ଘଦିନରୁ ଅଟକି ରହିଥିବା କାମକୁ ପୂରାଦମରେ କରିଚାଲିବେ ତଥାପି ନିର୍ଦ୍ଦିଷ୍ଟ ସମୟରେ ତାହା ସମ୍ପନ୍ନ ନ ହୋଇପାରେ । ପୂର୍ବାଫାଲଗୁନୀ ନକ୍ଷତ୍ରର ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । ସାଂଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇ ଲୋକମାନଙ୍କ ପ୍ରିୟଭାଜନ ହେବେ ।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହିବ ନାହିଁ । କର୍ମକ୍ଷେତ୍ରରେ ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ସାମ୍ନାରେ କିଛି କହିପାରିବେ ନାହିଁ । ସ୍ୱାତୀ ନକ୍ଷତ୍ର ସକାଶେ ପାନମସଲା, ତେଜରାତି ଦୋକାନ, ହୋଟେଲ ଓ ଷ୍ଟେସନେରି ବ୍ୟବସାୟରୁ ଭଲ ଲାଭ ହେବ । ରାଜନୀତି ଓ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବ ।

**ବିଛା** ଚନ୍ଦ୍ରଙ୍କ ଦୁର୍ବଳତା କାରଣରୁ ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିପାରିବ ନାହିଁ । କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ'ଣ ହେଲା ଏଣୁତେଣୁ ଗୁଡାଏ ବେକାର କଥାରେ ମନ ଅଶାନ୍ତ ରହିବ । ଭକ୍ତି ପ୍ରଦର୍ଶନ କରୁଥିବା କେତେକ ବ୍ୟକ୍ତି ପଛରେ ଗାଳିମନ୍ଦ ପୂର୍ବକ ବିଭିନ୍ନ ପ୍ରକାର ଅଶାଳୀନ ମନ୍ତବ୍ୟ ପ୍ରଦାନ କରିପାରନ୍ତି ।

**ଧନୁ** ଆଜି ଉତ୍ତରାଷାଢା ନକ୍ଷତ୍ର ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ । ଘରେ ଅଶାନ୍ତିର ବାତାବରଣ ସାଙ୍ଗକୁ କର୍ମକ୍ଷେତ୍ରରେ ଉତ୍ତେଜନା, ଜମିଜମା କଳହକୁ ମଧ୍ୟ ଏଡି ହେବନି । ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବେ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ ।

**ମକର** ସାମାନ୍ୟ ବିଳମ୍ବରେ ଅଭିଳାଷ ପୂରଣ ହେବ, ତଥାପି ମନରେ ବିଭିନ୍ନ ଦୁର୍ଭାବନା ସ୍ଥାନ ପାଇବ । ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି, ତାହା ଯଥାଶୀଘ୍ର ହୋଇଯିବ । ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ । ରୋଗ ଶଯ୍ୟାରେ ପଡିଥିବା ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ।

**କୁମ୍ଭ** କାମର ଚାପ ବୃଦ୍ଧି କାରଣରୁ ଘର କାମ ଛାଡି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟହେବେ । ଶତଭିଷା ନକ୍ଷତ୍ର ଅସାବଧାନତାରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ । ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । କଳା, ସାହିତ୍ୟ ସମସ୍ୟାକୁ ସମାଧାନ କରିବେ ଏବଂ ଅଭିଳାଷ ପୂର୍ଣ୍ଣ ହେବ ।

**ମୀନ** ପ୍ରତ୍ୟେକ କାର୍ଯ୍ୟରେ କିଛିନା କିଛି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିପାରେ । ଉତ୍ତରାଭାଦ୍ର ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତାରେ ପଡ଼ିବେ । ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ । ସାହିତ୍ୟ ଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ ।

ଆଜି ଅକ୍ଟୋବର ୭ ତାରିଖ, ବିଶ୍ୱ ପର୍ଯ୍ୟାବାସ ଦିବସ(ଅକ୍ଟୋବର ପ୍ରଥମ ସୋମବାର) ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର, ରାଶିନକ୍ଷତ୍ର–ଅନୁରାଧା/ବିଛା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୨ ଗତେ, ଘ.୦୭।୧୦ ମଧ୍ୟେ, ଘ. ୦୮।୫୦ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୭।୧୦ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ ।

## ସୂଚନାଭବନ ପାର୍କିଂ ସ୍ଥଳରେ ହାଇଡ୍ରାମା

# ଭରତପୁର ଥାନା ଘଟଣାକୁ ନେଇ ହାତାହାତି ହେଲେ ଦୁଇ ମହିଳା

ଭୁବନେଶ୍ୱର,୬।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସୂଚନାଭବନ ପାର୍କିଂସ୍ଥଳରେ ରବିବାର ହାଇଡ୍ରାମା ଦେଖିବାକୁ ମିଳିଛି । ସମାଜସେବୀ ବୋଲି ନିଜକୁ ଦାବି କରୁଥିବା ଦୁଇ ମହିଳା ହାତାହାତି ହୋଇଛନ୍ତି । ଜଣେ ମହିଳା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଥିବା ବେଳେ ଏହି ଘଟଣା ଘଟିଥିଲା । ଦୁଇ ମହିଳା ହାତାହାତି ହେବା ସହ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ତେବେ ଭରତପୁର ଥାନାରେ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ଏହାର ମୂଳ କାରଣ ବୋଲି ଜଣାପଡ଼ିଛି । ସମାଜୀସେବୀ ବୋଲି ଦାବି କରୁଥିବା ଜଣେ ମହିଳା ପୋଲିସକୁ ସମର୍ଥନ କରୁଥିବାବେଳେ ଅନ୍ୟ ଜଣେ ମହିଳା ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ସମର୍ଥନ କରୁଛନ୍ତି । ଉଭୟଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ କମେଣ୍ଟ ଦିଆନିଆ ଓ ଆକ୍ଷେପ ପ୍ରତିଆକ୍ଷେପରୁ ବଚସା ହୋଇଥିଲା । ଏପରିକି ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ମଧ୍ୟ ହୋଇଥିଲା । ତେବେ ରବିବାର ଜଣେ ମହିଳା ଏହି ଘଟଣାକୁ କେନ୍ଦ୍ରକରି କିଛି ୱେବ୍ ମିଡିଆକୁ ପ୍ରତିକ୍ରିୟା ଦେଉଥିଲେ । ଏହି ସମୟରେ ଅନ୍ୟ ଜଣେ ମହିଳା ସେଠାକୁ ଆସି ତାଙ୍କୁ ବିରୋଧ କରିଥିଲେ । ଫଳରେ ପରିସ୍ଥିତି ଭୟଙ୍କର ହୋଇଥିଲ । ଦୁଇଜଣ ଚୁଟି ଟଣାଟଣି ଓ ମୁଥ ମରାମରି ହୋଇଥିଲେ । କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଲାଗି ରହିଥିଲା । କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ତେବେ ଏହି ଘଟଣାକୁ କେନ୍ଦ୍ର କରି ଉଭୟ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଏନେଇ ତଦନ୍ତ ଜାରି ରଖିଛି ।

## ପ୍ରଥମ ପୃଷ୍ଠାରୁ...

### ପୂଜା ଭିଡ଼ରେ ...

କର୍ମଚାରୀଙ୍କ ଦୁଃଖ ବୁଝିବାକୁ ସରକାର ଚେଷ୍ଟା କରନ୍ତୁ । ଏହା ଆମ ପେଟପାଟଣାର କଥା । ସରକାର ଆମ ଦାବି ଗ୍ରହଣ କରି ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଅନୁରୋଧ କରୁଛୁ । ନଚେତ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଥିଲେ । ତେବେ ବସ୍ ମାଲିକ ସଂଘର ଏହି ବନ୍ଦ ପାଳନ ଆରମ୍ଭ ହେଲେ ଲକ୍ଷାଧିକ ଯାତ୍ରୀଙ୍କ ଯାତାୟାତରେ ସମସ୍ୟା ହେବ ।

### ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ...

କହିଥିଲେ । ବିଶ୍ୱାସ ନ ହେବାରୁ ସିସି କ୍ୟାମେରା ଦେଖିବାକୁ କହିଥିଲୁ । ଏହି ପରୀକ୍ଷା ପାଇଁ ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଥିଲା । ମାତ୍ର ସିସିଟିଭିରେ ସାଢ଼େ ୯ଟାରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ମିଳିଥିଲା । ଏନେଇ ପୋଲିସ୍‌କୁ ଜଣାଇବାକୁ ଚାହିଁବାରେ ତାଙ୍କୁ ବାହାରକୁ ଛଡ଼ା ଯାଇ ନ ଥିଲା । ଏପରିକି ଏକ ରୁମ୍‌ରେ ଅଟକ ରଖାଯିବାରୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା କହିଛନ୍ତି । ଅପରପକ୍ଷରେ ପରୀକ୍ଷାର୍ଥୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ପରୀକ୍ଷାରେ କୌଣସି ବ୍ୟତିକ୍ରମ ହୋଇନାହିଁ ବୋଲି କେନ୍ଦ୍ରର ପରିଚାଳକ କହିଛନ୍ତି ।

### ଗାଜା ମସ୍‌ଜିଦରେ ...

ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି । ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଆତଙ୍କବାଦୀମାନେ ଇସ୍ରାଏଲ୍‌କୁ ଟାର୍ଗେଟ କରିବାରୁ ଇସ୍ରାଏଲୀ ଡିଫେନ୍ସ ଫୋର୍ସ ଲେବାନନ ଉପରେ ଜୋର୍‌ଦାର ଆକ୍ରମଣ ଜାରି ରଖିଛି ।

ରବିବାର ଭୋର ସମୟରେ ଇସ୍ରାଏଲୀ ସେନା କେନ୍ଦ୍ରୀୟ ଗାଜାର ଏକ ମସ୍‌ଜିଦ ଉପରେ ଏୟାରଷ୍ଟ୍ରାଇକ୍ କରିବାରୁ ଅନ୍ୟୂନ ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି । ଦେଇର ଅଲ୍–ବଲାହ ସହରର ଅଲ୍–ଅକ୍‌ସା ଶହୀଦ ହସ୍ପିଟାଲ ନିକଟରେ ଥିବା ଉକ୍ତ ମସ୍‌ଜିଦ ପରିସରରେ ଅନେକ ବିସ୍ଥାପିତ ଲୋକ ଆଶ୍ରୟ ନେଇଥିଲେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି । ବିସ୍ଥାପିତମାନଙ୍କ ଆଶ୍ରୟସ୍ଥଳକୁ ଇସ୍ରାଏଲ୍ ସେନା ଟାର୍ଗେଟ କରୁଥିବା ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । ଅନ୍ୟପକ୍ଷରେ ହମାସ୍ ଆତଙ୍କବାଦୀମାନେ ଉକ୍ତ ମସ୍‌ଜିଦରେ ରହି ସେଠାରୁ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଉଥିଲେ । ସେଥିପାଇଁ ମସ୍‌ଜିଦ ଉପରେ ଆକ୍ରମଣ କରାଗଲା ବୋଲି ଇସ୍ରାଏଲ୍ ସେନା କହିଛି ।

ଇସ୍ରାଏଲ୍ ସେନା ଶନିବାର ଲେବାନନ୍ ଉପରେ ଜୋର୍‌ଦାର ବୋମାମାଡ଼ କରିଥିଲା । ଆକ୍ରମଣ ବଢୁଥିବାରୁ ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ସମେତ ଅନେକ ହଜାର ଲେବାନନ୍ ନାଗରିକ ଦେଶ ଛାଡ଼ି ପଳାୟନ କଲେଣି । ଗାଜାରେ ଇସ୍ରାଏଲ୍ ଯୁଦ୍ଧକୁ ବର୍ଷେ ପୂରୁଥିବାରୁ ତୁରନ୍ତ ଅସ୍ତ୍ରବିରତି ସହ ଶାନ୍ତି ସ୍ଥାପନ ପାଇଁ ବିଭିନ୍ନ ଦେଶରେ ରାଲି ଆୟୋଜନ କରାଯାଇଛି ।

### ସ୍କୁଲରୁ ଫେରୁଥିବାବେଳେ ...

ଜଣକ ସ୍କୁଲ ଛୁଟି ପରେ ସାଙ୍ଗଙ୍କ ସହ କଲଣ୍ଡାସ୍ଥିତ ନିଜ ଭିଣୋଇଙ୍କ ଘରକୁ ଫେରୁଥିଲେ । ଏହି ସମୟରେ ସ୍ଥାନୀୟ ଯୁବକ ଶକ୍ତି କାର୍ଜୀ ତାଙ୍କୁ ଅନୁସରଣ କରୁଥିଲେ । ସାଙ୍ଗମାନେ ଟିକେ ଆଗକୁ ପଳାଇଯିବାର ସୁଯୋଗ ନେଇ ଅଭିଯୁକ୍ତ ଛାତ୍ରୀଙ୍କୁ ଜଙ୍ଗଲ ଭିତରକୁ ଟାଣି ନେଇ ବଳାତ୍କାର କରିଥିଲେ । ଚିତ୍କାର ଶୁଣି ପାଖରେ ଥିବା ଲୋକେ ଆସିଯିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ପୀଡ଼ିତାଙ୍କ ଏତଲାକ୍ରମେ ଏକ ମାମଲା(ନଂ. ୨୦୦/୨୦୨୪) ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରବିଶଙ୍କର ବୈଶ କହିଛନ୍ତି । ଜଣେ ଆଦିବାସୀ ଝିଅଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦଣ୍ଡ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ପାକିସ୍ତାନକୁ ହରାଇଲା ...

ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି । ଭାରତ ଏହି ମ୍ୟାଚରେ ପୂଜା ବସ୍ତ୍ରକାରଙ୍କ ସ୍ଥାନରେ ସଜୀବନ୍ ସଜନାଙ୍କୁ ଖେଳାଇଥିଲା ।

ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲା । ଏସିଆନ୍ ଚାମ୍ପିୟନ ଶ୍ରୀଲଙ୍କାକୁ ପ୍ରଥମ ମ୍ୟାଚ୍‌ରେ ପରାସ୍ତ କରିଥିବା ପାକିସ୍ତାନକୁ ପ୍ରଥମ ଓଭରରେ ଝଟକା ଦେଇଥିଲେ ରେଣୁକା ସିଂ ଠାକୁର । ଗୁଲ ଫିରୋଜାଙ୍କୁ ଖାତା ଖୋଲିବା ଆଗରୁ ସେ ପ୍ୟାଭିଲିୟନ ଫେରାଇଥିଲେ । ମୁନିବା ଅଲୀ ୧୭ ରନ୍ କରିଥିଲେ ମଧ୍ୟ ପାକିସ୍ତାନର ରନ୍‌ଗତିକୁ ନିୟନ୍ତ୍ରଣରେ ରଖିଥିଲେ ଭାରତୀୟ ବୋଲର । ଅରୁନ୍ଧତୀ ରେଡ୍ଡୀ ଓ ଶ୍ରେୟଙ୍କା ପାଟିଲ ଚମତ୍କାର ବୋଲିଂ କରିବା ସହ ରନ୍ ଗତି ଉପରେ ଅଙ୍କୁଶ ଲଗାଇଥିଲେ । ପାକିସ୍ତାନ ମଧ୍ୟକ୍ରମରେ ସିଦ୍ରା ଅମିନ(୮), ଓମାଇମା ସୋହେଲ(୩) ଓ ଆଲିୟା ରିଆଜ୍(୩) ବିଫଳ ହୋଇଥିଲେ । ତେବେ ଅଭିଜ୍ଞ ନିଦା ଦର ସର୍ବାଧିକ ୨୮ ରନ୍ କରିଥିଲେ । ୩୪ ବଲ୍ ଖେଳି ସେ ଗୋଟିଏ ଚୌକା ମାରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧିନାୟିକା ଫାତିମା ସାନା ୧୩ ଓ ସୟଦା ଅରୁବା ଶାହ ଅପରାଜିତ ୧୪ ରନ୍ କରିବାରୁ ପାକିସ୍ତାନ ୧୦୫ରେ ପହଞ୍ଚିଥିଲା । ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ୩ ଓ ଶ୍ରେୟଙ୍କା ପାଟିଲ ୨ ଉଇକେଟ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଣୁକା, ଦୀପ୍ତି ଶର୍ମା ଓ ଆଶା ଶୋଭନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

୧୦୬ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ଭାରତ ଆକ୍ରମଣାତ୍ମକ ଖେଳିବା ଆଶା କରାଯାଉଥିଲା । ତେବେ ଦୁଇ ଓପନର ସ୍ମୃତି ମାନ୍ଧନା(୭) ଓ ଶେଫାଳି ବର୍ମା(୩୨) ଧିମା ବ୍ୟାଟିଂ କରି ପ୍ରଥମ ଉଇକେଟରେ ୧୮ ରନ୍ ଯୋଡିଥିଲେ । ପରେ ଜେମିମା ରୋଡ୍ରିଗୁଏଜ(୨୩) ଓ ଶେଫାଳି ବର୍ମା ତୃତୀୟ ଉଇକେଟରେ ୪୩ ରନ୍ ଯୋଡିଥିଲେ । ଜେମିମା ଖାତା ଖୋଲିବା ଆଗରୁ ଲଗାତର ବଲରେ ଆଉଟ ହୋଇଥିଲେ । ଅଧିନାୟିକା ହରମନ୍‌ପ୍ରୀତ୍ କୌର ୨୪ ବଲ୍‌ରୁ ୨୯ ରନ୍ କରିଥିବା ବେଳେ ରିଟାୟର୍ଡ ହର୍ଟ ହୋଇଥିଲେ । ବିଜୟ ପାଇଁ ୪ ରନ ଆବଶ୍ୟକ ଥିବା ହରମନଙ୍କ ଗୋଡ ଖସିବା କାରଣରୁ ବେକରେ ଆଘାତ ଲାଗିଥିଲା । ସଜୀବନ୍ ସଜନା ପ୍ରଥମ ବଲରେ ଚୌକା ମାରି ମ୍ୟାଚକୁ ଷ୍ଟାଇଲରେ ଶେଷ କରିଥିଲେ । ପାକିସ୍ତାନ ପକ୍ଷରୁ ଫାତିମା ସାନା ୨, ଓମାଇମା ସୋହେଲ ଓ ସାଦିଆ ଇକବାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଭାରତର ଅରୁନ୍ଧତୀ ରେଡ୍ଡୀଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା ।

ସଂକ୍ଷିପ୍ତ ସ୍କୋର: ପାକିସ୍ତାନ ୨୦ ଓଭରରେ ୧୦୫/୮(ନିଦା ଦର–୨୮, ମୁନିବା ଅଲୀ–୧୭, ସୟଦା ଅରୁବା–୧୪*, ଅରୁନ୍ଧତୀ ରେଡ୍ଡୀ–୩/୧୯, ଶ୍ରେୟଙ୍କା ପାଟିଲ–୨/୧୨, ରେଣୁକା ସିଂ–୧/୨୩) । ଭାରତ ୧୮.୫ ଓଭରରେ ୧୦୮/୪ (ଶେଫାଳି ବର୍ମା–୩୨, ହରମନ୍‌ପ୍ରୀତ୍ କୌର–୨୯, ଜେମିମା ରୋଡ୍ରିଗୁଏଜ–୨୩, ଫାତିମା ସାନା–୨/୨୩, ଓମାଇମା ସୋହେଲ–୧/୧୭, ସାଦିଆ ଇକବାଲ–୧/୨୩) ।

**ସମୁଦ୍ରରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ**

ଗଞ୍ଜାମ,୬।୧୦(ବିଦ୍ୟାଧର ସାହୁ): ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ବଟେଶ୍ୱର ବେଳାଭୂମିକୁ ରବିବାର ସାଙ୍ଗମାନଙ୍କ ସହ ଯାଇଥିବା ଜଣେ କଲେଜ ଛାତ୍ରଙ୍କ ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର କାରିଣୀସାହିର ସୀତାରାମ ସାହୁଙ୍କ ଏକମାତ୍ର ପୁଅ ଅଭିଜିତ ସାହୁ (୧୭)। ଛତ୍ରପୁର ବିଜ୍ଞାନ କଲେଜରେ ଯୁକ୍ତ ୨ କଳାରେ ପଢୁଥିବା ଅଭିଜିତ ଓ ତାଙ୍କର ୩/୪ ଜଣ ସାଙ୍ଗ ଅପରାହ୍ନରେ ବଟେଶ୍ୱର ବେଳାଭୂମିକୁ ଯାଇଥିଲେ। କୌଣସି କାରଣରୁ ଅଭିଜିତ ପାଣିକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଅଭିଜିତଙ୍କୁ ଛତ୍ରପୁର ମେଡିକାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମେଡକାଲରେ ପହଞ୍ଚି ମୃତଦେହ ଜବତ କରିଛି।




ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ନୃତ୍ୟ ମୋହିନୀ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

## ଆଜି ମାଓବାଦୀ ମୁକାବିଲା ବୈଠକରେ ଯୋଗଦେବେ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ଦିଲ୍ଲୀରେ ସୋମବାର ବସିବାକୁ ଥିବା ମାଓବାଦୀ ମୁକାବିଲା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏଥିପାଇଁ ରବିବାରଠାରୁ ମୁଖ୍ୟମନ୍ତ୍ରୀ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମାଓବାଦୀ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ବୈଠକ ଅନୁଷ୍ଠିତ ହେବ। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏହି ବୈଠକ ବସିବ। ଏଥିରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ମାଓବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏହି ବୈଠକରେ ସାମିଲ ହେବେ। ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ସଶସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓବାଦୀ ପ୍ରଭାବିତ ରାଜ୍ୟର



ମୁଖ୍ୟମନ୍ତ୍ରୀମାନଙ୍କ ସହ ଅମିତ ଶାହା ସମୀକ୍ଷା ବୈଠକ କରିଥିଲେ। ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଓଡ଼ିଶା ପାଇଁ କିଛି ନୂଆ ପ୍ରକଳ୍ପ ଅନୁମୋଦନ କରିବା ବାବଦରେ କେନ୍ଦ୍ରମନ୍ତ୍ରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଭବନର ନୂଆ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ପିଜିଟି ଲିଖିତ ପରୀକ୍ଷା ବାତିଲ

## ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଓଡ଼ିଆ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପୋଷ୍ଟ ଗ୍ରାଜୁଏଟ୍ ଟିଚର୍ସ (ପିଜିଟି) ନିଯୁକ୍ତି ନେଇ ୩ଟି ଅପ୍ସନାଲ ବିଷୟ ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଓଡ଼ିଆ (ପେପର- ୧ ଓ ପେପର -୨) ପାଇଁ ରବିବାର ହେବାକୁ ଥିବା ଲିଖିତ ପରୀକ୍ଷା ବାତିଲ ହୋଇଛି। ଏନେଇ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅନିବାର୍ଯ୍ୟ କାରଣ ଦର୍ଶାଇ ଓପିଏସ୍‌ସି ଏସବୁ ପରୀକ୍ଷା ବାତିଲ କରିଥିବାବେଳେ ପରବର୍ତ୍ତୀ ସମୟରେ ନୂଆ ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ସେଥିପାଇଁ ଓପିଏସ୍‌ସି ୱେବ୍‌ସାଇଟକୁ ନିୟମିତ ଭାବେ ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଅନ୍ୟ ଅପ୍ସନାଲ ବିଷୟଗୁଡ଼ିକର ଲିଖିତ ପରୀକ୍ଷା ଧାର୍ଯ୍ୟ ସୂଚୀ ଅନୁସାରେ କରାଯିବ ବୋଲି ଓପିଏସ୍‌ସି ସୂଚନା ଦେଇଛି।

# ବେଆଇନ ଖଣି ଖନନ: ୨୪.୨୧ କୋଟି ଜରିମାନା

ନୟାଗଡ଼,୬।୧୦(ଲୋକନାଥ ମିଶ୍ର)

ମାତ୍ରାଧିକ ଖଣି ଖନନ ଓ ଜଙ୍ଗଲ ଜମିରେ ବେଆଇନ ଖଣିରୁ ପଥର ଚାଲାଣ ପ୍ରମାଣିତ ହେବା ପରେ ନୟାଗଡ଼ ଜିଲା ଭାପୁର ବ୍ଲକ୍‌ର ବିଜେଡି ନେତା ତଥା ଭାପୁର ବ୍ଲକ୍ ଉପାଧ୍ୟକ୍ଷ ଲିଜ୍‌ଧାରୀ ବେଣୁଧର ପ୍ରଧାନଙ୍କୁ ୨୪ କୋଟି ୨୧ ଲକ୍ଷ ୨୦ ହଜାର ୭୦୭ ଟଙ୍କା ଜରିମାନା ହୋଇଛି। ଏଥିସହିତ ଖଣି ଖନନକୁ ବନ୍ଦ କରାଯିବା ସହ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଜାରି କରିଛି ଖଣି ବିଭାଗ। ଗତ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ଜରିମାନା ଦେବାକୁ ନିର୍ଦ୍ଦେଶ ଥିଲା। ହେଲେ ଲିଜ୍‌ଧାରୀ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଭାପୁର ତହସିଲ ନିମାଣି ଗାଁ ନିକଟସ୍ଥ କାଶିଆ ପାହାଡ଼ ଖଣିକୁ ପ୍ରଧାନ ଲିଜ୍‌ରେ ନେଇଥିଲେ। କାଶିଆ ପାହାଡ଼ରୁ ଲିଜ୍‌ଠାରୁ ଅଧିକ ପରିମାଣର ଖଣି ଖନନ କରାଯାଇଥିଲେ ମଧ୍ୟ ଚଢ଼ାଉ କି ଧରପଗଡ଼ କରାଯାଉ ନ ଥିଲା। ଏପରି କି ଖଣି ବିଭାଗ ତାଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଆସୁଥିଲେ ବୋଲି ଅଭିଯୋଗ



ହୋଇଥିଲା। କାଶିଆ ପାହାଡ଼ରେ ଦିନତମାମ ବ୍ଲାଷ୍ଟିଂ ଯୋଗୁ ଆଖପାଖର ଘରଦ୍ୱାର ଫାଟି ନଷ୍ଟ ହୋଇଥିଲା। ପୁଣି ଚାଷ ଜମିରେ ଫସଲ ନଷ୍ଟ ହେବା ସହ ଅଧିକ ଜମି ପଡ଼ିଆ ପଡିଥିଲା। ଏପରି କି ଖଣିରୁ ହାଇୱା ଯୋଗେ ପଥର ବୁହା ଚାଲିଥିଲା। ଏଥିପାଇଁ ପାହାଡ଼ ମାଟିରେ ମିଶିବାକୁ ବସିଥିବାବେଳେ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା

**ଅର୍ଥ ଭରିବେ ଭାପୁର ବ୍ଲକ ଉପାଧ୍ୟକ୍ଷ**

- **ଜଙ୍ଗଲ ଜମିରେ ବି ଚାଲିଥିଲା ଖନନ**
- **ଖଣି ଖନନ ବନ୍ଦ ସହ ୧୬୩ ଧାରା ଜାରି କରିଛି ଖଣି ବିଭାଗ**

ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏପରି କି ପରିବେଶ ସନ୍ତୁଳନ ବିଗିଡ଼ି ଚାଲିଥିଲା। ସେହିଭଳି ଖଣିରେ ବେଆଇନ କାର୍ଯ୍ୟ ଯୋଗୁ ସରକାର ରାଜସ୍ୱ ହରାଉଥିବାବେଳେ ସ୍ଥାନୀୟ ଲୋକ ଅଭିଶପ୍ତ ଜୀବନଯାପନ କରୁଥିଲେ। ଏପରି ସ୍ଥଳେ ୨୦୨୪ରେ ବେଆଇନ ଖନନ ବଢ଼ି ଚାଲିଥିଲା। ବାରମ୍ବାର ଅଭିଯୋଗ ପରେ ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇଥିଲା। ନୟାଗଡ଼ ଡିଏଫ୍‌ଓଙ୍କ ପତ୍ରାଙ୍କ ୧୧୬୪/୩।୨।୨୦୨୪ ଦର୍ଶାଇଥିଲା ବେଆଇନ ଖଣି ଖନନ ଚାଲୁ ରହିଛି। ପରେ ବନ ବିଭାଗ ପକ୍ଷରୁ ଜିଲାପାଳ, ଖଣି ଅଧିକାରୀ ଓ ପିସିସିଏଫ୍‌ଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଏହା ପରେ ବି କାର୍ଯ୍ୟାନୁଷ୍ଠାନ ନ ଥିଲା। ବିଜେଡି ସରକାର ହଟିବା ପରେ ନୂଆ ସରକାର ଚଢ଼ାଉକୁ ଗୁରୁତ୍ୱ ଦେଇଥିଲେ। ଜୁଲାଇ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ କାଶିଆ ପାହାଡ଼ରେ ଯାଞ୍ଚ ଓ ଚଢ଼ାଉ ହୋଇଥିଲା। ବିଳମ୍ବରେ ହେଲେ ବି କାର୍ଯ୍ୟାନୁଷ୍ଠାନ ହୋଇଛି। ମାଇନିଂ ଅଫିସ ନୟାଗଡ଼ ପକ୍ଷରୁ ଚିଠି ନଂ.୬୬୮/୧୭।୮।୨୦୨୪ରେ ଲିଜ୍‌ଧାରୀଙ୍କୁ ଜରିମାନା କରାଯାଇଛି।

ଏନେଇ ଲିଜ୍‌ଧାରୀ ବେଣୁଧର ପ୍ରଧାନ କୁହନ୍ତି, କାଶିଆ ପାହାଡ଼ ଲିଜ୍ ନେଇ ୨୪ କୋଟି ଟଙ୍କା ଜରିମାନା ଭରଣା କରିବାକୁ ଦିଆଯାଇଥିବା ବିଭାଗୀୟ ଆଦେଶକୁ ବିରୋଧ କରି ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ କିଛି ମନ୍ତବ୍ୟ ଦେବା ଠିକ୍ ହେବନି। କୋର୍ଟ ଉପରେ ଆମର ସମ୍ପୂର୍ଣ୍ଣ ଭରସା ଅଛି। ଆମେ ନ୍ୟାୟ ପାଇବୁ ବୋଲି ସେ କହିଛନ୍ତି।

# ୧୨ ଜିଲାକୁ ବିଜୁଳି, ଘଡ଼ଘଡ଼ି ଭୟ

ଭୁବନେଶ୍ୱର,୬।୧୦(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଆଖପାଖ ଅଞ୍ଚଳରେ ସମୁଦ୍ର ପତନଠାରୁ ୩.୧ କିମି ଉର୍ଦ୍ଧ୍ୱରେ ଘୂର୍ଣ୍ଣିବଳୟ ପ୍ରବାହିତ ହେଉଛି। ସେହିପରି ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଉର୍ଦ୍ଧ୍ୱବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ୧.୫ କିମିରୁ ୪.୫ କିମି ମଧ୍ୟରେ ବ୍ୟାପିଛି। ଏଥିସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରବିବାର ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟ ପ୍ରଦେଶ ସହ ମହାରାଷ୍ଟ୍ରର କିଛି ଅଂଶ ଏବଂ ଉତ୍ତରଆରବ ସାଗରରୁ ପ୍ରତ୍ୟାବର୍ତ୍ତନ କରିଛି। ଏପରିସ୍ଥିତିରେ ଓଡ଼ିଶାରେ ଗୁଳୁଗୁଳି ସହ ମଝିରେ ମଝିରେ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନାନୁସାରେ, ସୋମବାର ଉପକୂଳ ଓଡ଼ିଶାର କିଛି ସ୍ଥାନସହ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଆଦି ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ତେଣୁ ଘଡ଼ଘଡ଼ି ଓ ବିଜୁଳି ନେଇ ଏହି ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବଡ଼ ବର୍ଷା ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣେ ମୃତ

## ୨ ଓଡ଼ିଆ ଶ୍ରମିକ ଗୁରୁତର

ଚିକିଟି/ପାତ୍ରପୁର,୬।୧୦
(ପ୍ରକାଶ ଚନ୍ଦ୍ର ସାହୁ/ଉମାଚରଣ ନେପାକ)

ବିଶାଖାପାଟଣାରେ ଏକ ଘରେ ରୋଷେଇ କରୁଥିବା ସମୟରେ ଶନିବାର ରାତି ୮ଟାରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ଜଣକ ଆନ୍ଧ୍ର ସୀମାନ୍ତ ଅଞ୍ଚଳର ହୋଇଥିବା ବେଳେ ଗୁରୁତର ୨ଜଣ ଓଡ଼ିଶାର ଗଞ୍ଜାମ ଜିଲାର। ସେମାନେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ସୁମାଣ୍ଡି ଗ୍ରାମର ଲୋକନାଥ ମୂଳି ଓ ପାତ୍ରପୁର ବ୍ଲକ ଅନ୍ତର୍ଗତ ଅନ୍ତରସିଙ୍ଗି ଗ୍ରାମର କ୍ରିଷ୍ଣା ରେଡ୍ଡୀ। ଲୋକନାଥ, କ୍ରିଷ୍ଣା ଓ ଆନ୍ଧ୍ର ଅଞ୍ଚଳର ବ୍ୟକ୍ତି ଜଣକ ମିଶି ଦୀର୍ଘ ବର୍ଷ ଧରି ବିଶାଖାପାଟଣା ସ୍ଥିତ ଫ୍ଲାଇ ଆଶ୍ ନାମକ ଇଟା କମ୍ପାନୀରେ କାମ କରି ଆସୁଥିଲେ। ଶନିବାର ସନ୍ଧ୍ୟାରେ ସେମାନେ ଘରକୁ ଫେରି ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଏଥିରେ ସମ୍ପୃକ୍ତ ତିନି ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ସେମାନଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଆନ୍ଧ୍ର ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଲୋକନାଥ ଓ କ୍ରିଷ୍ଣା ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ସୁମାଣ୍ଡି ସରପଞ୍ଚ ଜିବା ରଞ୍ଜନ ରେଡ୍ଡୀ କହିଛନ୍ତି।

# ରାସ୍ତା କାମ ଅଧାପନ୍ତରିଆ | ୬ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

ଛତ୍ରପୁର,୬।୧୦(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଠିକାଦାଙ୍କ ଜରିଆରେ କରାଯାଉଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଏପରି କି ୪ଟି ରାସ୍ତା ନିର୍ମାଣ କାର୍ଯ୍ୟର ଠିକାଦାରଙ୍କ ସହ ଚୁକ୍ତି ଅବଧି ସରିଯାଇଥିଲେ ସୁଦ୍ଧା କାମ ସରୁନି। କେତେକ ରାସ୍ତାର ନିର୍ମାଣ ଅଧାପନ୍ତରିଆ ରଖି ଠିକାଦାରଙ୍କ ଆଉ ଦେଖା ମିଳୁନି। ବିଭାଗ ପକ୍ଷରୁ ଠିକାଦାରମାନଙ୍କୁ ବାରମ୍ବାର କାରଣ ଦର୍ଶାଅ ନୋଟିସ କରାଯାଉଥିଲେ ହେଁ କୌଣସି ସୁଫଳ ମିଳୁନି। ଉଭୟ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନା କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ରାସ୍ତା କାମ ଅଧାପନ୍ତରିଆ ପାଇଁ ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ କାର୍ଯ୍ୟ ଡିଭିଜନ ଗଞ୍ଜାମ-୧ର ଅତିରିକ୍ତ ମଖ୍ୟଯନ୍ତ୍ରୀଙ୍କ ପକ୍ଷରୁ ପୁଣି ଥରେ ୬ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଚୁକ୍ତିର କ୍ଲଜ ୨ (ବି)(ଆଇ) ଚୁକ୍ତି ଆଧାରରେ କାହିଁକି କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ ନ ହେବ ସେନେଇ ଉତ୍ତର ରଖିବାକୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ ଆରଡି ରୋଡ୍‌ଠାରୁ କାଉରିଝର ଭାୟା ତେନ୍ତୁଳିପଲ୍ଲୀ ରାସ୍ତା କାମ ଚଳିତ ମାସ ୯ରେ ସରିବା ପାଇଁ ଚୁକ୍ତି ରହିଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୨୪.୫୨ ପ୍ରତିଶତ କାମ ସରିଛି। ସେହିପରି ଏନ୍‌ଏଚ୍-୧୬ ମଙ୍ଗଳା ଠାକୁରାଣୀ ମନ୍ଦିର ଠାରୁ ଗୋପକୁଦା ରାସ୍ତା ଅଗଷ୍ଟ ୬ରେ ସରିବା କଥା। ଏହି ରାସ୍ତା ୨୧.୫୭ ପ୍ରତିଶତ କାମ ସରିଛି। ବାଦପଲ୍ଲୀଠାରୁ ମାରେଇ ନୂଆଗାଁ ରାସ୍ତା ଅଗଷ୍ଟ ୧୯ରେ ସରିବାକୁ ଥିଲେ ହେଁ ମାତ୍ର ୩୯.୨୦ ପ୍ରତିଶତ ରାସ୍ତା କାମ ସରିଛି। ସେହିପରି ବାଲୁକେଶ୍ୱରପୁରଠାରୁ ବାଟଗାଁ ରାସ୍ତା କାମ ଅଗଷ୍ଟ ୯ରେ ସରିବା କଥା, ଏହି ରାସ୍ତା ୩୦.୮ ପ୍ରତିଶତ, ବିରିପୁରଠାରୁ କେନ୍ଦୁବାଡି ଭାୟା ପୁଣିଜାମା ବ୍ରହ୍ମାଦେବୀ ରାସ୍ତା କାମ ୨୦୨୫ ଜାନୁଆରୀ ୨୬ ତାରିଖରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ସୁଦ୍ଧା ୩୦.୮ ପ୍ରତିଶତ କାମ ସରିଛି। କମ୍ପିଉରା ଖାନି ରାସ୍ତା କାମ ଡିସେମ୍ବର ୫ରେ ସାରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଛି। ଏବେସୁଦ୍ଧା ୨୯.୧୮ ପ୍ରତିଶତ ରାସ୍ତା କାମ ସରିଥିବା କୁହାଯାଇଛି।

# କଣ୍ଟେନର-ଲୁହା ବୋଝେଇ ଟ୍ରକ୍ ଧକ୍କା | ୨ ଚାଳକ ଜୀବନ୍ତ ଦଗ୍ଧ



ଦୁର୍ଘଟଣା ପରେ ରାସ୍ତାରେ ଜଳୁଥିବା ଗାଡ଼ି।

ଜମନକିରା, ୬।୧୦
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ରାଜ୍ୟ ରାଜପଥ ୫୩ର ବଡ଼ କୁଣ୍ଡେଇସରା ନିକଟରେ ରବିବାର ରାତିରେ ଏକ କଣ୍ଟେନର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ୨ଗାଡ଼ି ଚାଳକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିସେବା ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ମୃତ ୨ ଗାଡି ଚାଳକଙ୍କ ପରିଚୟ ମିଳି ପାରିନାହିଁ।

ପୋଲିସ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୮ଟା ବେଳେ ବଡ କୁଣ୍ଡେଇସରା ପେଟ୍ରୋଲ ଟାଙ୍କି ନିକଟରେ ଦେବଗଡ଼ ଅଭିମୁଖେ ଏକ କପଡା ବୋଝେଇ କଣ୍ଟେନର ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଲୁହା ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, କଣ୍ଟେନର ଓ ଟ୍ରକ ଜଳିଯାଇଥିଲା। ଦୁର୍ଭାଗ୍ୟବଶତଃ ଉଭୟ ଟ୍ରକର ଚାଳକ ଗାଡିରୁ ବାହାର ପାରି ନ ଥିଲେ। ତେବେ ଲୁହା ବୋଝେଇ ଟ୍ରକର ଖଲାସୀଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲ ପଠାଯାଇଛି ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓପ୍‌ସା

ଭୁବନେଶ୍ୱର, (ବନ୍ଦନା ସେଠୀ)/ ଅସ୍ତରଙ୍ଗ, ୬।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଓଡ଼ିଶା ଉପକୂଳରେ ବିଶେଷକରି ପୁରୀ ଜିଲା ଉପକୂଳର ଦେବୀ ନଦୀ ମୁହାଣରେ ଅଲିଭ୍ ରିଡ୍‌ଲେ କଇଁଛମାନେ ଅସୁରକ୍ଷିତ ହୋଇପଡିଛନ୍ତି। ବେଆଇନ ମାଛଧରା ପାଇଁ ପ୍ରତିବର୍ଷ ହଜାର ହଜାର ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ହେଉଛି, ଯାହାକି ଓଡ଼ିଶାର ଇକୋସିଷ୍ଟମ୍ ପାଇଁ ବିପର୍ଯ୍ୟୟ ସାବ୍ୟସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଅଲିଭ ରିଡ୍‌ଲେ କଇଁଛଙ୍କ ସଂରକ୍ଷଣ ପାଇଁ ଦେବୀନଦୀ ମୁହାଣ ଆଖପାଖରେ ନିରନ୍ତର ସମନ୍ୱିତ କାର୍ଯ୍ୟଧାରା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଅନୁରୋଧ କରିଛି ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ (ଓପ୍‌ସା)।

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଉପରେ ୨୦୦୩ରୁ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶଗୁଡିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ଗତ କିଛିବର୍ଷ ମଧ୍ୟରେ ପ୍ରାୟ ୨୦ହଜାର ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହୋଇଥିବାବେଳେ ଏହାକୁ ଦାୟିତ୍ୱରେ ଥିବା ବନ ବିଭାଗର ଅଧିକାରୀମାନେ ଚପାଇ ଦେଉଛନ୍ତି। ଫଳରେ ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା ହ୍ରାସ ପାଇବା ସହ ପରୋକ୍ଷରେ ଏହା ଓଡ଼ିଶାର ସମୁଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବେଶକୁ ଗୁରୁତର ଭାବେ ପ୍ରଭାବିତ କରିବାରେ ଲାଗିଛି ବୋଲି ଯୁବ ପରିବେଶବିତ୍ ତଥା ଓପ୍‌ସାର ମ୍ୟାନେଜିଂ ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ପୂର୍ବରୁ କ୍ରମାଗତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିପାରି ନାହିଁ। ବାଘ ଭଳି ଅଲିଭ୍ ରିଡ୍‌ଲେ କଇଁଛ ମଧ୍ୟ ଆମ ଇକୋସିଷ୍ଟମ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ଏମାନଙ୍କ ସୁରକ୍ଷା ନେଇ ଯଥେଷ୍ଟ ପ୍ରୟାସ ହେଉ ନ ଥିବା ଉଲ୍ଲେଖ କରାଯାଇଛି। ସେହିପରି ଦେବୀନଦୀ ମୁହାଣରେ ଟ୍ରଲର ଚଳାଚଳ ଓ ବେଆଇନ ମାଛଧରା ବନ୍ଦ କରିବା, ବନ ବିଭାଗ ଦ୍ୱାରା ଅଟକ ହେଉଥିବା ଟ୍ରଲରକୁ ନ ଛାଡିବା, ଓଡ଼ିଶା ମେରାଇନ ଫିସିଂ ରେଗୁଲେଶନ୍ ଆକ୍ଟ (ଓଏମ୍‌ଏଫ୍‌ଆର୍‌ଏ)-୧୯୮୧କୁ ଠିକ୍ ଭାବେ ଅନୁପାଳନ କରିବା, ସମସ୍ତ ମାଛଧରା ଟ୍ରଲର ପାଇଁ ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍ ଲଗାଇବା ବାଧ୍ୟତାମୂଳକ କରିବା ଆଦି ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ତତ୍କାଳ ହସ୍ତକ୍ଷେପ ଗ୍ରହଣ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଓପ୍‌ସା ଦୀର୍ଘଦିନ ଧରି ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ତଥା ସଂରକ୍ଷଣ ପାଇଁ କାମ କରୁଛି। ସେହିପରି ପରିବେଶ ସୁରକ୍ଷା ପାଇଁ ସଚେତନତା ସହ ହେନ୍ତାଳ ବନ ସୃଷ୍ଟିରେ ପ୍ରମୁଖ ଭୂମିକା ନେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ, ପୂର୍ବତନ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ସଂଗଠନ ଅନେକ ପ୍ରଶଂସା ସାଉଣ୍ଟିଛି।

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

## ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମୂଳ ପଦକୁ ଫେରାଇନେବା ମାମଲା

## ବିଭାଗୀୟ ସଚିବଙ୍କୁ ଜବାବ ଦାଖଲ ଆଦେଶ

କଟକ,୬।୧୦(କାର୍ତ୍ତିକ ସାହୁ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଭାବେ ଗତ ମାର୍ଚ୍ଚରେ ନିଯୁକ୍ତି ପାଇଥିବା ଗ୍ରାମରୋଜଗାର ସେବକ(ଜିଆର୍‌ଏସ୍)ଙ୍କୁ ପୁନଃ ପୂର୍ବ ପଦକୁ ଫେରାଇ ନେବା ପାଇଁ ୨୦୨୪ ସେପ୍ଟେମ୍ବର ୨୫ରେ ଜାରି ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏଥିସହ ହାଇକୋର୍ଟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲାପାଳ ତଥା ମାଜିଷ୍ଟ୍ରେଟ, ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରିକରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରସ୍ୱତୀ ମଣ୍ଡଳ ଓ ଅନ୍ୟ ୧୦ ଜଣଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ଆବେଦନକାରୀ ୨୦୧୮ରେ ଜିଆର୍‌ଏସ୍ ଭାବେ ନିଯୁକ୍ତି ପାଇଥିଲେ। ୨୦୨୧ ଜୁଲାଇ ୧ରେ ପ୍ରକାଶିତ ଜିଆର୍‌ଏସ୍‌ଙ୍କ ଗ୍ରେଡେଶନ ତାଲିକାରେ ଆବେଦନକାରୀଙ୍କ ନାଁ ସ୍ଥାନ ପାଇଥିଲା। ୨୦୨୪ ଫେବୃୟାରୀ ୨୭ରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ନିୟମାବଳୀ ୨୦୨୪ ଜାରି କରାଯାଇଥିଲା। ଜିଆର୍‌ଏସ୍‌ଙ୍କୁ ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ପାଇଁ ଗତ ମାର୍ଚ୍ଚ ୧୨ରେ ପଞ୍ଚାୟତିରାଜ ବିଭାଗ ଏକ ଗାଇଡ୍‌ଲାଇନ ଜାରି କରିଥିଲା। ତଦନୁସାରେ ମାର୍ଚ୍ଚ ୧୫ରେ ୧୮୨ ଜଣ ଜିଆର୍‌ଏସ୍‌ଙ୍କୁ ଉକ୍ତ ପଦରେ ନିଯୁକ୍ତି ଦିଆଯାଇଥିଲା। ନୂଆ ପଦବୀରେ ନିଯୁକ୍ତି ପରେ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା, ଗରଦପୁର, ରାଜକନିକା ଓ ଅନ୍ୟ ବ୍ଲକରେ ଆବେଦନକାରୀମାନେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ପୁନଃ ପୂର୍ବର ଜିଆର୍‌ଏସ୍ ପଦକୁ ଫେରାଇ ନେବାକୁ କେନ୍ଦ୍ରାପଡ଼ା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗତ ସେପ୍ଟେମ୍ବର ୨୫ରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ କାର୍ଯ୍ୟ କରିବାବେଳେ ଆବେଦନକାରୀ ପାଇଥିବା ଦରମା ବାବଦ ଅର୍ଥ ଫେରସ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପ୍ରଦାନ କରାଯିବା ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନ ଥିଲା ବୋଲି ଦର୍ଶାଯାଇଛି। ଆହୁରି ମଧ୍ୟ ଖାଲିପଡ଼ିଥିବା ୨୫୯ଟି ମଞ୍ଜୁରୀପ୍ରାପ୍ତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ଜିଆର୍‌ଏସ୍ ଭାବେ କାର୍ଯ୍ୟ କରୁଥିବା ଆବେଦନକାରୀ ଓ ଅନ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଭାଗ ତରଫରୁ ଜାରି ନିୟମାବଳୀ ଅନୁସାରେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ବିନା କାରଣରେ ସେମାନଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବାକୁ ନିର୍ଦ୍ଦେଶ ଦିଆଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଶିଭୂଷଣ ଜେନା ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ସ୍ୱୟଂପ୍ରଭା ଜେନା ସହାୟତା କରୁଛନ୍ତି।

# ବର୍ଷକର ଯୁଦ୍ଧ

ଆଜକୁ ବର୍ଷେ ତଳେ ଅକ୍ଟୋବର ୭ରେ ପାଲେଷ୍ଟିନୀୟ ସଙ୍ଗଠନ ହମାସ ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଉପରେ ପ୍ରଥମେ ଆକ୍ରମଣ କରି ୧,୨୦୦ ଲୋକଙ୍କ ଜୀବନ ନେଇଥିବା ବେଳେ ୨୫୦ ଜଣଙ୍କୁ ପଣବନ୍ଦୀ କରି ରଖିଥିଲା। ବିରୁଡ଼ି ବସାରେ କାଠି କେଞ୍ଚିବା ଭଳି ହମାସର ଆକ୍ରମଣ ଇସ୍ରାଏଲକୁ ଭୀଷଣ ମାତ୍ରାରେ ଉତ୍‌କ୍ଷିପ୍ତ କରିଦେଇଥିଲା। ପ୍ରତିଜବାବ ସ୍ୱରୂପ ୮ ଅକ୍ଟୋବରରେ ଇସ୍ରାଏଲ ଗାଜାରେ ଥିବା ହମାସ ଉପରକୁ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ସମୟ କ୍ରମେ ଲେବାନନର ହେଜବୋଲ୍ଲା ଏବଂ ଇରାନ୍ ସୈନ୍ୟଙ୍କ ଇସ୍ରାଏଲ ପ୍ରତି ଶତ୍ରୁତା ଆଚରଣ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଅଶାନ୍ତ କରିଚାଲିଛି। ଏହି ଯୁଦ୍ଧରେ ପାଲେଷ୍ଟାଇନ ସର୍ବାଧିକ କ୍ଷତିର ସମ୍ମୁଖୀନ ହୋଇଛି। ଗତବର୍ଷରୁ ଆରମ୍ଭ ହୋଇଥିବା ଏହି ଲଢ଼େଇରେ ପ୍ରାୟ ୪୨ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ୯୬ ହଜାରରୁ ଅଧିକ ଖଣ୍ଡିଆଖାବରା ହୋଇସାରିଲେଣି। ଏଥିସହିତ ଲେବାନନରେ ୨ ହଜାର ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ୧୨ ଲକ୍ଷ ଲୋକ ବାସଚ୍ୟୁତ ହେଲେଣି। ଚଳିତବର୍ଷ ଅକ୍ଟୋବର ଆରମ୍ଭରେ ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣ ମଧ୍ୟପ୍ରାଚ୍ୟକୁ ଆହୁରି ଅଶାନ୍ତ କରିଦେଇଛି। ଆଗକୁ ଭୟଙ୍କର ଯୁଦ୍ଧ ବିଭୀଷିକା ହେବାର ସବୁ ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦାୟିତ୍ୱହୀନ ମନ୍ତବ୍ୟ ସ୍ଥିତିକୁ ବିଗାଡ଼ି ଦେଲାଣି। ନିକଟରେ ସେ କହିଛନ୍ତି, ଇରାନ୍‌ର ତୈଳକୂପଗୁଡ଼ିକ ଉପରେ ଇସ୍ରାଏଲ ଆକ୍ରମଣ କରିବା ନେଇ ଆଲୋଚନା ହୋଇଛି। ସମାଧାନର ବାଟ ନ ଖୋଜି ଆମେରିକା ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିବା ଯୁଦ୍ଧକୁ ଆହୁରି ତୀବ୍ର କରିଦେବାର ସୁଯୋଗ ସୃଷ୍ଟି କଲାଣି। ଏଭଳି ସ୍ଥଳେ ଜାତିସଂଘ ନିର୍ବାକ୍ ଦର୍ଶକ ଭଳି କେବଳ ଅଭିନୀତ ହେଉଥିବା ଦୃଶ୍ୟକୁ ଦେଖିଚାଲିଛି।

> **ସମାଧାନର ବାଟ ନ ଖୋଜି ଆମେରିକା ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିବା ଯୁଦ୍ଧକୁ ଆହୁରି ତୀବ୍ର କରିଦେବାର ସୁଯୋଗ ସୃଷ୍ଟି କଲାଣି। ଏଭଳି ସ୍ଥଳେ ଜାତିସଂଘ ନିର୍ବାକ୍ ଦର୍ଶକ ଭଳି କେବଳ ଅଭିନୀତ ହେଉଥିବା ଦୃଶ୍ୟକୁ ଦେଖିଚାଲିଛି।**

ବର୍ତ୍ତମାନ ସମୟରେ ବିଶ୍ୱ ଦୁଇଟି ବଡ଼ ଯୁଦ୍ଧର ସମ୍ମୁଖୀନ ହୋଇଛି। ୨୪ ଫେବୃଆରୀ ୨୦୨୨ରୁ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଘଟିଥିବା ବେଳେ ୭ ଅକ୍ଟୋବର ୨୦୨୩ରୁ ଇସ୍ରାଏଲ-ହମାସ ସଂଘର୍ଷ ସୂତ୍ରପାତ ଘଟି ତା'ର ପଡ଼ୋଶୀ ଅଞ୍ଚଳକୁ ବ୍ୟାପି ସାରିଲାଣି। ଏହି ଦୁଇ ଯୁଦ୍ଧରେ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ଭୂମିକା ସର୍ବାଧିକ ଆଲୋଚନାର ବିଷୟବସ୍ତୁ ପାଲଟିଛି। ରୁଷିଆ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ହୋଇଥିବାରୁ ତାହାର ଗତିରୋଧ ପାଇଁ ବିଶେଷକରି ଆମେରିକା ଶୀତଳ ଯୁଦ୍ଧଠାରୁ ପ୍ରୟାସ ଜାରି ରଖିଛି। ଫଳରେ ୟୁକ୍ରେନ୍‌କୁ ଅସ୍ତ୍ର କରି ମସ୍କୋକୁ ଦୁର୍ବଳ କରିବା ଲାଗି ପ୍ରୟାସରତ। ଅନୁରୂପ ଭାବେ ମଧ୍ୟପ୍ରାଚ୍ୟର ମୁସଲମାନ ରାଷ୍ଟ୍ର ପ୍ରତି ଆମେରିକାର ବିମୁଖଭାବ ରହିଆସିଛି। ସେହି ଦୃଷ୍ଟିରୁ ଦେଖିଲେ ଇହୁଦୀ ରାଷ୍ଟ୍ରଗଠନଠାରୁ ଆରମ୍ଭ କରି ଇସ୍ରାଏଲ ବ୍ୟକ୍ତିଙ୍କୁ ସବୁପ୍ରକାର ସହଯୋଗ ଦେବାରେ ଆମେରିକା କାର୍ଯ୍ୟ କରିଆସୁଛି। ଏହା ଜଣାଶୁଣା ଯେ, ଆମେରିକାରେ ଧନୀ ଓ ପ୍ରଭାବଶାଳୀ ସମ୍ପ୍ରଦାୟ ଭାବରେ ଇହୁଦୀମାନେ ପରିଚିତ। ଏଥିସହିତ ପ୍ରଯୁକ୍ତି କ୍ଷେତ୍ରରେ ଇହୁଦୀଙ୍କ ପ୍ରଦର୍ଶନ ସର୍ବାଗ୍ରେ ଥିବାରୁ ଇସ୍ରାଏଲକୁ ଆମେରିକା ସମର୍ଥନ କରିଚାଲିଛି। ବିଶ୍ୱର କେଉଁ ରାଷ୍ଟ୍ର କାହା ପ୍ରତି ଢଳି ରହିବ ତାହା ତା'ର ବୈଦେଶିକ ନୀତି ଉପରେ ନିର୍ଭର କରେ। କିନ୍ତୁ ଯୁଦ୍ଧ ବିଭୀଷିକାକୁ ହ୍ରାସ କରିବା ପ୍ରତ୍ୟେକ ଦେଶର ଧ୍ୟେୟ ହେବା କଥା। ତେବେ ଆଜିର ପୃଥିବୀରେ କେଉଁ କଥା ହେବା ଉଚିତ ଏବଂ କେଉଁ ବିଷୟ ଅନୁଚିତ, ତାହା ମତ ଦେବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଉଦାହରଣସ୍ୱରୂପ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏବଂ ଉତ୍ତର କୋରିଆ ସର୍ବୋଚ୍ଚ ନେତା କିମ୍ ଜଙ୍ଗ ଉନ୍‌ଙ୍କୁ ଏକଛତ୍ରବାଦୀ ବୋଲି କହିଆସୁଥିବା ପାଶ୍ଚାତ୍ୟ ଦେଶଗୁଡ଼ିକ ଏବେ ନିଜ ଅଡୁଆରେ ନିଜେ ଛନ୍ଦି ହୋଇପଡ଼ିଲେଣି। ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ସ୍ଥିତିକୁ କିଛି କ୍ଷେତ୍ରରେ ସମର୍ଥନ ମିଳୁଥିବା ବେଳେ ଅନ୍ୟ ଭାବେ ବିରୋଧ ମଧ୍ୟ ହେଉଛି। ଏହି ପ୍ରଚ୍ଛଦପଟରେ ଭାରତର ବୈଦେଶିକ ନୀତି ଅସ୍ପଷ୍ଟ ରହୁଥିବାରୁ ତାହାର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଏବେଠାରୁ ସମଗ୍ର ଦେଶ ପ୍ରସ୍ତୁତ ହେବା ଉଚିତ। ଏହାର ଉଦାହରଣ ଭାବେ ଦେଖିବାକୁ ଗଲେ ଭାରତ ସରକାରଙ୍କ କୌଣସି ବଡ଼ ନେତା ଇସ୍ରାଏଲକୁ ସମର୍ଥନ କରି ବିବୃତି ଦେଇନାହାନ୍ତି। ଅନ୍ୟପଟେ ଗତ ସପ୍ତାହରେ ଯେଉଁ ଦିନ ଇରାନର ବାଲିଷ୍ଟିକ ମିଜାଇଲ ଇସ୍ରାଏଲ ଉପରେ ବର୍ଷା ହେଲା, ସେହିଦିନ ଭାରତୀୟ ନୌସେନାର ତିନୋଟି ଜାହାଜ ଆଇଏନ୍‌ଏସ୍-ତୀର, ଶାର୍ଦ୍ଦୁଳ ଓ ଆଇସିଜିଏସ୍ ବୀରା ଇରାନର ବନ୍ଦର ଆବାସରେ ପହଞ୍ଚିଥିଲେ। ଏହି ତିନି ଜାହାଜର ପହଞ୍ଚିବାର ସମୟ ଅନେକ ବିଷୟକୁ ଇଙ୍ଗିତ କରୁଥାଇପାରେ। ଆଧୁନିକ ପୃଥିବୀରେ ମନେରଖିବାକୁ ହେବ ଯେ ଭୁଲ୍ ହେଉ କିମ୍ବା ଠିକ୍, ଭାରତର ନିଜସ୍ୱ ଆଭିମୁଖ୍ୟ ବଜାୟ ରଖିବା ଅତ୍ୟନ୍ତ ଆବଶ୍ୟକ। ସବୁବେଳେ 'ଏ ଘର ମାଉସୀ ସେ ଘର ପିଉସୀ' ନୀତି ଆଧୁନିକ କୂଟନୀତିରେ ଚଳିବ ନାହିଁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 1 | | 8 | 9 | |
| | | | | | | | 6 | |
| | | | | | 8 | | | 1 |
| 1 | | 5 | | | 3 | 4 | | |
| | 6 | 8 | | | | | | 9 |
| | | | | 7 | | 6 | 5 | |
| | 3 | | 4 | | 2 | 9 | | 8 |
| 8 | | | 6 | | 7 | | 4 | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 8 | 5 | 4 | 7 | 6 | 2 |
| 2 | 8 | 4 | 7 | 1 | 6 | 9 | 5 | 3 |
| 6 | 7 | 5 | 9 | 3 | 2 | 8 | 4 | 1 |
| 5 | 2 | 9 | 3 | 4 | 1 | 6 | 7 | 8 |
| 7 | 1 | 3 | 6 | 8 | 5 | 4 | 2 | 9 |
| 8 | 4 | 6 | 2 | 9 | 7 | 3 | 1 | 5 |
| 4 | 9 | 2 | 5 | 7 | 3 | 1 | 8 | 6 |
| 1 | 5 | 8 | 4 | 6 | 9 | 2 | 3 | 7 |
| 3 | 6 | 7 | 1 | 2 | 8 | 5 | 9 | 4 |

ଗତକାଲିର ଉତ୍ତର



# ପରିବର୍ତ୍ତିତ ପରିସ୍ଥିତିରେ 'ଧର୍ମନିରପେକ୍ଷତା'

ନିରାକାର ଦାସ

ଭାରତ ଏକ ପବିତ୍ର ଓ ଦିବ୍ୟଭୂମି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ହିମାଳୟଠାରୁ କନ୍ୟାକୁମାରୀ ପରିବ୍ୟାପ୍ତ ଏହାର ବିଶାଳ ଭୂମିରେ ବହୁ ଧର୍ମ, ସମ୍ପ୍ରଦାୟ, ଭାଷା ଓ ବିଭିନ୍ନ ବର୍ଣ୍ଣର ମଣିଷ ବାସ କରନ୍ତି, ଯାହା ଆମ ସଂସ୍କୃତିକୁ ଗରିମାମୟ କରିବା ସଙ୍ଗେ ସଙ୍ଗେ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି। ଏହି ବିଭିନ୍ନତା ଭିତରେ ଏକତା ହେଉଛି ଭାରତର ଆତ୍ମା। ଆମ ପ୍ରାଚୀନ ପରମ୍ପରା ଓ ମାନବିକ ମୂଲ୍ୟବୋଧ ଏ ମାଟିର ମହାନତା। ନିଷ୍ପେଷିତ ଓ ପତିତଙ୍କ ପରିତ୍ରାଣ ପାଇଁ ପ୍ରଚେଷ୍ଟା ଏ ପୁଣ୍ୟଭୂମିର ପବିତ୍ରତା। ତ୍ୟାଗ, ପ୍ରେମ, କରୁଣା, ଶାନ୍ତି, ମୈତ୍ରୀ ଏ ମାଟିର ମହାପୁରୁଷଙ୍କ ବିଶିଷ୍ଟତା। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ସମ୍ପଦ ଏ ଦେଶର ପରମ ବୈଭବ। ଏମିତି ଏକ ବୈଚିତ୍ର୍ୟମୟ ଓ ଶାନ୍ତାକାର ସ୍ୱରୂପରେ ବିରାଜିତ ଦେଶ ଖୁବ୍ ବିରଳ ଏ ପୃଥିବୀ ପୃଷ୍ଠରେ। ଏ ମାଟିର ପ୍ରତିଟି କଣିକାରେ ଶାନ୍ତିର ସୂର୍ଯ୍ୟ ଉଦୟ ହୁଏ। ପ୍ରତିଟି ପାଖୁଡ଼ାରେ ଚନ୍ଦ୍ରମାର ଚମକ ଓ ଶୀତଳତାର ସ୍ପର୍ଶ ମିଳେ। ଏ ମାଟିକୁ ମଜଭୁତ କରି ରଖିଥିବା ଆମ ଗରିମାମୟ ଗଣତନ୍ତ୍ରକୁ ସାରା ବିଶ୍ୱରେ ଆହୁରି ଗୌରବଶାଳୀ କରିବାକୁ ହେଲେ ଆମ ଧର୍ମର ମହାସ୍ୱର 'ବସୁଧୈବ କୁଟୁମ୍ବକମ୍'କୁ ହୃଦୟରେ ବହନ କରିବାକୁ ହେବ। ଲେଖକ ସଆଦତ୍ ହସନ୍ ମଣ୍ଟୋ କହିଥିଲେ - 'ଧର୍ମ ଯେତେବେଳେ ହୃଦୟରୁ ବାହାରି ମୁଣ୍ଡକୁ ଚଢ଼ିଯାଏ ସେତେବେଳେ ତାହା ବିଷ ପାଲଟିଯାଏ'। ବିଶ୍ୱ ଭ୍ରାତୃତ୍ୱ ଓ ବିଶ୍ୱ ମୈତ୍ରୀର ବାଣୀ ପ୍ରଚାର କରୁଥିବା ଭାରତବର୍ଷ କ'ଣ କେବେ ଅସହିଷ୍ଣୁତା ଓ ସାମ୍ପ୍ରଦାୟିକତାକୁ ପ୍ରଶ୍ରୟ ଦେଇପାରିବ? ସେଇଥିପାଇଁ ଆମ ସମ୍ବିଧାନର 'ପ୍ରସ୍ତାବନା'ରେ ଉଲ୍ଲେଖ ଅଛି, 'ଭାରତକୁ ଏକ ସମ୍ପୂର୍ଣ୍ଣ ପ୍ରଭୁତା ସମ୍ପନ୍ନ ସମାଜବାଦୀ, ଧର୍ମନିରପେକ୍ଷ, ଲୋକତାନ୍ତ୍ରିକ ଗଣରାଜ୍ୟ ଗଠନ କରିବା ନିମିତ୍ତ ଏବଂ ଏହାର ସମସ୍ତ ନାଗରିକଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ, ତଥା ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା ଏବଂ ପ୍ରତିଷ୍ଠା ଓ ସୁଯୋଗର ସମତା ପ୍ରାପ୍ତ କରାଇବ'। ଏହି ପ୍ରସ୍ତାବନାର ଗୁରୁତ୍ୱ ସମସ୍ତେ ପ୍ରାୟତଃ ବୁଝୁଛୁ।

'ଧର୍ମନିରପେକ୍ଷ' ଶବ୍ଦକୁ ନେଇ ଯେଉଁ ବୈଚାରିକ ମତଭେଦ ବର୍ତ୍ତମାନ ସୃଷ୍ଟି ହୋଇଛି ତାହା ଉପରେ ଆଲୋକପାତ କରିବା ଏ ଲେଖାର ଉଦ୍ଦେଶ୍ୟ।

୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଗଲା। ଧର୍ମନିରପେକ୍ଷତାର ଅର୍ଥ ଗଣତନ୍ତ୍ରର ସୁବିନିଯୋଗ ପାଇଁ ରାଷ୍ଟ୍ରଠାରୁ ଧର୍ମକୁ ଅଲଗା ରଖାଯିବା ସହ ସମସ୍ତ ଧର୍ମକୁ ସମାନ ସମ୍ମାନ, ସୁରକ୍ଷା ଏବଂ ସହଯୋଗ ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଧର୍ମ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର ହେବା ଧର୍ମନିରପେକ୍ଷତାର ସବୁଠୁ



ବଡ଼ ସୋପାନ। ରାଜନୀତି, ଶିକ୍ଷାନୁଷ୍ଠାନ ଓ ସମସ୍ତ ସରକାରୀ ଅନୁଷ୍ଠାନଠାରୁ ଧର୍ମକୁ ଅଲଗା ରଖାଯିବା ସହ ପ୍ରଶାସକ ଓ ରାଜନୀତିଜ୍ଞମାନେ ଧର୍ମଗୁରୁ ଓ ଧର୍ମ ପ୍ରଚାରକଙ୍କ ନିକଟରୁ ଦୂରେଇ ରହିଲେ ଧର୍ମନିରପେକ୍ଷତାର ଉଦ୍ଦେଶ୍ୟ ବଳବତ୍ତର ରହିବ। ଏହାକୁ ନେଇ ନେତାଜୀ ସୁଭାଷ ବୋଷ ୧୯୩୯ ମସିହାରେ ମୁମ୍ବାଇଠାରେ ଫରୱାର୍ଡ ବ୍ଲକ୍ ସମ୍ମିଳନୀରେ ପ୍ରଦତ୍ତ ଭାଷଣରେ କହିଥିଲେ, ''ଧର୍ମକୁ ରାଜନୀତିରୁ ସମ୍ପୂର୍ଣ୍ଣ ଭାବେ ଦୂରରେ ରଖାଯିବା ଉଚିତ। ଧର୍ମ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିଷୟ ହେବା ଉଚିତ। ଜଣେ ମଣିଷ ହିସାବରେ ସେ ଚାହୁଁଥିବା ଯେକୌଣସି ଧର୍ମକୁ ମାନିବା ସମ୍ପୂର୍ଣ୍ଣ ସ୍ୱାଧୀନତା ଜଣେ ବ୍ୟକ୍ତିର ରହିବା ଉଚିତ। ମାତ୍ର ରାଜନୀତି-ଧର୍ମ ବା ଅନ୍ୟ କୌଣସି ଅତିପ୍ରାକୃତିକ ଧାରଣା ଦ୍ୱାରା ପରିଚାଳିତ ହେବା ଉଚିତ ନୁହେଁ। ରାଜନୀତି-ଅର୍ଥନୀତିକ, ରାଜନୀତିକ ଏବଂ ବିଜ୍ଞାନ ସମ୍ମତ ଯୁକ୍ତି ଦ୍ୱାରା ପରିଚାଳିତ ହେବା ଉଚିତ।''

ସେହିପରି ୧୯୬୭ ଅଗଷ୍ଟ ୨୨ରେ ଆନନ୍ଦବଜାର ପତ୍ରିକାରେ ପ୍ରକାଶିତ ନେତାଜୀଙ୍କର ସଚିବ ଆବିଦ୍ ହୁସେନ ଓ ମଦନ ଗୋପାଳଙ୍କୁ ଦେଇଥିବା ସାକ୍ଷାତ୍‌କାରରେ କହିଥିଲେ, ''ଆମର କାର୍ଯ୍ୟକଳାପ ଉପରେ ଧର୍ମର ପ୍ରଭାବକୁ ମୁଁ କୌଣସି ପ୍ରକାରରେ ମଧ୍ୟ ଅନୁମତି ଦେବି ନାହିଁ। ଆମର ସମସ୍ତ କାର୍ଯ୍ୟକଳାପର ଭିତ୍ତି ହେଉଛି ଜାତୀୟତାବାଦ। ଆପଣ କ'ଣ ସେମାନଙ୍କୁ (ସୈନ୍ୟମାନଙ୍କୁ) ଧର୍ମ ଭିତ୍ତିରେ ଐକ୍ୟବଦ୍ଧ କରିବାକୁ ଚାହାନ୍ତି? ଏହା ଯଦି ଘଟେ ତା'ହେଲେ ଗୋଟିଏ ଦିନ ଆସିବ ଯେଉଁଦିନ ସେମାନେ ଧର୍ମ ପାଇଁ ବିଭକ୍ତ ହୋଇଯିବେ।'' ସବୁ ଧର୍ମର ଊର୍ଦ୍ଧ୍ୱରେ ରହି ଯେଉଁ ବ୍ୟକ୍ତି ସବୁ ଧର୍ମକୁ ସମାନ ସମ୍ମାନ ଦେବ ସେ ହିଁ ପ୍ରକୃତ ରାଷ୍ଟ୍ରନୀତିଜ୍ଞ ବୋଲି ନେତାଜୀ କହୁଥିଲେ।

ଧର୍ମ ଏକ ବ୍ୟକ୍ତିଗତ ବିଶ୍ୱାସ, ଏହା ବ୍ୟକ୍ତିଗତ ହୋଇ ରହିବା ଉଚିତ। ପୁରାତନ ଯୁଗରେ ସାମାଜିକ ଶୃଙ୍ଖଳା ଓ ଅନୁଶାସନ ସହ ଧର୍ମ ଯୁକ୍ତହୋଇ ରହୁଥିଲା, ଯାହା ଆଜି ପ୍ରଥା ଓ ପରମ୍ପରାରେ ପରିଣତ ହୋଇଯାଇଛି। ସେତେବେଳେ ବିଜ୍ଞାନର ଉନ୍ନତି ହୋଇ ନ ଥିଲା। ଏବେ ଜ୍ଞାନବିଜ୍ଞାନର ଚରମ ବିକାଶ ଘଟିଛି। ପ୍ରଯୁକ୍ତିବିଦ୍ୟାର ମଧ୍ୟ ଆଶାତୀତ ଉନ୍ନତି ହୋଇଛି। ସାମାଜିକ ଶୃଙ୍ଖଳା ଓ ଅନୁଶାସନ ପାଇଁ ସମ୍ବିଧାନ, ଆଇନ ପ୍ରଣୟନ ହୋଇସାରିଛି। ଦେଶ, ଜାତି, ସମାଜକୁ ସମୃଦ୍ଧ କରିବାକୁ ବିଜ୍ଞାନ ଓ ବିଧିବ୍ୟବସ୍ଥା ରହିଛି। ତେଣୁ ଧର୍ମ ସହ ଆମ ନୀତିନିୟମ, ଆଇନକାନୁନର ସଂଯୋଗର କୌଣସି ଆବଶ୍ୟକତା ଅଛି ବୋଲି ମନେକରାଯାଏନା। ତେଣୁ ତାହାର ପ୍ରସାର ପ୍ରଚାରର ଆବଶ୍ୟକତା ଲୋଡ଼ା ହୁଏ ନାହିଁ। ସେଥିପାଇଁ ଆମ ସମ୍ବିଧାନରେ, ଆମ ଦେଶରେ କୌଣସି ଅଫିସିଆଲ ଧର୍ମ ନାହିଁ। ଧର୍ମରେ କେବଳ ନୈତିକ ଶିକ୍ଷା ମିଳେ। ତାହା ଜଣେ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଆହରଣ କରିପାରେ।

'ଧର୍ମନିରପେକ୍ଷତା'ର ପ୍ରକୃତ ଅର୍ଥ ହେଉଛି କୌଣସି ଧର୍ମ ଅନ୍ୟ ଧର୍ମକୁ ପ୍ରଭାବିତ ନ କରିବା ଏବଂ ଧର୍ମ ଧର୍ମ ମଧ୍ୟରେ ଅସହିଷ୍ଣୁତା ପ୍ରକାଶ ନ ପାଇବା କିମ୍ବା କୌଣସି ଧର୍ମାବଲମ୍ବୀ ଅନ୍ୟ ଧର୍ମାବଲମ୍ବୀଙ୍କୁ ଧର୍ମାନ୍ତରୀକରଣ ନ କରିବା। ଧାର୍ମିକ ଶୋଭାଯାତ୍ରା, ଧାର୍ମିକ ପ୍ରଚାରପ୍ରସାରକୁ ସମ୍ପୂର୍ଣ୍ଣ ରୋକାଯିବା ଉଚିତ। ଡାକବାଜି ଯନ୍ତ୍ର କିମ୍ବା କୌଣସି ଧ୍ୱନି ବାହାକ ଓ ବର୍ଦ୍ଧକ ବୈଦ୍ୟୁତିକ ଯନ୍ତ୍ରକୁ କୌଣସି ବି ଧାର୍ମିକ, ପୂଜାପାର୍ବଣ କାର୍ଯ୍ୟରେ ବ୍ୟବହାର ନ କରିବାକୁ ଆଇନ ପ୍ରଣୟନ ହେବା ଉଚିତ। କିନ୍ତୁ ଆମ ଦେଶରେ ଧର୍ମନିରପେକ୍ଷ ଶବ୍ଦର ଅର୍ଥକୁ କଦର୍ଥ କରାଯାଉଛି। ୧୯୪୯ରେ ସମ୍ବିଧାନରେ 'ଧର୍ମନିରପେକ୍ଷ' ଶବ୍ଦ ଯୋଡ଼ାଯାଇ ନ ଥିଲା। ଏହାର ଅର୍ଥ ନୁହେଁ ଯେ, ଗୋଟିଏ ରାଷ୍ଟ୍ର ତା' ଦେଶ ମଧ୍ୟରେ ଥିବା ଗୋଟିଏ ଧର୍ମକୁ ସୁରକ୍ଷା ପ୍ରଦାନ କରିବନାହିଁ। ଯଦି କରୁଥାନ୍ତା ତେବେ ଏ ଧର୍ମାନ୍ତରୀକରଣ ହେଉଥାନ୍ତା କାହିଁକି? ସେ ଧର୍ମାନ୍ତରୀକରଣ ହେଉ କି ପ୍ରଭାବୀକରଣ, ଧର୍ମ ଧର୍ମ ମଧ୍ୟରେ ଷଡ଼ଯନ୍ତ୍ର ହେଉ କି ଆକ୍ରମଣ କି ବିଦ୍ୱେଷ, ଏହି ସବୁକୁ ରାଷ୍ଟ୍ର ଦୃଢ଼ହସ୍ତରେ ଦମନ କରିବା ସହ କଠୋର ଆଇନ ପ୍ରଣୟନ କରିବା ବିଧେୟ। ରାଷ୍ଟ୍ର ବା ରାଷ୍ଟ୍ରନୀତିଜ୍ଞ କୌଣସି ଧର୍ମର ଅଂଶବିଶେଷ ପାଲଟିବା ଉଚିତ ନୁହେଁ। ଆମ ତଥାକଥିତ ଧର୍ମନିରପେକ୍ଷ ରାଜନେତା ଓ ବୁଦ୍ଧିଜୀବୀମାନେ ବିଚାର କରିବା ଉଚିତ।

ଆମ ଦେଶରେ ଅନେକ ସମ୍ପ୍ରଦାୟଭିତ୍ତିକ ଆଇନଗତ ତାରତମ୍ୟ ରହିଛି। ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ, ଗୋଟିଏ ଆଇନ ସବୁ ନାଗରିକଙ୍କ ପାଇଁ ଲାଗୁ ହେବା ଉଚିତ। ସେଇଥିପାଇଁ ଆମ ସାମାଜିକ, ସାଂସ୍କୃତିକ ଉତ୍ତରଣ ଧର୍ମାନ୍ଧତାରେ ନୁହେଁ ବିଜ୍ଞାନଭିତ୍ତିକ ଚେତନା ସମ୍ମତ ଜ୍ଞାନରେ ସମ୍ଭବ। ବିଶ୍ୱରେ ବହୁ ରାଷ୍ଟ୍ର 'ଧର୍ମନିରପେକ୍ଷତା'କୁ କଡ଼ାକଡ଼ି ଭାବେ ପାଳନ କରୁଥିବାରୁ ଧର୍ମକୁ ନେଇ ସେଠି ସଙ୍କଟ ସୃଷ୍ଟି ପ୍ରାୟତଃ ହୁଏ ନାହିଁ।

ଏଣୁ ମୋ ମତରେ ସବୁ ପ୍ରେମଠାରୁ ବଡ଼ ପ୍ରେମ ହେଉଛି ଦେଶ ପ୍ରେମ। ସବୁ ଧର୍ମଠାରୁ ଶ୍ରେଷ୍ଠ ଧର୍ମ ମାନବଧର୍ମ। ଏହି ଉକ୍ତିଟିକୁ ଯଦି ଆମେ ସର୍ବାଗ୍ରେ ରଖିବା ଓ କାର୍ଯ୍ୟରେ ଲଗାଇବା ତେବେ ଦେଶରେ କେବଳ ଧର୍ମନିରପେକ୍ଷତା ବଜାୟ ରହିବନି ଶାନ୍ତି ବିରାଜମାନ କରିବ।

**ରଘୁନାଥପୁର, ଭୁବନେଶ୍ୱର**
**ମୋ: ୯୪୩୭୦୧୩୧୩୯**

## ଏଇ ଭାରତରେ

କେତେକେ ନିଜ ଘରେ ଆଣ୍ଠୁଆ ଗୋପାଳଙ୍କୁ ରଖି ପୂଜା କରନ୍ତି। କିନ୍ତୁ ଆଣ୍ଠୁଆ ଗୋପାଳ ସ୍କୁଲରେ ପାଠ ପଢ଼ିବା କଥା କେହି ହୁଏତ ଶୁଣି ନ ଥିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଆଗ୍ରାର ନୁରୀ ଦରବାଜ ଅଞ୍ଚଳରେ। ଏହି ଅଞ୍ଚଳର ଶିକ୍ଷୟିତ୍ରୀ ଅଳକା ସିଂହ ଘରେ ରଖିଥିବା ଆଣ୍ଠୁଆ ଗୋପାଳଙ୍କୁ ନିଜ ପୁଅ ଭାବି ସ୍କୁଲରେ ନାମ ଲେଖାଇଛନ୍ତି। ବାନ୍ଧବୀ ତାଙ୍କୁ ଯେଉଁ ଆଣ୍ଠୁଆ ଗୋପାଳ ଉପହାର ଦେଇଥିଲେ ତାଙ୍କୁ ସେ ପୁଅ ବୋଲି ଭାବି ନାମ କେଶବ ଦେଇଛନ୍ତି ଓ ପ୍ରତିବର୍ଷ ଜନ୍ମଦିନ ପାଳୁଛନ୍ତି। ଏପରିକି ପିଲାପ ଦାୟିତ୍ୱ ନେଲାପରି କେଶବଙ୍କ ସମସ୍ତ ନିତ୍ୟକର୍ମ ନିର୍ବାହ କରୁଛନ୍ତି। ଆଣ୍ଠୁଆ ଗୋପାଳ ଘରକୁ ଆସିବାର ୫ ବର୍ଷ ପରେ ଖଡ଼ିଛୁଆଁ ଓ ଏକ ନର୍ସରୀ ସ୍କୁଲରେ ଆଡ୍‌ମିଶନ ମଧ୍ୟ କରାଇଛନ୍ତି। ଖାଲି ଯେ ନାମ ଲେଖାଇଛନ୍ତି ତା ନୁହେଁ ସେ କେଶବଙ୍କ ପାଇଁ ବହି ଖାତା ଆଦି ସବୁ କିଣିଛନ୍ତି ଓ ତାଙ୍କ ହୋମ୍‌ୱାର୍କ କରାନ୍ତି, ପାଠ ବି ପଢାନ୍ତି। ଶୁଣିବାକୁ ଅଜବ ମନେ ହେଉଥିଲେ ବି ପ୍ରତିଦିନ ରୁଟିନ୍ ଭଳି ଅଳକା ଏସବୁ କରନ୍ତି। ତାଙ୍କ କହିବା ଅନୁସାରେ ପ୍ରତିଦିନ ରାତିରେ ଆଣ୍ଠୁଆ ଗୋପାଳ ସ୍ୱପ୍ନରେ ଆସି ସବୁ ପାଠ ତାଙ୍କୁ ଶୁଣାଇଥାନ୍ତି। ଅଳକାଙ୍କର ଏଭଳି କୃଷ୍ଣ ଭକ୍ତି ନେଇ ଏବେ ବିଭିନ୍ନ ସ୍ଥାନରେ ଚର୍ଚ୍ଚା ହେଉଛି।



# କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ

ଡା. ସମ୍ରାଟ କର

ପ୍ରତିବର୍ଷ ଅକ୍ଟୋବର ୧ରୁ ୮ ପର୍ଯ୍ୟନ୍ତ ବିଶ୍ୱ ମାନସିକ ସପ୍ତାହ ଭାବେ ପାଳନ ହୋଇଆସୁଛି। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'କର୍ମ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି'। ୧୯୯୨ରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଫେଡେରେଶନ ଫର ମେଣ୍ଟାଲ ହେଲ୍‌ଥ ଏହାକୁ ପାଳନ କରିଥିଲା। ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଏକ ଆକଳନ ଅନୁସାରେ ବିଶ୍ୱ ଜନ ସମୁଦାୟର ୧୨ ପ୍ରତିଶତ ବା ୪୫୦ ମିଲିୟନ ଲୋକ ମାନସ ୨୦୨୩ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରୋକ୍ତ ତଥ୍ୟ ଦର୍ଶାଇଥିଲା। 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି।

ମାନସିକ ରୋଗ ଏକ ଜଟିଳ ରୋଗ। ଏହି ରୋଗକୁ ଆରମ୍ଭରୁ କେହି ଜାଣିପାରନ୍ତି ନାହିଁ। ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ରର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ। କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି। କେତେକ ବ୍ୟକ୍ତିଙ୍କର ବ୍ୟବହାରରେ ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି। ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳି ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁ ମାନସିକ ଭାରସାମ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ, ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ। ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ଲାଗି ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆବଶ୍ୟକ ହୋଇଥାଏ। ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଂଲଗ୍ନ ହେବା,



ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନ ପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନ ଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ। ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନ ପାରିଲେ ମାନସିକ ଭାରସାମ୍ୟ ହରାଇଥାଏ, ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ। ଫଳରେ ତା' ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ। କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖାଦେଇଥାଏ। ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ। ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକଙ୍କୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଦ୍ୱାରା ଚିକିତ୍ସା କରାଯାଏ। ତେବେ ନିୟମିତ ଔଷଧ ନ ଖାଇଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହୋଇ ନ ଥାଏ। ସେହିପରି ଏହି ଔଷଧ ଖାଇବା ସମୟରେ ଅନ୍ୟାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇ ପାରିବ। ଆଉ ଗୋଟିଏ କଥା ହେଉଛି ମାନସିକ ରୋଗରେ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ ନୁହେଁ, ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣନ୍ତରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ। ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ। ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାରଠାରୁ ଦୂରେଇବା ଉଚିତ। ମାନସିକ ରୋଗୀ ନିଜେ ବା ତା' ପରିବାରର ଅତି ସମ୍ପର୍କୀୟ ବ୍ୟକ୍ତି ଚିକିତ୍ସା ସମୟରେ ରୋଗୀର ସମସ୍ତ ଗୋପନୀୟ ଘଟଣା ଚିକିତ୍ସକଙ୍କୁ ଜଣାଇବା ଉଚିତ। କାରଣ ଚିକିତ୍ସକ ଏହାକୁ ଗୋପନୀୟ ରଖି ରୋଗୀର ଚିକିତ୍ସା କରାଇଥାନ୍ତି। ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା। ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହିପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଟେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ।

**ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍,**
**ପୁରୀଘାଟ ରୋଡ୍, କଟକ**
**ମୋ : ୯୧୩୨୪୩୩୩୩୩**

## ୫୦ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୭୫

- ଗୋଦାବରୀ ନଦୀ ଓ ଏହାର ଉପନଦୀଗୁଡ଼ିକର ଜଳ ବଣ୍ଟନ ବା ବ୍ୟବହାର ସଂକ୍ରାନ୍ତ ପ୍ରକଳ୍ପ ସମୂହର ଅନୁମୋଦନ ଘେନି ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆର୍ଜେଣ୍ଟିନାରେ ଗରିଲା ଓ ସାମରିକ ବାହିନୀଙ୍କ ମଧ୍ୟରେ ସଂଘର୍ଷ ଫଳରେ ଅନ୍ୟୂନ ୨୭ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା। ଚାଉଳ କିଲୋ କେତେ

ମହାଶୟ,

ରାଜ୍ୟରେ ଭାଜପା ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସରକାର ଚାଷୀଙ୍କଠାରୁ ଉତ୍ପାଦିତ ଧାନକୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବ ବୋଲି କହିଥିଲେ। କିଛିଦିନ ତଳେ ସିଏମ୍ କିଷାନ ଯୋଜନାରେ ବହୁ କୋଟିର ଅର୍ଥିକ ସହାର୍ଯ୍ୟ ଦିଆଯାଇଛି। କେନ୍ଦ୍ର ସରକାର କିଛି ଧାନ କ୍ୱିଣ୍ଟାଲର କିଣାମୂଲ୍ୟ ୨୨୦୦ ଟଙ୍କା ସ୍ଥିର ରଖିଛନ୍ତି। ତେଣୁ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୯୦୦ ଟଙ୍କା ଭରଣ କରିବାକୁ ବାଧ ହେବେ। ତେଣୁ ସରକାର ଯଦି ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କାରେ କିଣନ୍ତି ଏକ କିଲୋ ଚାଉଳର ଦର କେତେ ହେବ ତାହା ଆଲୋଚନା ସାପେକ୍ଷ। ତେବେ ଉଚ୍ଚାଦରରେ ଖାଉଟି ଏହା କିଣିବାକୁ ବାଧ ହେବେ। ରାଜ୍ୟର ଲୋକସଂଖ୍ୟା ୪ କୋଟି ୨୦ ଲକ୍ଷରୁ ୩ କୋଟି ୩୯ ଲକ୍ଷ ଲୋକ ଦାରିଦ୍ର ସୀମାରେଖା ତଳେ ରହି ମାଗଣା ଚାଉଳ ଖାଉଛନ୍ତି। ତେଣୁ ସ୍ୱଚ୍ଛଳ ବର୍ଗ ଓ ମଧ୍ୟମ ଶ୍ରେଣୀ ଯେଉଁମାନେ ଓ ଦେଶର ବିକାଶରେ ନିଜର ସକ୍ରିୟ ଅଂଶଗ୍ରହଣ କରନ୍ତି ଓ ଯେଉଁ ମାନେ ସରକାରଙ୍କ ସେପରି କୌଣସି ଆର୍ଥିକ ସହାୟତା ପାଉ ନାହାନ୍ତି ସେମାନଙ୍କ ଏହି ମହଙ୍ଗା ଚାଉଳ କିଣି ନିଜ ପରିବାର ପ୍ରତିପୋଷଣ କରିବେ। ଦାରିଦ୍ର୍ୟ ଦୂରୀକରଣ ଯୋଜନା ଜନକଲ୍ୟାଣୀକାରୀ ଆଖ୍ୟା ଦିଆଯାଉଥିଲେ ହେଁ ପରୋକ୍ଷରେ ଭୋଟବ୍ୟାଙ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅନ୍ତରେ ଫୁଟୁ କୋମଳ କମଳ-ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶ ଲୋଡ଼ା

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ଭାବନା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ, ମୋହନ ଚରଣ ମହାନ୍ତଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କରିସ୍ମା ପଟେଲ, ଦ୍ୱାରୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ଛାତ୍ରୀ ଶ୍ରୁତି ପଟେଲ ଏବଂ ଛାତ୍ର ଡିଲେଶ୍ୱର ବଡ଼େଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଉତ୍କର୍ଷ ଭୋଇ ଏବଂ ଦ୍ୱାରୀକାଧୀଶ ହାଇସ୍କୁଲର ଛାତ୍ରୀ ପିଙ୍କି ବଡ଼େଇଙ୍କୁ ସ୍ୱାନ୍ତନାମୂଳକ ପୁରସ୍କାର ଦିଆଯାଇଥିଲା। ଅମ୍ବାଭୋନା ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର ସତ୍ୟରାମ ମାଝି ଏବଂ ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ମ୍ୟାନେଜର ମୂରଲୀଧର ଗଡ଼ତିଆ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି କେଦାର ନାଏକ, ଶିକ୍ଷକ ସଞ୍ଜୟ ଖମାରୀ, ମିଳନ ପଟେଲ, ସ୍ୱାଧୀନ ସାହୁ, ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ମାମଚରଣ ନାଏକ, ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଆକୁଳ ବାଗ, ଶିକ୍ଷୟିତ୍ରୀ ବବଲି ଭେସ୍ରା, ଇନ୍ଦୁ ବଘେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


କାର୍ଯ୍ୟକ୍ରମରେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଅତାବିରାରେ ଅଧକ୍ଷ-ଅଧ୍ୟାପକ କଳି

**ସରଣ୍ଡା,୬।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ମହାବିଦ୍ୟାଳୟରେ ଅଧ୍ୟକ୍ଷ-ଅଧ୍ୟାପକ କଳି ଚର୍ଚ୍ଚାର ବିଷୟ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ପ୍ରଧାନ ଏବଂ ଏସ୍ଏସ୍ବି (ଷ୍ଟେଟ୍ ସିଲେକ୍ସନ ବୋର୍ଡ଼) ଅଧ୍ୟାପକ ମଦନ ମେହେରଙ୍କ ସମେତ ଅନ୍ୟ ୧୦ ଅଧ୍ୟାପିକା ଅଧ୍ୟାପକ ପରସ୍ପର ଆରୋପ ପ୍ରତ୍ୟାରୋପ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା କରୁଥିବା ନେଇ ଅଧ୍ୟକ୍ଷ ପ୍ରଧାନ କିଛି ଏସ୍ଏସ୍ବି ଅଧ୍ୟାପିକା ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତେବେ ଅଧ୍ୟକ୍ଷ ପ୍ରଧାନ ବିଭିନ୍ନ ଆଳ ଦେଖାଇ ମାନସିକ ନିର୍ଯାତନା ଦେଉଥିବା ନେଇ ଏସ୍ଏସ୍ବି ଅଧ୍ୟାପିକା ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। କଥାଟି ଥାନାକୁ ଯାଇଥିବାବେଳେ ଏସ୍ଏସବି ଅଧ୍ୟାପିକା ଅଧ୍ୟାପକମାନେ ଘଟଣା ସମ୍ପର୍କରେ ରବିବାର ସ୍ଥାନୀୟ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ଲେଖି ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଧାନଙ୍କ ମୋବାଇଲ ନଂ- ୭୭୮୨୦୭୯୭୬ରେ ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ପୂଜନୋତ୍ସବ ଅବସରରେ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ରବିବାର ମାଁ ସମଲେଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ସହିତ ପୂଜାର୍ଚ୍ଚନା କଲେ ସକଳ ରୋଗ, ଶୋକ ବିନଷ୍ଟ ହୋଇଯାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଫୁଲ, ଧୂପ, ଦୀପ ଧରି ମନ୍ଦିରକୁ ଆସି ଦେବୀଙ୍କ ଦର୍ଶନ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କ ଅଖଣ୍ଡଦୀପ ଏବଂ ସାଜସଜ୍ଜାରେ ମନ୍ଦିର ଝଲସି ଉଠୁଛି। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ସୋମବାର ମାଁ ସମଲେଶ୍ୱରୀ ସ୍କନ୍ଦମାତା ବେଶରେ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।

# ପରିବେଶ ସୁରକ୍ଷା ପାଇଁ ପ୍ରକୃତିବନ୍ଧୁ ପୁରସ୍କାର



ଡକ୍ଟର ଅଜିତ ବେହେରା କଳାହାଣ୍ଡି ଲୋକସଭା ସାଂସଦଙ୍କ ଠାରୁ ପ୍ରକୃତି ବନ୍ଧୁ ପୁରସ୍କାର ଗ୍ରହଣ କରୁଛନ୍ତି।

**କର୍ଲାମୁଣ୍ଡା, ୬।୧୦(ପ୍ରଦୀପ କୁମାର ସାହୁ)**

ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲାର ଭବାନୀପାଟଣା ଟାଉନହଲରେ ଆୟୋଜିତ ଚିତ୍ରାରଣ୍ୟ ଉତ୍ସବରେ ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପରିବେଶ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟର ଅଜିତ କୁମାର ବେହେରାଙ୍କୁ 'ପ୍ରକୃତି ବନ୍ଧୁ ପୁରସ୍କାର' ପ୍ରଦାନ କରିଥିଲେ। କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ଗ୍ରାମରେ ଜନ୍ମିତ ଡକ୍ଟର ବେହେରା ବନୀକରଣ, ବନ୍ୟଜନ୍ତୁ ଓ ଉଦ୍ଭିଦର ସୁରକ୍ଷା, ନିଆଁ ଦାଉରୁ ଜଙ୍ଗଲ ରକ୍ଷା, ଜଳବାୟୁ ପରିବର୍ତ୍ତନ, ଜଳ ସଂରକ୍ଷଣ, ରାସାୟନିକ ସାର ପ୍ରୟୋଗର କୁଫଳ ଇତ୍ୟାଦି ବିଷୟରେ ବିଭିନ୍ନ କର୍ମଶାଳା ଓ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରି ଆସୁଛନ୍ତି। ସେ ଇତି ପୂର୍ବରୁ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟରୁ 'କଳାହାଣ୍ଡି ଯୁବ ପୁରସ୍କାର', 'ଜୁନିୟର ଫେଲୋଶିପ' ସହ ଲୁପ୍ତ ଓ ଲୁପ୍ତପ୍ରାୟ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା କରି ରାଜ୍ୟପାଳଙ୍କଠାରୁ ପିଏଚଡ଼ି ଓ ଡ଼ିଲିଟ ଭଳି ମର୍ଯ୍ୟାଦାଜନକ ଡିଗ୍ରୀ ହାସଲ କରିଛନ୍ତି। ସମ୍ପ୍ରତି ସେ କଣ୍ଟପଡା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗୀୟ ଅଧ୍ୟାପକ ସହ ଯୁବ ରେଡ୍କ୍ରସ ପରାମର୍ଶଦାତା ଭାବରେ କାର୍ଯ୍ୟରତ।

# ପିପି ଏକାଡେମୀର ହୀରକ ଜୟନ୍ତୀ ପାଳନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର, ୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ରବିବାର ସ୍କୁଲ ପରିସରରେ ପୁରାତନ ଛାତ୍ରଙ୍କର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର କମିଟି ସଭାପତି ସୟଦ ଆଫତାବ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍କୁଲର ହୀରକ ଜୟନ୍ତୀକୁ ଧୁମ୍ଧାମରେ ପାଳନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ଆଗାମୀ ପ୍ରସ୍ତୁତି ବୈଠକ ଅକ୍ଟୋବର ୧୫ ମଙ୍ଗଳବାର ସନ୍ଧ୍ୟା ୬ ଟା ୩୦ ମିନିଟରେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ବିଭିନ୍ନ କମିଟି ଗଠନ ପ୍ରସ୍ତାବ ରହିଛି। ଉତ୍ସବକୁ ଆସନ୍ତା ଡିସେମ୍ବର ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୁରାତନ ଛାତ୍ର ଶଶୀଭୂଷଣ ପୁରୋହିତ, ଶରତ କୁମାର ପଣ୍ଡା, ସୌମ୍ୟଦୀପ ସରାଫ, ପ୍ରଦୀପ କୁମାର ସାହୁ, ରାମଦତ୍ତ ଭୋଇ, ଦେବୀପ୍ରସନ୍ନ ଶତପଥୀ, ହେମନ୍ତ କୁମାର ପଣ୍ଡା, ମନୀଷ କୁମାର ମିଶ୍ର, ସନ୍ତକ ବହିଦାର, ଶୀତିକଣ୍ଠ ମିଶ୍ର, ସୋମ ଗୋଚ୍ଛାୟତ, ସ୍ୱରୂପ ରଞ୍ଜନ ଛତ୍ରିଆ, ସରୋଜ କୁମାର ମେଶ୍ୱା ଓ ଅନ୍ୟ ପୁରାତନ ଛାତ୍ର, ସ୍କୁଲ ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ନାସିର ଖାନ ଧନ୍ୟବାଦ ଅର୍ପଣ କରିଥିଲେ।


ପିପି ଏକାଡେମୀ ସ୍କୁଲ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ଓ ପ୍ରଧାନଶିକ୍ଷକ।

# ୫ଦଫା ଦାବିକଲା କୃଷକ ସଙ୍ଗଠନ

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଚାଷୀ ସଂଗଠନ ୫ଦଫା ଦାବିରେ ଶନିବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାର୍ଟ ମିଟର ଉଚ୍ଛେଦ ସହିତ ବିଦ୍ୟୁତ୍ ବିଲରେ ରିହାତି ପ୍ରଦାନ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଏହା ସହିତ କୃଷି ଯନ୍ତ୍ରପାତିରେ ସବସିଡ଼ି ପ୍ରଦାନ, ବିକ୍ରିଧାନର ବକେୟା ପ୍ରାପ୍ୟ ପ୍ରଦାନ, ବୀମା କମ୍ପାନୀ ବକେୟା ରଖିଥିବା ବୀମା କ୍ଷତିପୂରଣ ସହାୟତା ପ୍ରଦାନ ଏବଂ ଧାନକ୍ରୟ ପ୍ରକ୍ରିୟାରେ ଉପୁଜି ଆସୁଥିବା ସମସ୍ୟା ସମୂହର ସମାଧାନ କରିବାକୁ ସଙ୍ଗଠନ ଦାବି କରିଛି। ସଙ୍ଗଠନ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ସୁରେଶ ନେକାଣ୍ଟି, ଅମୂଲ୍ୟ କୁମାର ପତି, ପଞ୍ଚାନନ ଦଳପତି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ସୁଭଦ୍ରା ପାଇଁ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ି

**ଗୁଡଭେଲା,୬।୧୦ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଏକ ବ୍ୟାଙ୍କ ସମ୍ମୁଖରେ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ରବିବାର ବ୍ୟାଙ୍କ ବନ୍ଦ ରହୁଥିବା ବେଳେ ସୋମବାର ଶୀଘ୍ର କାମ ହେବ ଆଶାରେ ମହିଳାମାନେ ନିଜ ନିଜ ବ୍ୟାଗ୍ ରଖି ଲାଇନ୍ ଲଗାଇ ଥିବା ଚର୍ଚ୍ଚାର ବିଷୟ ହୋଇଛି। ସୁଭଦ୍ରା ଯୋଜନାରେ ଟଙ୍କା ପାଇବା ପାଇଁ ବ୍ୟାଙ୍କରେ ଆଧାର ଲିଙ୍କ୍ ସହ କେୱାଇସି ଓ ଡିବିଟି ମୋଡ କରିବା ଲାଗି ଏହି ଲାଇନ ଲଗାଇଥିବା ହିତାଧିକାରୀମାନେ କହିଛନ୍ତି। ଲୋକଙ୍କ ଭିଡ଼ ଯୋଗୁ ଏବେ ସ୍ଥିତି ଅଣାୟତ୍ତ ହୋଇପଡୁଛି। ବ୍ୟାଙ୍କ ପକ୍ଷରୁ ପ୍ରତିଦିନ ୪୦ରୁ ୪୫ଜଣଙ୍କ କେୱାଇସି କରାଯାଉଥିବା ବେଳେ ଲୋକସଂଖ୍ୟା ଢେର ଅଧିକ ରହୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବେ ଠାରୁ ବିହିତ ପଦକ୍ଷେପ ଗ୍ରହଣ ନ କଲେ ସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା କରାଯାଉଛି।



# ଏକ ରାଷ୍ଟ୍ର ଏକ ନିର୍ବାଚନକୁ ନେଇ ଆଲୋଚନାଚକ୍ର

## କଳାହାଣ୍ଡି ଅଧିବକ୍ତା ପରିଷଦ

**ଭବାନୀପାଟଣା,୬।୧୦ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ଆମ୍ବତୋଟାଠାରେ ରବିବାର କଳାହାଣ୍ଡି ଅଧିବକ୍ତା ପରିଷଦ ପକ୍ଷରୁ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଷୟକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ତଥା ଅଧିବକ୍ତା ପରିଷଦର ଜିଲା ସଭାପତି ସନ୍ତୋଷ କୁମାର ମୁଣ୍ଡ ଅଧକ୍ଷତା କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରାନ୍ତୀୟ ପ୍ରମୁଖ କମୁପାଣି ପାଢ଼ୀ, ସମ୍ମାନିତ ଅତିଥି ଭାବେ ବିଭାଗ ସଂଘ ପରିଚାଳକ ଜୟନାରାୟଣ ବାବୁ, ପ୍ରାନ୍ତୀୟ ବୈଧିକ ପ୍ରମୁଖ ଅରୁଣ କୁମାର ନାୟକ ଓ ମୁଖ୍ୟବକ୍ତା ଭାବେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଭବେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଉପସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ଦୁଷ୍ମନ୍ତ ପଣ୍ଡା, ଚିଦାନନ୍ଦ ସାହୁ, ହିମାଦ୍ରି ସ୍ୱାଇଁ, ଦିନେଶ ଗୌଡ, ଜଗନ୍ନାଥ ମୁଣ୍ଡ ପ୍ରମୁଖ ଯୋଗଦେଇ ସକ୍ରିୟ ଭୂମିକା ତୁଲାଇଥିଲେ।



ଅଧିବକ୍ତା ପରିଷଦ ପକ୍ଷରୁ ଆଲୋଚନାଚକ୍ରରେ ଅତିଥିଗଣ।

# ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ଉଦ୍ଯାପିତ

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ (ଇସ୍ରୋ) ତଥା ସତୀଶ ଧାୱନ ସ୍ପେସ୍ ସେଣ୍ଟର, ଶ୍ରୀହରିକୋଟା ଏବଂ ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ମିଳିତ ଆନୁକୂଲ୍ୟରେ ବିକାଶ ଶିକ୍ଷାନୁଷ୍ଠାନ ପରିସରରେ ଚାଲିଥିବା ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ରବିବାର ଉଦ୍ଯାପିତ ହୋଇଛି। ଉଦ୍ଯାପନୀ ସମାରୋହରେ ଧାନବାଦ୍ ଆଇଆଇଟିର ନିର୍ଦ୍ଦେଶକ ଡଃ ସୁକୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଇସ୍ରୋ ଉପନିର୍ଦ୍ଦେଶକ ଏସ୍. ମୁଥଥୁ ସେଜିଆନ ବିଶିଷ୍ଟ ଅତିଥି ଏବଂ ଲକ୍ଷ୍ମୀ ବିକାଶ ଗ୍ରୁପ୍ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍ ପକ୍ଷରୁ ଅତିଥିଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଡଃ ମିଶ୍ରଙ୍କ ଅଭିଭାଷଣରେ ଉପସ୍ଥିତ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଭିଭାବକ ଗୁଣମୁଗ୍ଧ ହୋଇଥିଲେ। ବିଶିଷ୍ଟ ଅତିଥି ସେଜିଆନ ଇସ୍ରୋର ଭବିଷ୍ୟତ ପ୍ରକଳ୍ପ ଯୋଜନା ଉପରେ ରୂପରେଖ ପ୍ରଦାନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍ର ଚେୟାରମ୍ୟାନ ରାଓ ଉକ୍ତ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାସହିତ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ନିଶ୍ଚିତ ଭାବେ ଅନ୍ତରୀକ୍ଷ ସମ୍ବନ୍ଧୀୟ ଅନୁସନ୍ଧାନ ପ୍ରତି ଆକୃଷ୍ଟ ହେବେ ବୋଲି ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଥିଲେ। ଉଦ୍ଯାପନୀ ସମାରୋହ ଅବସରରେ ଇସ୍ରୋ ବୈଜ୍ଞାନିକ, ବିକାଶ କର୍ତ୍ତୃପକ୍ଷଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ବରଗଡ଼ ସହରରେ ସ୍ପେସ୍ ୱାକ୍ରେ ଚାଲିଥିଲେ। ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ସବୁଜ ପତାକା ଦେଖାଇ ଏହାକୁ ଉଦ୍ଘାଟନ କରିଥିଲେ। ଇସ୍ରୋ ଅଧିକାରୀ ଏମ୍. ଅଭିମନ୍ୟୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାମ୍ପିୟନ ଲନ୍ ବଲ ଦଳକୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ କୋର୍ଟରେ ଗତ ସେପ୍ଟେମ୍ବର ୨୯ରୁ ୧ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଦ୍ୱିତୀୟ ଓଡ଼ିଶା ରାଜ୍ୟ ଲନ୍ ବଲ ପ୍ରତିଯୋଗିତାରେ ଚାମ୍ପିୟାନ ହୋଇଥିବା ବଲାଙ୍ଗୀର ଲନ୍ ବଲ ଦଳକୁ ବିଧାୟକ କଳିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ଲନ୍ ବଲ ପ୍ରତିଯୋଗିତାରେ ୧୨ଟି ଜିଲ୍ଲାରୁ ୨୦୦ରୁ ଅଧିକ ଖେଳାଳି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲା ଦଳ ୭ଟି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନ ଗ୍ରହଣ କରିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ବଲାଙ୍ଗୀର ଲନ୍ ବଲ କ୍ଲବ ୨ଟି ସ୍ୱର୍ଣ୍ଣ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀରରେ କୃତି ଖେଳାଳିଙ୍କୁ ବଲାଙ୍ଗୀର ବିଧାୟକ ତଥା ଇଣ୍ଡିଆ ରାଇଫଲ ଆସୋସିଏଶନ୍ ସଭାପତି କଳିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ।


ବିଧାୟକ କଳିକେଶ ନାରାୟଣ ସିଂଦେଓ ଚାମ୍ପିୟନ ଲନ୍ବଲ ଟିମ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


**National Dairy Development Board**

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**
**NB: Any corrigendum/modification etc. will be posted only on these websites**



**GOVERNMENT OF ODISHA** No.B-374
**SUPERINTENDING ENGINEER, BOUDH (R&B) DIVISION, BOUDH**
E-Mail : eeboudhrb@gmail.com
**INVITATIONS FOR BIDS (IFB)**
**"e" Procurement Notice**

Letter No. : 3568 Dtd. : 27.09.2024
**Bid Identification No. SE (R&B)-BDH 05/2024-25**

| | | |
|---|---|---|
| 1 | Name of the work | 01 (One) No. of Civil work (Double cover) |
| 2 | Estimated Cost | 71.40 lakh |
| 3 | Period of Completion | 03 (Three) Calendar months |
| 4 | Date & Time of availability of Bid documents in the portal | From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | 24.10.2024 up to 1.00 P.M. |
| 6 | Last date/time for receipt of bids in the portal | Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | 25.10.2024 at 11.30 A.M. |
| 8 | Name and address of the O.I.T. | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0005/2425



**ODISHA NURSES & MIDWIVES REGISTRATION COUNCIL** No.E-383
Directorate of Medical Education & Training, Odisha
Bhubaneswar, Odisha-751001, E.mail : onmrcnrts@gmail.com

Notice No. : 5958 Dt. : 05.10.2024
**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC



**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)** No.C-709
Letter No. 8604 Date : 01.10.2024
**Invitation for Bids**
**COMPETATIVGE BIDDING THROUGH E-PROCUREMENT**
**Bid Identification No. BMC (BAM) 298/2024-2025**

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner, Berhampur Municipal Corporation Berhampur, Odisha
OIPR-13035/11/0010/2425

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶ ଲୋଡ଼ା

ବରଗଡ଼,୬ା୧୦(ପ୍ରେମାନନ୍ଦ ଖମାରୀ)


କାର୍ଯ୍ୟକ୍ରମରେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ଭାବନା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ, ମୋହନ ଚରଣ ମହାନ୍ତଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କରିଶ୍ମା ପଟେଲ, ଦ୍ୱାରୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ଛାତ୍ରୀ ଶ୍ରୁତି ପଟେଲ ଏବଂ ଛାତ୍ର ଡିଲେଶ୍ୱର ବଢ଼େଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଉତ୍କର୍ଷ ଭୋଇ ଏବଂ ଦ୍ୱାରୀକାଧୀଶ ହାଇସ୍କୁଲର ଛାତ୍ରୀ ପିଙ୍କି ବଢ଼େଇଙ୍କୁ ସ୍ୱାନ୍ତନାମୂଳକ ପୁରସ୍କାର ଦିଆଯାଇଥିଲା। ଅମ୍ବାଭୋନା ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର ସତ୍ୟରାମ ମାଝି ଏବଂ ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ମ୍ୟାନେଜର ମୂରଲୀଧର ଗଡ଼ତିଆ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି କେଦାର ନାଏକ, ଶିକ୍ଷକ ସଞ୍ଜୟ ଖମାରୀ, ମିଳନ ପଟେଲ, ସ୍ୱାଧୀନ ସାହୁ, ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମଚରଣ ନାଏକ, ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଆକୁଳ ବାଗ, ଶିକ୍ଷୟିତ୍ରୀ ବବଲି ଭେସ୍ରା, ଇନ୍ଦୁ ବଘେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅତାବିରାରେ ଅଧ୍ୟକ୍ଷ-ଅଧ୍ୟାପକ କଳି

ସରଣ୍ଡା,୬ା୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ମହାବିଦ୍ୟାଳୟରେ ଅଧ୍ୟକ୍ଷ-ଅଧ୍ୟାପକ କଳି ଚର୍ଚ୍ଚାର ବିଷୟ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ଏବଂ ଏସ୍ଏସ୍‌ବି (ଷ୍ଟେଟ୍ ସିଲେକ୍ସନ ବୋର୍ଡ଼) ଅଧ୍ୟାପକ ମଦନ ମେହେରଙ୍କ ସମେତ ଅନ୍ୟ ୧୦ ଅଧ୍ୟାପିକା ଅଧ୍ୟାପକ ପରସ୍ପର ଆରୋପ ପ୍ରତ୍ୟାରୋପ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା କରୁଥିବା ନେଇ ଅଧ୍ୟକ୍ଷ ପ୍ରଧାନ କିଛି ଏସ୍ଏସ୍‌ବି ଅଧ୍ୟାପିକା ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତେବେ ଅଧ୍ୟକ୍ଷ ପ୍ରଧାନ ବିଭିନ୍ନ ଆଳ ଦେଖାଇ ମାନସିକ ନିର୍ଯାତନା ଦେଉଥିବା ନେଇ ଏସ୍ଏସ୍‌ବି ଅଧ୍ୟାପିକା ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। କଥାଟି ଥାନାକୁ ଯାଇଥିବାବେଳେ ଏସ୍ଏସବି ଅଧ୍ୟାପିକା ଅଧ୍ୟାପକମାନେ ଘଟଣା ସମ୍ପର୍କରେ ରବିବାର ସ୍ଥାନୀୟ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ଲେଖି ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧାନଙ୍କ ମୋବାଇଲ ନଂ- ୭୯୭୮୨୦୭୯୭୬ରେ ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



ବରଗଡ଼,୬ା୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ପୂଜନୋତ୍ସବ ଅବସରରେ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ରବିବାର ମାଁ ସମଲେଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ସହିତ ପୂଜାର୍ଚ୍ଚନା କଲେ ସକଳ ରୋଗ, ଶୋକ ବିନଷ୍ଟ ହୋଇଯାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଫୁଲ, ଧୂପ, ଦୀପ ଧରି ମନ୍ଦିରକୁ ଆସି ଦେବୀଙ୍କ ଦର୍ଶନ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କ ଅଖଣ୍ଡଦୀପ ଏବଂ ସାଜସଜ୍ଜାରେ ମନ୍ଦିର ଝଲସି ଉଠୁଛି। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ସୋମବାର ମାଁ ସମଲେଶ୍ୱରୀ ସ୍କନ୍ଦମାତା ବେଶରେ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।

# ସୋନପୁର ଉପକାରାଗାରରେ ଚାରାରୋପଣ


ଉପକାରାଗାର ଅଧିକ୍ଷକ ଓ ୱାର୍ଡର ହାତରେ ଚାରା ଧରିଛନ୍ତି।

ସୋନପୁର,୬ା୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଉପକାରାଗାରରେ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପକାରାଗାର ଅଧୀକ୍ଷକ ଡିଲେଶ୍ୱର ଜେନା ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପେଡ୍ ମା' କେ ନାମ ଅଭିଯାନରେ ପରିବେଶର ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ସମସ୍ତ କର୍ମଚାରୀ ଉପକାରାଗାର ପ୍ରାଙ୍ଗଣରେ ଅଶୋକ ଓ ବଉଳ ଆଦି ଚାରା ରୋପଣ କରିଥିଲେ। ଏଥିରେ ଉପସହକାରାପାଳ ରାଜେନ୍ଦ୍ର ପଣ୍ଡା, ୱାର୍ଡର ଆଲୋକ ଷଡଙ୍ଗୀ, ସଂକୀର୍ତ୍ତନ ସାହୁ, ଶାନ୍ତନୁ ହୋତା, କ୍ଷୀରୋଦ ଦାସ, ଦୀପକ ପାଣିଗ୍ରାହୀ, ପ୍ରଭାତ ଦାସ, ସଞ୍ଜନା ସିଂ, ସୁବ୍ରତ ଆଚାର୍ଯ୍ୟ, ଶ୍ରଦ୍ଧାଞ୍ଜଳି ପ୍ରଧାନ, ସାମାଜିକକର୍ମୀ ପ୍ରଭାକର ଦଳେଇ ଓ ଫାର୍ମାସିଷ୍ଟ ଅଭିଷେକ ସୁନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପିପି ଏକାଡେମୀର ହୀରକ ଜୟନ୍ତୀ ପାଳନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୬ା୧୦
(ବୀରେନ୍ଦ୍ର କୁମାର ଝାଙ୍କର)


ପିପି ଏକାଡେମୀ ସ୍କୁଲ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ଓ ପ୍ରଧାନଶିକ୍ଷକ।

ବଲାଙ୍ଗୀରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ରବିବାର ସ୍କୁଲ ପରିସରରେ ପୁରାତନ ଛାତ୍ରଙ୍କର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର କମିଟି ସଭାପତି ସୟଦ ଆଫତାବ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍କୁଲର ହୀରକ ଜୟନ୍ତୀକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ଆଗାମୀ ପ୍ରସ୍ତୁତି ବୈଠକ ଅକ୍ଟୋବର ୧୫ ମଙ୍ଗଳବାର ସନ୍ଧ୍ୟା ୬ ଟା ୩୦ ମିନିଟରେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ବିଭିନ୍ନ କମିଟି ଗଠନ ପ୍ରସ୍ତାବ ରହିଛି। ଉତ୍ସବକୁ ଆସନ୍ତା ଡିସେମ୍ବର ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୁରାତନ ଛାତ୍ର ଶଶୀଭୂଷଣ ପୁରୋହିତ, ଶରତ କୁମାର ପଣ୍ଡା, ସୌମ୍ୟଦୀପ ସରାଫ, ପ୍ରଦୀପ କୁମାର ସାହୁ, ରାମଦତ୍ତ ଭୋଇ, ଦେବୀପ୍ରସନ୍ନ ଶତପଥୀ, ହେମନ୍ତ କୁମାର ପଣ୍ଡା, ମନୀଷ କୁମାର ମିଶ୍ର, ସନ୍ତକ ବହିଦାର, ଶୀତିକଣ୍ଠ ମିଶ୍ର, ସୋମ ଗୋଚ୍ଛାୟତ, ସ୍ୱରୂପ ରଞ୍ଜନ ଛତ୍ରିଆ, ସରୋଜ କୁମାର ମେଶ୍ୱା ଓ ଅନ୍ୟ ପୁରାତନ ଛାତ୍ର, ସ୍କୁଲ ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ନାସିର ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଭଦ୍ରା ପାଇଁ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ି

ଗୁଡଭେଲା,୬ା୧୦ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଏକ ବ୍ୟାଙ୍କ ସମ୍ମୁଖରେ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ରବିବାର ବ୍ୟାଙ୍କ ବନ୍ଦ ରହୁଥିବା ବେଳେ ସୋମବାର ଶୀଘ୍ର କାମ ହେବା ଆଶାରେ ମହିଳାମାନେ ନିଜ ନିଜ ବ୍ୟାଗ୍ ରଖି ଲାଇନ୍ ଲଗାଇ ଥିବା ଚର୍ଚ୍ଚାର ବିଷୟ ହୋଇଛି। ସୁଭଦ୍ରା ଯୋଜନାରେ ଟଙ୍କା ପାଇବା ପାଇଁ ବ୍ୟାଙ୍କରେ ଆଧାର ଲିଙ୍କ୍ ସହ କେୱାଇସି ଓ ଡିବିଟି ମୋଡ କରିବା ଲାଗି ଏହି ଲାଇନ ଲଗାଇଥିବା ହିତାଧିକାରୀମାନେ କହିଛନ୍ତି। ଲୋକଙ୍କ ଭିଡ଼ ଯୋଗୁ ଏବେ ସ୍ଥିତି ଅଣାୟତ୍ତ ହୋଇପଡୁଛି।

# ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ଉଦ୍‌ଯାପିତ

ବରଗଡ଼,୬ା୧୦(ପ୍ରେମାନନ୍ଦ ଖମାରୀ)

ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ (ଇସ୍ରୋ) ତଥା ସତୀଶ ଧାୱନ ସ୍ପେସ୍ ସେଣ୍ଟର, ଶ୍ରୀହରିକୋଟା ଏବଂ ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ମିଳିତ ଆନୁକୂଲ୍ୟରେ ବିକାଶ ଶିକ୍ଷାନୁଷ୍ଠାନ ପରିସରରେ ଚାଲିଥିବା ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଧାନବାଦ୍ ଆଇଆଇଟିର ନିର୍ଦ୍ଦେଶକ ଡଃ ସୁକୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଇସ୍ରୋ ଉପନିର୍ଦ୍ଦେଶକ ଏସ୍. ମୁଥୁ ସେଜିଆନ ବିଶିଷ୍ଟ ଅତିଥି ଏବଂ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍ ପକ୍ଷରୁ ଅତିଥିଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଡଃ ମିଶ୍ରଙ୍କ ଅଭିଭାଷଣରେ ଉପସ୍ଥିତ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଭିଭାବକ ଗୁଣମୁଗ୍ଧ ହୋଇଥିଲେ। ବିଶିଷ୍ଟ ଅତିଥି ସେଜିଆନ ଇସ୍ରୋର ଭବିଷ୍ୟତ ପ୍ରକଳ୍ପ ଯୋଜନା ଉପରେ ରୂପରେଖ ପ୍ରଦାନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ରାଓ ଉକ୍ତ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାସହିତ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ନିଶ୍ଚିତ ଭାବେ ଅନ୍ତରୀକ୍ଷ ସମ୍ବନ୍ଧୀୟ ଅନୁସନ୍ଧାନ ପ୍ରତି ଆକୃଷ୍ଟ ହେବେ ବୋଲି ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ସମାରୋହ ଅବସରରେ ଇସ୍ରୋ ବୈଜ୍ଞାନିକ, ବିକାଶ କର୍ତ୍ତୃପକ୍ଷଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ବରଗଡ଼ ସହରରେ ସ୍ପେସ୍ ୱାକ୍‌ରେ ଚାଲିଥିଲେ। ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଇସ୍ରୋ ଅଧିକାରୀ ଏମ୍. ଅଭିମନ୍ୟୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର ଦୁର୍ଗା ମନ୍ଦିରରେ ମା'ଙ୍କ କୁଷ୍ମାଣ୍ଡ ବେଶ



ଅମରପାଲି,୬ା୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତ୍ରିବେଣୀ ଛକ ଦୁର୍ଗାମନ୍ଦିରରେ ଚାଲିଛି ନବରାତ୍ରୀ ପୂଜା। ରବିବାର ଦେବୀ ଦୁର୍ଗାଙ୍କ କୁଷ୍ମାଣ୍ଡ ବେଶ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିରରେ ନିଷ୍ଠା ଓ କାଷ୍ଟାର ସହିତ ପୂଜାର୍ଚ୍ଚନା କରିଥିଲେ।

# ଏକ ରାଷ୍ଟ୍ର ଏକ ନିର୍ବାଚନକୁ ନେଇ ଆଲୋଚନାଚକ୍ର

## କଳାହାଣ୍ଡି ଅଧିବକ୍ତା ପରିଷଦ

ଭବାନୀପାଟଣା,୬ା୧୦ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ଆମ୍ବତୋଟାଠାରେ ରବିବାର କଳାହାଣ୍ଡି ଅଧିବକ୍ତା ପରିଷଦ ପକ୍ଷରୁ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଷୟକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ତଥା ଅଧିବକ୍ତା ପରିଷଦର ଜିଲା ସଭାପତି ସନ୍ତୋଷ କୁମାର ମୁଣ୍ଡ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରାନ୍ତୀୟ ପ୍ରମୁଖ କମୁପାଣି ପାଢ଼ୀ, ସମ୍ମାନିତ ଅତିଥି ଭାବେ ବିଭାଗ ସଂଘ ପରିଚାଳକ ଜୟନାରାୟଣ ବାବୁ, ପ୍ରାନ୍ତୀୟ ବୈଧିକ ପ୍ରମୁଖ ଅରୁଣ କୁମାର ନାୟକ ଓ ମୁଖ୍ୟବକ୍ତା ଭାବେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଭବେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଉପସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ଦୁଷ୍ମନ୍ତ ପଣ୍ଡା, ଚିଦାନନ୍ଦ ସାହୁ, ହିମାଦ୍ରି ସ୍ୱାଇଁ, ଦିନେଶ ଗୌଡ, ଜଗନ୍ନାଥ ମୁଣ୍ଡ ପ୍ରମୁଖ ଯୋଗଦେଇ ସକ୍ରିୟ ଭୂମିକା ତୁଲାଇଥିଲେ।



ଅଧିବକ୍ତା ପରିଷଦ ପକ୍ଷରୁ ଆଲୋଚନାଚକ୍ରରେ ଅତିଥିଗଣ।

# ୫ଦଫା ଦାବିକଲା କୃଷକ ସଙ୍ଗଠନ

ବରଗଡ଼,୬ା୧୦(ପ୍ରେମାନନ୍ଦ ଖମାରୀ):ବରଗଡ଼ ଜିଲା ଚାଷୀ ସଂଗଠନ ୫ଦଫା ଦାବିରେ ଶନିବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାର୍ଟ ମିଟର ଉଚ୍ଛେଦ ସହିତ ବିଦ୍ୟୁତ୍ ବିଲରେ ରିହାତି ପ୍ରଦାନ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଏହା ସହିତ କୃଷି ଯନ୍ତ୍ରପାତିରେ ସବସିଡ଼ି ପ୍ରଦାନ, ବିକ୍ରିଧାନର ବକେୟା ପ୍ରାପ୍ୟ ପ୍ରଦାନ, ବୀମା କମ୍ପାନୀ ବକେୟା ରଖିଥିବା ବୀମା କ୍ଷତିପୂରଣ ସହାୟତା ପ୍ରଦାନ ଏବଂ ଧାନକ୍ରୟ ପ୍ରକ୍ରିୟାରେ ଉପୁଜି ଆସୁଥିବା ସମସ୍ୟା ସମୂହର ସମାଧାନ କରିବାକୁ ସଙ୍ଗଠନ ଦାବି କରିଛି। ସଙ୍ଗଠନ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ସୁରେଶ ନେକାଣ୍ଟି, ଅମୂଲ୍ୟ କୁମାର ପତି, ପଞ୍ଚାନନ ଦଳପତି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଚାମ୍ପିୟନ ଲନ୍ ବଲ ଦଳକୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୬ା୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ କୋର୍ଟରେ ଗତ ସେପ୍ଟେମ୍ବର ୨୯ରୁ ୧ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଦ୍ୱିତୀୟ ଓଡ଼ିଶା ରାଜ୍ୟ ଲନ୍ ବଲ ପ୍ରତିଯୋଗିତାରେ ଚାମ୍ପିୟାନ ହୋଇଥିବା ବଲାଙ୍ଗୀର ଲନ୍ ବଲ ଦଳକୁ ବିଧାୟକ କଲିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ଲନ୍ ବଲ ପ୍ରତିଯୋଗିତାରେ ୧୨ଟି ଜିଲ୍ଲାରୁ ୨୦୦ରୁ ଅଧିକ ଖେଳାଳି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲା ଦଳ ୭ଟି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନ ଗ୍ରହଣ କରିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ବଲାଙ୍ଗୀର ଲନ୍ ବଲ କ୍ଲବ ୨ଟି ସ୍ୱର୍ଣ୍ଣ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀରରେ କୃତି ଖେଳାଳିଙ୍କୁ ବଲାଙ୍ଗୀର ବିଧାୟକ ତଥା ଇଣ୍ଡିଆ ରାଇଫଲ ଆସୋସିଏଶନ୍ ସଭାପତି କଲିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ।


ବିଧାୟକ କଲିକେଶ ନାରାୟଣ ସିଂଦେଓ ଚାମ୍ପିୟନ ଲନ୍‌ବଲ ଟିମ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**National Dairy Development Board**
PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

INVITATION FOR BIDS (IFB) / LOCAL COMPETITIVE BIDDING (LCB)

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**
**NB: Any corrigendum/modification etc. will be posted only on these websites**

**GOVERNMENT OF ODISHA** No.B-374
**SUPERINTENDING ENGINEER, BOUDH (R&B) DIVISION, BOUDH**
E-Mail : eeboudhrb@gmail.com
**INVITATIONS FOR BIDS (IFB)**
"e" Procurement Notice

Letter No. : 3568 Dtd. : 27.09.2024
Bid Identification No. SE (R&B)-BDH 05/2024-25

| | | |
|---|---|---|
| 1 | Name of the work | 01 (One) No. of Civil work (Double cover) |
| 2 | Estimated Cost | 71.40 lakh |
| 3 | Period of Completion | 03 (Three) Calendar months |
| 4 | Date & Time of availability of Bid documents in the portal | From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | 24.10.2024 up to 1.00 P.M. |
| 6 | Last date/time for receipt of bids in the portal | Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | 25.10.2024 at 11.30 A.M. |
| 8 | Name and address of the O.I.T. | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0005/2425

**ODISHA NURSES & MIDWIVES REGISTRATION COUNCIL** No.E-383
Directorate of Medical Education & Training, Odisha
Bhubaneswar, Odisha-751001, E.mail : onmrcnrts@gmail.com

Notice No. : 5958 Dt. : 05.10.2024
**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)** No.C-709
Letter No. 8604 Date : 01.10.2024
Invitation for Bids
COMPETATIVGE BIDDING THROUGH E-PROCUREMENT
Bid Identification No. BMC (BAM) 298/2024-2025

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner, Berhampur Municipal Corporation Berhampur, Odisha
OIPR-13035/11/0010/2425

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶ ଲୋଡ଼ା

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ଭାବନା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ, ମୋହନ ଚରଣ ମହାନ୍ତଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କରିସ୍ମା ପଟେଲ, ଦ୍ୱାରୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ଛାତ୍ରୀ ଶ୍ରୁତି ପଟେଲ ଏବଂ ଛାତ୍ର ଡିଲେଶ୍ୱର ବଢ଼େଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଉତ୍କର୍ଷ ଭୋଇ ଏବଂ ଦ୍ୱାରୀକାଧୀଶ ହାଇସ୍କୁଲର ଛାତ୍ରୀ ପିଙ୍କି ବଢ଼େଇଙ୍କୁ ସ୍ୱାନ୍ତନାମୂଳକ ପୁରସ୍କାର ଦିଆଯାଇଥିଲା। ଅମ୍ବାଭୋନା ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର ସତ୍ୟରାମ ମାଝି ଏବଂ ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ମ୍ୟାନେଜର ମୂରଲୀଧର ଗଡ଼ତିଆ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି କେଦାର ନାଏକ, ଶିକ୍ଷକ ସଞ୍ଜୟ ଖମାରୀ, ମିଳନ ପଟେଲ, ସ୍ୱାଧୀନ ସାହୁ, ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମଚରଣ ନାଏକ, ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଆକୁଳ ବାଗ, ଶିକ୍ଷୟିତ୍ରୀ ବବଲି ଭେସ୍ରା, ଇନ୍ଦୁ ବଘେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଯୁବ ସାମାଜିକକର୍ମୀ ଦିଗାମ୍ବରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

**ସୁନ୍ଦରଗଡ,୬।୧୦**
**(ଜୟ ନାରାୟଣ ମେଣ୍ଡୁଲି)**

ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ବ୍ୟାପକ ସଚେତନତା, ବିକଳ୍ପ ଆୟଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ତଥା ତୃଣମୂଳ ସ୍ତରର ଅନୁଷ୍ଠାନଗୁଡ଼ିକର ସୁଦୃଢ଼ୀକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୁବ ସମାଜସେବୀ ଦିଗାମ୍ବର ଉପାଧ୍ୟାୟଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁନ୍ଦରଗଡ ବନଖଣ୍ଡ ତରଫରୁ ଆୟୋଜିତ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଉପାଧ୍ୟାୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୁନ୍ଦରଗଡ ସଦ୍‌ଭାବନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହ ଉପାଧ୍ୟାୟଙ୍କୁ ମାନପତ୍ର ଓ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ପୌରାଞ୍ଚଳ ପୌରାଧ୍ୟକ୍ଷା ତନୟା ମିଶ୍ର, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆଶୁତୋଷ ନାଏକ ଉପାଧ୍ୟାୟଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ପ୍ରକାଶଥାଉ କି, ଝୁରିମାଲ ଓ ସାଗରପାଲି ବନ ସୁରକ୍ଷା ସମିତିକୁ ରାଜ୍ୟ ସ୍ତରୀୟ ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତି ପୁରସ୍କାର ମିଳିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ଉପାଧ୍ୟାୟ।



ଅତିଥିମାନେ ପ୍ରକୃତିବନ୍ଧୁ ସମ୍ମାନରେ ପୁରସ୍କୃତ କରୁଛନ୍ତି।

# ବିଜୁଳି ବନ୍ଧ ସମ୍ପର୍କିତ ବୈଠକ

**ସୁନ୍ଦରଗଡ଼,୬।୧୦**
**(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଦ୍‌ଭାବନା ଭବନଠାରେ ବିଜୁଳି ବନ୍ଧ ସମ୍ପର୍କିତ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁଳି ବନ୍ଧର ବିକାଶ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସଦର ବିଧାୟକ ଯୋଗେଶ କୁମାର ସିଂ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ଏମପି ପ୍ରତିନିଧି ସନ୍ତୋଷ ଅମାତ, ସଦର ଉପଜିଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଜୁଳି ବନ୍ଧର ବିକାଶ ଦିଗରେ ଆଲୋଚନା କରିଥିଲେ। ବୈଠକରେ ବିଶେଷ କରି ବିଜୁଳି ବନ୍ଧର ବିକାଶ ନିମନ୍ତେ ପୂର୍ବ ବର୍ଷ ଗୁଡିକରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ତଥା ବର୍ତ୍ତମାନ ତାହାର କିଭଳି ଭାବେ ବିକାଶ କରାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ ପିପିଟି ମାଧ୍ୟମରେ ବନ୍ଧର ବିକାଶ ତଥା ସେଠାରେ କରାଯିବାକୁ ଥିବା ବିଭିନ୍ନ ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ଉପସ୍ଥାପନ କରିଥିଲେ। ଯେପରି କି ପାର୍କିଂ ବ୍ୟବସ୍ଥା, ମୁକ୍ତାକାଶ ଜିମ, ଶିଶୁଙ୍କ ଖେଳିବା ସ୍ଥାନ, ବସିବା ନିମନ୍ତେ ସ୍ଥାନ, ଶୌଚାଳୟ, ଫୁଡ କୋର୍ଟ, ସ୍ମରଣିକା ଦୋକାନ, ଚେସ ବୋର୍ଡ, ହର୍ବାଲ ବଗିଚା ,ଚଲାପଥ, ଯୋଗ ହଲ, ସେଲଫି ପଏଣ୍ଟ, ଫୁଆରା ଆଦି। ଏହାଛଡା ସେଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ସରିଯାଇଥିବା ବିଭିନ୍ନ କାର୍ଯ୍ୟ ଉପରେ ମଧ୍ୟ ସୂଚନା ଦେଇଥିଲେ। ବୈଠକରେ ବିଜୁଳି ବନ୍ଧର ବିକାଶ ନିମନ୍ତେ ଗୁଣବତ୍ତା ତଥା ଦୀର୍ଘସ୍ଥାୟୀ ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦେବାକୁ ଆଲୋଚନା କରାଯାଇଥିଲା। ସେହିପରି ବନ୍ଧର ବିକାଶ ନିମନ୍ତେ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ ତଥା ଜନ ପ୍ରତିନିଧିଙ୍କ ଦ୍ୱାରା ଗଠିତ ଦଳ ଦ୍ୱାରା ନିରୀକ୍ଷଣ କରାଯିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ବନ୍ଧର ବିକାଶ କାର୍ଯ୍ୟ କିଭଳି ଭାବେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ବିଜୁଳି ବନ୍ଧର ବିକାଶ ହେଲେ ଏହା ସହରର ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ତଥା ଅବସର ବିନୋଦନ ପାଇଁ ପ୍ରମୁଖ ସାଧନ ହୋଇପାରିବ। ତେଣୁ ବନ୍ଧର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ଭଲିବଲ: ବିଶ୍ରା ବ୍ଲକ ଚାମ୍ପିୟନ



ଚାମ୍ପିୟନ ଦଳ ସହ ସହଯୋଗୀ।

**ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)**

ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଦ୍ୱାରା ଆୟୋଜିତ ଭଲିବଲ ପ୍ରତିଯୋଗିତାର ୧୭ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ରା ବ୍ଲକ ଚାମ୍ପିୟନ ହୋଇଛି। ସେମିଫାଇନାଲରେ ବିଶ୍ରା ଦଳ ସୋୟମ୍ବା ଦଳକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଫାଇନାଲ ମ୍ୟାଚ୍ ବିଶ୍ରା ଓ ହେମଗିରି ମଧ୍ୟରେ ହୋଇଥିଲା। ଫାଇନାଲରେ ବିଶ୍ରା ଦଳ ହେମଗିରି ଦଳକୁ ହରାଇ ଚମ୍ପିୟନ ହୋଇଥିଲା। ବିଶ୍ରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହିର ସୌମ୍ୟରଞ୍ଜନ ଗାଡିଆ ଚାମ୍ପିୟନ ଟିମ୍‌ର କୋଚ୍ ଓ ପାବ୍ରିନ ଟପ୍ପୋ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାମ୍ପିୟନ ଦଳ ଭଲିବଲ ପ୍ରଶିକ୍ଷଣ ନେଇଛନ୍ତି।

# ରାଜପୁତ କ୍ଷତ୍ରିୟ ସମାଜ ବୈଠକ

**ସୁନ୍ଦରଗଡ,୬।୧୦**
**(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ରାଜପୁତ କ୍ଷତ୍ରିୟ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସାଧୀନ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ସର୍ବ ପ୍ରଥମେ ସମ୍ପାଦକ ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମାଜର ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହ କିପରି ପ୍ରତ୍ୟେକ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସମାଜର ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ କମିଟି ଗଠନ କରାଗଲା। ସଭାପତି ଭାବେ ରାଜୁ ଠାକୁର, ଉପସଭାପତି ଯତୀନ୍ଦ୍ର ଶେଖର ଦେଓ, ସମ୍ପାଦକ ପୀତାମ୍ବର ଶେଖର ଦେଓ, ଯୁଗ୍ମ ସମ୍ପାଦକ ଅନିଲ କୁମାର ସିଂ, କୋଷାଧ୍ୟକ୍ଷ ଆନନ୍ଦ ଠାକୁର ଓ ମିଡ଼ିଆ ପ୍ରଭାରୀ ଭାବେ ପପୁ ପ୍ରସାଦ ସିଂ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା କମିଟିରେ ଜଗଦୀପ ପ୍ରତାପ ଦେଓ, କୁଞ୍ଜବିହାରୀ ଛତ୍ରିଆ, ଦେବେନ୍ଦ୍ର ଶେଖର ଦେଓ, ଲକ୍ଷ୍ମୀ ସିଂ ରାଠୋର,ସମରେନ୍ଦ୍ର ଠାକୁର, ଭୋପାଳ ଚନ୍ଦ୍ର ଦେଓ, ପ୍ରଦୀପ ସାଏ ଦେଓ, ପ୍ରଣବ କୁମାର ସିଂ,ଚୂଡାମଣି ସିଂ,ବୀର ବିକ୍ରମ ସିଂଦେଓ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶେଷରେ ପୂର୍ବତନ ଉପସଭାପତି ମନୋଜ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

**GOVERNMENT OF ODISHA** No.B-374

**SUPERINTENDING ENGINEER, BOUDH (R&B) DIVISION, BOUDH**

E-Mail : eeboudhrb@gmail.com

**INVITATIONS FOR BIDS (IFB)**

"e" Procurement Notice

Letter No. : 3568 Dtd. : 27.09.2024

Bid Identification No. SE (R&B)-BDH 05/2024-25

| | | |
|---|---|---|
| 1 | Name of the work | 01 (One) No. of Civil work (Double cover) |
| 2 | Estimated Cost | 71.40 lakh |
| 3 | Period of Completion | 03 (Three) Calendar months |
| 4 | Date & Time of availability of Bid documents in the portal | From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | 24.10.2024 up to 1.00 P.M. |
| 6 | Last date/time for receipt of bids in the portal | Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | 25.10.2024 at 11.30 A.M. |
| 8 | Name and address of the O.I.T. | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Additional Chief Engineer,
Boudh (R&B) Division, Boudh

OIPR-34134/11/0005/2425

# ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ପୂଜନୋତ୍ସବ ଅବସରରେ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ରବିବାର ମାଁ ସମଲେଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ସହିତ ପୂଜାର୍ଚ୍ଚନା କଲେ ସକଳ ରୋଗ, ଶୋକ ବିନଷ୍ଟ ହୋଇଯାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଦୁର୍ଗା ପୂଜା ପାଇଁ ଶାନ୍ତି କମିଟି ବୈଠକ

**ସୁନ୍ଦରଗଡ,୬।୧୦**
**(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସହରରେ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଟାଉନଥାନା ପୋଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମା ଏସଡିପିଓ ହିମାଂଶୁ ଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ଟ୍ରକ ମାଲିକ ସଂଘ, ବଜରଙ୍ଗ ଦଳ,ସଦର ଓ ଡେଙ୍ଗିଭାଡି ମସଜିଦ କମିଟି ତଥା ଆନ୍ୟାନ୍ୟ ସଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦୁର୍ଗାପୂଜା ଠାରୁ ଦଶହରା, ରାବଣ ପୋଡିଓ ଭସାଣୀ ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ କରିବା ନିମନ୍ତେ ସଦର ଏସଡିପିଓ ସମସ୍ତଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରିଥିଲେ। ପୂଜା ସମୟରେ ସହରରେ ଟ୍ରାଫିକ ବ୍ୟବସ୍ଥା,ବେପାରୁଆ ବାଇକ ଚାଳନା, ଅବାଧ ନିଶାକାରବାର ରୋକିବା ଦିଗରେ କାର୍ଯ୍ୟାନୁଷ୍ଠାନ ଓ ପୂଜା ମଣ୍ଡପ ଗୁଡିକରେ ତଥା ଭସାଣୀ ସମୟରେ ଶ୍ରୁତିକଟୁ ଡିଜେ ସାଉଣ୍ଡ ବ୍ୟବହାର ଉପରେ ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ଟାଉନଥାନା ଆଇଆଇସି ଆଦିତ୍ୟ ମହାକୁଳ,ଏସଆଇ ଡୋଳାମଣି ନାଏକ,ସୁନୀଲ ମହନ୍ତଙ୍କ ସମେତ ଆରଆର ଆଇଟି କଲୋନୀ(ଇବ ନଗର),ରଙ୍ଗାଢିପା, ରିଜେଣ୍ଟ ମାର୍କେଟ,ବ୍ରାହ୍ମଣ ପଡା, ହସ୍ପିଟାଲ ଛକ,ଦୟା ଧର୍ମଶାଳା, ଶଙ୍କରା, ରିଜର୍ଭ ପୋଲିସ ଲାଇନ ଆଦି ୧୧ଟି ପୂଜା କମିଟିର କର୍ତ୍ତା ଯୋଗ ଦେଇଥିଲେ।

**ODISHA NURSES & MIDWIVES REGISTRATION COUNCIL**

Directorate of Medical Education & Training, Odisha

Bhubaneswar, Odisha-751001, E.mail : onmrcnrts@gmail.com

No.E-383

Notice No. : 5958 Dt. : 05.10.2024

**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC

# ସାଧୁବାହାଲ ଜଙ୍ଗଲରେ ୧୧ ଟିକିଆ ହାତୀ ପଲ

**ଲହୁଣୀପଡା,୬।୧୦(ଦାଶରଥି ପଣ୍ଡା)**

## ଆତଙ୍କିତ ଅବସ୍ଥାରେ ଅଞ୍ଚଳବାସୀ

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଲିପୋଷ ବନାଞ୍ଚଳ ତଥା ଖୁଣ୍ଟଗାଁ ପଞ୍ଚାୟତ ସାଧୁବାହାଲ ଜଙ୍ଗଲରେ ଲୁଚି ରହିଥିବା ୧୧ ଟିକିଆ ହାତୀ ପଲ ଯୋଗୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀଙ୍କୁ ଘଉଡାଇବା ପାଇଁ ବନ ବିଭାଗ କର୍ମଚାରୀମାନେ ନାକେ ଦମ ହୋଇ ପଡିଲେଣି। ହାତୀପଲ ଦିନ ସାରା ଜଙ୍ଗଲ ଭିତରେ ଲୁଚି ରହିଥିବା ବେଳେ ସନ୍ଧ୍ୟା ସମୟରେ ଜଙ୍ଗଲରୁ ବାହାରି ପାଚିଲା ଧାନ ପନିପରିବାକୁ ଖାଇବା ସହିତ ମାଡ଼ି ଦଳି ନଷ୍ଟ କରିଦେଉଛନ୍ତି। ବରସୁଆଁ ବନାଞ୍ଚଳରୁ ପ୍ରାୟ ୧୦ ଏବଂ ବଣେଇ ଅଞ୍ଚଳରୁ ଗୋଟାଏ ଦନ୍ତାହାତୀ ଆସି ସାଧୁବାହାଲ ଜଙ୍ଗଲରେ ରହିଛନ୍ତି। ଖବର ପାଇ କୁଳିପୋଷ ରେଞ୍ଜର ସୁଚିସ୍ମିତା ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଦୀପ କୁମାର ଭୋଇ, ବନରକ୍ଷୀ ଅମିତ ବେହେରାଙ୍କ ନେତୃତ୍ୱରେ ଏବଂ ଗଜସାଥି ସ୍କାର୍ଡ, ବନସୁରକ୍ଷା କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀ ପଲକୁ ଘଉଡାଇବା ପାଇଁ ବାଜା ବଜାଇ, ବାଣ ଫୁଟାଇବା ସହିତ ବିଭିନ୍ନ ସ୍ଥାନରେ ନିଆଁ ଜଳାଉଥିବା ଜଣାପଡିଛି।

# ଚାମ୍ପିୟନ ଲନ୍ ବଲ ଦଳକୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ କୋର୍ଟରେ ଗତ ସେପ୍ଟେମ୍ବର ୨୯ରୁ ୧ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଦ୍ୱିତୀୟ ଓଡିଶା ରାଜ୍ୟ ଲନ୍ ବଲ ପ୍ରତିଯୋଗିତାରେ ଚାମ୍ପିୟାନ ହୋଇଥିବା ବଲାଙ୍ଗୀର ଲନ୍ ବଲ ଦଳକୁ ବିଧାୟକ କଳିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ଲନ୍ ବଲ ପ୍ରତିଯୋଗିତାରେ ୧୨ଟି ଜିଲ୍ଲାରୁ ୨୦୦ରୁ ଅଧିକ ଖେଳାଳି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲା ଦଳ ୭ଟି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନ ଗ୍ରହଣ କରିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ବଲାଙ୍ଗୀର ଲନ୍ ବଲ କ୍ଲବ ୨ଟି ସ୍ୱର୍ଣ୍ଣ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀରରେ କୃତି ଖେଳାଳିଙ୍କୁ ବଲାଙ୍ଗୀର ବିଧାୟକ ତଥା ଇଣ୍ଡିଆ ରାଇଫଲ ଆସୋସିଏଶନ୍ ସଭାପତି କଳିକେଶ ନାରାୟଣ ସିଂଦେଓ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ।



ବିଧାୟକ କଳିକେଶ ନାରାୟଣ ସିଂଦେଓ ଚାମ୍ପିୟନ ଲନ୍‌ବଲ ଟିମ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**National Dairy Development Board**

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**
**NB: Any corrigendum/modification etc. will be posted only on these websites**

**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)** No.C-709

Letter No. 8604 Date : 01.10.2024

Invitation for Bids

COMPETATIVGE BIDDING THROUGH E-PROCUREMENT

Bid Identification No. BMC (BAM) 298/2024-2025

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner,
Berhampur Municipal Corporation
Berhampur, Odisha

OIPR-13035/11/0010/2425

# ମହିଳା ଚାଷୀଙ୍କୁ ସ୍ୱାବଲମ୍ବୀ କରିବ ମହୁଚାଷ

## ମୁସାକାନି ରେ ସିଏସ୍ଆଇଆର୍ ହନି ମିଶନ ପ୍ରଶିକ୍ଷଣ

ସମ୍ବଲପୁର, ୬।୧୦ (ଭବାନୀ ଶଙ୍କର ଭୋଇ)

ସିଏସ୍ଆଇଆର୍ (ବୈଜ୍ଞାନିକ ଏବଂ ଔଦୋଗିକ ଅନୁସନ୍ଧାନ ପରିଷଦ) ପକ୍ଷରୁ ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ମୁଶାକାନୀରେ ହନି ମିଶନ ଅଧୀନରେ ଚାରିଦିନିଆ ପ୍ରଶିକ୍ଷଣ ଏବଂ ବଣ୍ଟନ କାର୍ଯ୍ୟକ୍ରମ କରାଯାଉଛି । ସିଏସ୍ଆଇଆର୍ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗ କରିଛି। ବୈଜ୍ଞାନିକ ଜ୍ଞାନ କୌଶଳ ଅବଲମ୍ବନ କରି ମଧୁମକ୍ଷୀ ପାଳନ କରି ଗ୍ରାମୀଣ ଚାଷୀଙ୍କୁ ସକ୍ଷମ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ବୋଲି ସିଏସ୍ଆଇଆର ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ମଧୁ ଉତ୍ପାଦନକୁ ବୃଦ୍ଧି କରିବା ଏବଂ ଚାଷୀମାନଙ୍କ ଆୟକୁ ବୃଦ୍ଧି କରିବା ନେଇ ସିଏସ୍ଆଇଆର ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଅବସରରେ ସିଏସ୍ଆଇଆର୍ ପକ୍ଷରୁ କୁଶାକାନୀ ଅଞ୍ଚଳର ୩୦ ମହିଳା ଚାଷୀଙ୍କୁ ୧୫୦ଟି ମହୁ ଚାଷ ଯନ୍ତ୍ର ପ୍ରଦାନ କରାଯାଇଥିଲା। ସେମାନେ ଚାରିଦିନ ଧରି ପ୍ରଶିକ୍ଷଣ ନେବା ପରେ ମହୁମାଛି ଚାଷ କରି ନିଜର ଆୟ ବୃଦ୍ଧି କରିପାରିବେ। ପୂର୍ବରୁ ସବୁଜ ସନତପାଲି କୃଷକ ଉତ୍ପାଦନ କମ୍ପାନୀର ଚାଷୀମାନେ, ସିଏସ୍ଆଇଆରର ଫ୍ଲୋରିକଲଚର୍ ମିଶନ ଦ୍ୱାରା ମାଗଣାରେ ଫୁଲଚାରା ପାଇ ଫୁଲଚାଷ କରୁଛନ୍ତି। ତେଣୁ ଫୁଲଚାଷ ସହ ଏକୀକୃତ କୃଷି ପ୍ରଣାଳୀରେ ମହୁମାଛି ଚାଷ କରିବା ଦ୍ୱାରା ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ। ସିଏସ୍ଆଇଆରର ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସନୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସବୁଜ ସତାନତପାଲି କୃଷକ ଉତ୍ପାଦକ କମ୍ପାନୀ ସ୍ଥାନୀୟ ଚାଷୀମାନଙ୍କୁ ମହୁଚାଷ ସମୟରେ ସହଯୋଗ କରିବାକୁ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବସରରେ ଉଦ୍ଭିଦ ଗବେଷଣା କେନ୍ଦ୍ରର ବିଶେଷଜ୍ଞ ଡ. ସୌମିତ କୁମାର ବେହେରା ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶକ ମନବୋଧ ବାରିକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମ୍ବଲପୁର ଜିଲାରେ ଫୁଲଚାଷକୁ ଅଧିକ ପ୍ରସାର କରିବା ପାଇଁ ଫୁଲଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସନୀ ସୂଚନା ଦେଇଛନ୍ତି।



ମହିଳା ଚାଷୀଙ୍କୁ ମହୁ ଚାଷଯନ୍ତ୍ର ପ୍ରଦାନ କରାଯାଉଛି ।

# ରାଇସ୍ ମିଲକୁ ପ୍ରଦୂଷଣ ବିଭାଗ ନୋଟିସ

ସମ୍ବଲପୁର, ୬।୧୦(ଭବାନୀ ଶଙ୍କର ଭୋଇ)

ମାଲତି ଗୁଣ୍ଡେରପୁରଠାରେ ଥିବା ଶିବଶକ୍ତି ରାଇସ୍ ମିଲକୁ ବନ୍ଦ କରିବା ପାଇଁ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଶନିବାର ନୋଟିସ ଜାରି କରାଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି ଯେ ସେପ୍ଟେମ୍ବର ୩୦ରେ ବୋର୍ଡ ଦ୍ୱାରା କରାଯାଇଥିବା ଯାଞ୍ଚରେ ଉକ୍ତ ମିଲରୁ ଦୁଷିତଜଳ ବିଶୋଧନ ନକରି ସିଧାସଳଖ ନିଷ୍କାସିତ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହି ଦୂଷିତ ଜଳର ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯିବା ପରେ ଏହା ପ୍ରଦୂଷଣ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଥିଲା। ତେଣୁ ନୋଟିସ୍‌ର ୧୫ ଦିନ ମଧ୍ୟରେ ସମ୍ପୃକ୍ତ ରାଇସ୍‌ମିଲକୁ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୫ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନମିଳିଲେ ବିନା ସୂଚନାରେ ରାଇସ ମିଲ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି।

# ଅନୁସୂଚିତ ଜାତି, ଜନଜାତି ବିକାଶ ପରିଷଦ ବୈଠକ


ନବଗଠିତ ପରିଷଦ କର୍ମକର୍ତ୍ତାଙ୍କ ସହ ନେତୃବର୍ଗ।

କୁଚିଣ୍ଡା, ୬।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦର ଏକ ବୈଠକ ରବିବାର ସ୍ଥାନୀୟ ଶ୍ରମିକ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ମନ୍ଦାକିନୀ ଦ୍ୱିତୀଆଚାନ୍ଦ, ଜନକାମିଲ ଲାକ୍ରା, ଇରାଶିସ ନାଏକ ଯୋଗଦେଇ ଆଦିବାସୀ, ହରିଜନ ସମ୍ପ୍ରଦାୟର ସାମୁହିକ ଉନ୍ନତି ଉପରେ ଆଲୋଚନା କରିଥିଲେ। ପରେ କୁଚିଣ୍ଡା ବ୍ଲକ ଓ ଏନଏସିସ୍ତରୀୟ କମିଟି ଗଠନ କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ କୁଚିଣ୍ଡା ବ୍ଲକ ପାଇଁ ଲିଙ୍ଗରାଜ ବାଘ ସଭାପତ, ହିମାଂଶୁ ଅମାତ ସମ୍ପାଦକ ମନୋନୀତ ହୋଇଛନ୍ତି। ସେହିପରି କୁଚିଣ୍ଡା ଏନଏସି ପାଇଁ ସଞ୍ଜୟ ମହାନନ୍ଦ ସଭାପତି, ସୋଉଲ ଲାକ୍ରା ଓ ସଞ୍ଜୟ ବେହେରା ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ମନୋରଞ୍ଜନ ଭୋଇ ବୈଠକ ପରିଚାଳନା କରିଥିବା ବେଳେ ଯୁଧିଷ୍ଠିର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ସାଧାରଣ ପରିଷଦ ବୈଠକ


ବୈଠକରେ ଉପସ୍ଥିତ ସଂଘ ସଦସ୍ୟାସଦସ୍ୟ।

ସମ୍ବଲପୁର,୬।୧୦(ପ୍ରମୋଦ ବହିଦାର)

ଜାତୀୟ ଶିକ୍ଷାନୀତି ପାଠ୍ୟକ୍ରମ ଅନୁଯାଇ ଶାରୀରିକ ଶିକ୍ଷକଙ୍କୁ ଶିକ୍ଷାଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଯଦ୍ୱାରା ଶାରୀରିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପାଠ୍ୟପୁସ୍ତକ ଆଧାରିକ ଶିକ୍ଷା ପ୍ରଦାନ କରାଯିବ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ରାଜ୍ୟ ମାଧ୍ୟମିକ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକରେ ଯୋଗଦେଇ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସଂଘ ସଭାପତି ଅମରେନ୍ଦ୍ର ସ୍ୱାଇଁ, ସମ୍ପାଦକ କାର୍ତ୍ତିକ ନାୟକ ସେମାନଙ୍କ ଦୀର୍ଘ ଦିନର ଦାବି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସଂଘର ନ୍ୟାର୍ଯ୍ୟ ଦାବି ଗୁଡ଼ିକୁ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୂଜାରୀ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଉପଦେଷ୍ଟା ସଚିନ୍ଦ୍ର ପଟେଲ, ସଞ୍ଜିବ ପଣ୍ଡା, ତ୍ରିବିକ୍ରମ ରଣା, ଭୀମସେନ ବାରିକଙ୍କ ସହ ରାଜ୍ୟର ସମସ୍ତ ଜିଲାର ବହୁ ସଂଖ୍ୟାରେ କ୍ରୀଡ଼ା ଓ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ରାଜ୍ୟ ଉପସଭାପତି ଦିବଜ୍ୟୋତି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ସଂସ୍କୃତିରେ ମହିଳା ପୁରୁଷର ସମକକ୍ଷ

## ଭାରତ ଇତିହାସର ସଠିକ ଆକଳନ ଆବଶ୍ୟକ

ସମ୍ବଲପୁର,୬।୧୦(ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଏବଂ ଭାରତୀୟ ଶିକ୍ଷଣ ମଣ୍ଡଳ ପକ୍ଷର ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ସରକାର୍ଯ୍ୟବାହ ଡା. କୃଷ୍ଣଗୋପାଳ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତୀୟ ସଂସ୍କୃତିର ଏକକରଣ ଏବଂ ବୀରଙ୍ଗନା ଅହଲ୍ୟାବାଇ ହୋଲକରଙ୍କ ଜୀବନ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସଂସ୍କୃତିରେ ମହିଳା ପୁରୁଷର ସହଯୋଗୀ ନୁହେଁ ସମକକ୍ଷ ବୋଲି ସେ ମତ ଦେଇଥିଲେ। ସେଥିପାଇଁ ମହିଳା କେବଳ ପୁରୁଷର ଆବଶ୍ୟକତା ପୂରଣ ପାଇଁ ଜନ୍ମ ନହୋଇ ନିଜସ୍ୱ ପ୍ରତିଭା ପ୍ରଦର୍ଶନ କରି ଦେଶର ଗୌରବ ବୃଦ୍ଧି କରି ପାରିଛି। ବୈଦିକ ଯୁଗରୁ ଋଷିକାମାନେ ଋଷି ମାନଙ୍କ ସହ ସମାନ ଭାବେ ଅଧ୍ୟୟନ କରି ବେଦର ଶ୍ଳୋକମାନ ରଚନା କରିଛନ୍ତି। ବେଦରେ ବିବାଦ ପାଇଁ ସୂର୍ଯ୍ୟା ନାମକ ଋଷିକା ଯେଉଁ ଶ୍ଳୋକ ରଚନା କରିଥିଲେ। ଆଜି ମଧ୍ୟ ସେହି ଶ୍ଳୋକରେ ବିବାହ କାର୍ଯ୍ୟ ସମ୍ପାଦିତ ହୋଇ ଆସୁଛି। ମୋଗଲ ସମୟରୁ ଭାରତୀୟ ସଂସ୍କୃତିର ଅଧୋପତନ ଆରମ୍ଭ ହୋଇଥିବା ବେଳେ ଭାରତୀୟ ସଂସ୍କୃତିକୁ ନିମ୍ନସ୍ତରରଭାବେ ଦର୍ଶାଇବାକୁ ଚେଷ୍ଟା କରାଯାଇଛି ବୋଲି ଡା. କୃଷ୍ଣଗୋପାଳ କହିଥିଲେ। ବୀରଙ୍ଗନା ଅହଲ୍ୟାବାଇ ହୋଲକର ମହିଳାମାନଙ୍କ ସମ୍ମାନ ଏବଂ ଅଧିକାର ପାଇଁ ସଂଘର୍ଷ କରିଥିଲେ। ତାଙ୍କର ସର୍ବଭାରତୀୟ ଭାବନା ପାଇଁ ଇନ୍ଦୋର ସହର ଆଜି ବିକାଶିତ ହୋଇପାରିଛି। ଏହାସହ କେଦାରନାଥ, ବଦ୍ରୀନାଥ ଭଳି ଧାର୍ମିକ ସ୍ଥଳୀର ବିକାଶ କରାଇ ନିଜକୁ ସାରା ଦେଶରେ ପରିଚିତ କରାଇ ପାରିଥିଲେ। ଇଂରେଜମାନଙ୍କ ବିରୋଧରେ ସାରାଜୀବନ ସଂଘର୍ଷ କରିଥିବା ବେଳେ ଲୋକଙ୍କ ପାଇଁ ଅନେକ ବ୍ୟବସ୍ଥା କରାଇଥିଲେ। ତାଙ୍କ ବିଷୟରେ ଆଲୋଚନା ପ୍ରସଙ୍ଗ ପ୍ରକୃତରେ ଦେଶର ନାରୀ ଜାତିର ଇତିହାସ ଏବଂ ବର୍ତ୍ତମାନ ସ୍ଥିତି ଉପରେ ସମୀକ୍ଷା କରିବା ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ଡା. କୃଷ୍ଣଗୋପାଳ କହିଥିଲେ। ଭାରତୀୟ ଗବେଷକମାନେ ଦେଶର ପ୍ରକୃତ ଇତିହାସକୁ ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୋରାପୁଟ ସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗରାଜୁ, ଅଖିଳ ଭାରତୀୟ ଭାରତୀୟ ଶିକ୍ଷର ମଣ୍ଡଳର ଉପାଧକ୍ଷ ତଥା ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି, ଭାରତୀୟ ଶିକ୍ଷର ମଣ୍ଡଳ ବ୍ରଜ ପ୍ରାନ୍ତର ଡା. ପୁନମ ସିଂହ ଉପସ୍ଥିତ ଥିଲେ। ସେମିନାରରେ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ନିଶା ବନ୍ଦ ହେଲେ ନାରୀ ନିର୍ଯାତନା କମିବ



ଟିଠେଇପାଲି ଗ୍ରାମରେ ନିଶା ବନ୍ଦ କରିବାକୁ ଲୋକଙ୍କୁ ସଚେତନ କରାଯାଉଛି ।

ସମ୍ବଲପୁର,୬।୧୦(ଭବାନୀ ଶଙ୍କର ଭୋଇ)

ମିଳିତ ଓଡ଼ିଶା ନିଶା ନିବାରଣ ସଂଘ ପକ୍ଷରୁ ରବିବାର ସମ୍ବଲପୁର ଜିଲା ଧନକଉଡା ବ୍ଲକର ଟିଠେଇପାଲି ଗ୍ରାମରେ ନିଶା ବନ୍ଦ କରିବାକୁ ଲୋକମାନଙ୍କୁ ସଚେତନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ନିଶା ବ୍ୟବହାର ଯୋଗୁ ହେଉଥିବା ଅସୁବିଧା ବିଷୟରେ ସଚେତନ କରାଯାଇଥିଲା। ପରିବାର ଏବଂ ସମାଜର ଉନ୍ନତି ପାଇଁ ମହିଳାମାନେ ଅଣ୍ଟା ଭିଡିବା ଦରକାର । ନାରୀ ନିର୍ଯାତନା, ଘରୋଇ ହିଂସା, ଗରିବୀ ଏବଂ ଅଶିକ୍ଷା ଦୂର କରିବାକୁ ହେଲେ ସମାଜରୁ ନିଶାକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ସଂଘର ସମ୍ବଲପୁର ଜିଲା ସଂଯୋଜକ ସନ୍ଦିପ କୁମାର ଶ୍ରୀବାସ୍ତବ, କାର୍ତ୍ତିକ ପ୍ରସାଦ ବହିଦାର, ଜିଲା ଭାରତ ନିର୍ମାଣ ସଦସ୍ୟ ଚତୃଭୁଜ ଗର୍ଡିଆ,ମଞ୍ଜୁଲତା ଗର୍ଡିଆ, ବୈଦେହି ସୁନାନୀ, କମଳା ଧୁରୁଆ, ପୂର୍ବତନ ସରପଞ୍ଚ ସଦସ୍ୟା ଯଜ୍ଞସିନୀ ଧୁରୁଆ ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିଥିଲେ ।

# ପ୍ରଜ୍ଞା ପ୍ରବାହ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ

ସମ୍ବଲପୁର,୬।୧୦(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପରିସରରେ ପ୍ରଜ୍ଞାପ୍ରବାହ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ସରକାର୍ଯ୍ୟବାହ ଡ. କୃଷ୍ଣ ଗୋପାଳଜୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ଏଥିରେ ବୁର୍ଲା ଓ ନିକଟବର୍ତ୍ତୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଡ. କୃଷ୍ଣ ଗୋପାଳ ନିଜ ଅଭିଭାଷଣରେ ବ୍ୟକ୍ତିର କୃତିତ୍ୱ ଓ ଭାରତୀୟ ଦୃଷ୍ଟିକୋଣକୁ ନେଇ ଗବେଷଣା କରିବା, ଇତିହାସକୁ ପରଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ବିଭିନ୍ନ ଦେଶର ଉଦାହରଣ ଦେଇ, ସେ ଦେଶର ବିଶେଷତାଭିତ୍ତିକ ଗବେଷଣା ଓ ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଭାରତ ଭାଷା ଓ ଭୂଷା ଦୃଷ୍ଟିରୁ ବିବିଧ ଥିଲେ ମଧ୍ୟ ସଂସ୍କୃତିକ ଦୃଷ୍ଟିରୁ ଏକ ବୋଲି ଅଭିହିତ କରିଥିଲେ । ଭାରତୀୟ ପ୍ରାଚୀନ ସଂସ୍କୃତି, ଶିକ୍ଷା, ବିଜ୍ଞାନ, କଳା, ଭୂତତ୍ତ୍ୱ ବିଦ୍ୟା ତଥା ସ୍ଥାପତ୍ୟ ବିଦ୍ୟାକୁ ପାଶ୍ଚାତ୍ୟ ଗବେଷକ ଯେପରି ଭୁଲ ତଥ୍ୟ ଦେଇ ପ୍ରକାଶ କରି ଜନମାନସକୁ ଭ୍ରାନ୍ତ ଦିଗରେ ନେଇ ଯାଉଛନ୍ତି, ସେ ଦିଗରେ ମଧ୍ୟ ଗବେଷଣା କରି ପ୍ରକୃତ ସତ୍ୟ ବିଶ୍ୱ ସାମନାରେ ଉପସ୍ଥାପନ କରିବାକୁ ଆହ୍ୱାନ କରିଥିଲେ ।


ରବିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପରିସରରେ ପ୍ରଜ୍ଞା ପ୍ରବାହ ପକ୍ଷରୁ ବୁଦ୍ଧିଜୀବୀ ସମାବେଶରେ ଅତିଥି ଓ ବକ୍ତାମାନେ ।

# ଡକାୟତି ଉଦ୍ୟମ ପଣ୍ଡ, ୪ଗିରଫ


ଗିରଫ ୪ ଅଭିଯୁକ୍ତ।

କୁଚିଣ୍ଡା,୬।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସହର ଝୁଲେନପୋଲ ନିକଟରୁ ସ୍ଥାନୀୟ ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଚିଣ୍ଡା ଏନଏସି ୱାର୍ଡ ନଂ.୫ର ସୁବାସ ଓରଫ ରାମଭୋଲା ନାଏକ ଓ ମଣ୍ଟି ଝ୍ଞାନ, ୱାର୍ଡ ନଂ.୪ର ସାଗର ବିର୍ନେତ ଓ ସଇଡାର ସାଗର ଓରଫ କାର୍ତ୍ତିକେଶ୍ୱର କୁସୁମ। ପୋଲିସ ଏ ନେଇ ବିଏନଏସ ଧାରା ୩୧୦(୪)/୩୧୦(୫) ଅନୁଯାୟୀ ଏକ ମାମଲା(ନଂ.୪୧୪/୨୪) ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରିଛି। ପୋଲିସ ସେମାନଙ୍କଠାରୁ ୪ଟି ଛୁରି, ଲୁହା ଛଡ, ମାସ୍କ ଓ ଲଙ୍କା ଗୁଣ୍ଡ ଜବତ କରିଛି। ଶନିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କୁଚିଣ୍ଡା ସହର ନିକଟ ଝୁଲେନ ପୋଲ ପାଖରେ କେତେଜଣ ବ୍ୟକ୍ତି ଏକତ୍ରିତ ହୋଇଥିବା ଦେଖିବାକୁପାଇଥିଲା। ସେମାନଙ୍କ ଉପରେ ଚଢାଉ କରି ଜେରା କରିବାରେ ଡକାୟତି ପାଇଁ ଯୋଜନା ଚଳାଇଥିବା ପୋଲିସ ଜାଣିବାକୁ ପାଇଥିଲା।

**GOVERNMENT OF ODISHA** No.B-374

**SUPERINTENDING ENGINEER, BOUDH (R&B) DIVISION, BOUDH**

E-Mail : eeboudhrb@gmail.com

**INVITATIONS FOR BIDS (IFB)**

"e" Procurement Notice

Letter No. : 3568 Dtd. : 27.09.2024

Bid Identification No. SE (R&B)-BDH 05/2024-25

| | | |
|---|---|---|
| 1 | Name of the work | : 01 (One) No. of Civil work (Double cover) |
| 2 | Estimated Cost | : 71.40 lakh |
| 3 | Period of Completion | : 03 (Three) Calendar months |
| 4 | Date & Time of availability of Bid documents in the portal | : From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | : 24.10.2024 up to 1.00 P.M. |
| 6 | Last date/time for receipt of bids in the portal | : Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | : 25.10.2024 at 11.30 A.M. |
| 8 | Name and address of the O.I.T. | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Additional Chief Engineer, Boudh (R&B) Division, Boudh

OIPR-34134/11/0005/2425

**ODISHA NURSES & MIDWIVES REGISTRATION COUNCIL**

No.E-383

Directorate of Medical Education & Training, Odisha

Bhubaneswar, Odisha-751001, E.mail : onmrcnrts@gmail.com

Notice No. : 5958 Dt. : 05.10.2024

**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC

**National Dairy Development Board**

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159

Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact Group Head (Purchase), NDDB, Anand-388001

NB: Any corrigendum/modification etc. will be posted only on these websites

**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)** No.C-709

Letter No. 8604 Date : 01.10.2024

Invitation for Bids

COMPETATIVGE BIDDING THROUGH E-PROCUREMENT

Bid Identification No. BMC (BAM) 298/2024-2025

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner, Berhampur Municipal Corporation Berhampur, Odisha

OIPR-13035/11/0010/2425

## ସଂକ୍ଷେପରେ

### ଇସ୍ରାଏଲ୍‌ରେ ୟୁଏସ୍ କେନ୍ଦ୍ରୀୟ କମାଣ୍ଡ ମୁଖ୍ୟ



ଜେନେରାଲ ମାଇକେଲ ଇ. କୁରିଲା

ଜେରୁଜେଲମ୍,୬।୧୦

ଇରାନର ରକେଟ ଆକ୍ରମଣର ଠିକଣା ଜବାବ ଦେବା ଲାଗି ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ମୁଖ୍ୟ ଜେନେରାଲ ମାଇକେଲ ଇ. କୁରିଲା ଶନିବାର ଇସ୍ରାଏଲ୍‌ରେ ପହଞ୍ଚିଛନ୍ତି। ତାଙ୍କର ଏହି ଗସ୍ତ ଇସ୍ରାଏଲ୍ ଏବଂ ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ମଧ୍ୟରେ ସହଯୋଗ ବଢ଼ାଇବ ବୋଲି କୁହାଯାଉଛି। ଇରାନ ବିରୋଧରେ ଜୋର୍‌ଦାର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତିରେ ଆମେ ଅଧିକ ସମୟ ଓ ସମ୍ବଳ ବିନିଯୋଗ କରୁଥିବା ଆଇଡିଏଫ୍ ମୁଖପାତ୍ର କହିଛନ୍ତି। ଇରାନ ଆକ୍ରମଣର ଗମ୍ଭୀର ପରିଣତି ଭୋଗିବାକୁ ପଡ଼ିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି।

### ଆର୍.ଜି. କର ମେଡିକାଲ କଲେଜରେ ରାଗିଂ

**୧୦ ଡାକ୍ତର ବହିଷ୍କୃତ**

କୋଲକାତା,୬।୧୦

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ରାଗିଂ, ଜୁନିୟରମାନଙ୍କୁ ହଇରାଣ କରିବା ଏବଂ ହସ୍ପିଟାଲ ପରିସରରେ ଭୟର ବାତାବରଣ ସୃଷ୍ଟି କରିବା ଅଭିଯୋଗରେ ୧୦ ଜଣ ଡାକ୍ତରଙ୍କୁ ଏହାର ଇଣ୍ଟରନାଲ କାଉନ୍‌ସିଲ ବହିଷ୍କାର କରିଛି। ଧମକ ଦେବା ଓ ରାଗିଂ ଅଭିଯୋଗ ଉପରେ ତଦନ୍ତ ପରେ ଇଣ୍ଟରନାଲ କାଉନସିଲ ଉପରୋକ୍ତ ପଦକ୍ଷେପ ନେଇଛି। ବହିଷ୍କୃତ ଡାକ୍ତରମାନଙ୍କ ବିରୋଧରେ ଏକାଧିକ ଅଭିଯୋଗ ରହିଛି। ସେହପରି ଇର୍ଣ୍ଟର୍ନ, ଛାତ୍ର ଓ ହାଉସ୍ ଷ୍ଟାଫ୍ ସମେତ ୫୯ ଜଣଙ୍କୁ ସାମୟିକ ନିଲମ୍ବନ କରାଯାଇଛି।

# ବଢୁଛି 'ଡିଜିଟାଲ ଆରେଷ୍ଟ' ଅନ୍‌ଲାଇନ ଠକେଇ

- ଭିଡିଓ କଲ୍‌ରେ ଲୋକଙ୍କୁ ଗିରଫ କରେନି ସିବିଆଇ, ଇଡି
- ସ୍ପଷ୍ଟ କଲା ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର

ନୂଆଦିଲ୍ଲୀ,୬।୧୦



ଭାରତରେ 'ଡିଜିଟାଲ ଆରେଷ୍ଟ' ନାମରେ ଅନ୍‌ଲାଇନ ଠକେଇ ବଢ଼ିବାରେ ଲାଗିଛି। ଅପରାଧୀମାନେ ଏହି ସାଇବର ଅପରାଧ କୌଶଳକୁ ଡିଜିଟାଲ ଆରେଷ୍ଟ ନାଁ ଦେଇଛନ୍ତି। ତେବେ ସିବିଆଇ, ପୋଲିସ, ସୀମାଶୁଳ୍କ ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କିମ୍ବା ବିଚାରପତିମାନେ କାହାକୁ ଭିଡିଓ କଲ୍ ଜରିଆରେ ଗିରଫ କରି ନ ଥାନ୍ତି ବୋଲି ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର (ଆଇ୪ସି) ଏକ ଆଡଭାଇଜରି ଜାରି କରଛି। ଇଣ୍ଟରନେଟ୍ ବ୍ୟବହାର କରି ଅପରାଧୀମାନେ ଡିଜିଟାଲ ଆରେଷ୍ଟ ନାଁରେ ଲୋକଙ୍କୁ ଫସାଇ ଲୁଟୁଥିବା ସଂଘୀୟ ସାଇବର ସୁରକ୍ଷା ସଂସ୍ଥା ଜନସାଧାରଣଙ୍କୁ ସତର୍କ କରାଇ ଦେଇଛି। ଏଭଳି ଭିଡିଓ କଲ୍ କିମ୍ବା ଏସ୍‌ଏମ୍‌ଏସ୍ ଆସିଲେ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅପରାଧୀମାନେ ଲୋକଙ୍କ ପାଖକୁ ଏସ୍‌ଏମ୍‌ଏସ୍ ପଠାଇ କିମ୍ବା ଭିଡିଓ କଲ୍ ଜରିଆରେ ନିଜକୁ ପୋଲିସ, ସିବିଆଇ କିମ୍ବା ଇଡି ଅଧିକାରୀ ଭାବେ ପରିଚୟ ଦେଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତି କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ଡ୍ରଗ୍ ଚାଲାଣ, ମନିଲଣ୍ଡରିଂ କିମ୍ବା ପାଖରେ ବେଆଇନ ସାମଗ୍ରୀ ରଖିଥିବା ଅଭିଯୋଗ କରି ଭିଡିଓ କଲ୍ କରିଥିବା ବ୍ୟକ୍ତି ତାଙ୍କୁ ଡିଜିଟାଲି ଗିରଫ କରାଗଲା ବୋଲି କହିଥାନ୍ତି। ଏଭଳି କଲ୍ କରି ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭୟଭୀତ କରାଇବା ସହ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଦାବି କରିଥାନ୍ତି। ନିଜକୁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ୍ ଅଧିକାରୀର ପରିଚୟ ଦେଇ ୪.୯୫ ଲକ୍ଷ ଟଙ୍କା ଠକି ନେଇଥିବା ୨ ଜଣ ଅପରାଧୀଙ୍କୁ ଗତମାସରେ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଏଭଳି ଅନେକ ଘଟଣା ଗତ କିଛି ମାସ ମଧ୍ୟରେ ସାମ୍‌ନାକୁ ଆସିଲାଣି। ହ୍ୱାଟ୍ସଆପ୍ ଏବଂ ସ୍କାଇପେ ଭଳି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ଅପରାଧରେ ବ୍ୟବହାର କରାଯାଉଥିବା ନେଇ ଆଇ୪ସି ଏହାର ଆଡଭାଇଜରିରେ ସେଗୁଡ଼ିକର ଲୋଗୋ ଚିତ୍ରଣ କରିଛି। ଏଭଳି ଅପରାଧ ବିରୋଧରେ ସୁରକ୍ଷା ବଢ଼ାଇବାକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ସରକାରଙ୍କ ସାଇବର ସୁରକ୍ଷା ଏଜେନ୍ସି ସହ କାର୍ଯ୍ୟ କରୁଥିବା କହିଥିଲେ। ଏଭଳି କୌଣସି କଲ୍ ଆସିଲେ ତୁରନ୍ତ କେନ୍ଦ୍ରୀୟ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ୍ କରିବାକୁ କିମ୍ବା www.cyber-crime.gov.in ୱେବ୍‌ସାଇଟ୍‌ରେ ଜଣାଇବାକୁ ପରାମର୍ଶ ଦିଆଯାଇଛି।



ଭାରତୀୟ ବାୟୁସେନାର ୯୨ତମ ବାର୍ଷିକୀ ଅବସରରେ ରବିବାର ଚେନ୍ନାଇର ମାରିନା ବେଳାଭୂମିରେ ଆଇଏଏଫ୍ ଏରୋବେଟିକ୍ସ ଟିମ୍‌ର 'ସୂର୍ଯ୍ୟ କିରଣ' ଏୟାର ଶୋ'।

## ଟ୍ରମ୍ପ୍‌ଙ୍କ ସହ ଏକାଠି ପ୍ରଚାର କଲେ ମସ୍କ



ୱାଶିଂଟନ,୬।୧୦

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଶନିବାର ପେନ୍‌ସିଲଭାନିଆର ବଟ୍‌ଲରରେ ନିର୍ବାଚନ ପ୍ରଚାର କରିଥିବାବେଳେ ତାଙ୍କ ସହ ଟେସ୍‌ଲା ତଥା ସ୍ପେସ୍‌ଏକ୍ସ ମୁଖ୍ୟ ଏଲନ୍ ମସ୍କ ଉପସ୍ଥିତ ଥିଲେ। ଜୁଲାଇ ୧୩ରେ ଟ୍ରମ୍ପ୍ ବଟ୍‌ଲରଠାରେ ଏକ ର୍ୟାଲିକୁ ଉଦ୍‌ବୋଧନ ଦେଉଥିବାବେଳେ ତାଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ଗୁଳିମାଡ଼ରେ ତାଙ୍କ ଡାହାଣ କାନ କ୍ଷତାକ୍ତ ହୋଇଥିଲା। ଶନିବାର ଟ୍ରମ୍ପ୍ ମଞ୍ଚକୁ ବିଲିଅନେୟାର ମସ୍କଙ୍କୁ ଆମନ୍ତ୍ରଣ କରିବା ସହ ତାଙ୍କୁ ସେ ମଞ୍ଚ ଉପରେ 'ଅବିଶ୍ୱସନୀୟ ବ୍ୟକ୍ତି' ବୋଲି କହିଥିଲେ। ମସ୍କ ରାଲିରେ ଟ୍ରମ୍ପ୍‌ଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସମାଲୋଚନା କରିଥିଲେ। ଆମେରିକା ଗଣତନ୍ତ୍ରର ସୁରକ୍ଷା ପାଇଁ ଟ୍ରମ୍ପ୍ ନିଶ୍ଚୟ ଜିତିବେ। ଏହା ଆମ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ବୋଲି ମସ୍କ କହିଥିଲେ। ଟ୍ରମ୍ପ୍‌ଙ୍କୁ ଅଧିକରୁ ଅଧିକ ଭୋଟ ଦେବା ପାଇଁ ରିପବ୍ଲିକାନ୍ ସମର୍ଥକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଯଦି ତାହା ନ ହୁଏ, ତେବେ ଏହା ଶେଷ ନିର୍ବାଚନ ହେବ, ଏହା ତାଙ୍କର ପୂର୍ବାନୁମାନ ବୋଲି ଏକ୍ସ'ର ମାଲିକ ମସ୍କ କହିଛନ୍ତି।

### ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବହିଷ୍କାରକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୧୦

ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବହିଷ୍କାରକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ମହାରାଷ୍ଟ୍ରର ଏକ ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ବହିଷ୍କାର ପାଇଁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଜଣେ ମହିଳା ସରପଞ୍ଚ ସେମାନଙ୍କ ତରଫରୁ ନିଷ୍ପତ୍ତି ନେବ ଏବଂ ଉକ୍ତ ନିଷ୍ପତ୍ତିକୁ ସେମାନଙ୍କୁ ଅନୁପାଳନ କରିବାକୁ ହେବ, ଏହାକୁ ଗ୍ରାମବାସୀ ସହଜେ ହଜମ କରିପାରୁ ନ ଥିଲେ ବୋଲି ଖଣ୍ଡପୀଠ ଅନୁଭବ କରିଛନ୍ତି। ଦେଶ ଲିଙ୍ଗଗତ ସମାନତା ଏବଂ ସବୁ ବର୍ଗର ମହିଳାଙ୍କ ସଶକ୍ତୀକରଣ ପାଇଁ ଉଦ୍ୟମ ଚଳାଇଥିବାବେଳେ ନିର୍ବାଚିତ ସଂସ୍ଥାଗୁଡ଼ିକୁ ପର୍ଯ୍ୟାପ୍ତ ସଂଖ୍ୟାରେ ମହିଳା ପ୍ରତିନିଧି ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳି ସମୟରେ ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ବହିଷ୍କାର କରାଯିବା ଅତ୍ୟନ୍ତ ଗମ୍ଭୀର ମାମଲା ବୋଲି ଖଣ୍ଡପୀଠ ମାମଲାର ଶୁଣାଣି ବେଳେ କହିଥିଲେ।

## ଜୟଶଙ୍କରଙ୍କୁ ଭେଟିଲେ ମୁଇଜ୍ଜୁ

**ଆଜି ପ୍ରଧାନମନ୍ତ୍ରୀଙ୍କ ସହ ହେବ ଦ୍ୱିପାକ୍ଷିକ ଆଲୋଚନା**

ନୂଆଦିଲ୍ଲୀ, ୬।୧୦



ମହମ୍ମଦ ମୁଇଜ୍ଜୁ

ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ରବିବାର ତାଙ୍କ ୪ ଦିନିଆ ଭାରତ ଗସ୍ତ ଆରମ୍ଭ କରିଛନ୍ତି। ସେ ମାଳଦ୍ୱୀପର ପ୍ରଥମ ମହିଳା ସାଜିଦା ମହମ୍ମଦଙ୍କ ସହ ଦିଲ୍ଲୀରେ ଆସି ପହଞ୍ଚିଛନ୍ତି। ଏହାପରେ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ଜୟଶଙ୍କର ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ଥିବା ସମ୍ପର୍କକୁ ବଢ଼ାଇବା ପାଇଁ ମୁଇଜ୍ଜୁଙ୍କ ଏହି ଗସ୍ତ ସହାୟକ ହେବ ବୋଲି ସେ କହିଛନ୍ତି। ଉଭୟ ଦେଶର ପାରସ୍ପରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଇଜ୍ଜୁଙ୍କର ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜୟଶଙ୍କର ସୂଚନା ଦେଇଛନ୍ତି। ତେବେ ୪ ମାସ ମଧ୍ୟରେ ଏହା ହେଉଛି ମୁଇଜ୍ଜୁଙ୍କର ଦ୍ୱିତୀୟ ଭାରତ ଗସ୍ତ। ସେ ଗତ ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିଲେ। ତେବେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୁଇଜ୍ଜୁ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଛନ୍ତି।

## ଗୋଆରେ ଆରଏସ୍‌ଏସ୍ ନେତାଙ୍କ ମନ୍ତବ୍ୟକୁ ନେଇ ଉତ୍ତେଜନା

ପାନାଜୀ, ୬।୧୦

ଗୋଆରେ ଆର୍‌ଏସ୍‌ଏସ୍‌ର ପୂର୍ବତନ ରାଜ୍ୟ ୟୁନିଟ୍ ମୁଖ୍ୟ ସୁଭାଷ ୱେଲିଙ୍ଗକରଙ୍କ ଏକ ବୟାନକୁ ନେଇ ବିବାଦ ବଢ଼ିବାରେ ଲାଗିଛି। କାଥୋଲିକ୍ ମିଶ୍‌ନାରୀ ସେଣ୍ଟ ଫ୍ରାନ୍ସିସ ଜାଭିୟରଙ୍କ ଅବଶେଷର ଡିଏନ୍‌ଏ ପରୀକ୍ଷା କରାଯିବା ଉଚିତ ବୋଲି ସେ ମନ୍ତବ୍ୟ ଦେଇଥିଲେ। ରବିବାର ରାଜ୍ୟର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ସୁଭାଷଙ୍କର ଗିରଫ ଦାବିରେ ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି। ଦକ୍ଷିଣ ଗୋଆର ମାରଗାଓଁରେ ବିଭିନ୍ନ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧ ପ୍ରଦର୍ଶନବେଳେ ଦେଖାଦେଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଗୋଆ ଚର୍ଚ୍ଚ କର୍ତ୍ତୃପକ୍ଷ ଶାନ୍ତି ଓ ସଂଜମତ୍ତାର ଆହ୍ୱାନ ଦେଇଛନ୍ତି। ତେବେ ଗୋଆରେ ଏପରି ମନ୍ତବ୍ୟ ଦେଇ ଭାଜପା ଓ ସଂଘ ପକ୍ଷରୁ ସାମ୍ପ୍ରଦାୟିକ ତିକ୍ତତା ସୃଷ୍ଟି କରାଯାଉଥିବା ନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ଲଦାଖ ଭବନରେ ୱାଙ୍ଗ୍‌ଚୁକ୍‌ଙ୍କ ଅନଶନ

**ଯନ୍ତରମନ୍ତରରେ ଅନୁମତି ମିଳିଲାନି**

ନୂଆଦିଲ୍ଲୀ,୬।୧୦



ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦ ମାନ୍ୟତା ପ୍ରଦାନ ଦାବିରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ଦିଲ୍ଲୀର ଯନ୍ତରମନ୍ତରରେ ଆମରଣ ଅନଶନରେ ବସିବା ପାଇଁ ଅନୁମତି ଲୋଡ଼ିଥିଲେ। ତେବେ ଏଥିପାଇଁ ଅନୁମତି ନ ମିଳିବାରୁ ସେ ରବିବାର ଲଦାଖ ଭବନରେ ଅନଶନରେ ବସିଛନ୍ତି। ଦିଲ୍ଲୀରେ ଅନ୍ୟ କୌଣସି ସ୍ଥାନ ସେମାନଙ୍କୁ ନ ମିଳିବାରୁ ଲଦାଖ ଭବନରେ ଆନ୍ଦୋଳନ କରିବାକ ବାଧ୍ୟ ହେଲୁ ବୋଲି ୱାଙ୍ଗଚୁକ୍ ଅନଶନରେ ବସିବା ପୂର୍ବରୁ ଗଣମାଧ୍ୟମକୁ କହିଛନ୍ତି। ୱାଙ୍ଗଚୁକ୍‌ଙ୍କ ସମେତ ୧୮ ଜଣ ଲଦାଖ ଭବନ ଫାଟକ ନିକଟରେ ଅନଶନରେ ବସିବା ସହ ଭାରତ ମାତା କୀ ଜୟ, ଜୟ ଲଦାଖ, ଲଦାଖ ବଞ୍ଚାଅ, ହିମାଳୟ ବଞ୍ଚାଅ ଆଦି ସ୍ଲୋଗାନ ଦେଇଛନ୍ତି।

ଅନ୍ୟପକ୍ଷରେ ଦିଲ୍ଲୀ ପୋଲିସ କହିଛି, ଅଳ୍ପ ସମୟ ପୂର୍ବରୁ ସେମାନେ ଅନଶନ ପାଇଁ ଅନୁମତି ମାଗିଥିଲେ ତେବେ ଅନଶନର ନିର୍ଦ୍ଦିଷ୍ଟ ସମୟ ଓ କେତେ ଲୋକଙ୍କ ସମାଗମ ହେବ ତାହା ଉଲ୍ଲେଖ କରି ନ ଥିଲେ। ଗାଇଡ୍‌ଲାଇନ ଅନୁଯାୟୀ, ଯନ୍ତରମନ୍ତରରେ କୌଣସି ଆନ୍ଦୋଳନ କରିବାକୁ ହେଲେ ଅନ୍ୟୂନ ୧୦ ଦିନ ପୂର୍ବରୁ ଆବେଦନ କରିବାକୁ ହେବ। ଏଥିସହିତ ଆନ୍ଦୋଳନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ହେବା ଆବଶ୍ୟକ।

## ଭୋପାଳରୁ ୧୮୦୦ କୋଟିର ଡ୍ରଗ୍ସ ଜବତ, ୨ ଗିରଫ

**ଅମୃତସରରୁ ୧୦ କୋଟିର କୋକେନ୍ ଜବତ**

ଭୋପାଳ, ୬।୧୦



ମଧ୍ୟପ୍ରଦେଶର ଭୋପାଳରୁ ରବିବାର ୧,୮୦୦ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଓ ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍(ଏଟିଏସ୍)ମିଳିତ ଭାବେ ଭୋପାଳର ଏକ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଛନ୍ତି। ଭୋପାଳର କଟାରା ହିଲ୍ସ ଥାନାସ୍ଥିତ ବଗ୍‌ରୋଦା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାରୁ ୧,୮୦୦ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ଜବତ କରାଯିବା ସହ ଘଟଣାସ୍ଥଳରୁ ଗୁଜରାଟ ଏଟିଏସ୍ ୨ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ସାନ୍ୟାଲ ପ୍ରକାଶ ବାନେ ଏବଂ ଅମିତ ଚତୁର୍ବେଦୀ। ପ୍ରାଥମିକ ତଦନ୍ତ ଅନୁଯାୟୀ, ୨୦୧୭ରେ ମୁମ୍ବାଇର ଅମ୍ବୋଲିରୁ ଏକ ଏମ୍‌ଡି ଡ୍ରଗ୍ସ ମାମଲାରେ ସାନ୍ୟାଲଙ୍କୁ ଗିରଫ କରାଯାଇଥିଲା। ସେ ୫ ବର୍ଷ ଜେଲ୍‌ରେ ରହି ମୁକୁଳିବା ପରେ ଅମିତଙ୍କ ସହ ମିଶି ବେଆଇନ ଡ୍ରଗ୍ସ ଉତ୍ପାଦନ କାର୍ଯ୍ୟ ଆରମ୍ଭ କରିଥିଲେ। ଉଭୟ ଗତ ୬ରୁ ୭ ମାସ ହେବ ବଗ୍‌ରୋଦା ଶିଳ୍ପାଞ୍ଚଳରେ ବେଆଇନ ଡ୍ରଗ୍ସ ନିର୍ମାଣ କାର୍ଯ୍ୟ ଜାରି କରିଥିଲେ। ଅନ୍ୟପକ୍ଷରେ ପଞ୍ଜାବର ଅମୃତସରରୁ ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ରବିବାର ୧୦ କୋଟି ଟଙ୍କାର କୋକେନ ଜବତ କରିଛି। ସେହିପରି ଘଟଣାସ୍ଥଳରୁ ଏକ ଫର୍ଚୁନର କାର ମଧ୍ୟ ଜବତ କରାଯାଇଛି। ଗତ ଅକ୍ଟୋବର ୨ରେ ଦିଲ୍ଲୀରୁ ୫,୬୨୦ କୋଟି ମୂଲ୍ୟର ଡ୍ରଗ୍ସ ଜବତ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଜିତେନ୍ଦ୍ର ଓରଫ ଜସ୍ସିଙ୍କୁ ଗତ ୪ରେ ଅମୃତସର ଏୟାରପୋର୍ଟରୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଜସ୍ସିଙ୍କ ସୂଚନା ଆଧାରରେ ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ନେପାଳ ସୀମା ନିକଟବର୍ତ୍ତୀ ଅମୃତସର ଜିଲାର ଏକ ଗ୍ରାମରେ ସର୍ଚ୍ଚ ଅପରେଶନ କରିଥିଲା।

## ଫୁରସତ୍

### ଟ୍ରୋଲର୍ସଙ୍କୁ ଜବାବ ଦେଲେ କରନ୍

ମୁମ୍ବାଇ



ଆଲିଆ ଭଟ୍ଟଙ୍କ ଆଗାମୀ ଚଳଚ୍ଚିତ୍ର 'ଜିଗ୍‌ରା' ନିକଟରେ ଖୁବ୍ ଚର୍ଚ୍ଚାରେ ରହିଛି। ତେବେ ଫିଲ୍ମର ପ୍ରମୋଶନବେଳେ ଏକ ସାକ୍ଷାତ୍‌କାରରେ ଏହାର ନିର୍ଦ୍ଦେଶକ ଭାସନ୍ ବାଲାଙ୍କ ଏକ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। 'ଜିଗ୍‌ରା' ଫିଲ୍ମ ନିର୍ମାତା କରନ୍ ଜୋହର ଏହି ଫିଲ୍ମର ଅସମ୍ପୂର୍ଣ୍ଣ ସ୍କ୍ରିପ୍ଟକୁ କେନ୍ଦ୍ର କରି ତାଙ୍କ ବିନା ଅନୁମତିରେ ଫିଲ୍ମର ଲିଡ୍ ରୋଲ୍ ପାଇଁ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଚୟନ କରିଥିଲେ ବୋଲି ଭାସନ୍ ଏହି ସାକ୍ଷାତ୍‌କାରରେ କହିଥିଲେ। ସେତେବେଳେ ସେ କରନ୍‌ଙ୍କ ଏହି ନିଷ୍ପତ୍ତିରେ ଖୁସି ନ ଥିଲେ ବୋଲି ଭାସନ୍ କହିଥିଲେ। ଭାସନ୍‌ଙ୍କ ଏହି ମନ୍ତବ୍ୟ ଭାଇରାଲ ହେବା ସହ ଏହାକୁ ନେଇ ଅନେକ ସୋସିଆଲ ମିଡିଆ ୟୁଜର୍ସ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କୁ ଟ୍ରୋଲ୍ କରିଥିଲେ। ଶେଷରେ କରନ୍ ରବିବାର ଏହି ପ୍ରସଙ୍ଗକୁ ନେଇ ନିଜର ନୀରବତା ଭାଙ୍ଗିଛନ୍ତି। କରନ୍ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଶେୟାର କରି ଲେଖିଛନ୍ତି, ଜୀବନକୁ ସବୁବେଳେ ସ୍ଥିର ରଖିବା ଉଚିତ, ଯେପରି ନକାରାତ୍ମକ ଲୋକଙ୍କ ମୁହଁ ବନ୍ଦ କରାଯାଇ ପାରିବ। ଏଥିପାଇଁ ଦୃଢ଼ ହେବାକୁ ପଡ଼ିବ। ଏହାସହ ସେ 'ଜିଗ୍‌ରା' ନିର୍ଦ୍ଦେଶକ ଭାସନ୍ ବାଲାଙ୍କ ଉକ୍ତ ସାକ୍ଷାତ୍‌କାରକୁ ସମ୍ପୂର୍ଣ୍ଣ ଭାବେ ଭଲ କରି ଦେଖିବାକୁ ତାଙ୍କୁ ଟ୍ରୋଲ୍ କରିଥିବା ୟୁଜର୍ସଙ୍କୁ ପରାମର୍ଶ ଦେଇଛନ୍ତି।

### ବାତ୍ୟାରେ ୫୦ କି.ମି. ଚାଲି ଝିଅ ବିବାହରେ ପହଞ୍ଚିଲେ

ୱାଶିଂଟନ୍



ସମ୍ପ୍ରତି ଆମେରିକାର ଦକ୍ଷିଣ କାରୋଲିନା ନିବାସୀ ଡେଭିଡ୍ ଜୋନ୍ସ ନିଜ ଝିଅ ଏଲିଜାବେଥ୍‌ଙ୍କ ବିବାହ ଉତ୍ସବରେ ପହଞ୍ଚିବା ପାଇଁ ପ୍ରବଳ ବାତ୍ୟା ମଧ୍ୟରେ ୫୦ କିଲୋମିଟର ପର୍ଯ୍ୟନ୍ତ ଚାଲିଥିଲେ। ଏଲିଜାବେଥଙ୍କ ବିବାହ ଉତ୍ସବ ଟେନେସିରେ ହେଉଥିବାବେଳେ ଦକ୍ଷିଣ କାରୋଲିନାରୁ ସେଠାରେ ପହଞ୍ଚିବା ପାଇଁ କାର୍‌ରେ ସାଧାରଣତଃ ୨ ଘଣ୍ଟାର ସମୟ ଲାଗିଥାଏ। ତେବେ ବାତ୍ୟା ହେଲେନ୍ ଯୋଗୁ କାର୍‌ରେ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯିବା ଡେଭିଡ୍‌ଙ୍କ ପକ୍ଷେ ସମ୍ଭବପର ହୋଇ ନ ଥିଲା। ତେଣୁ ଡେଭିଡ୍ ଚାଲି ଚାଲି ୫୦ କିଲୋମିଟର ଅତିକ୍ରମ କରି ଝିଅର ବିବାହ ଉତ୍ସବରେ ପହଞ୍ଚିବାକୁ ସ୍ଥିର କରିଥିଲେ। ଏହି ଯାତ୍ରାବେଳେ ଅନେକ ସ୍ଥାନରେ ଡେଭିଡ୍‌ଙ୍କୁ ଆଣ୍ଠୁଏ ପର୍ଯ୍ୟନ୍ତ କାଦୁଅରେ ମଧ୍ୟ ଚାଲିବାକୁ ପଡ଼ିଥିଲା। ଶେଷରେ ବହୁ ସମସ୍ୟାର ସମ୍ମୁଖୀନ ହେବା ପରେ ସେ ବିବାହସ୍ଥଳରେ ପହଞ୍ଚିଥିଲେ। ବାତ୍ୟା ହେଲେନ୍‌ର କରାଳ ପ୍ରକୋପ ମଧ୍ୟରେ ବି ବାପାଙ୍କୁ ଆସିଥିବା ଦେଖି ଝିଅ ଏଲିଜାବେଥ୍ ଭାବବିହ୍ୱଳ ହୋଇପଡ଼ିଥିଲେ।

### ପ୍ରଶଂସକଙ୍କୁ କ୍ଷମା ମାଗିଲେ ନିଆ

ମୁମ୍ବାଇ



'ବିଗ୍‌ବସ୍ ୧୮' ରବିବାରଠାରୁ ଆରମ୍ଭ ହୋଇଛି। ଏହି ଶୋ'ରେ ଅଭିନେତ୍ରୀ ନିଆ ଶର୍ମା ଅଂଶଗ୍ରହଣ କରୁଥିବାନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ନିଆ ମଧ୍ୟ ପୂର୍ବରୁ ଉକ୍ତ ରିପୋର୍ଟକୁ ସ୍ୱୀକାର କରିଥିଲେ। ତେବେ ସେ ରବିବାର ଏହି ଶୋ'ରେ ଅଂଶଗ୍ରହଣ କରୁ ନାହାନ୍ତି ବୋଲି ସୂଚନା ଦେଇଛନ୍ତି। ସେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି, ସମସ୍ତ ପ୍ରଶଂସକ ଏବଂ ଶୁଭେଚ୍ଛୁମାନଙ୍କୁ କ୍ଷମାମାଗିବାକୁ ଚାହୁଁଛି। 'ବିଗ୍‌ବସ୍ ୧୮'ରେ କିଛି ବ୍ୟକ୍ତିଗତ କାରଣ ଯୋଗୁ ସାମିଲ ହୋଇ ପାରୁ ନାହିଁ।

# ଯୁବକଙ୍କୁ ପିଟି ହତ୍ୟା କଲେ ବୃଦ୍ଧ



ଖଡ଼ିଆଳରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ଖଡ଼ିଆଳ,୬।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ୱାର୍ଡ ନଂ. ୪ ଗୋଶାଳାପଡ଼ାରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ଜଣେ ବୃଦ୍ଧ ଠେଙ୍ଗାରେ ପିଟିବାରୁ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖଡ଼ିଆଳ ଥାନା ଲକ୍ଷ୍ମୀପୁର ଗ୍ରାମର ସୁରେଶ ବାରିକ (୨୬)। ଏହାକୁ ନେଇ ଉତ୍ୟକ୍ତ ଲୋକେ ୭ଘଣ୍ଟା ଜାତୀୟ ରାଜପଥ ଅବରୋଧ କରିଥିଲେ।

ପ୍ରକାଶ ଯେ, ସୁରେଶ ପେଟ୍ରୋଲ ଭରିବାକୁ ପୂର୍ବାହ୍ନ ୧୧ଟା ୩୦ରେ ଯାଇଥିବାବେଳେ ଗୋଶାଳାପଡ଼ାଠାରେ କୌଣସି କଥାକୁ ନେଇ ବେଣୁଧର ମାଝି(୬୦)ଙ୍କ ସହ ବଚସା ହୋଇଥିଲା। ବେଣୁଧର ଉତ୍ୟକ୍ତ ହୋଇ ଠେଙ୍ଗାରେ ସୁରେଶଙ୍କୁ ପିଟିଥିଲେ। ସେ ଗୁରୁତର ହୋଇ ପଡ଼ିଯାଇଥିଲେ। ତାଙ୍କୁ ଖଡ଼ିଆଳସ୍ଥିତ ମିଶନ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଯୁବକଙ୍କ ମୃତ୍ୟୁ ପରେ ବେଣୁଧର ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ଏହି ଘଟଣା ପରେ ମୃତକଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସେମାନେ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଖବରପାଇ ମାଜିଷ୍ଟ୍ରେଟ ଭାବରେ ଖଡ଼ିଆଳ ତହସିଲଦାର ନରସିଂ ଗଡ଼ବା ଓ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପହଞ୍ଚିଥିଲେ। ଯଦି ଅନ୍ୟ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି, ଅଧିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିବା ପରେ ରାସ୍ତାରୋକୋ ହଟିଥିଲା। ଏହି ହତ୍ୟା ଘଟଣା ନେଇ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି ମୃତକଙ୍କ ସମ୍ପର୍କୀୟ କ୍ଷମାରାଜ ରାଉତରାୟ। ପୋଲିସ ଅଭିଯୁକ୍ତ ବେଣୁଧରଙ୍କ ସହିତ ତାଙ୍କ ପୁଅ ନାଗାର୍ଜୁନଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ସେ କହିଲେ, ଯେଉଁମାନେ ସମ୍ପୃକ୍ତ ଥିବେ ସମସ୍ତଙ୍କୁ ଗିରଫ କରାଯିବ।

# ମନ୍ଦିର ମୂର୍ତ୍ତି ଚୋରି ର‌୍ୟାକେଟରେ ତିନି ଭାଇ, ମା’

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଜଗତ୍‌ସିଂହପୁର, ୬।୧୦ (ପ୍ରମୋଦ କୁମାର ନାୟକ)**

ରାଜ୍ୟରେ ସକ୍ରିୟ ଥିବା ଏକ ବଡ଼ ମୂର୍ତ୍ତି ଚୋରି ରାକେଟ ଧରାପଡ଼ିଛି। ରାକେଟରେ ସମ୍ପୃକ୍ତ ୩ ଭାଇ ଓ ସେମାନଙ୍କ ମା’ଙ୍କୁ କମିଶନରେଟ ପୋଲିସ ଓ ଜଗତ୍‌ସିଂହପୁର ପୋଲିସ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ବରଦା ପ୍ରସାଦ ଆଚାର୍ଯ୍ୟ, ଅନ୍ନଦା ଆଚାର୍ଯ୍ୟ ଓ ସାରଦା ଆଚାର୍ଯ୍ୟ। ତେବେ ମା’ଙ୍କ ପରିଚୟକୁ ଗୁପ୍ତ ରଖାଯାଇଛି। ବରଦା ଓ ଅନ୍ନଦାଙ୍କୁ ବାଲିପାଟଣାରୁ ଏବଂ ସାରଦା ଓ ତାଙ୍କ ମା’ଙ୍କୁ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମାଳିତୋଟା ଗାଁରୁ ଗିରଫ କରାଯାଇଛି। ଏଥିସହ ଘର ମାଟିତଳେ ପୋତାଯାଇଥିବା ୫୦ରୁ ଅଧିକ ଅଷ୍ଟଧାତୁ ଏବଂ ବିଭିନ୍ନ ଧାତୁର ମୂର୍ତ୍ତି, ତ୍ରିଶୂଳ, ସୁନା ଅଳଙ୍କାର, ପିତ୍ତଳ ନାଗ, ଘଣ୍ଟ, ଘଣ୍ଟା ଓ ମନ୍ଦିରରେ ବ୍ୟବହୃତ ଖଣ୍ଡା ଆଦି ସାମଗ୍ରୀକୁ ଗ୍ରାମବାସୀଙ୍କ ସହାୟତାରେ ଜବତ କରାଯାଇଛି। ବାଲିପାଟଣା ଥାନା ପୋଲିସ ବରଦା ଓ ଅନ୍ନଦାଙ୍କୁ ଏବଂ ଜଗତ୍‌ସିଂହପୁର ପୋଲିସ ସାରଦା ଓ ତାଙ୍କ ମା’ଙ୍କୁ କୋର୍ଟଚାଲାଣ କରିବା ପରେ ସମସ୍ତଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ୩ ଭାଇ ପୂଜକ ବେଶରେ ମୂର୍ତ୍ତି ଚୋରି କରୁଥିବାବେଳେ ଏଥିରେ ତାଙ୍କ ମା’ ସାହାଯ୍ୟ କରୁଥିଲେ ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଏଥିସହ ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ରାକେଟରେ ସମ୍ପୃକ୍ତି ଥିବା ସନ୍ଦେହରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କରିବାକୁ କୋର୍ଟରେ ଆବେଦନ କରାଯାଇଛି। ଅନ୍ୟପଟେ ଜବତ ପ୍ରାଚୀନ ମୂର୍ତ୍ତିସବୁର ଅନ୍ତର୍ଜାତୀୟ ବଜାର ଦର ଓ କେଉଁ ଧାତୁରେ ତିଆରି ହୋଇଛି ଜାଣିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ସହାୟତା ନିଆଯିବ ବୋଲି ପୋଲିସ କହିଛି।

ସୂଚନାନୁସାରେ, ଶୁକ୍ରବାର ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଥିବା ବେଲେଶ୍ୱର ମନ୍ଦିର ଓ ଅନ୍ୟ ଏକ ମନ୍ଦିରରୁ ଦୁଇ ଭାଇ ବରଦା ଓ ଅନ୍ନଦା ଚୋରି କରି ଫେରାର ହେଉଥିବାବେଳେ ପାଟ୍ରୋଲିଂ ପୋଲିସ ଟିମ୍ ହାତରେ ଧରାପଡିଥିଲେ। ସେମାନଙ୍କ ପାଖରେ ମୂର୍ତ୍ତିସବୁ ଦେଖି ପୋଲିସର ସନ୍ଦେହ ବଢ଼ିଥିଲା। ମୂର୍ତ୍ତି ଜବତ କରିବା ସହ ଥାନାରେ ଅଟକ ରଖି ପଚରାଉଚରା କରିବାରୁ ମନ୍ଦିରରୁ ଚୋରି କରିଥିବା କହିଥିଲେ। ଏଥିରେ ଗାଁରେ ଥିବା ତାଙ୍କ ବଡ଼ ଭାଇ ସମ୍ପୃକ୍ତ ଥିବା ଜାଣିବା ପରେ କମିଶନରେଟ ପୋଲିସ ଜଗତ୍‌ସିଂହପୁର ପୋଲିସକୁ ସୂଚନା ଦେଇଥିଲା। ଏହି ଆଧାରରେ ସ୍ଥାନୀୟ ପୋଲିସ ମାଳିତୋଟା ଗ୍ରାମରେ ପହଞ୍ଚି ବଡ଼ ଭାଇ ସାରଦାଙ୍କୁ ଗିରଫ କରି ଛାନଭିନ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତମାନେ ଘର ଭିତରେ ମାଟିତଳେ ପୋତିଥିବା ବିଭିନ୍ନ ଧାତୁର ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଥିଲା।

**ଘର ମାଟିତଳୁ ବାହାରିଲା ବହୁ ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି ଓ ଅନ୍ୟ ସାମଗ୍ରୀ**



ଜବତ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ।





ଗିରଫ ୩ ଭାଇ ଓ ଜବତ ମାରଣାସ୍ତ୍ର।

## ୧୨ରୁ ଊର୍ଦ୍ଧ୍ୱ ମନ୍ଦିରରୁ ଚୋରି

ଅଭିଯୁକ୍ତମାନେ ପୁରୀ, ଭୁବନେଶ୍ୱର, ଜଗତ୍‌ସିଂହପୁର, କଟକର ପ୍ରାୟ ୧୨ଟି ମନ୍ଦିରରୁ ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। ଚୋରି ପରେ ମୂର୍ତ୍ତି ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ଘରେ ଲୁଚାଇ ରଖି ସମୟ ସୁଯୋଗ ଦେଖି ବିକ୍ରି କରୁଥିଲେ। ବିଶେଷକରି ପୁରାତନ ବିରଳ ମୂର୍ତ୍ତିଗୁଡିକୁ ଅନ୍ତର୍ଜାତୀୟ ରାକେଟକୁ ବିକ୍ରି କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବଡ଼ ଭାଇ ସାରଦା ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ଜେଲ ଯାଇଥିଲେ। ୮/୯ ମାସ ପୂର୍ବରୁ ସେ ଜାମିନରେ ଫେରିଥିଲେ। ସେହିପରି ବରଦା ବାଇକ୍ ଚୋରି ଓ ଚୋରା ମଦ କାରବାରରେ ସମ୍ପୃକ୍ତ ଥିବାରୁ ତାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ପୋଲିସ ସୂଚନାଦାତା ସନ୍ଦେହରେ ୨ ଜଣଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୬।୧୦ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲା ଗଙ୍ଗାଲୁର ପୋଲିସ ଷ୍ଟେଶନ ଅଧୀନରେ ଥିବା ସାଭନାର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଦୁଇଜଣ ଯୁବକଙ୍କୁ ହତ୍ୟା କରିଛନ୍ତି। ସେମାନେ ହେଲେ କାମେଶ୍ୱର କୁରସମ ଓ ସୋମଲୁ ପୁନେମ।

ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଏହି ଗ୍ରାମକୁ ଆସି ୨୦ଜଣ ଲୋକଙ୍କୁ ଅପହରଣ କରି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ମାଓବାଦୀମାନେ ପ୍ରଜାକୋର୍ଟ କରି ଫୋନ୍ ଛଡ଼ାଇ ନେବା ସହ କେତେଜଣଙ୍କୁ ନିସ୍ଥୁକ ମାଡ଼ମାରି ସମସ୍ତଙ୍କୁ ଛାଡ଼ି ଦେଇଥିଲେ। କିନ୍ତୁ ଶନିବାର ବିଳମ୍ବିତ ରାତିରେ ମାଓବାଦୀମାନେ ପୁନର୍ବାର ଉକ୍ତ ଗ୍ରାମକୁ ଆସି କାମେଶ୍ୱର ଓ ସୋମଲୁଙ୍କୁ ଘରୁ ଉଠାଇ ନେଇ ଗ୍ରାମ ନିକଟରେ ହତ୍ୟା କରିଥିଲେ। ସେମାନଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ତଦନ୍ତ କରିଛି।

# ନାବାଳିକା ବଳାତ୍କାର: ଅଭିଯୁକ୍ତ କାକାଙ୍କୁ ଗିରଫ ପାଇଁ ମୁମ୍ବାଇ ଗଲା ସ୍ୱତନ୍ତ୍ର ଟିମ୍

**ରାଉରକେଲା,୬।୧୦(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା ରଘୁନାଥପାଲୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମୁମ୍ବାଇ ଯାଇଛି। ଶନିବାର ବିଳମ୍ବିତ ରାତିରେ ଉକ୍ତ ଟିମ୍ ରାଉରକେଲାରୁ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ନାବାଳିକାଙ୍କ ସମ୍ପର୍କୀୟ କକା ବମ୍ବେରେ ରହୁଥିବା ବେଳେ ରାଉରକେଲା ଆସନ୍ତି। ପ୍ରାୟ ୨ବର୍ଷ ତଳେ ସମ୍ପର୍କୀୟ କକା ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକା ଜଣକ ଶନିବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୮୨/୨୪) ରୁଜୁ କରିଛି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ଝାଡଖଣ୍ଡ ରାଞ୍ଚିର ୨ଜଣ ନାବାଳିକାଙ୍କୁ ଚପଲ ଦୋକାନ ଦେଖାଇବା ଆଳରେ ୩ରୁ ଊର୍ଦ୍ଧ୍ୱ ଯୁବକ ରାଉରକେଲାରେ ଗଣବଳାତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୭୪୨/୨୪) ମାମଲା ରୁଜୁ କରିଥିଲା। ସେହିପରି ଘଟଣାର ଗୋଟିଏ ଦିନ ପରେ ରଘୁନାଥପାଲୀ ଥାନା ଅଞ୍ଚଳରେ ଏକ ହୋଟେଲ ଆଣ୍ଡ ବାର୍‌ରେ ଜଣେ ନାବାଳିକାଙ୍କୁ ପ୍ରାୟ ୬ଜଣ ଗଣବଳାତ୍କାର କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅନୁରୂପ ଭାବେ ସେକ୍ଟର-୭ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ବିଶ୍ରା ଅଞ୍ଚଳର ଯୁବକ ବଳପୂର୍ବକ ଅପହରଣ କରିନେଇଥିଲେ। ପୋଲିସର ତନାଘନା ପରେ କିଛି ସମୟ ମଧ୍ୟରେ ଅପହରଣକାରୀଙ୍କୁ ଗିରଫ ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ରାଉରକେଲା ସହରରେ ବର୍ଦ୍ଧିତ ମହିଳା ଉତ୍ପୀଡ଼ନ ଓ ବଳାତ୍କାର ମାମଲାକୁ ନେଇ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ପ୍ରାୟ ୨ ଦିନ ତଳେ ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍‌ସ (ଓଏସ୍‌ସିପିସିଆର୍)ର ଏକ ଟିମ୍ ରାଉରକେଲା ଗସ୍ତ କରିଥିଲା। ଏହି ଟିମ୍ ମହିଳା ଉତ୍ପୀଡ଼ନ ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଥିଲା।

## ୧୮ ଲକ୍ଷ ଟଙ୍କାର ବାଣ ଜବତ, ୨ ଅଟକ

**ରାଉରକେଲା,୬।୧୦(ସଙ୍ଗୀତା ଜେନା)**

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡେଲି ମାର୍କେଟ ଅଞ୍ଚଳରେ ଚାଲିଥିବା ୨ଟି ବେଆଇନ ବାଣଗୋଦାମ ଉପରେ ଶନିବାର ରାତିରେ ପୋଲିସ ଚଢ଼ାଉ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ନୋଟିସ ଦେଇ ଛାଡ଼ି ଦେଇଛି। ସେହିପରି ଗୋଦାମରୁ ୧୮ଲକ୍ଷ ଟଙ୍କାର ବାଣ ଜବତ ହୋଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ୨ଟି ପୃଥକ୍ ମାମଲା (ନଂ.୭୫୯/୨୪ ଓ ନଂ.୭୬୦/୨୪) ରୁଜୁ ହୋଇଛି। ଏ ସମ୍ପର୍କରେ ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର କହିଛନ୍ତି, ପାର୍ବଣକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି ସମୟରେ ଉକ୍ତ ୨ଟି ବେଆଇନ ବାଣଗୋଦାମ ଠାବ ହୋଇଥିଲା। ଗୋଦାମ ମାଲିକ ବ୍ୟବସାୟୀ ଅଜୟ ଗୁପ୍ତା ଓ ବିକାଶ ଅଗ୍ରୱାଲ ଏହାର ଲାଇସେନ୍ସ ଦେଖାଇ ପାରି ନ ଥିଲେ। ଫଳରେ ସେମାନଙ୍କ ବାଣ ଜବତ ସହ ନଷ୍ଟ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। କେଉଁଠାରୁ ଏହି ବାଣଗୁଡ଼ିକ ଆଣି ବିପଜ୍ଜନକ ଭାବେ ଗଚ୍ଛିତ ରଖାଯାଇଥିଲା ତା’ର ତଦନ୍ତ କରାଯାଉଛି। ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ।



ପୋଲିସ ଚଢ଼ାଉ କରି ବାଣ ଜବତ କରୁଛି।

# ଗର୍ଭବତୀଙ୍କୁ ଏକ୍ସପାଏରି ଔଷଧ, ଥାନାରେ ଏତଲା




**ବିଞ୍ଝାରପୁର,୬।୧୦(ରାମକୃଷ୍ଣ ଦାସ)**

ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜଣେ ଗର୍ଭବତୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଇଛି। ସେ ଏହି ଔଷଧ ସେବନ କରିବା ପରେ ଚିନ୍ତାରେ ପଡ଼ିବା ସହ ତାଙ୍କ ପରିବାର ଥାନାରେ ଏତଲା ଦେଇଛନ୍ତି। ଏଭଳି ଘଟଣା ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଘଣ୍ଟିଆଳି ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଲେଙ୍କାସାହି ଗ୍ରାମର କୃଷ୍ଣଚନ୍ଦ୍ର ନାଥଶର୍ମାଙ୍କ ସ୍ତ୍ରୀ ସୁଭଦ୍ରା ନାଥଶର୍ମା ୬ ମାସ ଗର୍ଭବତୀ ଅଛନ୍ତି। ତାଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଔଷଧକୁ ସେ ସେବନ କରୁଛନ୍ତି। ସରକାରଙ୍କ ମାଗଣା ଔଷଧ ଆଶାକର୍ମୀଙ୍କ ମାଧ୍ୟମରେ ଗର୍ଭବତୀଙ୍କୁ ଦିଆଯାଇଥାଏ। ହେଲେ ଗର୍ଭବତୀ ସୁଭଦ୍ରାଙ୍କୁ ଆଶାକର୍ମୀ ସୁମିତ୍ରା ଯେନା ଦେଇଥିବା ଔଷଧ ଦୁଇ ମାସ ପୂର୍ବରୁ ଏକ୍ସପାଏରି ହୋଇଯାଇଥିବା ଜଣାପଡ଼ିଛି।

ଏହି ଔଷଧକୁ ସୁଭଦ୍ରା ଖାଇ ଆସୁଥିଲେ। ରବିବାର ସୁଭଦ୍ରା ଔଷଧଗୁଡ଼ିକୁ ଖୋଲିଲା ପରେ ସେଗୁଡ଼ିକ ଫାଟି ଯାଇଥିବା ଦେଖି ସନ୍ଦେହହେବାରୁ ଖୋଳ ଉପରେ ଲେଖାଥିବା ତାରିଖ ଦେଖିଥିଲେ। ଏହାପରେ ଜଣାପଡ଼ିଥିଲା ଯେ, ଔଷଧଗୁଡ଼ିକ ଏକ୍ସପାଏରି ହୋଇଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଆଶାକର୍ମୀଙ୍କୁ ପଚାରିବାରୁ ସେ ଭୁଲ୍‌ରେ ଏ ଔଷଧ ପ୍ରଦାନ କରିଥିବା କହିଛନ୍ତି। ସୁଭଦ୍ରା ଓ ତାଙ୍କ ଗର୍ଭରେ ଥିବା ପିଲାର ଜୀବନ ପ୍ରତି ବିପଦଥିବାରୁ ପରିବାର ଲୋକେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାଦିନ ଯାକ ରହିଲୁ ବସି,**
**ଚତୁର୍ମାସିଆକୁ ପାରୁଛୁ ଘଷି?**

ବର୍ଷାକାଳରେ ପାଣି ପବନ ଯୋଗୁ ବାହାରେ ଘଷି ପାରିବା ସୁବିଧାଜନକ ହୋଇ ନ ଥାଏ। ତେଣୁ ଯେତେବେଳେ ଯେଉଁ କାମ କରାଯିବା କଥା ସେତେବେଳେ ନ କଲେ ପଛରେ ହଇରାଣ ହେବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖାଆନ୍ତେ ଖାଆନ୍ତେ ପିତା ସୁନ୍ଦର,**
**କରନ୍ତେ କରନ୍ତେ କାମ ସୁନ୍ଦର।**

ପିତା ଖାଇବାକୁ ଅନେକେ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ତେବେ ଥରେ ପିତା ଖାଇବାର ଅଭ୍ୟାସ ହୋଇଗଲେ ପାଟିକୁ ତାହା କ୍ରମଶଃ ରୁଚିକର ଲାଗିଥାଏ। ସେହିପରି କାମରେ ଥରେ ମନ ଲାଗିଗଲେ କରାଯାଉଥିବା କାମ ସବୁ ସରସ ସୁନ୍ଦର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁବତୀଙ୍କ ହତ୍ୟାକାରୀ ପୁରୁଷ ବନ୍ଧୁଙ୍କ ଆତ୍ମହତ୍ୟା

**କେନ୍ଦୁଝର,୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ସହରରେ ଗତ ୪ ତାରିଖରେ ଜଣେ ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣା ଭିନ୍ନମୋଡ଼ ନେଇଛି। ହତ୍ୟାକାରୀ ତଥା ଯୁବତୀଙ୍କ ପୁରୁଷ ବନ୍ଧୁ ଭଦ୍ରକ ଜିଲା ବନ୍ତ ଥାନା ଡଳଙ୍ଗ ଗାଁର ଅଜୟ ସାହୁ(୨୪)ଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଝାରସୁଗୁଡ଼ାସ୍ଥିତ ରେଳଧାରଣାରୁ ରେଲ୍‌ୱେ ପୋଲିସ ଜବତ କରିଛି। ଅଜୟ ଯୁବତୀଙ୍କୁ ହତ୍ୟା କରି ପ୍ରାୟ ୩୦୦ କି.ମି. ଦୂର ଝାରସୁଗୁଡ଼ା ଯାଇ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଗତ ୪ ତାରିଖରେ ହିଁ ଅଜୟ ଆତ୍ମହତ୍ୟା କରିଥିବା ବେଳେ ରବିବାର ଝାରସୁଗୁଡ଼ା ରେଲ୍‌ୱେ ପୋଲିସ ପକ୍ଷରୁ ସୂଚନା ମିଳିଥିବା କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ତ୍ରିକୋଣୀୟ ପ୍ରେମ କାରଣରୁ ଏଭଳି ଘଟଣା ଘଟିଥିବା କୁହାଯାଉଥିବାବେଳେ ପୋଲିସ ଏ ନେଇ ମୁହଁ ଖୋଲିନାହିଁ।

କେନ୍ଦୁଝର ସହର ଶଙ୍କର ଗଳି ପବିତ୍ରଡିହାରେ ମନୋରମା ବେହେରା(୨୦) ନାମ୍ନୀ ଜଣେ ଯୁବତୀ ମା’ବାପା ଓ ସାନ ଭଉଣୀ ସହ ଭଡ଼ାଘରେ ରହୁଥିଲେ। ଗତ ୪ ତାରିଖରେ ତାଙ୍କ ମା’ବାପା ସ୍ଥାନୀୟ ଲାବଣ୍ୟଛକକୁ ଛତୁ ବିକ୍ରି ପାଇଁ ଯାଇଥିଲେ। ସାନ ଭଉଣୀ ମାନସୀ କଲେଜ ଯାଇଥିଲେ। ସେ କଲେଜରୁ ଫେରିବା ପରେ ଘର ବାହାରପଟୁ ବନ୍ଦ ଥିବା ଦେଖିଥିଲେ। ଝରକା ପଟୁ ତାଙ୍କ ଭଉଣୀ ମନୋରମାଙ୍କ ମୃତଦେହ ଦେଖି ମାଆ, ବାପାଙ୍କୁ ଜଣାଇଥିଲେ। ମାନସୀଙ୍କ ଅଭିଯୋଗକ୍ରମେ ଟାଉନ୍ ଥାନା ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଟାଉନଥାନା ଅଧିକାରୀ ବିବସ୍ୱ ପ୍ରଧାନ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରିଥିଲେ। ଅଭିଯୁକ୍ତ ହତ୍ୟା କରିବା ପରେ ଏକ ଅଟୋରେ ପଳାଇଥିବା ଜଣାପଡ଼ିଥିଲା। ଅଟୋ ଚାଳକଙ୍କୁ ଜେରା ପରେ ଏହା ପଛରେ ଅଜୟଙ୍କ ହାତଥିବା ପୋଲିସ ଜାଣିପାରିଥିଲା। ଝାରସୁଗୁଡ଼ା ଯିବା ପୂର୍ବରୁ ସେ ମୋବାଇଲ ଫୋନକୁ ଭାଙ୍ଗି ଦେଇଥିଲେ ଏବଂ ଏଟିଏମ୍‌ରୁ ଟଙ୍କା ଉଠାଇଥିଲେ। ଅଜୟ ମନୋରମାଙ୍କ ବନ୍ଧୁ ହୋଇଥିବାବେଳେ ସେ ଯୁବତୀଙ୍କ ଘରକୁ ନିୟମିତ ଆସୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଘଟଣା ଦିନ ବିଳମ୍ବିତ ରାତିରେ ଝାରସୁଗୁଡା ରେଲୱେ ପୋଲିସ ରେଳଧାରଣାରୁ ଅଭିଯୁକ୍ତଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପାଇଥିଲା। ତେବେ ଏକ ଧାରୁଆ ବ୍ଲେଡ୍‌ରେ ମନୋରମାଙ୍କ ଗଳା କାଟିଥିବା ସନ୍ଦେହ କରାଯାଉଥିଲେ ହେଁ ଅଦ୍ୟାବଧି ତାହା ମିଳିନାହିଁ। ଅଭିଯୁକ୍ତ ଓ ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣାରେ ଆଉ କାହାର ସମ୍ପୃକ୍ତି ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ଅନ୍ୟପକ୍ଷରେ, ଯୁବତୀଙ୍କ ଅନ୍ୟଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କକୁ ନେଇ ପୁରୁଷ ବନ୍ଧୁ ଅଜୟ ସବୁବେଳେ ସନ୍ଦେହ କରୁଥିଲେ। ତେଣୁ ସେ ଅନୁଗୋଳରୁ ଚାକିରି ଛାଡ଼ି କେନ୍ଦୁଝରରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଘଟଣା ଦିନ ସେ ଉଭୟଙ୍କୁ ଦେଖି ଉତ୍‌କ୍ଷିପ୍ତ ହୋଇ ଏଭଳି ଜଘନ୍ୟକାଣ୍ଡ ଘଟାଇଥିବା କୁହାଯାଉଛି। ମାତ୍ର ଏ ନେଇ ପୋଲିସ କୌଣସି ସୂଚନା ଦେଇନାହିଁ।



ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିନ କୁଶଲକର ସୂଚନା ଦେଉଛନ୍ତି।

**ଝାରସୁଗୁଡ଼ା ରେଳଧାରଣାରୁ ମୃତଦେହ ଜବତ**

# ରୁପା ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ଲୁଟ ଉଦ୍ୟମ

**ପୁରୁଷୋତ୍ତମପୁର,୬।୧୦ (ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଲୁଟେରା ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଉଠିଛନ୍ତି। ରବିବାର ସ୍ୱଷ୍ଟ ଦିବାଲୋକରେ ରାସ୍ତାରେ ରୁପା ବ୍ୟବସାୟୀ ପୁରୁଷୋତ୍ତମପୁର ଟାଙ୍ଗୁଡିଆପଦର ସାହିର ରବୀନ୍ଦ୍ର ସେନାପତି ଓରଫ ଟୁଟୁଙ୍କୁ ଖଣ୍ଡାରେ ହାଣି ଲୁଟ ଉଦ୍ୟମ କରିଛନ୍ତି। ଲୋକେ ଟୁଟୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସବୁଦିନ ଭଳି ଟୁଟୁ ବ୍ୟବସାୟ କରି ପାଣ୍ଡିଆ-ପୁରୁଷୋତ୍ତମପୁର ହିରାଧାରବାଟି କେନାଲ ରାସ୍ତାରେ ବାଇକ୍‌ରେ ଫେରିବାବେଳେ ୩ ଜଣ ଯୁବକ ମୁଖାପିନ୍ଧି ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଟୁଟୁ ଦ୍ରୁତଗତିରେ ଚାଲି ଆସିବାରୁ ସେମାନେ ଗୋଡ଼ାଇ ଖଣ୍ଡାରେ ହାତକୁ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ହୋଇ ସେ ଗାଁକୁ ଆସି ଲୋକଙ୍କୁ ଜଣାଇଥିଲେ। ତେବେ ଏ ନେଇ ପୁରୁଷୋତ୍ତମପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# କେନାଲ ପାଣି ଦାବିରେ ତାତିଲେ ଚାଷୀ



କେନାଲ ପାଣି ଯୋଗାଣ ଦାବିରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

## ଧର୍ମଗଡ଼ ତମ୍ଭାଛଡ଼ା ମୁଖ୍ୟ ରାସ୍ତା ଅବରୋଧ

ବେହେରା, ୬।୧୦ (ଭୂପେଶ ତିୱାରୀ)

କେନାଲ ପାଣି ଯୋଗାଣ ଦାବିରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ତେଲିପଳାସ ଡିଷ୍ଟ୍ରିବ୍ୟୁଟାରି ଅଞ୍ଚଳର ଚାଷୀମାନେ ତାତି ଆନ୍ଦୋଳନ କରିଛନ୍ତି। ରବିବାର ସକାଳ ୯ଟାରୁ ଧର୍ମଗଡ଼ ତମ୍ଭାଛଡା ମୁଖ୍ୟ ରାସ୍ତାରେ ତେଲିପଳାସ ଛକଠାରେ ରାସ୍ତା ଅବରୋଧ କରିଥିଲେ। କ୍ଷେତକୁ ପାଣିର ଆବଶ୍ୟକତା ଥିବାବେଳେ ବର୍ଷା ନ ହେବାରୁ ପାଣି ପାଇଁ ଚାଷୀ ହଇରାଣ ହେଉଛନ୍ତି। ବର୍ଷା ଅଭାବରୁ ଧାନଗଛ ସବୁ ମରିବାରେ ଲାଗିଲାଣି। କ୍ଷେତକୁ ପାଣି ନ ଲାଗିଲେ ଖୁବଶୀଘ୍ର ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ବର୍ଷକର ପରିଶ୍ରମ ଉଜୁଡ଼ି ଯିବ। ଫଳରେ ଚାଷୀ ରୋଜଗାର ହରାଇବା ସହ ଋଣ ପରିଶୋଧ ଓ ପରିବାର ପ୍ରତିପୋଷଣ କରିପାରିବେ ନାହିଁ। ତେଣୁ ସ୍ଥାନୀୟ ଚାଷୀମାନେ ତେଲିପଳାସ ଡିଷ୍ଟ୍ରିବ୍ୟୁଟାରି ପର୍ଯ୍ୟନ୍ତ ଜଳଯୋଗାଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିବାବେଳେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତା ଅବରୋଧ ହୋଇଥିବା ଖବରପାଇ ଧର୍ମଗଡ଼ ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ ଘଟଣାସ୍ଥଳକୁ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସହକାରୀ ଯନ୍ତ୍ରୀ ଆସି ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ପରେ ସହକାରୀ ଯନ୍ତ୍ରୀ କୁନ୍ଦନ ମେହେର ଆସି ଚାଷୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## କୋମନା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କୋମନା, ୬।୧୦ (ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୋମନା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋମନା ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ଛାତ୍ରୀଛାତ୍ର ଆସି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ସହଗୋଷ୍ଠୀ ଶିକ୍ଷାଅଧିକାରୀ ତ୍ରିଲୋଚନ ନାଗ, ବିଆରସିସି ରାଧାକାନ୍ତ ତାଣ୍ଡି, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, କୋମନା କଲେଜ ପ୍ରାଧ୍ୟାପକ ଡ଼ ଦୀପକ ଦାସ, ଭେଲା ସରପଞ୍ଚ ବିମଳ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶର ମାଧ୍ୟମ ସୁରଭି କାର୍ଯ୍ୟକ୍ରମ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସିଆରସିସି ସୁବଳ ଶ୍ୟାମ ପଣ୍ଡା, ଗୌରଚନ୍ଦ୍ର ରଣାଙ୍କ ସହ ଅନ୍ୟାନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ପାଣି ଅଭାବରୁ ଉଜୁଡ଼ିବ ୨ଶହ ଏକର ଚାଷଜମି



### ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି

ଜୁନାଗଡ଼, ୬।୧୦ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବାଗଡୁଙ୍ଗରୀ ଓ ଭେଜିପଦର ଗ୍ରାମକୁ କେନାଲ ପାଣି ଠିକ୍ ଭାବରେ ପହଞ୍ଚି ପାରୁନାହିଁ। ଫଳରେ ସେଠାରେ ଚାଷ ହୋଇଥିବା ପ୍ରାୟ ୨ ଶହ ଏକର ଧାନ ଚାଷ ଉଜୁଡିବା ଆଶଙ୍କା ଦେଖାଦେଇଛି। ଏପଟେ ପାଣି ଅଭାବକୁ ନେଇ ସ୍ଥାନୀୟ ଚାଷୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗତ କିଛି ଦିନ ତଳେ ଚାଷୀମାନେ ଅଭିଯୋଗ କଲା ପରେ ବିଭାଗୀୟ ଏସ୍‌ଡିଓ, ଯନ୍ତ୍ରୀ ଘଟଣାସ୍ଥଳକୁ ଅନୁଧ୍ୟାନ କରିବାକୁ ଆସିଥିଲେ। ଏହା ପରେ ମଧ୍ୟ ସମାଧାନ ହୋଇନାହିଁ। ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ବାମ କେନାଲ ଜରିଆରେ ଉପରୋକ୍ତ ଗାଁକୁ ପାଣି ଯୋଗା ଯାଉଛି। ବର୍ତ୍ତମାନ ପାଣି ଅଭାବରୁ ଚାଷ ଜମି ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ ଏସ୍‌ଡିଓ କୁନ୍ଦନ ମେହେରଙ୍କୁ ପଚାରିବାରୁ ରାତିରେ ପାଣି ଅଧିକ ଛଡାଯିବ ବୋଲି କହିଥିଲେ।

## ଦେଓଦରାରେ ମା'ଇନ୍ଦ୍ରାଣୀ ଦେବୀଙ୍କ ନବରାତ୍ରି ପୂଜା ଆରମ୍ଭ

କୋମନା, ୬।୧୦ (ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଦେଓଦରାଠାରେ ମା'ଇନ୍ଦ୍ରାଣୀ ଦେବୀଙ୍କ ନବରାତ୍ରି ପୂଜା ଆରମ୍ଭ ହୋଇଯାଇଛି। ଏହି ପୂଜା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପୂଜାରେ ନୂଆପଡ଼ା ଜିଲାର କୋମନା, ଖଡ଼ିଆଳ, ସିନାପାଲି, ବୋଡ଼େନ ତଥା ପଡ଼ୋଶୀ ବଲାଙ୍ଗୀର, ବରଗଡ଼ରୁ ବହୁ ଭକ୍ତଙ୍କ ସମାଗମ ହେଉଛି। ୧୨ତାରିଖ ଦିନ ମା' ଇନ୍ଦ୍ରାଣୀ ଦେବୀଙ୍କ ଛତର ବୁଏଲ ଯାତ୍ରା ମା'ଙ୍କ ସିଂହ ଦ୍ୱାରେ ଅନୁଷ୍ଠିତ ହେବ। ପୂଜକ ଭାବରେ ଧବଳେଶ୍ୱର ପୂଝାରୀ ଓ ରାମେଶ୍ୱର ଛତ୍ରିଆ ଦାୟିତ୍ୱ ତୁଲାଇଥାନ୍ତି। ପରିଚାଳନା କମିଟିର ଜୟସିଂ ଛତ୍ରିଆ, ଭଜ ମାଝୀ, ତ୍ରିଲୋଚନ କଣ୍ଟା, ସୋଭରମ ମାଝୀ, କେଶ୍ରାଜ ଧରୁଆ, ମହେନ୍ଦ୍ର ଦୀପ, ମହାଦେବ ଦୀପ, ଚିତମନ ଧରୁଆ, ଅକୁର ମାଝୀ, କମଲ ଝାଙ୍କର, ଗଦା ଝା, ଲିଙ୍ଗରାଜ ବରିହା, ହରିଶିଂ ଧରୁଆ, ମିନିକେତନ ମାଝୀ, ହିରଧର ଝା, ପରେଶ୍ୱର ଚିନ୍ଦା, ଜୟନ୍ତ ବାଗ, ଘନ ଝା, ସାନ ମହାନନ୍ଦ, ଲାଲଧର ବାଗ, ଫଗନୁ ହେରନା, ଯୁଗଳ ଚିନ୍ଦା, ମଦନ କଣ୍ଟା ଓ ଗ୍ରାମବାସୀ ସହଯୋଗ କରି ଆସୁଛନ୍ତି।

## କଳାକାରମାନଙ୍କ ବନ୍ଧୁମିଳନ

କୋକସରା, ୬।୧୦ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଲୋକକଳା ଓ ଲୋକ କଳାକାରଙ୍କ ଠାରେ ଥିବା ଅନ୍ତର୍ନିହିତ କଳାର ବିକାଶ ପାଇଁ ଉଦ୍ୟମ କରାଯ ।ଉଛି। ବ୍ଲକର ଗମ୍ଭାରୀଗୁଡା ଗ୍ରାମର ଜଣେ ବରିଷ୍ଠ ଲୋକ କଳାକାର ଚିନ୍ତାମଣି ପଟେଲଙ୍କ ପ୍ରଚେଷ୍ଟାରେ ଏଥିପାଇଁ ଗଢିଉଠିଛି ଚିନ୍ତାମଣି ସାଂସ୍କୃତିକ ଅନୁଷ୍ଠାନ। ରବିବାର ଚିନ୍ତାମଣି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗମ୍ଭାରୀଗୁଡା ମଣ୍ଡିରେ ଅନୁଷ୍ଠିତ ହୋଇଥିଲା। ଲଛମନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀରରଞ୍ଜନ ପାଢ଼ଯୋଷୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମଙ୍ଗଳୁଚରଣ ଭାଟି, ପ୍ରୋଗ୍ରାମ କୋଡ଼ିନେଟର ଧନୁ ଦୁର୍ଗା, ଘଟ ଠେଲା, କୋକସରା ମଣ୍ଡଳ ସମ୍ପାଦକ ଭାଜପା ତ୍ରିନାଥ ଶବର, ଭାଜପା ମେକ ଇନ ଇଣ୍ଡିଆ ଯୁବ ପ୍ରଭାରୀ ହିମାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳରେ କଳା ବଞ୍ଚିଲେ ହିଁ କଳାକାର ବଞ୍ଚିବେ ଓ ଆମର ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରହିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ କଳାକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବରିଷ୍ଠ କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରୀତି ରାଉତ ପ୍ରଥମ, ରୋଜାଲିନ ରିସ୍ମା ଦ୍ୱିତୀୟ ଓ ଚୁନି ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗୀମାନେ ଆଗାମୀ ଦିନରେ ରାଜ୍ୟସ୍ତରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବେ। କାର୍ଯ୍ୟକ୍ରମକୁ ଚିନ୍ତାମଣି ପଟେଲ ମଞ୍ଚ ସଂଯୋଜନା କରିଥିବାବେଳେ ମଧୁ ସୁଦନ ଗୋପାଲ, ଅର୍ଜୁନ ନାଏକ, ଜନ୍ମେଜୟ ଗୋପାଳ, ନିଲାଞ୍ଚଳ ରାଉତ, କାର୍ତ୍ତିକ ହଂସ, ନରେନ୍ଦ୍ର ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଚିନ୍ତାମଣି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ।

## ପ୍ରଗତି ହାୟର ସେକେଣ୍ଡାରୀ ସ୍କୁଲର ସଫଳତା





ସଫଳତା ଆଣିଥିବା ପ୍ରଗତି ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀଛାତ୍ର।

ଭବାନୀପାଟଣା, ୬।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ମାନସିକ ଓ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଭବାନୀପାଟଣା ହାୟର ସେକେଣ୍ଡାରୀ ସ୍କୁଲସ୍ତରରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ସ୍ଲୋଗାନ, ପୋଷ୍ଟର ପ୍ରସ୍ତୁତି ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶୃତିସ୍ନେହା ସାହା ସ୍ଲୋଗାନ ଲିଖନରେ ପ୍ରଥମ ସ୍ଥାନ, ହେମାଙ୍ଗିନୀ ନାଗ ଦ୍ୱିତୀୟ ସ୍ଥାନ, ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରାଚୀପ୍ରଜ୍ଞା ନାଗ ପ୍ରଥମ ସ୍ଥାନ, ଲିପ୍ସା ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାରେ ସନ୍ତୋସିନୀ ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ପ୍ରମାଣପତ୍ର ଲାଭ କରିଛନ୍ତି। ସେହିପରି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ କଳାହାଣ୍ଡି ଦ୍ୱାରା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତି ଓ ପର୍ଯ୍ୟଟନ ବିଷୟକୁ ନେଇ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ତ୍ରିବିକ୍ରମ ରଣା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ପ୍ରଗତି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାକୁ ନେଇ ପ୍ରଗତି ଅନୁଷ୍ଠାନର ସେକ୍ରେଟାରୀ ଇଂ. ଅଜୟ କୁମାର ପଣ୍ଡା, ଚେୟାର ପରସନ ସଙ୍ଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ଅଧ୍ୟକ୍ଷ ଶେଷଦେବ ମୁଣ୍ଡ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଭିଭାବକ ଅଭିଭାବିକା କୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଭବାନୀପାଟଣା, ୬।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନହଲଠାରେ ଶନିବାର ସନ୍ଧ୍ୟାରେ ୭୦ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ ଯୋଗ ଦେଇଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ତଥା ସେମାନଙ୍କର ଜୀବନ ଓ ଆବାସସ୍ଥଳୀକୁ ସୁରକ୍ଷିତ ରଖିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ୧୯୫୨ ମସିହା ଅକ୍ଟୋବର ୨ରୁ ସତ୍ୟ ଓ ଅହିଂସାର ପ୍ରତୀକ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜନ୍ମତିଥିଠାରୁ ୮ତାରିଖ ପର୍ଯ୍ୟନ୍ତ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ରୂପେ ପାଳନ ହୋଇଆସୁଛି। ବନ୍ୟପ୍ରାଣୀ ଓ ମନୁଷ୍ୟ ପରସ୍ପର ପରିପୂରକ। ଜୀବଜଗତର ସୁରକ୍ଷା ଓ ସନ୍ତୁଳନ ରକ୍ଷା ପାଇଁ ବନ୍ୟପ୍ରାଣୀଙ୍କର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ବନ୍ୟ ଜନ୍ତୁଙ୍କ ସୁରକ୍ଷା ଓ ପରିଚାଳନା ପାଇଁ ଜନସାଧାରଣଙ୍କର ସକ୍ରିୟ ସହଯୋଗ ଓ ସମ୍ପୃକ୍ତି ଏକାନ୍ତ କାମ୍ୟ ବୋଲି ସାଂସଦ ଦେଓ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନର ସହଯୋଗରେ ରାସ୍ତା ସଫେଇ, ଡାକ୍ତରଖାନା, ବଜାର ପଡିଆ ଭଳି ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଓ ଚାରା ରୋପଣ କରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରିଥିବା ପ୍ରକୃତିପ୍ରେମୀ ଭାବରେ ୭ ଜଣଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭବାନୀପାଟଣାର ରାଜେଶ ମହାରଣା, ଧର୍ମଗଡରୁ ରୁଦ୍ର ମହାରଣା, ଗୋଲାମୁଣ୍ଡାରୁ ମନୀଷା ଅଗ୍ରୱାଲ, ଜୁନାଗଡ଼ର ଯତୀନ୍ଦ୍ର କର, ଏମ.ରାମପୁରର ଅଜିତ କୁମାର ବେହେରା, କେସିଙ୍ଗାର ସୁନୀଲ କୁମାର ପାତ୍ର ଓ ଭବାନୀପାଟଣାର ସୁପ୍ରଭା ଦୋରାଙ୍କୁ ମାନପତ୍ର ଦେଇ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ୭ଜଣ ପାଇଲେ ପ୍ରକୃତିବନ୍ଧୁ ପୁରସ୍କାର





ଗୋଲାମୁଣ୍ଡାର ମନୀଷା ଅଗ୍ରୱାଲଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି।

## ଆଲୋଚନାଚକ୍ର, କର୍ମଶାଳା

ଖଡ଼ିଆଳ, ୬।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିହାସ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ବିକାଶ ବିଶେଷତ୍ୱ ମହାନଦୀ ଉପତ୍ୟକା ଏବଂ ପ୍ରାକ ଐତିହାସିକ ପ୍ରତ୍ନତାତ୍ତ୍ୱିକ ବିଷୟ ନେଇ ଆଲୋଚନାଚକ୍ର ହୋଇଯାଇଛି। ମହାବିଦ୍ୟାଳୟକୁ ୮ବର୍ଷ ହେଉଥିବା ବେଳେ ଇତିହାସ ବିଭାଗ ତାର ଏକ ବର୍ଷରେ ପ୍ରଥମ ଜାତୀୟ ସେମିନାର କରିଛି। ଡ଼. ଫଣିନ୍ଦମ ସିଂ ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେମିନାର ଏବଂ କର୍ମଶାଳା ମାଧ୍ୟମରେ ପ୍ରତ୍ନତାତ୍ତ୍ୱିକ ସଂଗ୍ରହ, ସଂରକ୍ଷଣ ଏବଂ ଇତିହାସ ରଚନାର ମାଧ୍ୟମ ରୂପେ ଛାତ୍ରୀଛାତ୍ରଙ୍କୁ ସହାୟକ ହେବ ବୋଲି କହିଛନ୍ତି। ଅଧ୍ୟକ୍ଷ ଡ଼.ଅଜୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବିଷୟ ବିଶେଷଜ୍ଞ ଡ. ଅତ୍ୟୁଲ କୁମାର ପ୍ରଧାନ, ପ୍ରଫେସର ଏସ.ବି ଓତା, ନିହାରିକା ଶ୍ରୀବାସ୍ତବ ଯୋଗଦେଇ ଇତିହାସକୁ ଜାଣିବା ପାଇଁ ସେହି ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ପରମ୍ପରାକୁ ଜାଣିବା ଦରକାର ବୋଲି କହିଥିଲେ। ଟିକେଶ୍ୱର ରଣା ମଞ୍ଚ ଓ ସଞ୍ଚାଳନ ଡ଼.ଶ୍ରୀକାନ୍ତ କୁମାର ସାହୁ କରିଥିଲେ।



## ରାଜ୍ୟସ୍ତରୀୟ ଭଲିବଲ ପାଇଁ ଜବାହର ଉଚ୍ଚ ବିଦ୍ୟାଳୟର ୪ ଛାତ୍ରୀଛାତ୍ର ମନୋନୀତ

କୋକସରା, ୬।୧୦ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

ରାଜ୍ୟସ୍ତରୀୟ ୧୪/୧୭ବର୍ଷରୁକମ୍‌ବୟସ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟର ୪ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଆସନ୍ତା ୬ରୁ ୯ପର୍ଯ୍ୟନ୍ତ ଗଜପତି ଜିଲା ପାରଳାଖେମୁଣ୍ଡି ଏମ.ଆର ବାଳକ ହାଇସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜବାହାର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ରୁ କମ ବୟସରେ ଛାତ୍ରୀ ଜ୍ୟୋତ୍ସ୍ନାମୟୀ ପ୍ରଧାନୀ, ରୂପାଲି ନାଏକ, ପଲ୍ଲବି ନେଗି ଓ ୧୪ରୁ କମ ବର୍ଷ ବୟସରେ ଛାତ୍ର ନରୋତ୍ତମ ପଟ୍ଟନାୟକ ରାଜ୍ୟ ସ୍ତରୀୟ ଭଲିବଲ କ୍ରୀଡା ପାଇଁ ମନୋନୀତ ହୋଇଛନ୍ତି।



ଖେଳ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

କୋକସରା, ୬।୧୦ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

ଶନିବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କର ପରିଚୟ ଅସ୍ପଷ୍ଟ ରହିଛି। କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ବିଜୁ ଏକ୍ସପ୍ରେସ ୱେ କୁଲେରଗୁଡ଼ା ନିକଟରେ ଏହି ଘଟଣା ଘଟିଛି। କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିବା ପରେ ମୃତଦେହ ଜବତ କରାଯାଇଥିଲା। ମୃତକଙ୍କ ପରିଚୟ ନ ମିଳିବାରୁ କଳାହାଣ୍ଡି ଜିଲା ଭବାନୀପାଟଣା ଠାରେ ଥିବା ଶବ ଗୃହକୁ ପଠାଯାଇଛି। ୭୨ ଘଣ୍ଟା ପର୍ଯ୍ୟନ୍ତ ଶବକୁ ରଖାଯିବ। ତାର କୌଣସି ପରିଚୟ ନ ମିଳିଲେ ବ୍ୟବଚ୍ଛେଦ ପରେ ଡିସପୋଜ କରାଯିବ ବୋଲି ଆମପାଣି ଥାନା ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ସୂଚନା ପ୍ରଦାନ କରିଛନ୍ତି।

## ସୁରଭି କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ନୂଆପଡ଼ା, ୬।୧୦ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ୧୭ ଗୋଟି କ୍ଲଷ୍ଟରକୁ ନେଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସମ୍ମାନିତ ଅତିଥି ଭାବରେ ନୂଆପଡା ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ସରପଞ୍ଚ ସାରାବଙ୍ଗ ରଥ ବାଇ ପଟେଲ, ସମିତି ସଭ୍ୟା ଜାଗୃତୀ ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକଳା ଜଗତ, ଉତ୍କଳମଣୀ ଅଗସ୍ତି, ମହିଳା ମହା ବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ କଣ୍ଟାବାଞ୍ଜି ଜିତେନ୍ଦ୍ର ସୁନା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଭା ଚନ୍ଦ୍ରକାର ଓ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଡ.ଶିବପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଉପାନ୍ତ ଅଞ୍ଚଳର ଶିଶୁ ପ୍ରତିଭାମାନଙ୍କୁ ବିକଶିତ କରିବାରେ ସୁରଭି ଶ୍ରେଷ୍ଠ ମାଧ୍ୟମ ସାଜିଥିବା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସରକାରୀ ଉଚ୍ଚ ବିଦ୍ୟାଳୟ ସାରାବଙ୍ଗର ତ୍ରୟମାସିକ ପତ୍ରିକା ଅର୍ପଣର ଉନ୍ମୋଚନ କରିଥିଲେ। ବିଚାରକ ଦାୟିତ୍ୱରେ ଥିବା ବିଚାରକ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତାଗୁଡିକୁ ସମ୍ପାଦନ କରିଥିଲେ ଏବଂ କୃତି ପ୍ରତିଯୋଗୀମାନକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ, ସମ୍ମାନିତ ଅତିଥି ଭାବରେ ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଜିଲା ପରିଷଦ ସଦସ୍ୟ ଭରତ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୂଆପଡ଼ା ଦିଲ୍ଲୀପ ନିର୍ମଳକର ପ୍ରମୁଖ ଯୋଗଦେଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ୧୭ଟି କ୍ଲଷ୍ଟରର ଛାତ୍ରୀଛାତ୍ରମାନେ ସୁନ୍ଦର ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଅଞ୍ଚଳର ଲୋକନୃତ୍ୟରେ ଦୁଲୁକି ଉଠିଥିଲା ସୁରଭି ମଞ୍ଚ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ସମସ୍ତ ସାଧନ କେନ୍ଦ୍ର ସଂଯୋଜକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।





ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନୂଆଁଖାଇ ଭେଟ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥି ଓ ଆୟୋଜକଙ୍କ ଗହଣରେ କଳାକାର।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଏଟିଭର୍ସ ହେଲ୍‌ପିଂ ଫାଉଣ୍ଡେଶନ ପକ୍ଷରୁ ନୂଆଖାଇ ଭେଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦିବାକର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଭାଗବତ ପ୍ରଧାନ ମୁଖ୍ୟଅତିଥି, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ବରିଷ୍ଠ ନାଗରିକ ସଂଘ ସମ୍ପାଦକ କେଦାର ମିଶ୍ର, ଯଶୋବନ୍ତ ମେହେର, ସୁରେନ୍ଦ୍ର ପ୍ରଧାନ, ସମ୍ବିଧାନ ସୁରକ୍ଷା ମଞ୍ଚ ସଭାପତି ପବିତ୍ର ଦେହୁରି, ବରଗଡ଼ ମହିଳା ସମିତି ସଭାପତି ହରଜିନ୍ଦର କୌର, ଫାଉଣ୍ଡେଶନ ସମ୍ପାଦକ ଭଗବାନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସୌଭାଗ୍ୟଲକ୍ଷ୍ମୀ ଦାଶ, ପଙ୍କଜିନୀ ସୁନା ଏବଂ ଭାରତୀ କଳା ପରିଷଦର ନୃତ୍ୟଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିରସେନ ସାହୁ, କିଶୋର ଚନ୍ଦ୍ର ସାହୁ, ବଳରାଜ ବିର୍ଦ୍ଧିଆ, ପ୍ରଦୀପ ଥପା, ଜଳନ୍ଧର ପଟେଲ, ରିଙ୍କେଶ ମିଶ୍ର, ହିମାଞ୍ଚଳ ସାହୁ, ଲିଟୁ ମହାନ୍ତି, ଦେବରାଜ ନାୟକ, ଅଶ୍ୱିନୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସୃଷ୍ଟିରେଖା ପୁରୋହିତଙ୍କ ସମେତ ଅନେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକଳ ମାଝି, ଭାଗିରଥି ମାଝି, ସାରଥୀ ମେହେର, ବୃନ୍ଦାବନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଭଗବାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁସୂଚିତ ଜାତି, ଜନଜାତି କର୍ମଚାରୀଙ୍କ ବ୍ଲକସ୍ତରୀୟ କମିଟି ଗଠିତ

**ଝାରବନ୍ଧ,୬।୧୦(ଦେବେନ୍ଦ୍ର ସାହୁ )**

ଝାରବନ୍ଧ ବ୍ଲକରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଏକ କମିଟି ଗଠିତ ହୋଇଯାଇଛି। ଏହି କମିଟିରେ ସଭାପତି ଭାବେ ପ୍ରଭୁଦାସ ମହାନନ୍ଦ, କାର୍ଯ୍ୟକାରୀ ସଭାପତି ଦେବିଲାଲ ବଞ୍ଜରା, ସମ୍ପାଦକ ମନୋରଞ୍ଜନ ସୁନା, ସହ ସମ୍ପାଦକ ଜୟସିଂ ଦାଉ, ସାଙ୍ଗଠନିକ ସମ୍ପାଦକ ମନୋଜ ମହାନନ୍ଦ, ନିଯୁକ୍ତି ସମ୍ପାଦକ କୁମାରୀ ଯମୁନା ପାଣ୍ଡେ, ଅନ୍ୟ କର୍ମକର୍ତ୍ତା ଭାବେ ଅସିତ ମିର୍ଦ୍ଧା,ଗୀତାଞ୍ଜଳି ସିଦାରଙ୍କୁ ଚୟନ କରାଯାଇଛି। ଏହି ସଂଘ ଅଧୀନରେ ବ୍ଲକରେ ୬୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଥିବା ଜଣାପଡିଛି । ସଂଘ ମାଧ୍ୟମରେ ଆଗାମୀ ଦିନରେ କୋଟା ବିରୋଧରେ ଦିଆଯାଉଥିବା ବିଭିନ୍ନ ବିବୃତି ତଥା କର୍ମଚାରୀ ବିରୋଧରେ ବିଭିନ୍ନ ଅଶାଳୀନ ବ୍ୟବହାର ବିରୋଧରେ ଲଢେଇ କରାଯିବ ବୋଲି ଜିଲା ସମ୍ପାଦକ ଜୋହନ ନାଏକ ପ୍ରକାଶ କରିଛନ୍ତି ।

## ରାମଚଣ୍ଡୀ ପୀଠରେ ଶାରଦୀୟ ପୂଜା



ଶାରଦୀୟ ପୂଜା ଅବସରରେ କଳସଯାତ୍ରା।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲିସ୍ଥିତ ମାଁ ରଣେଶ୍ୱର ରାମଚଣ୍ଡୀ ପୀଠରେ ଶାରଦୀୟ ପୂଜା ଚାଲିଛି। ଏହି ଅବସରରେ କଳସ ଆବାହନ ସହିତ ମନ୍ଦିରରେ ରୀତିନୀତି ଅନୁଯାୟୀ ଆରତୀ, ହୋମଯଜ୍ଞ, ଷୋଡ଼ଶ ପୂଜା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୋଡ଼ାପାଲି ଗ୍ରାମର ପର୍ଶୁରାମ ପ୍ରଧାନ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରୁଛନ୍ତି। ପଣ୍ଡିତ ଜୟକୁମାର ଦାଶ ଏବଂ ସହଯୋଗୀ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟି ସଭାପତି ସଦାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପାଦିତ ହେଉଥିବାବେଳେ ଭକ୍ତମାନେ ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଛନ୍ତି। ମନ୍ଦିର ପରିସରରେ ପ୍ରତିଦିନ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

## ସ୍ମୃତିସଭାରେ ପ୍ରତିଭା ସମ୍ମାନ ସମାରୋହ



ସ୍ମୃତିସଭାରେ ମହାଦେବ ଭୋଇ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ଭବନରେ ରବିବାର କର୍ମଯୋଗୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହାଦେବ ଭୋଇଙ୍କ ଜୟନ୍ତୀ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କୋଶଲ ଟାଇମ୍‌ର ସମ୍ପାଦକ ସଞ୍ଜୀବ ମହାପାତ୍ର ସଭାପତିତ୍ୱ କରିଥିଲେ। ବରଗଡ଼ ଏମପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସୁମିତା ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସ୍ୱର୍ଗତ ଭୋଇଙ୍କ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ନେପାଳ ପ୍ରଧାନ, ଡଃ ପାଣ୍ଡବ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ପ୍ରଧାନ, ନାରାୟଣ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ସ୍ୱର୍ଗତ ଭୋଇଙ୍କ ଅତୀତ କଷ୍ଟକର ଛାତ୍ର ଜୀବନ ଏବଂ ଶିକ୍ଷକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ସୁମିତା ଦାଶ ସ୍ୱର୍ଗତ ଭୋଇଙ୍କ କର୍ମମୟ ଜୀବନ ଉପରେ ସମ୍ୟକ୍ ବିବରଣୀ ପାଠ କରିଥିଲେ। ସଂଘମିତ୍ରା ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋହନ ସାହୁ ଏବଂ ପତିତପାବନ ପ୍ରଧାନ ସମ୍ବର୍ଦ୍ଧନା ଦେଇଥିଲେ। ଶୁଭାଶିଷ ପ୍ରଧାନ, ସୁବାସ ସାହୁ, ସଞ୍ଜୀବ କୁମାର ପ୍ରଧାନ, ଧର୍ମରାଜ ପ୍ରଧାନ, ଅନସୂୟା ଦେବତା, ଅଶୋକ ତନସନା, ସଂଘମିତ୍ରା ପଟେଲ, ଟିକେଲାଲ ତ୍ରିପାଠୀ, ମହକ ଅଗ୍ରୱାଲ, ସନ୍ତୋଷ ପ୍ରଧାନ, ରାମବାଈ ଦାସ, କୁଶ ମଲ୍ଲିକ ପ୍ରମୁଖଙ୍କୁ ମହାଦେବ ଭୋଇ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶିଶୁ ପ୍ରତାପ ରଣା, ପ୍ରିନ୍ସ ବେହେରା, ହୃଷୀକେଶ ମହାନନ୍ଦଙ୍କ ସମେତ ପ୍ରତିଭାବାନ ଛାତ୍ରୀଛାତ୍ର ସୁମିତା ଦାଶ, ସାଇନନ୍ଦନ ସାହୁ, ଶିବ ବାଗଙ୍କୁ ସମ୍ମାନିତ କରାଯାଇଥିଲା। କନକଲତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଲୀଳା: ଶ୍ରୀରାମ, ଭରତ ମିଳନ

**ସୋହେଲା,୬।୧୦(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଚେତନା ମଣ୍ଡପରେ ନବରାତ୍ର ପୂଜା ଅବସରରେ ରାମଲୀଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ରାମଲୀଳାର ତୃତୀୟ ରଜନୀ ଥିଲା। ଯୁବ ନେତା ସତ୍ୟନାରାୟଣ ଦେବତା ଅତିଥିଭାବେ ଯୋଗଦେଇ ସମଲେଶ୍ୱରୀଙ୍କଠାରେ ପୂଜା କରି ତୃତୀୟ ଦିବସର ନାଟକ ଶୁଭାରମ୍ଭ କରିଥିଲେ। ଶ୍ରୀରାମ ଓ ଭରତଙ୍କ ମିଳନ ସ୍ଥାନୀୟ ବୁଢ଼ାରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହୋଇଥିବା ଏହି ହୃଦୟସ୍ପର୍ଶୀ ଦୃଶ୍ୟକୁ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ରାତିରେ ଚେତନା ମଣ୍ଡପରେ ରାଜା ଜନକଙ୍କ ନିମନ୍ତ୍ରଣ କ୍ରମେ ରାଜନ୍ୟ ମଣ୍ଡଳୀ ଶିବ ଧନୁ ଭଙ୍ଗ କରିବା ଅଭିପ୍ରାୟରେ ସୀତା ସ୍ୱୟମ୍ବରରେ ଯୋଗଦେଇଥିଲେ। ଶ୍ରୀରାମ ଶିବଧନୁ ଭଙ୍ଗ କଲାପରେ ପର୍ଶୁରାମ କ୍ରୋଧରେ ଶ୍ରୀରାମଙ୍କ ବାଟ ଓଗାଳିଥିଲେ। ଉଭୟଙ୍କ ବଚସା ପରେ ଶ୍ରୀରାମ ପର୍ଶୁରାମଙ୍କୁ ଶାନ୍ତ କରି ସୀତାଙ୍କୁ ଧରି ଅଯୋଧ୍ୟା ଫେରିଛନ୍ତି। ଏହାପରେ ମନ୍ଥରାର କୁମନ୍ତ୍ରଣା ଯୋଗୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବନ ଗମନ କରିବାକୁ ପଡିଛି। ସେଠାରେ ଗୁହକ ଶବର ଭେଟ ହୋଇଛି।



ଚେତନା ମଣ୍ଡପରେ ରାମଲୀଳା ଚାଲିଛି।

## ଜୀବଜଗତ ତିଷ୍ଠି ରହିବା ପାଇଁ ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପଦ୍ମପୁର,୬।୧୦ (ପ୍ରଦୀପ୍ତ ଦାଶ)**

ମାନବ ସମାଜ ତିଷ୍ଠି ରହିବା ପାଇଁ ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ। ମାନବ ସମାଜ ଓ ବନ୍ୟ ପ୍ରାଣୀ ଓତପ୍ରୋତ ଭାବେ ଜଡିତ। ୭୦ତମ ବନ୍ୟ ପ୍ରାଣୀ ସପ୍ତାହ ଅବସରରେ ପଦ୍ମପୁର ବନ ବିଭାଗ ଦ୍ୱାରା ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌଭାନ ଯୋଗଦେଇ ଉକ୍ତ ବକ୍ତବ୍ୟ ରଖିଥିଲେ। ବରଗଡ଼ ଜିଲା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ୟ ପ୍ରାଣୀ ସପ୍ତାହ ଅବସରରେ ସମ୍ମାନିତ ଅତିଥିଭାବେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ମୋହନ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡ. କେଶ ରଞ୍ଜନ ପଧାନ ଯୋଗଦେଇ ପରିବେଶ ପ୍ରଦୂଷଣ ରୋକିବା ପାଇଁ ମାନବ ସମାଜର କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ବରଗଡ଼ ଏସିଏଫ ଡ.ହରମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପଦ୍ମପୁର ରେଞ୍ଜର ସୁଦାମ ଜଗଦଲା, ଫରେଷ୍ଟର ସରୋଜ ସାହୁ, ଦିବାକର ପଧାନ, ତେଜସ୍ୱିନୀ ସାହୁ, ରାଧାକାନ୍ତ କୁମ୍ଭାର, ପ୍ରକାଶ ହୋତା ପରିଚାଳନା କରିଥିଲେ। ଏହି ଅବସରରେ ଜିଲାରେ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ବିଭିନ୍ନ ବ୍ଲକର ୮ ଜଣଙ୍କୁ ପ୍ରକୃତି ମିତ୍ର ଓ ୭ଜଣଙ୍କୁ ପ୍ରକୃତି ବନ୍ଧୁ ଭାବେ ପୁରସ୍କୃତ କରାଯାଇଥିଲା ।

## ଶିଶୁ ସାହିତ୍ୟ ସଂସଦର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ହାଇସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଲେଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ସାହୁ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ହିଁ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ସ୍କୁଲ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଅତିଥି ପରାମର୍ଶ ଦେଇଥିଲେ। ସମ୍ପାଦିକା ଛାତ୍ରୀ ଅଶ୍ଳେଷା ମହାନନ୍ଦ ସ୍ୱାଗତ ଭାଷଣ ସହିତ ବିବରଣୀ ପାଠ କରିଥିଲେ। ସାହିତ୍ୟ ସଂସଦର ଉପଦେଷ୍ଟା ତଥା ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଛାତ୍ରୀ ସାଲିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ମହୋତ୍ସବ ପାର୍ବଣ ଉଦ୍‌ଘାଟିତ



ଉଦ୍‌ଘାଟନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

**ସୋହେଲା,୬।୧୦(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାଠାରେ ନବରାତ୍ର ଅବସରରେ ଅନୁଷ୍ଠିତ ଲୋକ ମହୋତ୍ସବ ପାର୍ବଣ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟିର ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ଉପ ସଭାପତି ମହମ୍ମଦ ରଫିକ, ସାମାଜିକ କର୍ମୀ ଡା. ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ରଜନୀରେ ଅତାବିରା କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ 'ସମ୍ବଲପୁରୀ' ନୃତ୍ୟ ପରିବେଷଣ କରିଥିଲେ। ଢେଙ୍କାନାଳର ପାଇକ ଆଖଡ଼ା ଏବଂ କାଦୋପଡାର କଳାକାରମାନେ ଆଦିବାସୀ ନୃତ୍ୟ 'ଝୁମର' ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକ କଳାକାରମାନେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ସଭାକୁ ସଂଯୋଜନା କରିଥିଲେ ଅଧ୍ୟାପକ ତୁଷାରକାନ୍ତ ସାହୁ ଓ ଲୋକ ମହୋତ୍ସବକୁ ସଂଯୋଜନା କରିଥିଲେ ରିୟା ପାଢ଼ୀ।

## ନଭେମ୍ବର ୨ରୁ ଜିଲାସ୍ତରୀୟ କ୍ରିକେଟ ଚାମ୍ପିୟନଶିପ ଶୁଭାରମ୍ଭ

**ପାଇକମାଳ, ୬।୧୦(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ସାଇ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବିଇଓ ଚୂଡ଼ାମଣି ବାରିକ ଓ ସମ୍ମାନିତ ଅତିଥିଭାବେ ଏବିଇଓ ରାଧେଶ୍ୟାମ ମେହେର,ଏବିଇଓ ଧଳେନ୍ଦ୍ର ବାରିକ, ପ୍ରଧାନ ଶିକ୍ଷକ ଦାଦଶ କୁମାର ପ୍ରଧାନ ଓ ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦର୍ଶନ ମହାକୁଡ଼ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା ନଭେମ୍ବର ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଜିଲା ସ୍ତରୀୟ କ୍ରିକେଟ ଚାମ୍ପିୟନଶିପ ହେବା ନେଇ ନିଷ୍ପତ୍ତି ହୋଇଛି। ଏଥିରେ ବରଗଡ଼ ଜିଲାର ୧୨ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବୈଠକରେ ପାଇକମାଳ ବ୍ଲକର ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷାବିତ, ଶିକ୍ଷା ପ୍ରେମ ଏବଂ ରାଇଜିଂ ଷ୍ଟାର କ୍ରିକେଟ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସଭା ଶେଷରେ ଶିକ୍ଷକ ଫକୀର ମୋହନ ବାରିକ ଧନ୍ୟବାଦ ଦେଇଥିଲେ।

# ସେମିଫାଇନାଲରେ ଅଇଁଠାପାଲି

### ସୋହେଲା ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ

**ସୋହେଲା,୬।୧୦(ଅଶ୍ୱିନୀ କୁମାର ପାତ୍ର)**

ବରଗଡ ଜିଲା ସୋହେଲାଠାରେ ନବରାତ୍ର ଅବସରରେ ସ୍ଥାନୀୟ ଖେଳ ପଡିଆଠାରେ ଅନୁଷ୍ଠିତ ନକଆଉଟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଅଇଁଠାପାଲି ଓ ଖଲିଆପାଲି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୬-୨ ଗୋଲରେ ଖଲିଆପାଲିକୁ ପରାସ୍ତ କରି ଅଇଁଠାପାଲି ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଟଙ୍କଧର ଝାଙ୍କର ପ୍ରମୁଖ ଯୋଗ ଦେଇଥିଲେ। ଖେଳର ପ୍ରଥମାର୍ଦ୍ଧରେ ଅଇଁଠାପାଲି ଦଳର ବୁଲୁ ଭୋଇ ଓ ଶେଷନ ବେହେରା ଗୋଟିଏ ଲେଖାଏ ଗୋଲ କରି ଦଳକୁ ୨ଟି ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅଇଁଠାପାଲି ଦଳର ବୁଲୁ ଭୋଇ ଆଉ ଦୁଇଟି ଗୋଲ ଦେଇଥିବା ବେଳେ ସୁନୀଲ ଓ ଜଗଦୀଶ ଗୋଟିଏ ଲେଖାଏ ଗୋଲ ଦେଇ ଦଳ ପକ୍ଷରୁ ମୋଟ ୬ଟି ଗୋଲ ଦେଇଥିଲେ। ଖଲିଆପାଲି ଦଳ ପକ୍ଷରୁ ବିପୁଳ ବାରିକ ଏବଂ ଆଜାଦ ଛତରିଆ ଗୋଟିଏ ଲେଖାଏ ଗୋଲ କରି ବିଜୟ ଅନ୍ତର କମ କରିଥିଲେ। ବିପୁଳ ବିଦ୍ୟାଧର ଖେଳ ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ ରେଫରି ଭାବରେ ସଞ୍ଜୀବ ଭୋଇ ଓ ରଞ୍ଜୁ ଛତରିଆ ସହଯୋଗ କରିଥିଲେ । ଦୀପକ ଲାଲ ମାନେକ ଚତୁର୍ଥ ରେଫରି ଭାବରେ ଦାୟିତ୍ୱ ତୁଲାଇଥିଲେ। ସୋମବାର ସୋହେଲା ଓ ଅତାବିରା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

### ନିଖିଳ ଓଡ଼ିଶା ମଧାହ୍ନଭୋଜନ ପାଚିକା ମହାସଂଘର ବୈଠକ

**ପାଇକମାଳ,୬।୧୦(ବଡ଼ ଶତପଥି)**

ବରଗଡ ଜିଲା ନୃସିଂହନାଥଠାରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶା ପାଚିକା ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ପାଚିକା ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ଦଫା ଦାବିପତ୍ର ଏମପି ପ୍ରଦୀପ ପୁରୋହିତଙ୍କ ଜରିଆରେ ପ୍ରଦାନ କରିଥିଲେ। ଗତ ୨୭ ବର୍ଷ ଧରି ପାଚିକାମାନେ କାର୍ଯ୍ୟ କରି ଆସୁଥିଲେ ହେଁ ତାଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ। ନିଜ ପରିବାର ପୋଷଣ କରିବା କଷ୍ଟକର ହେଉଥିବା ପାଚିକାମାନେ କହିଛନ୍ତି। ପାଚିକା ପାଚିକାଙ୍କୁ ଏକକ ନିଯୁକ୍ତି ପତ୍ର ଓ ସରକାରୀ ମାନ୍ୟତା,ସର୍ବନିମ୍ନ ମଜୁରୀ ୪୫୦ ଟଙ୍କା ସହ ମାସିକ ୧୩,୫୦୦ଟଙ୍କା ଦରମା,୨୦୧୮ ମସିହାରୁ ବକେୟାଥିବା ୩୬ ହଜାର ଟଙ୍କା ଦିଆଯିବା, ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ଚିକିତ୍ସା ଭତ୍ତା, ଜୀବନ ବୀମା ପ୍ରଦାନ, ନିଯୁକ୍ତି ବ୍ୟବସ୍ଥାକୁ ବିଦ୍ୟାଳୟ ବିଭାଗରେ ନିୟନ୍ତ୍ରଣ କରାଯିବା, ଭବିଷ୍ୟତ ନିଧି ଯୋଜନାରେ ସାମିଲ କରାଯିବା, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ଗ୍ରୀଷ୍ମ ଛୁଟିର ଦରମା ପ୍ରଦାନ, କାର୍ଯ୍ୟକରୁଥିବା ପାଚିକା ପାଚକଙ୍କୁ ଚାକିରିରୁ ବାହାର ନ କରି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଦାବି କରିଛନ୍ତି। ଏମପି ପୁରୋହିତ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଅବଗତ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିବା ପାଚିକା ସଂଘ ସାଧାରଣ ସମ୍ପାଦକ କାର୍ତ୍ତିକ ସା ପ୍ରକାଶ କରିଛନ୍ତି। ଏହି ବୈଠକରେ ରାଜ୍ୟ ସଭାପତି ସରୋଜିନୀ କୁମୁରା, ରାଜ୍ୟ ଉପ ସଭାପତି ଶାନ୍ତି ଲୁହାର, ସାଧାରଣ ସମ୍ପାଦକ କାର୍ତ୍ତିକ ସା, ସଦସ୍ୟ ଉର୍ମିଳା ମେହେର ପ୍ରମୁଖ ହଜାର ହଜାର ସଂଖ୍ୟାରେ ପାଚିକାପାଚକମାନେ ଯୋଗ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ପାଚିକା।

## ସଂକ୍ଷେପରେ

### ପାର୍ବଣକୁ ନେଇ ରେଲୱେର ସୁରକ୍ଷା ଯାଞ୍ଚ

ରାଉରକେଲା,୬।୧୦(ସଙ୍ଗୀତା ଜେନା)

ଚଳିତ ପାର୍ବଣ ଋତୁରେ ରେଲୱେକୁ ଅଧିକ ସୁରକ୍ଷିତ ଏବଂ ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ଚକ୍ରଧରପୁର ରେଳମଣ୍ଡଳ ଅଧିନରେ ଥିବା ରାଉରକେଲା ସମେତ ବିଭିନ୍ନ ଷ୍ଟେଶନରେ ଉକ୍ତ ଯାଞ୍ଚ କରାଯାଉଛି। ଡଗ୍ ସ୍କ୍ୱାଡ୍ ଦ୍ୱାରା ରାଉରକେଲା ଷ୍ଟେଶନର ୬ଟି ପ୍ଲାଟଫର୍ମ, ଆଖାପାଖ ଅଞ୍ଚଳ ଓ ଟ୍ରେନଗୁଡ଼ିକରେ ଏହି ଯାଞ୍ଚ କରାଯାଇଛି।

### ଝିରପାଣିରେ ଚକ୍ଷୁ ପରୀକ୍ଷା ଶିବିର

ରାଉରକେଲା,୬।୧୦(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ସୁରକ୍ଷା ମଞ୍ଚ ଏବଂ କୋଏଲନଗର ମଣ୍ଡଳ ପକ୍ଷରୁ ରବିବାର ଝିରପାଣି ସ୍ଥିତ ୱାର୍ଡ ନଂ-୯ କଣ୍ଟାଝର ଟୁଲାରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ସ୍ଥାନୀୟ ଲୋକ ଚକ୍ଷୁ ପରୀକ୍ଷା କରାଇଥିଲେ। ଝିରପାଣି ସରପଞ୍ଚ ଅଜିତ ତିର୍କୀ, ମଞ୍ଚର କୃଷ୍ଣ ତନ୍ତୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜେଶ ତନ୍ତୀଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ।

### ୨ ଚେନ୍ ଲୁଟେରା ଧରାପଡ଼ିଲେ

ରାଉରକେଲା,୬।୧୦(ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ଅଞ୍ଚଳରେ ଶନିବାର ରାତିରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିନ୍ତାଇ କରି ଫେରାର ହେଉଥିବା ବେଳେ ୨ଜଣ ଧରାପଡ଼ିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଉଦିତନଗର ଅଞ୍ଚଳର ରାଜୁ ରାୟ ଓ ରାହୁଲ ଗିରି। ସେମାନଙ୍କଠାରୁ ସୁନାଚେନ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୨/୨୪) ରୁଜୁ କରିଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ସୌମେନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ଶନିବାର ରାତିରେ କୋଏଲନଗର ହନୁମାନ ମନ୍ଦିର ନିକଟରେ ଚାଲି ଚାଲି ଯାଉଥିବା ବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କ ବେକରୁ ସୁନାଚେନ୍ ଛଡାଇ ନେଇଥିଲେ।

### ସଂକଳ୍ପ ଦିବସ ପାଳିତ

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସୁଶୀଳାବତୀ ସରକାରୀ ମହିଳା କଲେଜରେ ଶନିବାର ସ୍ୱାଧୀନତା ଆନ୍ଦୋଳନର ଶହୀଦ ପ୍ରୀତିଲତା ୱାଦ୍ଦେଦାରଙ୍କ ବଳିଦାନ ଦିବସକୁ ସଂକଳ୍ପ ଦିବସ ଭାବେ ପାଳନ କରାଯାଇଛି। ଏଥିସହିତ ନାରୀ ଅଧିକାରର ପ୍ରଣେତା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ମଧ୍ୟ ସ୍ମୃତିଚାରଣ କରାଯାଇଥିଲା। ସର୍ବଭାରତୀୟ ମହିଳା ସାଂସ୍କୃତିକ ସଙ୍ଗଠନ ଓ ସୁଶୀଳାବତୀ କଲେଜର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ୱାହେଦା ବେଗମ, ନିରୁପମା ବେହେରା, ତଅପୋଇ ମଲ୍ଲିକ ଏବଂ ଅସୀମା ବେହେରା ପରିଚାଳନା କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ମାନସ କୁମାର ବେହେରା ଓ ବିଦ୍ୟୁତ୍ ମହାନ୍ତ ଶହୀଦ ପ୍ରତିଲତାଙ୍କ ଅମରାବଳୀ ଏବଂ ଈଶ୍ୱରଚନ୍ଦ୍ରଙ୍କ ନାରୀ ଅଧିକାର ପାଇଁ ଥିବା ଅତୁଳନୀୟ ଅବଦାନ ଉପରେ ଆଲୋଚନା କରିଥିଲେ।

# କାମକୁ ଆସୁନି ଗୋ ନିରୋଧଶାଳା

ରାଉରକେଲା,୬।୧୦ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଆବଶ୍ୟକ ଗୋଶାଳା ନ ଥିବାରୁ ବୁଲା ପ୍ରାଣୀଙ୍କୁ ଥଇଥାନ କରାଯାଇପାରୁନାହିଁ। ଗୋରୁ, କୁକୁର ଆଦି ରାସ୍ତାରେ ବିଚରଣ କରୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ଆର୍‌ଏମ୍‌ସିର ଗୋ ସୁରକ୍ଷା ଅଭିଯାନ ବାଟବଣା ହୋଇପଡିଛି।

ସୂଚନା ଅନୁସାରେ, ରାଉରକେଲା ସହରରେ ବୁଲା ପ୍ରାଣୀଙ୍କୁ ଉଦ୍ଧାର କରି ଥଇଥାନ ଲାଗି ୨୦୨୨-୨୩ରେ ୧୩ଲକ୍ଷ ୨୨ହଜାର ଟଙ୍କା ବ୍ୟୟ ଅଟକଳରେ ସେକ୍ଟର-୧୪ ସ୍ଥିତ ୩ଏକର ବିଶିଷ୍ଟ ଜମିରେ ଗୋ-ନିରୋଧଶାଳା ନିର୍ମାଣ କରାଗଲା। ହକି ବିଶ୍ୱକପ୍ ପୂର୍ବରୁ ଆରଏମସି ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାଉରକେଲା ସହରର ବିଭିନ୍ନ ରାସ୍ତାରୁ ୧୫୦ରୁ ଊର୍ଦ୍ଧ୍ୱ ବୁଲା ଗୋରୁଙ୍କୁ ଉଦ୍ଧାର

### ଗୋ ସୁରକ୍ଷା ଅଭିଯାନ ବାଟବଣା

କରି ଉକ୍ତ ଗୋ-ନିରୋଧଶାଳାରେ ରଖାଗଲା। ସେମାନଙ୍କ ଖାଇବା ପାଇଁ ପ୍ରତି ସପ୍ତାହରେ ଆରଏମ୍‌ସି ପକ୍ଷରୁ ୬୦/୭୦ କୁଇଣ୍ଟାଲ ଲେଖାଏଁ ଦାନା, ପାଳକୁଟି ଏବଂ ଚୋକଡ ଆଦି ପ୍ରଦାନ କରାଗଲା। ଏଥିସହିତ ବୁଲା ଗୋରୁ ପାଣି ପିଇବା ପାଇଁ ୬୦ରୁ ଊର୍ଦ୍ଧ୍ୱ ଜଳକୁଣ୍ଡ ମଧ୍ୟ ନିର୍ମାଣ ହେଲା। ସେହିପରି ନିରୋଧଶାଳାରେ ବୁଲା ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ଜଣେ ଇନଚାର୍ଜ ଓ ୪ଜଣ ଷ୍ଟାଫ୍ ନିୟୋଜିତ ହେଲେ। ମାତ୍ର ହକି ବିଶ୍ୱକପ୍ ସରିବା ପରେ ନିରୋଧଶାଳାରେ ଥିବା ୧୫୦ରୁ ଊର୍ଦ୍ଧ୍ୱ ବୁଲା ଗୋରୁଙ୍କୁ ବାହାର କରିଦିଆଗଲା। ଦୀର୍ଘ ମାସ ହୋଇଗଲାଣି ଆରଏମ୍‌ସି ପକ୍ଷରୁ ପୂର୍ବଭଳି ଆଉ ବୁଲା



ସେକ୍ଟର-୧୪ ସ୍ଥିତ ଗୋ ନିରୋଧଶାଳା।

ଗୋରୁ ଉଦ୍ଧାର ହେଉନାହାନ୍ତି କି ଥଇଥାନ ମଧ୍ୟ ହେଉନାହାନ୍ତି। ସେହିପରି ଆବଶ୍ୟକ ମୁତାବକ ଗୋଶାଳା ନିର୍ମାଣ ମଧ୍ୟ ହେଉନାହିଁ। ଫଳରେ ସହରର ମୁଖ୍ୟରାସ୍ତା ମାନଙ୍କରେ ବୁଲା ଗୋରୁ ବିଚରଣ କରିବା ସହ ଦୁର୍ଘଟଣାର କାରଣ ମଧ୍ୟ ସାଜୁଛନ୍ତି। ଗୋଟିଏ ପଟେ ସହରର ପ୍ରାଣୀସମ୍ପଦ ସୁରକ୍ଷା ପାଇଁ ପ୍ରତିବର୍ଷ ନିରୋଧଶାଳା କେନ୍ଦ୍ର ନାଆଁରେ ଲକ୍ଷ ଲକ୍ଷ ଟଙ୍କାରେ ଖର୍ଚ୍ଚ ହେଉଥିବା ବେଳେ ନିରୋଧଶାଳା ଗୋବିହୀନ ହୋଇପଡିଥିବା ଅଭିଯୋଗ ହେଉଛି। ଏଥିସହିତ ନିରୋଧଶାଳାରେ ନିର୍ମିତ ଜଳ କୁଣ୍ଡଗୁଡିକର ଅବସ୍ଥା ଦୟନୀୟ ହୋଇପଡିଛି। ଗୋସମ୍ପଦ ଓ ଗୋଖାଦ୍ୟ ଭଣ୍ଡାର କୋଠାରେ କାଠ ବାଉଁଶ ଭର୍ତ୍ତି ହୋଇଛି। ବର୍ତ୍ତମାନ ଗୋ ନିରୋଧଶାଳାରେ ସମୁଦାୟ ୧୩ଟି ଗୋରୁ ରହିଛନ୍ତି।

ଏ ନେଇ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ହକି ବିଶ୍ୱକପ୍ ବେଳେ ବୁଲା ଗୋରୁଙ୍କୁ ଉଦ୍ଧାର କରି କେନ୍ଦ୍ରରେ ରଖାଯାଇଥିଲା। ପରେ ସେମାନଙ୍କ ଯତ୍ନରେ ଅଧିକ ଖର୍ଚ୍ଚ ହେବାରୁ କିଛି ଗୋ ପ୍ରେମୀଙ୍କୁ ରକ୍ଷଣାବେକ୍ଷଣ ପାଇଁ ଗୋରୁ ପ୍ରଦାନ କରାଗଲା। କିଛି ପ୍ରାଣୀ ପ୍ରେମୀ ଗୋରୁ ଓ ବୁଲା କୁକୁରଙ୍କୁ ବନ୍ଦୀ ରଖି ଅତ୍ୟାଚାର କରୁଥିବା ଅଭିଯୋଗ ହେବାରୁ ସେମାନଙ୍କୁ ଛାଡି ଦିଆଗଲା। ଆଗକୁ ପୁଣି ବୁଲା ଗୋରୁ ଉଦ୍ଧାର କରାଯିବା ସହ ସେକ୍ଟର-୧୪ ପ୍ରାଣୀ ନିରୋଧଶାଳାରେ ରଖାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ। ଏନେଇ ନିରୋଧଶାଳାର ଇନଚାର୍ଜ କେଦାର ଚୌଧୁରୀଙ୍କୁ ପଚାରିବାରୁ ସେ କହିଲେ, ହକି ପୂର୍ବରୁ ୧୫୦ଗୋରୁ ଥିଲେ। ପ୍ରତି ସପ୍ତାହରେ ୭୦ କୁଇଣ୍ଟାଲ ଗୋଖାଦ୍ୟ ସପ୍ଲାଏ ହେଉଥିଲା। ମାତ୍ର ହକି ପରେ ସବୁ ଗୋରୁଙ୍କୁ ଆରଏମ୍‌ସି ତରଫରୁ କାଢି ଦିଆଯାଇଛି। ବର୍ତ୍ତମାନ ନିରୋଧଶାଳାରେ ୧୩ ଗୋରୁ ଅଛନ୍ତି। ଏମାନଙ୍କ ପାଇଁ ସପ୍ତାହରେ ୭ କୁଇଣ୍ଟାଲ ଗୋଖାଦ୍ୟ ଯୋଗାଣ ହେଉଛି ବୋଲି ଚୌଧୁରୀ କହିଥିଲେ।

### ମା' ବନଭୋରୀଙ୍କ ଶୋଭାଯାତ୍ରା

ରାଉରକେଲା,୬।୧୦(ଦିନେଶ ମିଶ୍ର)

ମା' ବନଭୋରୀଙ୍କ ଆଶୀର୍ବାଦ ପ୍ରାପ୍ତ ଲାଗି ରାଉରକେଲା ବିଶ୍ରାଡାହାର ରୋଡ୍ ସ୍ଥିତ ଶ୍ୟାମ ମନ୍ଦିର ପରିସରରୁ ଭକ୍ତଙ୍କ ଦ୍ୱାରା ଧ୍ୱଜଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମା' ବନଭୋରୀଙ୍କୁ ଏକ ସୁସଜ୍ଜିତ ରଥରେ ବସାଇ ସହରର ମୁଖ୍ୟ ମାର୍ଗରେ ଭ୍ରମଣ କରାଯାଇଥିଲା। ଶୋଭାଯାତ୍ରା ରାଉରକେଲା ମେନ୍‌ରୋଡ ହୋଇ ପାୱାରହାଉସ୍ ରୋଡ, କଚୋରୀ ରୋଡ, ମ୍ୟୁନିସିପାଲ କଲେଜ ଛକ ଦେଇ ଦେଓଗାଁ ସ୍ଥିତ ମା' ବନଭୋରୀ ମନ୍ଦିରରେ ପହଞ୍ଚିଥିଲା। ଦେବେନ୍ଦ୍ର ଗୁପ୍ତା, ତାରସେମ ଭୋଇ, ଉମାଶଙ୍କର ସିଙ୍ଗଲ, ସଞ୍ଜୟ ବଂଶଲ, ମନୋଜ ଅଗ୍ରୱାଲ, ସର୍ଜିକାଲ ୱାଲ, ରୋହତସ ଭୋଇ, ମଙ୍ଗଲ ଭୋଇ, ସଞ୍ଜୟ ଭୋଇ, ଲେଖରାମ ଅଗ୍ରୱାଲଙ୍କ ସମେତ ମା' ବନଭୋରୀ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଟ୍ରାଫିକ୍ ଅବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ


ରାଉରକେଲା ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସାମାଜିକ ସଙ୍ଗଠନ ଆଶ୍ରା ପକ୍ଷରୁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ସହରରେ ଆଇନ ସୁରକ୍ଷା ପରିସ୍ଥିତ ଓ ମହିଳାମାନଙ୍କ ସୁରକ୍ଷାକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ କିଛିଦିନ ହେଲା ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଛି। ଏଥିଯୋଗୁ ସହରର ଜନସାଧାରଣ ଓ ବିଶେଷ କରି ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଆଗକୁ ସହରରେ ଶାରଦୀୟ ଦୁର୍ଗାପୂଜା ଆସୁଛି। ଏହି ସମୟରେ ପୂଜା ଦେଖିବା ପାଇଁ ସହର ତଥା ବାହ୍ୟ ଅଞ୍ଚଳର ବହୁ ମହିଳା, ଯୁବତୀ ଓ ରାଉରକେଲା ଆସିବେ। ଏହି ସମୟରେ ଚୋରି, ଡକାୟତି ଏବଂ ଅସଦାଚରଣ ଭଳି ଆପରାଧିକ କାର୍ଯ୍ୟ ହେବା ସମ୍ଭାବନା ରହିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ପୂଜା ମଣ୍ଡପରେ ବ୍ୟାପକ ପୋଲିସ ବ୍ୟବସ୍ଥା କରିବାକୁ ସଙ୍ଗଠନ ପକ୍ଷରୁ ଅଧକ୍ଷା ମିନତୀ ଦେବତାଙ୍କ ସମେତ ସଦସ୍ୟାମାନେ ଦାବି କରିଥିଲେ। ସେହିପରି ପୂର୍ବତନ କାଉନସିଲର ବ୍ରିଜେଶ ମହତୋଙ୍କ ନେତୃତ୍ୱରେ ଶନିବାର ଏକ ପ୍ରତିନିଧିମଣ୍ଡଳୀ ରାଉରକେଲା ଏସ୍‌ପି ୱାଧୱାନୀଙ୍କୁ ଭେଟି ରାଉରକେଲା ରିଂରୋଡ ସମେତ ମେନ୍ ରୋଡ୍‌ରେ ଟ୍ରାଫିକ୍ ଅବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଏହାର ସମାଧାନ ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ବିକାଶ ଜେନା, ରାହୁଲ ମହାନ୍ତି, ହରିଶଙ୍କର ଶାହା, ଓ.ପି ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଶାନ୍ତି କମିଟି ପକ୍ଷରୁ ମଧ୍ୟ ଏସ୍‌ପିଙ୍କ ସହ ଆଲୋଚନା କରାଯାଇଥିଲା। ଗିରିଜା ଶଙ୍କର ଦ୍ୱିବେଦୀ, ଦେବବ୍ରତ ବିହାରୀ, ସୁମନ ଦତ୍ତ, ଯଶବିନ୍ଦର ସିଂହ ଗୋଲ୍‌ଡି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବାଲୁଘାଟରେ ଚକ୍ଷୁ, ରକ୍ତଦାନ ଶିବିର

ରାଉରକେଲା,୬।୧୦(ଦିନେଶ ମିଶ୍ର)

ରୋଟାରୀ କ୍ଲବ ଅଫ୍ ରାଉରକେଲା ପକ୍ଷରୁ ବାଲୁଘାଟ ପ୍ରେକ୍ଷାଳୟରେ ରବିବାର ସଭାପତି କଳ୍ପନା ଶତପଥୀଙ୍କ ଅଧ୍ୟକ୍ଷତାରେ ମାଗଣା ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର କଳ୍ପତରୁ ପ୍ରୋଜେକ୍ଟ ପକ୍ଷରୁ ଆୟୋଜିତ କରାଯାଇଥିଲା। ଶିବିରରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବାବେଳେ ୨୮ଜଣ ରୋଗୀ ନିଜ ଆଖି ପରୀକ୍ଷା କରାଇଥିଲେ। ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ। ଶିବିରରେ ଅନୁପ ଗୁପ୍ତା ଅଧ୍ୟକ୍ଷତା କରିଥିଲେ। ସେହିପରି ଚକ୍ଷୁ ପରୀକ୍ଷଣ ଶିବିରକୁ ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେର ପରିଚାଳନା କରିଥିଲେ। କ୍ଲବର ରୋଟାରିଆନ ହୀରାଲାଲ ମହାପାତ୍ର, ଚନ୍ଦ୍ରଶେଖର ଶତପଥୀ, ପରଭେଜ ଆରୋର, ବିନୋଦ ଗୟେଲ, ନବୀନ ସିଙ୍ଗ୍, ସୁଶାନ୍ତ ତ୍ରିପାଠୀ, ପ୍ରଦୀପ କୁମାର ପଟ୍ଟନାୟକ, ରାଜେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଗର୍ବା ଓ ଡାଣ୍ଡିଆ ନୃତ୍ୟ ପ୍ରତିଯୋଗିତା: ବନଜା ହେଲେ ଡାଣ୍ଡିଆ କୁଇନ୍



ତୃତୀୟ ସନ୍ଧ୍ୟା ପ୍ରତିଯୋଗିତାରେ ଅତିଥିଙ୍କ ସହ ଅଂଶଗ୍ରହଣକାରୀ।

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ସ୍ମାର୍ଟ ଲେଡିଜ କ୍ଲବ ତରଫରୁ ଚାଲିଥିବା ନବରାତ୍ର ପାଳନ ଉତ୍ସବର ତୃତୀୟ ସନ୍ଧ୍ୟାରେ ଗର୍ବା ଓ ଡାଣ୍ଡିଆ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ କ୍ଲବର ସମସ୍ତ ମହିଳାଙ୍କ ସମେତ ଷ୍ଟିଲ ଟାଉନଶିପ୍‌ର ମହିଳା ଓ ଝିଅ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ସମାଜସେବୀ ପ୍ରଶାନ୍ତ ସେଠୀ, ନିରଞ୍ଜନ ଧଳ ଓ ସିପିସି କାର୍ଯ୍ୟକାରୀ ସଦସ୍ୟ କମ୍ୟୁନିଷ୍ଟ ଗୌଡ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ଗର୍ବା ଏବଂ ଡାଣ୍ଡିଆ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଷ୍ଟିଲ ଟାଉନଶିପ୍ ଡାଣ୍ଡିଆ କୁଇନ ଭାବେ ବନଜା ନାୟକ ବିଜୟିନୀ ହୋଇଥିଲେ। ସେହିପରି ପ୍ରତିଯୋଗିତାର ବେଷ୍ଟ ଡାଣ୍ଡିଆ ପ୍ରଦର୍ଶନକାରୀ ଭାବେ ମୋହିନୀ ମେହେର, ବେଷ୍ଟ କଷ୍ଟ୍ୟୁମ ଡିଜାଇନର ଭାବେ ସ୍ମୃତି ଲେଙ୍କା ଓ ବେଷ୍ଟ ମମ୍ କିଡ୍ ଭାବେ ପ୍ରୀତି ଓ ମହୁ କୃତିତ୍ୱ ଅର୍ଜନ କରିଥିଲେ। ଏଥିସହ କବିତା ବିଷୋୟୀ ବିଚାରକଙ୍କ ପସନ୍ଦ ଭାବେ ପୁରସ୍କୃତ ହୋଇଥିଲେ। ଫେମ ଫିଲ୍ମ ଅନୁଷ୍ଠାନର ନିର୍ଦ୍ଦେଶକ ହୃଷୀକେଶ ମହାପାତ୍ର ଓ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଅନିରୁଦ୍ଧ ବିଶ୍ୱାଳ ବିଚାରକ ଦାୟିତ୍ୱ ତୁଲାଇଥିଲେ। କ୍ଲବର ଆବାହକ ଲୀନା ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟା ପ୍ରତିଭା ପ୍ରୀୟଦର୍ଶିନୀ, ରଞ୍ଜିତା ଶତପଥି, ପ୍ରୀତି ରାଉତ, ହେମଲତା ପ୍ରସାଦ, ଋତୁରେଖା ସାହୁ, ରଶ୍ମିତା ଭଞ୍ଜଦେଓ, ସଂଯୁକ୍ତା ତ୍ରିପାଠୀ, ରଞ୍ଜିତା ପାତ୍ର, ସଂଯୁକ୍ତା ଶତପଥୀ, ଅନୁ ନାଗ, ଗାୟତ୍ରୀ ମହାନ୍ତି, ଅମୀୟଲତା ସାହୁ, କୌଶଲ୍ୟା ପୃଷ୍ଟି ଓ ପ୍ରଭାତୀ ଧଳ ପ୍ରମୁଖ ସହଯୋଗ କରିଥିଲେ।

## ଦୀର୍ଘକାଳୀନ ବେତନ ଚୁକ୍ତିନାମା ସ୍ୱାକ୍ଷରିତ

ରାଉରକେଲା,୬।୧୦(ଦିନେଶ ମିଶ୍ର)

ସୁନ୍ଦରଗଡ଼ ଜିଲା କୁଲୁଙ୍ଗା ସ୍ଥିତ ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ଲିମିଟେଡ୍‌ର ଦୀର୍ଘକାଳୀନ ବେତନ ଚୁକ୍ତିନାମା ମ୍ୟାନେଜମେଣ୍ଟ ଏବଂ ସିଆଇଟିୟୁ ସହବନ୍ଧିତ ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ୱାର୍କର୍ସ ୟୁନିୟନ ମଧ୍ୟରେ ରବିବାର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମାରେ ସିଆଇଟିୟୁ କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାସ, ଉପସଭାପତି ବିମାନ ମାଇତି, ସିଡିଓ ମୁଣ୍ଡା, ସୁକାନ୍ତ ବିଶ୍ୱାଳ, ସୁବାଷ ଜେନା, ଭବାନୀ ଶଙ୍କର ଜୋନ, ବିଳାଶିଷ ମିଞ୍ଜ ପ୍ରମୁଖ ସ୍ୱାକ୍ଷର କରିଥିବା ବେଳେ ମ୍ୟାନେଜମେଣ୍ଟ ପକ୍ଷରୁ ଏଚ୍‌ଆର ମୁଖ୍ୟ ନବୀନ ଦାଶ, ପ୍ଲାଣ୍ଟ ମୁଖ୍ୟ ବିକାଶେନ୍ଦୁ ମହାନ୍ତି, ମାନୁଫାକ୍ଚରିଂ ମୁଖ୍ୟ ଅଜୟ ରୟ, ପର୍ସନାଲ ମୁଖ୍ୟ ଆର.ଏନ୍. ସାହୁ ଓ ତରୁଣ ସାହୁ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ନୂତନ ଦୀର୍ଘକାଳୀନ ବେତନ ଚୁକ୍ତିନାମା ଅନୁଯାୟୀ ସ୍ଥାୟୀ ଶ୍ରମିକମାନେ ପ୍ରତ୍ୟେକ ବର୍ଷ ଅପ୍ରେଲ ମାସରେ ୫ ହଜାର ଟଙ୍କା ଉତ୍ପାଦନ ଲାଭାଂଶ ଭାବେ ପାଇବେ। ସମସ୍ତ ସ୍ଥାୟୀ ଶ୍ରମିକମାନଙ୍କ ପଦୋନ୍ନତି କରାଯାଇ ଇନ୍‌କ୍ରିମେଣ୍ଟ ବାବଦକୁ ୪ଟି କାଟାଗୋରିରେ ୧୯୦ରୁ ୨୭୦ ଟଙ୍କା ୩୫୦ରୁ ୩୮୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଶ୍ରମିକମାନେ ପାଉଥିବା ନିର୍ଦ୍ଦିଷ୍ଟ ପୂଜା ବୋନସ ୧୬ ହଜାର ୮ଶହରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କାରଖାନାରେ କାମ କରୁଥିବା ଠିକା ଶ୍ରମିକମାନେ ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଉପରେ ଅଣକୁଶଳୀ ଶ୍ରମିକ ଦୈନିକ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକ ଦୈନିକ ୫୦୨ ଟଙ୍କା ଏବଂ କୁଶଳୀ ଶ୍ରମିକ ଦୈନିକ ୫୫୨ଟଙ୍କା ପାଇବେ। ଶ୍ରମିକମାନେ ଅର୍ଜିଥିବା ବାର୍ଷିକ ଦରମାର ୧୦ ପ୍ରତିଶତ ଟଙ୍କା ପୂଜା ବୋନସ ଭାବେ ପାଇବେ। ଉଭୟ ଚୁକ୍ତିନାମା ୧ଏପ୍ରିଲ ୨୦୨୪ଠାରୁ ଲାଗୁ କରାଯାଇ ଆସନ୍ତା ୪ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି।

## ମା' ଦୁର୍ଗା ମାତୃଶକ୍ତିର ପ୍ରତୀକ

ରାଉରକେଲା,୬।୧୦(ଦିନେଶ ମିଶ୍ର)

ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ରାଉରକେଲା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ଆବାହକ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ଧାମରା ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ମୁଖ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମା' ଦୁର୍ଗତି ନାଶିନୀ ଦୁର୍ଗା ମାତୃଶକ୍ତିର ପ୍ରତୀକ। ମା' ଦୁର୍ଗା ପୃଥିବୀକୁ ସତ୍ୟ ଶିବ ସୁନ୍ଦରରେ ପରିଣତ କରିଛନ୍ତି। ସେ ନବରାତ୍ରରେ ୯ଟି ବେଶରେ ପୂଜା ପାଇଥାନ୍ତି ବୋଲି ମୁଖ୍ୟବକ୍ତା ରାଉତ କହିଥିଲେ। ନବରାତ୍ର ପାଳନ ଦ୍ୱାରା ପୃଥିବୀରୁ ଆସୁରିକ ଶକ୍ତିର ଲୋପ ପାଇଥାଏ। ତେଣୁ ମା'ଙ୍କ ଆଶୀର୍ବାଦ ହେଉଛି ଏ ଦୁନିଆର ସର୍ବଶ୍ରେଷ୍ଠ ଆଶୀର୍ବାଦ ବୋଲି ମୁଖ୍ୟ ଅତିଥି ଦେବେନ୍ଦ୍ର ବଳ ମତପ୍ରକାଶ କରିଥିଲେ। ଆରମ୍ଭରେ ସଂସଦ ସଭାପତି ବିଜୟ କୁମାର ସାହୁ ସଭାପତିତ୍ୱ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିଗଣ।

## ମାୟାପୁରୀ ଇସ୍କନ ମନ୍ଦିରରେ ବିରାଜିବେ ମା'


ବିରାଜିବେ ମା'

ରାଉରକେଲା,୬।୧୦ (ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାରେ ଚଳିତ ଥର ୧୦୬ଟି ପେଣ୍ଡାଲରେ ପୂଜା ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ସବୁବେଳେ ନୂତନ ଥିମ୍‌ରେ ତୋରଣ କରୁଥିବା ସେକ୍ଟର-୧ (ପୁରୁଣା) ଦୁର୍ଗାପୂଜା କମିଟି ପକ୍ଷରୁ କୋଲକତା ମାୟାପୁରୀ ଇସ୍କନ ମନ୍ଦିରର କଳାକୃତି ଶୋଭାପାଇବ। ୬୨ ବର୍ଷରେ ପଦାର୍ପଣ କରିଥିବା ଉକ୍ତ ପୂଜାରେ ୨୫ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ୯୦ ଫୁଟ୍ ଉଚ୍ଚତା ଏବଂ ୧୮୦ ଫୁଟ୍ ଚଉଡା ବିଶିଷ୍ଟ ତୋରଣ ନିର୍ମାଣ ହୋଇଛି। ଏଥିରେ ପ୍ରାୟ ୫ ହଜାର ବାଉଁଶ ଖଣ୍ଡ ଓ ଏକ ହଜାର ବଟମ୍ ବ୍ୟବହୃତ ହୋଇଛି।



ସେକ୍ଟର-୧ (ପୁରୁଣା) ଦୁର୍ଗାପୂଜା କମିଟି

ଉକ୍ତ ତୋରଣରେ ମା'ଙ୍କ ୨୨ ଫୁଟ୍‌ର କ୍ଲାସିକାଲ୍ ମୂର୍ତ୍ତି ଶୋଭାପାଇବ। ଏହାକୁ ଇସ୍କନ ମନ୍ଦିରର ଅବିକଳ ରୂପ ଦିଆଯିବା ସହ ଏଥିରେ ଆଧ୍ୟାତ୍ମିକ ପରିବେଶ ମଧ୍ୟ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ତେଣୁ ଷଷ୍ଠଠାରୁ ୧୦ମୀ ପର୍ଯ୍ୟନ୍ତ ଇସ୍କନର ସ୍ୱତନ୍ତ୍ର ୨୪ ଘଣ୍ଟିଆ କୀର୍ତ୍ତନ ମଣ୍ଡଳୀ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯିବ। ପ୍ରଭୁପାଦଙ୍କ ଦିବ୍ୟବାଣୀର ପ୍ରସାରଣ ସାଙ୍ଗକୁ ତାଙ୍କ ପ୍ରତିରୂପ ଏଠାରେ ଶୋଭାପାଇବ। ମୂର୍ତ୍ତିକୁ ସେକ୍ଟର-୨ର ବାପୀ ବିଶ୍ୱାଶୀ ନିର୍ମାଣ କରିଛନ୍ତି। ପେଣ୍ଡାଲ ପରିସରରେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଗୁଡିକୁ କୁଞ୍ଜ ରୂପେ ସଜାଯିବ। ସେହିପରି ପୂଜାର ଗାରିମା ବଜାୟ ରଖିବା ପାଇଁ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା ଅବଲମ୍ବନ କରାଯିବ। ଅପରାଧ ନିୟନ୍ତ୍ରଣ କରିବା ପାଇଁ ଏଠାରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ସେହିପରି ପେଣ୍ଡାଲଠାରୁ ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଉପଦେଷ୍ଟା ଆଇନଜୀବୀ କୈଳାସ ପ୍ରଧାନ, ଚନ୍ଦ୍ରମଣି ଜେନା, ମଧୁସୂଦନ ମହାପାତ୍ର, ପ୍ରହଲାଦ ନାୟକ, ମୀନକେତନ ରାଉତଙ୍କ ସମେତ ଶତାଧିକ କର୍ମୀ ପୂଜା ପରିଚାଳନା କରିବେ।

### ଏମାନେ କୁହନ୍ତି...



"ଏହି ଦୁର୍ଗାପୂଜା କମିଟି ପକ୍ଷରୁ ସବୁବେଳେ କିଛି ନିଆରା ପାଇଁ ପ୍ରୟାସ କରାଯାଇଥାଏ। ଲୋକଙ୍କ ଉତ୍ସାହ ଉଦ୍ଦୀପନାକୁ ଦୃଷ୍ଟିରେ ରଖି ଇସ୍କନ ମନ୍ଦିର ତିଆରି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେକ୍ଟର-୧ର ଏବିସି, ଡି ବ୍ଲକର ପ୍ରାୟ ଏକ ହଜାର ଲୋକଙ୍କ ସହାୟତରେ ଏହି ପୂଜା କରାଯାଇଆସୁଛି।

– ବନୋଜ ପରିଡ଼ା, ସଭାପତି



"ପୂଜାର ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଫାଟକ କରାଯାଇଛି। ସୁସଜ୍ଜିତ ଆଲୋକମାଳା ସହ ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା ହୋଇଛି। ପୂଜାର ଗୁରୁତ୍ୱ ଦୃଷ୍ଟିରୁ ପୁରୀରୁ ୭ ଜଣ ପଣ୍ଡିତ ସମସ୍ତ ପୂଜାବିଧି, ଚଣ୍ଡୀପାଠ ଆଦି ସମ୍ପାଦନ କରିବେ। ଲୋକଙ୍କ ମନୋରଞ୍ଜନ ପାଇଁ ରାମଦୋଳି, ଝୁଲା, ମୀନାବଜାର ଆୟୋଜନ କରାଯାଇଛି। ନିଶ୍ଚୟ ଲୋକେ ଏହାକୁ ଉପଭୋଗ କରିବେ।

– ମୁକ୍ତିକାନ୍ତ ବେହେରା, ସାଧାରଣ ସମ୍ପାଦକ

# ପକ୍ଷୀନୀଡ଼ ଢାଞ୍ଚା ସଦୃଶ ତୋରଣ

ସମ୍ବଲପୁର,୬।୧୦(ପ୍ରମୋଦ ବହିଦାର)


ଫାଟକ ଦୁର୍ଗାପୂଜାର ନିର୍ମାଣାଧୀନ ତୋରଣ।

**■ ଫାଟକ ଦୁର୍ଗାପୂଜାର ଅନନ୍ୟ ତୋରଣ**
**■ ବ୍ୟୟ ଅଟକଳ ୨୦ ଲକ୍ଷ ଟଙ୍କା**

ପ୍ରତିବର୍ଷ ପୂଜା ମଣ୍ଡପର ଭିନ୍ନ ଓ ଅନନ୍ୟ ରୂପ ପାଇଁ ପରିଚିତ ସମ୍ବଲପୁର ଫାଟକ ଦୁର୍ଗାପୂଜା ଚଳିତବର୍ଷ ୭୧ ବର୍ଷରେ ପଦାର୍ପଣ କରିଛି। ଫାଟକ ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ରହି ଆସିଥିବା ମଣ୍ଡପ ଓ ତୋରଣ ଚଳିତବର୍ଷ ମଧ ଏକ ଅନନ୍ୟ ରୂପରେ ଦୃଶ୍ୟମାନ ହେବ। କେବଳ ବାଉଁଶରେ ନିର୍ମିତ ପ୍ରାୟ ୪୦ ଫୁଟ୍‌ର ସୁଉଚ୍ଚ ପକ୍ଷୀନୀଡ଼ ଢାଞ୍ଚାର ତୋରଣରେ ଚଳିତବର୍ଷ ଭକ୍ତଙ୍କୁ ଦର୍ଶନ ଦେବେ ଜଗତଜନନୀ ମା' ଦୁର୍ଗା। ଏହା ବିଲୁପ୍ତପ୍ରାୟ ପକ୍ଷୀଙ୍କ ସଂରକ୍ଷଣର ବାର୍ତ୍ତା ବହନ କରିବ ବୋଲି ଏହାର ମୁଖ୍ୟ ଶିଳ୍ପୀ ରତନ ପଇକରାୟ କହିଛନ୍ତି।

ଚଳିତ ବର୍ଷ ଝାରସୁଗୁଡ଼ାର ଶୁଭେନ୍ଦୁ ଦାସଙ୍କ ଗଜାନନ୍ ଟେଣ୍ଟ ହାଉସ୍ ଏଠାରେ ମୁଖ୍ୟ ତୋରଣ ନିର୍ମାଣ ତଥା ସାଜସଜ୍ଜା ଦାୟିତ୍ୱ ହାତକୁ ନେଇଛି। ଚଞ୍ଚଳ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଶିଳ୍ପୀ ବାରିପଦାର ରତନ ପାଇକରାୟ, ରବି ଦାସ ଓ ସଞ୍ଜୟ ଦାସଙ୍କ ସହିତ ପ୍ରାୟ ୨୨ ଜଣ କାରିଗର ଗତ ୨୩ ଦିନ ହେଲା ଏହି ମଣ୍ଡପ ସାଜସଜ୍ଜାରେ ନିୟୋଜିତ ହୋଇଛନ୍ତି। ଆସନ୍ତା ୭ ତାରିଖ ସୁଦ୍ଧା ତୋରଣ ସହିତ ସମ୍ପୂର୍ଣ୍ଣ ମଣ୍ଡପ ନିର୍ମାଣ କାମ ଶେଷ ହେବ ବୋଲି କହିଛନ୍ତି ମୁଖ୍ୟଶିଳ୍ପୀ ପାଇକରାୟ। ସେହିପରି କଟକର ବିଶିଷ୍ଟ ମୂର୍ତ୍ତିକାର କାର୍ତ୍ତିକ ବେହେରା ଓ ସାଥୀ ଏଠାରେ ଦୁର୍ଗା ଏବଂ ପାର୍ଶ୍ୱ ଦେବାଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ମୂର୍ତ୍ତି ନିର୍ମାଣ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୂର୍ତ୍ତିକାର କାର୍ତ୍ତିକ ସମ୍ବଲପୁରରେ ହୀରାକୁଦ, ବୁର୍ଲା ଏମ୍‌ସିଏଲ୍ ଚେରୁଆପଡ଼ା ସହିତ ଫାଟକ ଆଦି ଏକ ସଙ୍ଗେ ୪ଟି ସ୍ଥାନରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। ସେ ଆଜକୁ ୮ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ଫାଟକ ପୂଜା ପାଇଁ ମା'ଙ୍କ ମୂର୍ତ୍ତି ନିର୍ମାଣ କରି ଆସୁଛନ୍ତି ବୋଲି କହିଛନ୍ତି ମୂର୍ତ୍ତିକାର କାର୍ତ୍ତିକ। ଏଠାରେ ଆଲୋକ ସାଜସଜ୍ଜା ଓ ଶବ୍ଦ ଦାୟିତ୍ୱରେ ରହିଛନ୍ତି ଢେଙ୍କାନାଳ ତାରିଣୀ ଟେଣ୍ଟ ହାଉସର ସରୋଜକାନ୍ତ ପ୍ରଧାନ। ସାଜସଜ୍ଜା ସମୟରେ ମଣ୍ଡପକୁ ଗତ ୨୦୦୩ ମସିହାରୁ ଜଗି ରହୁଥିବା ରବି ମୁଣ୍ଡା ଚଳିତ ବର୍ଷ ମଧ ୨୪ ଘଣ୍ଟାଧରି ମଣ୍ଡପ ଜଗିବା ସହ ଏଠାରେ ରହି ମଣ୍ଡପ ସାଜସଜ୍ଜାରେ ନିୟୋଜିତ କାରିଗରମାନଙ୍କୁ ସହାୟତା କରୁଛନ୍ତି।

ଫାଟକ ଦୁର୍ଗାପୂଜା ପାଇଁ ଚଳିତବର୍ଷ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମୁଖ୍ୟତୋରଣ ପାଇଁ ପ୍ରାୟ ସାଢ଼େ ୭ ଲକ୍ଷ ଟଙ୍କା, ଆଲୋକ ସାଜସଜ୍ଜା ପାଇଁ ସାଢ଼େ ୫ ଲକ୍ଷ ଓ ମୂର୍ତ୍ତି ନିର୍ମାଣ ପ୍ରଭା ଆଦି ପାଇଁ ୬୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପୂଜା ସମୟର ଭିଡ଼ରେ ଯେ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ଲାଗି ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ଚଳିତବର୍ଷ ସମଗ୍ର ଅଞ୍ଚଳକୁ ସିସିଟିଭି କ୍ୟାମେରା ତୀକ୍ଷ୍ଣ ନଜର ମଧ୍ୟରେ ରଖାଯିବାକୁ ନିଷ୍ପତ୍ତି ହୋଇଛି ବୋଲି କହିଛନ୍ତି ଫାଟକ ପୂଜା କମିଟି ସମ୍ପାଦକ ସୁଶାନ୍ତ ତନ୍‌ସନା। ସେ କହିଛନ୍ତି ଏଠାରେ ସମ୍ପୂର୍ଣ୍ଣ ଭାବେ ବଙ୍ଗାଳୀ ପରମ୍ପରାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇ। ପ୍ରତିବର୍ଷ ଭଳି ଚଳିତବର୍ଷ ଏଠାରେ କୋଲକାତାର ଗୌରା ଚକ୍ରବର୍ତ୍ତୀ ମୁଖ୍ୟ ପୂଜକ ଓ ତାଙ୍କ ସହଯୋଗୀ ଶ୍ୟାମପ୍ରସାଦ ଘୋଷାଲ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିବେ। ଆସନ୍ତା ୯ ତାରିଖ ମହାଷଷ୍ଠୀ ତିଥିରେ ସନ୍ଧ୍ୟା ସାଢ଼େ ୭ରୁ ଷଷ୍ଠୀପୂଜାରୁ ଚଳିତବର୍ଷର ପୂଜା ଆରମ୍ଭ ହେବ। ୧୦ ତାରିଖ ମହାସପ୍ତମୀ, ୧୧ ତାରିଖ ଅପରାହ୍ନ ୨ଟା ୨୦ରୁ ମହାଷ୍ଟମୀ ପୂଜା ଆରମ୍ଭ ହେବ। ଏହି ତିଥିରେ ପାଳିତ ହେଉଥିବା ଭାଇଜିଉନ୍ତିଆ ପାଇଁ ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ବ୍ୟବସ୍ଥା କରାଯିବ। ୧୨ ତାରିଖ ନବମୀ ପୂଜାର୍ଚ୍ଚନା ସହ ଏଠାରେ ସ୍ୱତନ୍ତ୍ର ଭାବେ ଧୂପନୃତ୍ୟପ୍ରତିଯୋଗିତା ଆୟୋଜିତ ହେବ। ୧୪ ତରେିଖରେ ଭଷାଣୀ ଉତ୍ସବ ପାଳିତ ହେବ ବୋଲି କହିଛନ୍ତି ସମ୍ପାଦକ ତନସନା।

ଫାଟକ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଫାଟକ ଦୁର୍ଗାପୂଜା କମିଟିର ସଭାପତି ଦାୟିତ୍ୱ ତୁଲାଇବେ ବୁଲୁ ବିଶ୍ୱାଳ। ଉପସଭାପତିଭାବେ ବଦ୍ରି ନାରାୟଣ ମିଶ୍ର, ଅନିଲ ବେହେରା, ଚନ୍ଦ୍ରମଣି ଭୂମିଜ, କୌସ୍ତୁର ସାହୁ ଓ ମନୋଜ ଦାଶ, ସମ୍ପାଦକ ସୁଶାନ୍ତ ଜନସନା, ସହ ସମ୍ପାଦକ ମୋହନ ମୁଣ୍ଡା, ବଳରାମ ମୁଣ୍ଡା, ରାଜେଶ ବେହେରା, ରୋସନ ପାଢ଼ୀ ଓ ବାବୁଲୁ ଜାଲ, କୋଷାଧକ୍ଷ ଚିତ୍ତବୋଧ ବିଶ୍ୱାଳ, ସହକାରୀ କୋଷାଧକ୍ଷ ଦୀପକ କୁଅଁର, ସାଂସ୍କୃତିକ ସମ୍ପାଦକ ଗୁଣରଞ୍ଜନ ସାଲିମା, ସରୋଜ ମିର୍ଦ୍ଧା ଓ ଚିନ୍ମୟ ଦାସ, ଆଖଡ଼ା ଦାୟିତ୍ୱ ନନ୍ଦ ମୁଣ୍ଡା ଓ ସନ୍ତୋଷ ସାହୁ, ଶୋଭାଯାତ୍ରା ଦାୟିତ୍ୱରେ ଦିଲୀପ ମୁଣ୍ଡା ଓ ସନ୍ତୋଷ ସାହୁ ରହିଛନ୍ତି।

# ନବରାତ୍ର, ଦଶହରା ପାଇଁ ଚଳଚଞ୍ଚଳ ସମ୍ବଲପୁର

ସମ୍ବଲପୁର,୬।୧୦(ପ୍ରମୋଦ ବହିଦାର)

ପାର୍ବଣ ଋତୁ ଆରମ୍ଭ ହୋଇଛି। ଦୁଇଦିନ ପରେ ଧରାବତରଣ କରିବେ ମା' ସିଂହବାହିନୀ। ଅକ୍ଟୋବର ୩ ଆଶ୍ୱିନ ପ୍ରତିପଦା ତିଥିରୁ ନବରାତ୍ର ଆରମ୍ଭ ହୋଇଛି। ଫଳରେ ନବରାତ୍ର ଓ ଦଶହରା ପାଇଁ ସମ୍ବଲପୁର ସହର ଚଳଚଞ୍ଚଳ ହୋଇଛି । ଆସନ୍ତା ୯ ତାରିଖ ମହାଷଷ୍ଠୀ ତିଥିରୁ ଦୁର୍ଗାପୂଜା ଅରମ୍ଭ ହେବ। ୧୧ ତାରିଖ ମହାଷ୍ଟମୀରେ ସ୍ୱତନ୍ତ୍ର ପୂଜାର୍ଚ୍ଚନ ଓ ୧୪ରେ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ। ସମ୍ବଲପୁର ମହାନଗର ଅଞ୍ଚଳରେ ଚଳିତବର୍ଷ ଛୋଟବଡ଼ ମୋଟ ୬୫ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜନ ଉତ୍ସବ ଆୟୋଜିତ ହେଉଛି। ଦଶହରା ବାତାବରଣ ଉପନୀତ ହୋଇଥିବାରୁ ଉତ୍ସବ ମୁଖରିତ ହୋଇ ଉଠିଛି ସମଗ୍ର ସମ୍ବଲପୁର ସହର। ନବରାତ୍ର ପାଇଁ ଭକ୍ତଙ୍କ ସମାଗମରେ ଉଚ୍ଛୁଳି ପଡୁଛି ସହରରେ ଥିବା ବିଭିନ୍ନ ଶକ୍ତିପୀଠଗୁଡ଼ିକ। ଉଜ୍ଜ୍ୱଳ ଆଲୋକମାଳାରେ ଝଲସି ଉଠିଛି ସହରର ବିଭିନ୍ନ ପୂଜା ମଣ୍ଡପର ସୁସଜ୍ଜିତ ତୋରଣ। ଫଳରେ ସହରରେ ସୃଷ୍ଟି ହୋଇଛି ଏକ ପ୍ରକାର ଧାର୍ମିକ ପରିବେଶ। ଚଳିତବର୍ଷ ଭଷାଣୀ ଉତ୍ସବରେ ପୂର୍ବଭଳି ମହାନଦୀରେ ମୂର୍ତ୍ତି ବିସର୍ଜନକୁ ବନ୍ଦ କରାଯାଇଛି। ଏହିଥିପାଇଁ ମହାନଗର ଅଞ୍ଚଳରେ ୫ଟି କୃତ୍ରିମ ପୋଖାରୀ ନିର୍ମାଣ କରାଯାଇଛି। ସେହିପରି ଭଷାଣୀ ଶୋଭାଯାତ୍ରା ଓ ରାବଣପୋଡ଼ିରେ ପାରମ୍ପରିକ ବାଣ ବଦଳରେ ସବୁଜ ତଥା ପରିବେଶ ଉପଯୋଗୀ ବାଣ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଦଶହରା ସମୟରେ ମଦ ଦୋକାନଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ମାତ୍ର କେବେଠାରୁ ଓ କେତେଦିନ ବନ୍ଦ ରହିବ ସେ ନେଇ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

**ସହରର ୬୫ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା**



# ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

ସମ୍ବଲପୁର, ୬।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମା ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ନବାଗତ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଅନିଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୁକ୍ତ ୨ ଉଚ୍ଚମାଧ୍ୟମିକ ମହାବିଦ୍ୟାଳୟ ଅଧକ୍ଷ ଅଶୋକ ପୁରୋହିତ, ସମ୍ମାନୀତ ଅତିଥିଭାବେ ପାର୍ବତୀ ଗିରି ମହାବିଦ୍ୟାଳୟ ଅଧାପକ ଶାନ୍ତନୁ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ନବାଗତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବକ୍ତବ୍ୟ ରଖି ମହାବିଦ୍ୟାଳୟ ଅଧାପିକା ମୀନତି ଦାସ ଶୃଙ୍ଖଳା ଓ ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରିଥିଲେ। ସେହିପରି ରବିନ୍ଦ୍ର ନାରାୟଣ ଠାକୁର, ବ୍ୟାସଦେବ ପଣ୍ଡା, ସତ୍ୟନାରାୟଣ ଦାସ, ବିନୋଦ ସାହୁ, ସଂସାର ପ୍ରଧାନ, ବଳଦେବ ମହାକୁର, ସଞ୍ଜିବ ସାହୁ, ଲମ୍ବୋଦର ପାଢ଼ୀ, ସୁଶ୍ରୀ ପାଢ଼ୀ, ସ୍ମାରକୀ ମାହାର ପ୍ରମୁଖ ମହାବିଦ୍ୟାଳୟର ଅଧାପିକା ଓ ଅଧାପକମାନେଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଅଧାପକ ପ୍ରମୋଦ ଦେହୁରୀ, ରେଣୁକା ମାଝି ସଭା ପରିଚାଳନା କରିଥିଲେ। ଏକାଦଶିଆ ଦଳେଇ, ଦିଲୀପ ଗୁରୁ, ଯଦୁମଣୀ ସାହୁ, ଚିନ୍ମୟ ପାଣିଗ୍ରାହୀ, ରତନ ଲୁହୁରା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

# ଫ୍ଲାଏଓଭର ବ୍ରିଜ, ସଂଲଗ୍ନ ରାସ୍ତା ନିର୍ମାଣ କର


ଡ୍ରୋନ ସର୍ଭେକୁ ଅଞ୍ଚଳବାସୀ ବିରୋଧ କରୁଛନ୍ତି।

କୁଚିଣ୍ଡା,୬।୧୦(ବିରଞ୍ଚି ଦର୍ଜୀ)

**କନସଲଟାନ୍ସି ବିଭାଗ ଡ୍ରୋନ ସର୍ଭେକୁ ବିରୋଧ**

ସମ୍ବଲପୁର ଜିଲା ବାମରାରେ ରେଳ ଫ୍ଲାଏଓଭର ବ୍ରିଜ ସହ ସଂଲଗ୍ନ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ହେଲେ ପୂର୍ତ୍ତ ବିଭାଗର ଅହେତୁକ ବିଳମ୍ବ ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଫ୍ଲାଏ ଓଭର ବ୍ରିଜ ଓ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବାରମ୍ବାର ସର୍ଭେ ହୋଇ ଆସୁଥିଲେ ହେଁ ଏହାର ରୂପରେଖ ଓ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୪ ଦିନ ତଳେ ଅନୁରୂପ ଭାବେ ସର୍ଭେ ପାଇଁ ଆସିଥିବା କେତେକ ଅଧିକାରୀ ଅଞ୍ଚଳବାସୀଙ୍କ ଦ୍ୱାରା ହଟହଟାର ସମ୍ମୁଖୀନ ହୋଇଥିଲେ। ଶନିବାର ପୁଣି ଥରେ ଡ୍ରୋନ ସର୍ଭେ ପାଇଁ ଆସିଥିବା ସମ୍ବଲପୁରର ଏକ କନସଲଟାନ୍ସି ସଂସ୍ଥା ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇ ଫେରିଯାଇଛନ୍ତି। ସମ୍ପୃକ୍ତ ସଂସ୍ଥା କର୍ମଚାରୀମାନେ ବଡ଼ତୁମେରମୁଣ୍ଡା-ନୂଆଁପଡ଼ାରେ ବନ୍ଦ ପଡିଥିବା ପୁରୁଣା ରେଲୱେ ଫାଟକ ନିକଟରେ ପହଞ୍ଚି ଥିଲେ। ଏହାର କିଛି ସମୟ ପରେ ସେମାନେ ଡ୍ରୋନ ଉଡାଇ ସର୍ଭେ ଆରମ୍ଭ କରିଥିଲେ। ଖବରପାଇ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ସର୍ଭେ ସମ୍ପର୍କରେ ପଚାରିଥିଲେ। ଏହା ରେଲୱେ ଓଭର ବ୍ରିଜ ପାଇଁ ସର୍ଭେ ଚାଲିଥିବା ସଂସ୍ଥା କର୍ମଚାରୀ କହିଥିଲେ। ମାତ୍ର ଉପସ୍ଥିତ ଜନସାଧାରଣ ସେମାନଙ୍କ କଥାକୁ ବିଶ୍ୱାସ ନ କରି ପାଟିତୁଣ୍ଡ କରିଥିଲେ। ଫଳରେ ଅଧିକାରୀମାନେ ନିରାଶ ହୋଇ ସେଠାରୁ ଫେରି ଯାଇଥିଲେ। ଜଣେ ବି ପୂର୍ତ୍ତ ବିଭାଗ ଅଧିକାରୀ ଉପସ୍ଥିତ ନ ଥିବା କାରଣରୁ ଲୋକେ ଉତ୍ତେଜିତ ହୋଇ ରାସ୍ତା ସର୍ଭେ ନ କରି କିଭଳି ଓଭର ବ୍ରିଜ ସର୍ଭେ କରି ଭୁଆଁ ବୁଲାଉଛ କହି ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ।

ଗୋବିନ୍ଦପୁର ପଞ୍ଚାୟତ ଗ୍ରାମସଭାରେ ୨ଥର ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ ପୂର୍ତ୍ତ ବିଭାଗ ଫ୍ଲାଏ ଓଭର ବ୍ରିଜ ଓ ରାସ୍ତା ନିର୍ମାଣ ପାଇଁ କେବଳ ସର୍ଭେ ନାମରେ ପ୍ରତାରଣା କରୁଥିବା ସେମାନେ ଅଭିଯୋଗ କରି ସର୍ଭେକୁ ବିରୋଧ କରିଥିଲେ। ଏହି ବିରୋଧ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶାନ୍ତ ଦାସ, ପ୍ରେମାନନ୍ଦ ସା, ଟିକେଶ୍ୱର ସା, ସମଲେଶ୍ୱର ମାକର, ବିନୋଦ ନାଏକ, ମୁନିର ହସନ, ଏମଡି ସିରାଜ,ଏମଡି କଲୁଆ ଖାନ, ଶିବଶଙ୍କର ପାଲ, ମହେନ୍ଦ୍ର ସା ଉପସ୍ଥିତ ଥିଲେ। ଏ ସମ୍ପର୍କରେ କୁଚିଣ୍ଡା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କୁ ପଚାରିବାରେ ସର୍ଭେ ବାବଦରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି।

# ବନ୍ୟପ୍ରାଣୀଙ୍କୁ ଭଲପାଇଲେ ମଣିଷ ସହ ସଂଘର୍ଷର ଅନ୍ତହେବ

ଜମନକିରା,୬।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)

**ଜମନକିରା ରେଞ୍ଜସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ**

ସମ୍ବଲପୁର ଜିଲା ଭୋଜପୁରସ୍ଥିତ ଜମନକିରା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ୭୦ତମ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିବେଶବିତ୍ ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ବନ୍ୟପ୍ରାଣୀଙ୍କୁ ଅନାବିଳଭାବେ ଭଲ ପାଇଲେ ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ଅଚିରେ ଅନ୍ତ ହୋଇପାରିବ ବୋଲି କହିଥିଲେ। ଡ଼ାକ୍ତର ହୃଦାନନ୍ଦ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ପିଢ଼ିଙ୍କୁ ଏ ଦିଗରେ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ପଟେଲ ଯୋଗଦେଇ ଚାରାରୋପଣ ଓ ତାର ସଂରକ୍ଷଣ କରିବାକୁ ମତ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମାଜିକ କର୍ମୀ ଲକ୍ଷ୍ମୀଧର ବିନ୍ଧାଣୀ ଅତିଥି ପରିଚୟ ପ୍ରଦାନ, ଉଦ୍ଦେଶ୍ୟ ଜ୍ଞାପନ ସହ ସଂଯୋଜନା କରିଥଲେ। ସଭା ପୂର୍ବରୁ ମୁଖ୍ୟବକ୍ତା ନାୟକଙ୍କ ନେତୃତ୍ୱ ଓ ବନପାଳ ଚନ୍ଦ୍ର ଶେଖର ଭୋଇ, ପୁଷ୍ପାଞ୍ଜଳି ବେହେରା, ଶିଶିର ସାମଲ, ଅଭିନ୍ନ ସୁନ୍ଦର ବାଘ ପ୍ରମୁଖଙ୍କ ପରିଚାଳନାରେ ପ୍ରାଣୀ ସୁରକ୍ଷା ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ବନ କର୍ମଚାରୀ ଓ ମହିଳାମାନେ ଗ୍ରାମ ପରିକ୍ରମା କରିଥଲେ। ସଭାରେ ସମସ୍ତ ଅତିଥି ଓ ଉପସ୍ଥିତ ଜନତାଙ୍କୁ ବନ୍ୟ ପ୍ରାଣୀର ସୁରକ୍ଷା ପାଇଁ ମୁଖ୍ୟବକ୍ତା ନାୟକ ଶପଥ ପାଠ କରାଇଥଲେ। ଶିବିରାର୍ଥୀଙ୍କ ମଧ୍ୟରୁ ପ୍ରାଣୀମିତ୍ର ବାସନ୍ତୀ ବେହେରା ଅତିଥି ଓ ବକ୍ତାଙ୍କ ପରାମର୍ଶର ଉଚ୍ଚପ୍ରଶଂସା କରିଥିଲେ। ସାମାଜିକ କର୍ମୀ ସନ୍ତୋଷ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।


ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ

ରେଢ଼ାଖୋଲ,୭।୧୦(ଅଚ୍ୟୁତାନନ୍ଦ ପୁରୋହିତ)


ଅତିଥିମାନେ ଲୋଗୋକୁ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର ଜିଲା ରେଢାଖୋଲ ଖନ୍ଦାଡିପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀସ୍ତରୀୟ ନିପୁଣ ଓଡ଼ିଶା ମିଶନ ଲୋଗୋ ଉନ୍ମୋଚିତ ହୋଇଯାଇଛି। ରେଢ଼ାଖୋଲ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଶିକ୍ଷାଧିକାରୀ ଯାଜ୍ଞସେନି ନାୟକ, ପୂର୍ବତନ ଅତିରିକ୍ତ ଶିକ୍ଷାଧିକାରୀ ନରୋତ୍ତମ ପୁରୋହିତ, ଖନ୍ଦାଡିପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂଦେଓ ଯୋଗଦେଇ ଲୋଗେ ଉନ୍ମୋଚନ କରିଥିଲେ। ପ୍ରଥମରୁ, ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନେ କିପରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ବିକଶିତ ହୋଇପାରିବ ସେ ଦିଗରେ ମିଳିତ ପ୍ରୟାସ ଜାରି ରଖିବାକୁ ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ସିଆରସିସି ମନୋରଞ୍ଜନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଶିଶୁପୂର୍ଣ୍ଣ ସରକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଧିଷ୍ଠିର ପ୍ରଧାନ ଅତିଥି ପରିଚୟ, ସିଆରସିସି ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାନନ ଗଡ଼ନାୟକ, ସନ୍ତୋଷ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଂଶାଜାଲ ପଞ୍ଚାୟତରେ ପୋଷଣ ମାସ ପାଳନ

ରେଢାଖୋଲ,୬।୧୦(ଅଚ୍ୟୁତାନନ୍ଦ ପୁରୋହିତ)



ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତରେ ମହିଳା ମହାସଂଘ ପକ୍ଷରୁ ରବିବାର ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ସମସ୍ତ କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତୀ ମହିଳା ଏଥିରେ ଯୋଗଦେଇଥିଲେ। ପୋଷଣ ମାସ ଉତ୍ସବରେ ପଞ୍ଚାୟତର ଏମବିକେ, ସମସ୍ତ ସିଆରପି, ବ୍ୟାଙ୍କମିତ୍ର ଓ କାର୍ଯ୍ୟକାରୀ କମିଟି ସଭ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରୀ ବାଳିକାମାନଙ୍କ ମଧ୍ୟରେ ଝୋଟିପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାନେତ୍ରୀ ପାର୍ବତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଫଇଏସ ମାଷ୍ଟର ଟ୍ରେନର ଅକ୍ଷୟ ଶତପଥୀ ଅତିଥିଭାବେ ଯୋଗ ଦେଇଥିଲେ। ଏମବିକେ ନୟନା ପ୍ରଧାନ, ବ୍ୟାଙ୍କମିତ୍ର ଲିପିନା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦିକା ସିସିଲିଆ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗ ମଣିଷ ଜୀବନକୁ ଶୃଙ୍ଖଳିତ କରେ

ସମ୍ବଲପୁର,୬।୧୦(ବି.ଶଙ୍କର)


ଉଦ୍‌ଯାପନୀ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

**ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତିର ପ୍ରଶିକ୍ଷଣ ଉଦ୍‌ଯାପିତ**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ସହିତ ଆରମ୍ଭ ହୋଇଥିଲା। ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ସିନ୍ଧୁସୂତା ନାୟକ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରିଥିଲେ। ଏଥିସହ ଯୋଗ କିପରି ଆମ ଦୈନନ୍ଦିନ ଜୀବନକୁ ସମୃଦ୍ଧ କରିଥାଏ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ନିୟମିତ ଯୋଗ ଅଭ୍ୟାସ କରିବା ଜରୁରୀ। ଏହାଦ୍ୱାର ମଣିଷ ଚାପମୁକ୍ତ ହୋଇଥାନ୍ତି। ସେହିପରି ଯୋଗ ମଣିଷ ଜୀବନକୁ ଶୃଙ୍ଖଳିତ କରିବା ସହ ସମୃଦ୍ଧ କରିଥାଏ ବୋଲି ପ୍ରଶିକ୍ଷକମାନେ କହିଥିଲେ।

ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାକ୍ତନ କର୍ପୋରେଟ ଅଧିକାରୀ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ କୃତ୍ରିମ ବୁଦ୍ଧିମତା ଓ ବସ୍ତୁଭିତ୍ତିକ ଇଣ୍ଟରନେଟର ସଫଳ ପ୍ରୟୋଗ ଆମର ଜୀବନ ଶୈଳୀକୁ କିପରି ସୁଗମ କରେ, ସେ ବିଷୟରେ ବିଭିନ୍ନ ଉଦାହରଣ ସହ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭରେ ମୌଳିକ ଇଂଲିଶ ଶିକ୍ଷା ପ୍ରଦାନ କରିବା ସହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୟ କୁମାର ସାହୁ ବୈଷୟିକ ସାହଯ୍ୟ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ହୁମେରା ବାନୋ, ଦୀପ୍ତି ରଞ୍ଜନ, ହେମଲତା, ସୋନାଲିକା, ସ୍ୱାତୀ ପରିମିତା ଅଂଶଗ୍ରହଣ କରିଥିଲେ। ଶିବିରରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧକ୍ଷତା କରିଥିଲେ। ଲାଇବ୍ରେରୀ ସଭ୍ୟ ସଚିବ ରଘୁନାଥ ମିଶ୍ର, ବିଭୂତି ନାରାୟଣ ମାଝୀ, ଗୋଲକ ବିହାରୀ ମିଶ୍ର, ଡ. ଗିରିଧାରୀ ହୋତା, ପ୍ରଫେସର ଶଙ୍କର ପ୍ରସାଦ ପତି, ପୃଥ୍ୱୀରାଜ ମିଶ୍ର, ମନୋଜ କୁମାର ନାଥ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଶିବିରରେ ୧୫ଟି ସ୍କୁଲରୁ ମୋଟ ୪୫ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ଶତପ୍ରତିଶତ ଉପସ୍ଥାନ ଥିବା ୧୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ଆସନ୍ତା ନଭେମ୍ବରରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ସମ୍ମାନୀତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ପବ୍ଲିକ ଲାଇବ୍ରେରୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଶିବିରରେ ସକ୍ରିୟ ଅଂଶ ଗ୍ରହଣ ପାଇଁ ସରକାରୀ ହାଇସ୍କୁଲ ବୁର୍ଲାର ଛାତ୍ର ଦୀପ୍ତିରଞ୍ଜନ ସାମନ୍ତଙ୍କୁ ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା ପୁରସ୍କୃତ କରିଥିଲେ। ଲାଇବ୍ରେରୀ ସଭାପତି ପ୍ରଫେସର ପାଢ଼ୀ ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ପ୍ରଶିକ୍ଷକ, ବିଦ୍ୟାଳୟ ମୁଖ୍ୟ, ଅବିଭାବକ, ସହଯୋଗୀ ଓ ଗଣମାଧ୍ୟମ ପ୍ରତିନିଧି ଏହି କାର୍ଯ୍ୟକ୍ରମକୁ ପ୍ରଚାର ଓ ପ୍ରସାରରେ ସାହାଯ୍ୟ କରିଥିବାରୁ ଲାଇବ୍ରେରୀ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ଜାତୀୟ ସଙ୍ଗୀତ ପରେ ଏ ବର୍ଷ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୭ରୁ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ସର୍ବମୋଟ ୨୨ଟିରାଷ୍ଟ୍ରନିର୍ମାଣ ଯୁବପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ସଂକ୍ଷେପରେ

### ଘଣ୍ଟାସୁନି ପୀଠରେ ନବରାତ୍ରି ପାଳନ



ଟିଟିଲାଗଡ଼,୬।୧୦(ଶରତ ମିଶ୍ର)

ଟିଟିଲାଗଡ଼ ଅଞ୍ଚଳରେ ଇଷ୍ଟଦେବୀ ରୂପେ ପୂଜା ପାଉଥିବା ମା' ଘଣ୍ଟାସୁନିଙ୍କ ପୀଠରେ ନବରାତ୍ରି ପୂଜନୋତ୍ସବ ଭକ୍ତିଭାବର ସହ ଆରମ୍ଭ ହୋଇଛି। ମନ୍ଦିର କମିଟି ପକ୍ଷରୁ ସାଜସଜ୍ଜା, ଆଲୋକମାଳାରେ ମନ୍ଦିର ପରିସର ଝଲସି ଉଠିଛି । କିମ୍ବଦନ୍ତୀ ଭରା ଏହି ପୀଠରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ମନ୍ଦିର ପୂଜକ ରାୟସିଂ ସିଂମାଝୀ, କୃଷ୍ଣ ସିଂପାତ୍ର, ରାଜୁ ସିଂପାତ୍ର, ଅଲେଖ ଦଳବେହେରା, ଧ୍ରୁବଲେଶ୍ୱର ଦଳବେହେରା ପ୍ରମୁଖ ପୂଜାନୁଷ୍ଠାନ ଦାୟିତ୍ୱ ନିର୍ବାହ କରୁଛନ୍ତି । ପରମ୍ପରା ମୁତାବକ ଅଷ୍ଟମୀ ଯଜ୍ଞ ଏବଂ ନବମୀରେ ଦେବୀଙ୍କ ନଗର ପରିକ୍ରମା ଦେଖିବା ପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ମନ୍ଦିର କମିଟି ତଥା ମା' ଘଣ୍ଟାସୁନି ସେବା ସମିତି ସଦସ୍ୟଙ୍କ ପକ୍ଷରୁ ଏନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି। ମା'ଙ୍କ ନଗର ପରିକ୍ରମା ସମୟରେ ଧାର୍ମିକ ଶୋଭାଯାତ୍ରାରେ ଚଳିତ ବର୍ଷ ଆଦିବାସୀ ନୃତ୍ୟ ଦଳ, ଦୁଲଦୁଲି, ଶଙ୍ଖ ଯୋଡ଼ି, ମୟୁର ନୃତ୍ୟ, କଳଙ୍ଗି, ଘଣ୍ଟ ଦଳ ଆଦି ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ସୁରୁଖୁରୁରେ ମା'ଙ୍କ ଯାତ୍ରା ସମ୍ପନ୍ନ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି।

### ରୋତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

ଲୋଇସିଂହା,୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ବାଣୀନିକେତନ କଲେଜରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରମୋଦ ଦାଶ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଦୀପ କୁମାର ହଡଗୀ, ଅଧ୍ୟାପକ ବାମଦେବ ମେହେର, ସୋମନାଥ ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଛାତ୍ରୀ ତୃପ୍ତିମୟୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବଲାଙ୍ଗୀର ଜିଲା ଦାଦନ ମୁକ୍ତ ହେବ

ଲୋଇସିଂହା,୬।୧୦(ସୁଶାନ୍ତ ବାରିକ)

## ଶିବଶକ୍ତି ଗ୍ରାମୀଣ ପାର୍କ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଗଣ ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ଅନ୍ତର୍ଗତ ନେଗିପାଲି ମୌଜାରେ ହୋଇଥିବା ଶିବଶକ୍ତି ଗ୍ରାମୀଣ ପାର୍କ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଏହାକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ନାଏକ ସ୍ଥାନୀୟ ଏମ୍‌ପି, ବିଧାୟକ ଏବଂ ବ୍ଲକ ପ୍ରଶାସନର ସହାୟତାରେ ସ୍ଥାନୀୟ ସରପଞ୍ଚ ଏକ ସୁନ୍ଦର ପାର୍କ ନିର୍ମାଣ କରି ପାରିଥିବାରୁ ପ୍ରଶଂସା କରିଥିଲେ। ଏହି ପାର୍କ ଦେଖିବା ପରେ ସହରାଞ୍ଚଳର ବିକାଶ ଗ୍ରାମାଭିମୁଖୀ ହୋଇଥିବା ଅନୁଭବ କରାଯାଉଛି। ଏହାଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ସ୍ୱପ୍ନ ସାକାର ହୋଇପାରିଥିବା ସେ କହିଛନ୍ତି। ବିକଶିତ ଗାଁ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ୨୪ବର୍ଷର ନିରଙ୍କୁଶ ସରକାର ଯାହା କରି ପାରି ନ ଥିଲା ଭାଜପା ସରକାର ତାହା ପୂରଣ କରିବା ପାଇଁ ଉଦ୍ୟମ ଜାରି ରଖିଛି। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ଦ୍ୱାରା ମହିଳାମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେବା ପାଇଁ ବାଟ ଫିଟିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋହେଲା ସମାବେଶରେ ଚାଷୀଙ୍କୁ ୧ଶହ ଟଙ୍କା ବୋନସ ଦେବାକୁ ଘୋଷଣା କରିଥିଲେ। ମଣ୍ଡିରେ ଧାନ ବିକ୍ରି ବେଳେ କଟନୀଛଟନୀ କଲେ, ହେଲେ ୫ ପଇସା ଦେଇପାରିଲେ ନାହିଁ। ଭାଜପା ସରକାର ଗୋଟିଏ କେଜି ଧାନକୁ ୩୧ ଟଙ୍କାରେ କିଣିବେ। ୨୦ ଲକ୍ଷ ଗରିବ ଲୋକଙ୍କୁ ଆବାସ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହା ଏକ ଶୁଷ୍କ ଅଞ୍ଚଳ। ମେଗା ପ୍ରକଳ୍ପ ମାଧ୍ୟମରେ ୨୦୨୫ ଡିସେମ୍ବର ସୁଦ୍ଧା ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଣ ହେବା ପାଇଁ ଲକ୍ଷ୍ୟ ରହିଛି। ବଲାଙ୍ଗୀର ଜିଲାର ମୁଖ୍ୟ ସମସ୍ୟା ହେଲା ଦାଦନ। ଲୋକଙ୍କୁ କାମ ଯୋଗାଇ ଜିଲାକୁ ଦାଦନ ମୁକ୍ତ କରାଯିବ ବୋଲି ମନ୍ତ୍ରୀ ନାଏକ ଦୃଢତାର ସହ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଟିଟିଲାଗଡ ବିଧାୟକ ନବୀନ ଜୈନ, ଜିଲା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଅକ୍ଷୟପାଣି ଉଦୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଇଓ ପ୍ରହଲ୍ଲାଦ ବେହେରା, ସୁରେଶ ସାହୁ, ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ ,ରଘୁନାଥ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତ ଅଧୀନ ଏସଏଚଜି,ଏମବିକେ,ସିଆରପି ଏବଂ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ଜୈବିକ କୃଷି ଉପରେ ଗୁରୁତ୍ୱ

ଖପ୍ରାଖୋଲ,୬।୧୦(ଅଭୟ ତ୍ରିପାଠୀ)

## ବ୍ଲକ ବୈଷୟିକ କମିଟିର ବୈଠକ

ଶନିବାର ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ବ୍ଲକ ବୈଷୟିକ କମିଟିର ବୈଠକ କମିଟି ଆବାହକ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା,ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ଏଭିଓ ଅଭିଜିତ ପଣ୍ଡା, ମୃତ୍ତିକା ସଂରକ୍ଷଣ ଅଧିକାରୀ ପି .ମେହେର ପ୍ରମୁଖ ଯୋଗଦେଇ ସମନ୍ୱିତ କୃଷି ପଦ୍ଧତି ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, କ୍ଷୁଦ୍ର ଶସ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମନ୍ୱିତ କୃଷି ପଦ୍ଧତି ପାଇଁ ଚିହ୍ନଟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନ ଯୋଜନାର ୧୮ ତମ କିସ୍ତି ପ୍ରଦାନ ଉତ୍ସବର ସିଧା ପ୍ରସାରଣ ଚାଷୀ ଓ ଅଧିକାରୀ ଦେଖିଥିଲେ। ଏହି ଅବସରରେ ପରେଶ ମେହେର, ମାନସ ଖମାରୀ, ସୁରେଶ ବେହେରା, ଗଣେଶ ବନଛୋରଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।



ବ୍ଲକ ବୈଷୟିକ କମିଟି ବୈଠକରେ ଉପସ୍ଥିତ ଅଧିକାରୀ ।

# ଗୋଁଣ୍ଡୱାନା ଗୋଣ୍ଡ ମହାସଭାର ନୂଆଁଖାଇ ଭେଟ୍‌ଘାଟ୍

ଲୋଇସିଂହା,୬।୧୦(ସୁଶାନ୍ତ ବାରିକ)



ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଣ୍ଡ ମହାସଭା ଓଡିଶା ପ୍ରଦେଶର ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ ଶାଖାର ମିଳିତ ଆନୁକୂଲ୍ୟରେ ରବିବାର ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ,ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ସାଏ, ଜିଏସୟୁର ରାଷ୍ଟ୍ରୀୟ ସଭାପତି ଖାନସିଂ ମାଝି, ମହାସଚିବ ପ୍ୟାରୀମୋହନ ନାଏକ, ରାଜ୍ୟ ଉପଦେଷ୍ଟା ହୋମସିଂ ମାଝି ,ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ସମ୍ମାନିତ ଅତିଥି, ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ନାଏକ ତାଙ୍କ ବକ୍ତବ୍ୟରେ ନବଗଠିତ ରାଜ୍ୟ ସରକାରଙ୍କ ଆଭିମୁଖ୍ୟଏବଂ ସମାଜର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟବକ୍ତା ଗଣ ଶିକ୍ଷାମନ୍ତ୍ରୀ ଗୋଣ୍ଡ କହିଥିଲେ ଯେ, ନୂଆଁଖାଇ ସାମାଜିକ ଏକତା ବହନ କରିଥାଏ। ଏହା ଭଲ ଉଦ୍ୟମ। ଭବିଷ୍ୟତ ପିଢି ପାଇଁ ଏହି ପରମ୍ପରା ବଜାୟ ରଖିବାକୁ ସେ ଅନୁରୋଧ କରିଥିଲେ। ଶନିବାର ରାଜ୍ୟ ସରକାର ୧୬ ହଜାରରୁ ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକ ନିଯୁକ୍ତି ଦେଇଛନ୍ତି । ଯାହାକି ଐତିହାସିକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଣ୍ଡରୀପାଣି ଗାଁର ରାମଚନ୍ଦ୍ର ଦରୁଆ ଏବଂ ବଲାଙ୍ଗୀର ଜିଏସୟୁକୁ ବଡଦେଓ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆୟୋଜକଙ୍କ ତରଫରୁ ଅତିଥିଙ୍କୁ ରାଜଚକ୍ରବର୍ତ୍ତୀ ସ୍ମାରକୀ ପ୍ରଦାନ କରାଯାଇଥିଲା। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ କୁନିକୁନି ପିଲାଙ୍କ ନୃତ୍ୟ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୁଗ୍ଧକର ହୋଇଥିଲା। ଏହି ଉପଲକ୍ଷ ବଲାଙ୍ଗୀର ଜିଏସୟୁ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୭୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବଲାଙ୍ଗୀର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

# ଦୁର୍ଗା ପୂଜା ପାଇଁ ପୋଲିସ, ପ୍ରଶାସନର ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,୬।୧୦(ଅଭୟ ତ୍ରିପାଠୀ)

ଆଗାମୀ ଦୁର୍ଗାପୂଜା ଓ ରାବଣ ପୋଡ଼ି ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଥାନା ଅଧିକାରୀ ନରେନ୍ଦ୍ର ଛତର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ପୂଜା କିଭଳି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେନେଇ ପୂଜା କମିଟି ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ପୁରନ ସାହୁ, ଶିବ ରଣା, କୁନୁ ବରିହାଙ୍କ ସମେତ କପସିପାଲି, ବାଞ୍ଜିପାଲି,ଖପ୍ରାଖୋଲ ଓ ଗମ୍ଭାରୀ ଗାଁର ଦୁର୍ଗାପୂଜା କମିଟି ସଭାପତି ଓ ସଦସ୍ୟ ଉପସ୍ଥିତ ଥିଲେ।

# ହରିଶଙ୍କରରେ ଜନ୍ମଦିନ ପାଳିଲେ ଓଡ଼ିଆ ଫିଲ୍ମଷ୍ଟାର୍ ସବ୍ୟସାଚୀ

ବଲାଙ୍ଗୀର/ଖପ୍ରାଖୋଲ, ୬।୧୦
(ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)

- ପାନୀୟ ଜଳ ପ୍ରକଳ୍ପ ପାଇଁ ଭୂମି ପୂଜନ
- ଚାଲିଛି ରାଣ୍ଡିପୁଅ ଅନନ୍ତା ଫିଲ୍ମ ଶୁଟିଂ

ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ମନ୍ଦିର ପରିସରରେ ଏକ ପାନୀୟ ଜଳପ୍ରକଳ୍ପର ଭୂମିପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ପାନୀୟ ଜଳ ପ୍ରକଳ୍ପର ସମସ୍ତ ବ୍ୟୟ ଖର୍ଚ୍ଚ ଓଡିଆ ଫିଲ୍ମ ଷ୍ଟାର ସବ୍ୟସାଚୀ ମିଶ୍ର ବହନ କରିବେ ବୋଲି ରବିବାର ତାଙ୍କର ଜନ୍ମଦିନ ପାଳନ ବେଳେ ଘୋଷଣା କରିଥିଲେ। ଏହି ଭୂମିପୂଜନ ଉତ୍ସବରେ ଫିଲ୍ମ ଷ୍ଟାର ସବ୍ୟସାଚୀଙ୍କ ସହ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ପାଟଣାଗଡ ଏସଡିପିଓ ସଦାନନ୍ଦ ପୂଜାରୀ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର, ତୁରେକେଲା ଥାନାଧିକାରୀ ରମାକାନ୍ତ ସାହୁ, କୁମାର ଶ୍ରୀଦେବ, ଗୋପାଳ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗନ୍ଧମାର୍ଦ୍ଦନ ପାହାଡ ପାଦଦେଶ ହରିଶଙ୍କର ପୀଠର ଆଖପାଖରେ କିଛି ଦିନ ହେଲା ଓଡିଆ ଫିଲ୍ମ ରାଣ୍ଡିପୁଅ ଅନନ୍ତାର ଶୁଟିଂ ଚାଲିଛି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ ବହୁଚର୍ଚ୍ଚିତ କଥାବସ୍ତୁ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ଅଭିନେତା ସବ୍ୟସାଚୀ ଅଭିନୟ କରୁଛନ୍ତି। ସୁଟିଂ ଚାଲିଥିବା ବେଳେ ହରିଶଙ୍କର ମନ୍ଦିର ପରିସର ମଧ୍ୟରେ ତାଙ୍କର ଜନ୍ମଦିନ ପାଳନ କରାଯାଇଥିଲା। କେକ୍ କାଟି ସବ୍ୟସାଚୀ ଜନ୍ମଦିନ ପାଳିଥିଲେ। ହରିଶଙ୍କର ଭଳି ଏକ ତୀର୍ଥକ୍ଷେତ୍ର ଏବଂ ପ୍ରକୃତି କୋଳରେ ଏଭଳି ଜନ୍ମଦିନ ପାଳିବା ନିଆରା ବୋଲି ସବ୍ୟସାଚୀ କହିବା ସହ ଏହାକୁ ସ୍ମରଣୀୟ କରିବାକୁ ଯାଇ ତାଙ୍କ ଉଦ୍ୟମରେ ହରିଶଙ୍କରର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଏଠାରେ ଏକ ପାନୀୟ ଜଳ ପ୍ରକଳ୍ପ ବସାଇବାକୁ ସେ ଘୋଷଣା କରି ଭୂମିପୂଜନ କରିଥିଲେ। ଅଳ୍ପ ଦିନ ମଧ୍ୟରେ ଏହି ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଜନ୍ମଦିନ ଓ ଭୂମିପୂଜନ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିଶଙ୍କର ମନ୍ଦିର କମିଟି ସଦସ୍ୟ ଗୁପ୍ତେଶ୍ୱର କୁଅଁର, ଗଜେନ୍ଦ୍ର ନାଗ, ଅଭୟ ତ୍ରିପାଠୀ, ବିଜୟ ମଲ୍ଲିକ, ଫିଲ୍ମ ଟିମ୍‌ର ବିଜୟ ତ୍ରିପାଠୀ, ମଣ୍ଟୁ ମହାପାତ୍ର, ବିନ୍ଦୁ, ଲମ୍ବୋଦର ଟାକ୍ରି ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ହରିଶଙ୍କର ମନ୍ଦିର ପରିସରରେ ପାନୀୟ ଜଳ ପ୍ରକଳ୍ପର ଭୂମିପୂଜନ କରାଯାଉଛି।

# ଜିଲାସ୍ତରୀୟ ସିଆର୍‌ସିସି ସଂଘର ନୂଆଁଖାଇ ଭେଟଘାଟ



ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ଉପସ୍ଥିତ ସିଆର୍‌ସିସି ।

ଦେଓଗାଁ,୬।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମପାହାଡରେ ଜିଲାସ୍ତରୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ସଂଘର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦିନେଶ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୪ଟି ବ୍ଲକର ସମସ୍ତ ସିଆରସିସି ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ସିଆରସିସି ଯୋଗଦେଇ ଶିକ୍ଷା ବିଭାଗରେ ହେଉଥିବା ପାତରଅନ୍ତରକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ସିଆରସିସିମାନଙ୍କୁ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ଛନ୍ଦି ଅଯଥା ବଦନାମ ଦେବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଜିଲା ସମ୍ପାଦକ ନିରାକାର ସାଏ, କୋଷାଧ୍ୟକ୍ଷ ରଞ୍ଜିତ ମିଶ୍ର, ଦେଓଗାଁ ବ୍ଲକ ସଭାପତି ତପନ କୁମାର ନାଗ, ସମ୍ପାଦକ ଜ୍ୟୋତି ପ୍ରକାଶ ଷଡଙ୍ଗୀ, ମୁକୁନ୍ଦପୁର ସିଆରସିସି ବିରେନ୍ଦ୍ର ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ଅଭିଯୋଗ ପରେ ବି ଫଳ ଶୂନ୍

ଲାଠୋର,୬।୧୦(ଭୁବନେଶ୍ୱର ବାରିକ)

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିଲା ପଞ୍ଜୀକରଣ



ଚାନ୍ଦଲି ପର୍ବତ ପାଦ ଦେଶରେ ଅବସ୍ଥିତ ମସିଣା ଗ୍ରାମ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଞ୍ଚାୟତର ସାନଗୁର୍ଜିଭଟା ଓ ମସିଣା ଗ୍ରାମରେ ଆବଶ୍ୟକ ସଂଖ୍ୟକ ଷ୍ଟ୍ରିଟ ଲାଇଟ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଭୟ ଗ୍ରାମରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ୨୦୨୩ ଅଗଷ୍ଟ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଘନଶ୍ୟାମ ସରାଫ ନାମକ ଜଣେ ଯୁବକ ଅନ୍‌ଲାଇନରେ ଅଭିଯୋଗ ପଞ୍ଜୀକରଣ କରିଥିଲେ। ସେଠାରୁ ନିର୍ଦ୍ଦେଶ ହେବା ପରେ ମଧ୍ୟ ଅଦ୍ୟାବଧି ଲାଇଟ ଲଗାଯାଇ ନ ଥିବା ନେଇ ସଂପୃକ୍ତ ଯୁବକ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ୫ ୱାର୍ଡ଼ ବିଶିଷ୍ଟ ଉକ୍ତ ଦୁଇ ଖଣ୍ଡ ଗ୍ରାମର ଲୋକ ସଂଖ୍ୟା ୩୫ ଶହ । ଦୁଇ ଗ୍ରାମ ଚାନ୍ଦଲି ପର୍ବତର ପାଦ ଦେଶରେ ଅବସ୍ଥିତ। ଗ୍ରାମକୁ ବିଦ୍ୟୁତ ଯୋଗାଣ ରହିଛି । ହେଲେ କେତେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲାଗିଥିବା ବେଳେ ଆଉ କେତେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲାଗିନାହିଁ। ରାତି ସମୟରେ ଉଭୟ ଗ୍ରାମର ଲୋକ ଯିବା ଆସିବା କରିବା ବେଳେ ଅସୁବିଧା ଭୋଗୁଛନ୍ତି। ସମସ୍ୟାକୁ ନେଇ ସଂପୃକ୍ତ ଯୁବକ ଅନ୍‌ଲାଇନରେ ଅଭିଯୋଗ ପଞ୍ଜୀକରଣ କରିଥିଲେ । ଅଭିଯୋଗକୁ ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ କରିବାକୁ ସେଠାରୁ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶ ଅନୁସାରେ ଖପ୍ରାଖୋଲ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପରମେଶ୍ୱର ନାଏକ ଗତ ଜୁଲାଇ ୮ ତାରିଖରେ ଅଭିଯୋଗର ତଦନ୍ତ କରିଥିଲେ । ପରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ କରୁଆଁଝର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ କରି ଉପରୋକ୍ତ ଦୁଇ ଗ୍ରାମର ଯେଉଁ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲାଗିବା ଦରକାର, ସେଠାରେ ଲାଇଟ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜିଯାଏ ଷ୍ଟ୍ରିଟ ଲାଇଟ ଲାଗିପାରି ନାହିଁ। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜଳି ଶବରଙ୍କୁ ପଚାରିବାରେ ଆମେ ଖୁବ ଶୀଘ୍ର ଲାଇଟ ଲଗାଇବା ବ୍ୟବସ୍ଥା କରୁଛୁ ବୋଲି କହିଥିଲେ। ତେବେ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ସଫଳତା ପାଇବା ପାଇଁ କର୍ମ ପ୍ରତି ପ୍ରେମଭାବ ରହିବା ଉଚିତ

ବଲାଙ୍ଗୀର,୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)



କବି ପବିତ୍ର ମୋହନ ଦାଶଙ୍କୁ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ପ୍ରଦାନ କରାଯାଉଛି।

## ପବିତ୍ର ମୋହନ ଦାଶଙ୍କୁ ମିଳିଲା ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରଚନା ପକ୍ଷରୁ ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷରେ ସ୍ୱର୍ଗତ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କବି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ପବିତ୍ର ମୋହନ ଦାଶଙ୍କୁ ୨୦୨୪ ମସିହା ପାଇଁ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ସୃଜନପ୍ରେମ ଓ ଆଧ୍ୟାତ୍ମିକତା ଶୀର୍ଷକ ସ୍ମାରକୀ ବକ୍ତୃତାରେ ଅତିଥି ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ପ୍ରକାଶ ମହାପାତ୍ର ଯୋଗଦେଇ କୌଣସି ଏକ କର୍ମ କରିବା ଓ ଏଥିରେ ସଫଳତା ପାଇବା ପାଇଁ ସେହି କର୍ମ ପ୍ରତି ପ୍ରେମଭାବ ରହିବା ଉଚିତ ବୋଲି କହିଥିଲେ। ଆଧ୍ୟାତ୍ମିକ ଭାବନା ହିଁ ଆମକୁ କର୍ମ କରିବା ପାଇଁ ଉପାଦାନ ଯୋଗାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ ଅନୁଷ୍ଠାନ ସମ୍ପାଦକ କବି ଭାଗିରଥି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗାଳ୍ପିକ ମନୋଜ କୁମାର ପଣ୍ଡାଙ୍କ ହାଡ଼ ବଗିଚା ଗଳ୍ପର ପ୍ରଥମ ଅଂଶକୁ ଉପସ୍ଥାପନା କରିଥିଲେ କବି ରତ୍ନମୟ ତ୍ରିପାଠୀ। ମନୋଜ ପଣ୍ଡାଙ୍କ ଜୀବନୀ ଓ କୃତି ସମ୍ପର୍କରେ ସଂକ୍ଷିପ୍ତ ସମୀକ୍ଷା କରିଥିଲେ ସାହିତ୍ୟିକ ହୃଷୀକେଶ ପୂଜାରୀ। ଏହି ଅବସରରେ କବି ଆଲୋକ କୁମାର ହୋତାଙ୍କ କବିତା ସଂକଳନ 'ଭିନ୍ନ ମୁହୂର୍ତ୍ତ ଅନ୍ୱେଷଣରେ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ । ଏହି ସଭାରେ ଗାଳ୍ପିକା ଗାୟତ୍ରୀ ସରାଫ, ମଞ୍ଜୁବାଳା ପଣ୍ଡା, ପ୍ରଦୀପ ମିଶ୍ର, ମଳୟ ମିଶ୍ର, କବି ପ୍ରହଲ୍ଲାଦ ଶତପଥୀ, ବନ୍ଦନା ପଟ୍ଟନାୟକ, ବିନତି ଶତପଥୀ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ତଥା ସହରର ଅନେକ କବି ସାହିତ୍ୟିକ ଓ ମନୋଜ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।


ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଭୁବନେଶ୍ୱରୀ ବେଶ।

# ବଳରାମଙ୍କୁ ଧରିପାରୁନି ଭିଜିଲାନ୍ସ

## ଓଏଲ୍ଆଇସି ଆକାଉଣ୍ଟରୁ ୧.୧୯ କୋଟି ଆତ୍ମସାତ ଘଟଣା

ସୋନପୁର,୬ା୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଉଠା ଜଳସେଚନ ଅଫିସ୍‌ର ପ୍ରାକ୍ତନ ସହକାରୀ ହିସାବରକ୍ଷକ ବଳରାମ ମେହେର ଚଞ୍ଚକତା କରି ଓଡିଶା ଉଠାଜଳସେଚନ ନିଗମ(ଓଏଲ୍ଆଇସି) ଆକାଉଣ୍ଟରୁ ୧କୋଟି ୧୯ଲକ୍ଷ ୭୧ହଜାର ଟଙ୍କା ଆତ୍ମସାତ କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ କେଶ ନଂ ୧୯/୭।୮।୨୪ ଅନୁସାରେ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଏହା ଜଣାପଡିବା ପରେ ମାମଲାରେ ସମ୍ପୃକ୍ତ ବଳରାମ କୁଆଡେ ଫେରାର ହୋଇଯାଇଛନ୍ତି। ତେବେ ଘଟଣାର ୨ମାସ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଧରିବାରେ ଭିଜିଲାନ୍ସ ବିଭାଗ ବିଫଳ ହୋଇଛି।

ବଳରାମ ଜଣେ ଆଉଟସୋର୍ସିଂ (ବାହ୍ୟ ଠିକା) କର୍ମଚାରୀ। ସେ ପ୍ରଥମେ


ବଳରାମ ମେହେର।

ଡାଟା ଏଣ୍ଟ୍ରି ଅପରେଟର ଓ ପରେ ସହକାରୀ ହିସାବରକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସହକାରୀ ହିସାବରକ୍ଷକ ନିଯୁକ୍ତି ପରେ ସେ ସୁବର୍ଣ୍ଣପୁର ଓଏଲ୍ଆଇସି କାର୍ଯ୍ୟାଳୟର ସମସ୍ତ ଅର୍ଥ କାରବାର ବୁଝୁଥିଲେ। ତାଙ୍କୁ ନିଗମର ନିର୍ବାହୀଯନ୍ତ୍ରୀ ଅଫିସର ସମସ୍ତ କାଗଜପତ୍ର ଏପରିକି ଚେକ୍ ବହି ଦେଇଥିଲେ। ବଳରାମଙ୍କ କାରନାମା ଜଣାପଡିବା ପରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ତେବେ ସେ ଧରା ପଡି ନଥିବାରୁ ପୁରା ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରିନି। ଅନ୍ୟପକ୍ଷେ ଅଡିଟ୍ ସମ୍ପୂର୍ଣ୍ଣ ହୋଇ ନଥିବାରୁ ନିଗମର ଆର୍ଥିକ କାରବାରକୁ ତଦାରଖ କରୁଥିବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। କେବଳ ତତ୍କାଳୀନ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ ବେହେରାଙ୍କୁ ନିଗମର ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟକୁ ବଦଳି କରାଯାଇଛି। ବଳରାମ ଓଏଲ୍ଆଇସି ଆକାଉଣ୍ଟରୁ ଆରଟିଜିଏସ୍ ଜରିଆରେ ପ୍ରଥମେ ୩୨ଲକ୍ଷ ଓ କିଛି ମାସ ପରେ ୭୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନିଜ ଫାର୍ମ ବି ଏମ୍ କମ୍ପ୍ୟୁଟର ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଜୁଲାଇ ୩୦ ତାରିଖରେ ଆରଟିଜିଏସ୍ ଜରିଆରେ ପୁଣି ୭୬ଲକ୍ଷ ଟଙ୍କା ନିଜ ଫାର୍ମ ଆକାଉଣ୍ଟକୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ ଧରା ପଡିଥିଲେ। ସେ ଏହି ଟଙ୍କାକୁ ମ୍ୟୁଚୁଆଲ ଫଣ୍ଡ ଓ ସେୟାର ମାର୍କେଟ୍‌ରେ ଲଗାଇଥିବା ବେଳେ ଆଉ କିଛି ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେବାରେ ସକ୍ଷମ ହୋଇଛନ୍ତି। ନିଗମ ପକ୍ଷରୁ ହେଉଥିବା ଆର୍ଥିକ କାରବାରର ମାସିକ ମୂଲ୍ୟାୟନ ହେଉନଥିବାରୁ ସେ ଏତେ ପରିମାଣର ସରକାରୀ ଟଙ୍କା ଆତ୍ମସାତ କରିବାରେ ସଫଳ ହେଲେ ଓ ନିଗମ ବହୁ ବିଳମ୍ବରେ ଜାଣିଲା ବୋଲି ଅଭିଯୋଗ ହେଉଛି। ତେବେ ଅଭିଯୁକ୍ତ ଧରାପଡିନି କି ହଡପ ଟଙ୍କା ସରକାରଙ୍କ ରାଜକୋଷକୁ ଏପର୍ଯ୍ୟନ୍ତ ଫେରି ପାରିନି। ଭିଜିଲାନ୍ସ ବିଭାଗ ସୁବର୍ଣ୍ଣପୁର ସହର ଘୋଡାଘାଟପଡା ଅଞ୍ଚଳର ବଳରାମଙ୍କୁ ଧରିବାକୁ ତନାଘନା ଜାରି ରଖିଥିବା କୁହାଯାଇଛି।

# ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ମାଡ଼

## ମେଟାକାନୀ ପୀଠରେ ହଙ୍ଗାମା

ସୋନପୁର,୬ା୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମା' ମେଟାକାନୀଙ୍କ ପୀଠରେ ରବିବାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହଙ୍ଗାମା ହୋଇଛି। ଏପରିକି ଜିଲାର ଜଣେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିଶାସକ୍ତ ଅବସ୍ଥାରେ ଅପର ଗୋଷ୍ଠୀଙ୍କୁ ପିସ୍ତଲ ଦେଖାଇ ଧମକ ଦେଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ସମ୍ବଲପୁର ଅଞ୍ଚଳରୁ ମା'ଙ୍କୁ ଦର୍ଶନ ଓ ପୀଠକୁ ଭୋଜି କରିବାକୁ ଆସିଥିବା ଯୁବକମାନେ ସମ୍ପୃକ୍ତ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଏବଂ ତାଙ୍କର ଦୁଇ ସମର୍ଥକଙ୍କୁ ନିସ୍ତୁକ ମାଡ ମାରିଛନ୍ତି। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଛି। ତେବେ ଏ ନେଇ ଥାନାରେ କେହି ଅଭିଯୋଗ କରି ନଥିବା ଉଲୁଣ୍ଡା ଆଇଆଇସି ପଞ୍ଚାନନ ନାଏକ କହିଛନ୍ତି।

ସୂଚନା ଅନୁଯାୟୀ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ସନ୍ଧ୍ୟାରେ ମା' ମେଟାକାନୀଙ୍କ ପୀଠକୁ ପୂଜାର୍ଚ୍ଚନା ପାଇଁ ଆସିଥିଲେ। ଏହା ପୂର୍ବରୁ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ ସମର୍ଥକମାନେ ଆସି ସାରିଥିଲେ। ସେହିପରି ମନ୍ତ୍ରୀଙ୍କ ଗସ୍ତ ଖବର ପାଇ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଭାଜପା ନେତା ଓ କର୍ମୀ ପୀଠ ପରିସରରେ ରୁଣ୍ଡ ହୋଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ତେବେ ବିନିକା ଅଞ୍ଚଳରୁ ଆସିଥିବା ଜଣେ ଭାଜପା ଯୁବନେତାଙ୍କୁ ନିଶାସକ୍ତ ଅବସ୍ଥାରେ ଥିବା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗାଳିଗୁଲଜ କରିଥିଲେ। ଏଥିରେ ଅପମାନିତ ଅନୁଭବ କରି ଭାଜପା ଯୁବନେତା ଓ ତାଙ୍କ ସମର୍ଥକମାନେ ପ୍ରସାଦ ନ ପାଇ ସ୍ଥାନ ଛାଡି ଚାଲି ଯାଇଥିଲେ। ବିଶୃଙ୍ଖଳା ପାଇଁ ସମସ୍ତ ଆୟୋଜନ ଫିକା ପଡିଥିଲା। ଅନ୍ୟପକ୍ଷେ ମନ୍ତ୍ରୀ ନାଏକ ମା' ମେଟାକାନୀଙ୍କ ଦର୍ଶନ ସାରି ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କ ସହିତ କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ରକୁ ଦର୍ଶନ କରିବାକୁ ଯାଇଥିଲେ। ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଓ ପରେ ମେଟାକାନୀଙ୍କ ପୀଠରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସଂକ୍ଷେପରେ

### ଓଲଟିଲା ଯାତ୍ରୀବାହୀ ଅଟୋ: ୧୧ ଆହତ

ବାଉଁଶୁଣୀ,୬ା୧୦(ଦେବାଶିଷ ନେପାକ)

ରବିବାର ସନ୍ଧ୍ୟା ୬ଟା ସମୟରେ ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ସିଙ୍ଗାରୀ ଗୁହିରା ନାଳ ନିକଟରେ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଅଟୋ ଚାଳକଙ୍କ ସମେତ ୧୧ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଥାନା ତେତେଲେଙ୍ଗା ଗ୍ରାମର ୮ ଜଣ ମହିଳା, ୨ ଜଣ ଶିଶୁ ଗ୍ରାମର ଏକ ଅଟୋ ଯୋଗେ ବାଉଁଶୁଣୀ ମାହେଶ୍ୱରୀ ମନ୍ଦିରକୁ ଦେବୀ ଦର୍ଶନ ପାଇଁ ଯାଇଥିଲେ। ସେମାନେ ସେଠାରୁ ଘରକୁ ଫେରୁଥିବା ବେଳେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡରେ ରଖା ଯାଇଥିବା ଏକ ଚିପ୍ସ ଗଦା ଉପରକୁ ଚଢି ଯାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲେ। ଉକ୍ତ ଦୁର୍ଘଟଣାରେ ଦୁଇ ଜଣ ମହିଳା ଗୁରୁତର ଥିବା ଜଣାପଡିଛି।

### ସପ୍ତାହ ପାରାୟଣ ପ୍ରସ୍ତୁତ ବୈଠକ

ଅମରପାଲି, ୬ା୧୦ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରେ ଭାଗବତ ସପ୍ତାହ ପାରାୟଣ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଦିନ ଧାର୍ଯ୍ୟ କରାଯାଇଥିଲା। ଅକ୍ଟୋବର ୨୦ରୁ ସପ୍ତାହ ପାରାୟଣ ଆରମ୍ଭ ହୋଇ ୨୬ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି। ଗାୟକଭାବେ ବିଶିଷ୍ଟ ପୁରାଣ ଗାୟକ ରମେଶ ମିଶ୍ର ପୁରାଣ ପାଠ କରିବେ। ଏହି ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ଶମ୍ଭୁ ପ୍ରସାଦ ହୋତା, ବରିଷ୍ଠ ସଦସ୍ୟ ସୁଦାମ ଚରଣ ସେଠୀ, ଭୂଷଣ କୁମାର ପାତ୍ର, ଚମ୍ପେଶ୍ୱର ଦାସ, ବିଜୟ କୁମାର ତ୍ରିପାଠୀ, ମାଗୁଣି ଦାସ, ସନ୍ତୋଷ ଷଡ଼ଙ୍ଗୀ, ଯୁଗଳ କିଶୋର ମିଶ୍ର, ମହିଳା ସମିତି ତରଫରୁ ଦେବକୀ ଶତପଥୀ, ପଦ୍ମିନୀ ମିଶ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କର୍ତ୍ତାଭାବେ ନିତ୍ୟାନନ୍ଦ ତ୍ରିପାଠୀ ସପତ୍ନୀକ କାର୍ଯ୍ୟ ନିର୍ବାହ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

### ଦେବେନ୍ଦ୍ର କୁମାରଙ୍କୁ ଭାଷାରତ୍ନ ସମ୍ମାନ

ତରଭା, ୬ା୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା କୋଶଳ ସାହିତ୍ୟ ଏକାଡେମୀ ରାଜ୍ୟ ସଭାପତି ତଥା ସାହିତ୍ୟିକ ଦେବେନ୍ଦ୍ର କୁମାର ନାଏକଙ୍କୁ ଭାଷା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ବରଗଡ଼ ଜିଲା କର୍ମଜୀବୀ ସାମ୍ବାଦିକ ସଂଘ ଓ କୌଟିଲ୍ୟ ଗ୍ଲୋବାଲ ସ୍କୁଲର ମିଳିତ ସହଯୋଗିତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୂଜ୍ୟପୂଜା ମହୋତ୍ସବ ଏବଂ ନୂଆଁଖାଇ ଭେଟ୍‌ଘାଟରେ ନାଏକଙ୍କୁ ଏହି ସମ୍ମାନ ମିଳିଛି। ହଟ ନିଉଜ ପ୍ରତିଷ୍ଠାତା ଆଶୁତୋଷ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ ନାଏକଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଆୟୁଷ ପଣ୍ଡା ମୁଖ୍ୟବକ୍ତା, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ସମାଜସେବୀ ପ୍ରମୋଦ ଅଗ୍ରୱାଲ ଏବଂ ସୁପ୍ରିତ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ଦାନବାକ୍ସ ସହ ଧରାପଡ଼ିଲେ ମନ୍ଦିର ଲୁଟେରା

ବୌଦ୍ଧ,୬ା୧୦(ଅଜିତ କୁମାର ବାରିକ)

ଦୀର୍ଘ ଦିନ ହେଲା ବୌଦ୍ଧର ବିଭିନ୍ନ ଦେବାଳୟରୁ ଦେବାଦେବୀଙ୍କ ଦାନବାକ୍ସ ଓ ଅଳଙ୍କାର ସବୁ ଚୋରି ହୋଇ ଚାଲିଥିବା ସତ୍ତ୍ୱେ ପୋଲିସ ଚୋରି ସାମଗ୍ରୀ କିମ୍ବା ଚୋର ସମ୍ପର୍କରେ ଟେର ପାଇ ପାରୁ ନ ଥିଲା। ତେବେ ନିକଟରେ ପୋଲିସ ମନ୍ଦିର ଲୁଟେରା ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଗତ ଫେବୃୟାରୀ ମାସରେ ଲଗାତାର ଭାବରେ ଗୋଟିଏ ପରେ ଗୋଟିଏ ମନ୍ଦିରରେ ଲୁଟ କରି ଚୋରମାନେ ପୋଲିସ ପାଇଁ ନୂଆ ଚାଲେଞ୍ଜ ସୃଷ୍ଟି କରିଥିଲେ। ଏହି ଘଟଣା ନେଇ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଦୀର୍ଘଦିନର ବ୍ୟବଧାନ ପରେ ପୁଣିଥରେ ଗତ ୪ ତାରିଖ ଦିନ ବୌଦ୍ଧ ସହର ଉପକଣ୍ଠରେ ଥିବା ଟୁଟୁସିଙ୍ଗା ଶିବ ମନ୍ଦିରରୁ ଦାନ ବାକ୍ସକୁ ଚୋରମାନେ ନେଇ ଯାଉଥିବା ବେଳେ ଗ୍ରାମବାସୀ ଚୋରକୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ବୌଦ୍ଧ ଆଦର୍ଶ ଥାନା (ନଂ ୩୫୮/୨୪) ରେ ମାମଲା ରୁଜୁ କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୁମୁଦୁଲା ଗ୍ରାମର ରାଜୀବ ଲୋଚନ ସାହୁ(୨୬)ଙ୍କୁ ମନ୍ଦିରରୁ ଚୋରି ମାମଲାରେ ଗିରଫ କରିଥିଲା। ଚୋର ନିକଟରୁ ଚୋରି ଦାନ ବାକ୍ସ ସହିତ ୧୨୦୦ ଟଙ୍କା ପୋଲିସ ଜବତ କରିଥିଲା। ଅଭିଯୁକ୍ତ ରାଜୀବ ଗତ ଫେବୃୟାରୀ ମାସରେ ବୌଦ୍ଧର ପ୍ରସିଦ୍ଧ ଭୈରବୀ ମନ୍ଦିର ସମେତ ଅନ୍ୟ ଏକ ମନ୍ଦିରରୁ ଚୋରି ମାମଲାରେ ସଂପୃକ୍ତ ଥିବା ନେଇ ସ୍ୱୀକାର କରିଥିବା ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି। ଅଭିଯୁକ୍ତ ରାଜୀବଙ୍କୁ ରବିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ବୌଦ୍ଧ କଲ୍‌ଚରାଲ ଏକାଡେମୀର ବୈଠକ

ବୌଦ୍ଧ,୬ା୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପାଇଁ ବୌଦ୍ଧ କଲଚରାଲ ଏକାଡେମୀର ପୁରସ୍କାର ଘୋଷଣା କରାଯାଇଛି। ପୁରସ୍କାର କମିଟି ବୈଠକରେ ହୋଇଥିବା ନିଷ୍ପତ୍ତିକ୍ରମେ କଟକର ଦେବେନ୍ଦ୍ର କରଙ୍କୁ ବିବେକାନନ୍ଦ ପଟ୍ଟନାୟକ ସାହିତ୍ୟ ପୁରସ୍କାର, ଅନୁଗୋଳ ଜିଲା ମାଧପୁର (ବାସୁଦେବପୁର)ର ଦେବରାଜ ନାୟକଙ୍କୁ ପ୍ରଫୁଲ୍ଲ ମହାକୁଳ ସାହିତ୍ୟ ପୁରସ୍କାର, ବୌଦ୍ଧ ସରସରାର ଭୂମିସୂତା ବେହେରାଙ୍କୁ ଭିକାରୀ ନାୟକ କଳା ଓ ସଙ୍ଗୀତ ପୁରସ୍କାର ପ୍ରଦାନ କରାଯିବ। ସେହିପରି ସୁବର୍ଣ୍ଣପୁର ଜାଲୋଏର ଡ. ଶୁଭେନ୍ଦୁ ମେହେରଙ୍କୁ ବେଣୁଧର ମିଶ୍ର କବିତା ପୁରସ୍କାର, ଅନୁଗୋଳ ଜିଲା ତାଳଚେରର ରତ୍ନପ୍ରଭା ବାଇଙ୍କୁ ଭକ୍ତି ସାହିତ୍ୟ ପୁରସ୍କାର, ବରଗଡ ଜିଲା ପହଣ୍ଡିର ସୁହଂସ ଭୋଇଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ବୌଦ୍ଧର କାର୍ତ୍ତିକେଶ୍ୱର ନାଏକଙ୍କୁ ଅଭିଷେକ ପ୍ରଧାନ ଯୁବ ପ୍ରତିଭା ପୁରସ୍କାର ଓ କବି କିଶୋର ମିଶ୍ର ଏବଂ ଅଧ୍ୟାପକ ପ୍ରତାପ ରଥଙ୍କୁ ସ୍ୱତନ୍ତ୍ର ଭାବରେ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ସୁବର୍ଣ୍ଣ ଜୟନ୍ତୀ ବର୍ଷରେ କୋଟସମଲାଇ ଦୁର୍ଗାପୂଜା


କୋଟସମଲାଇରେ ନିର୍ମିତ ସୁଉଚ୍ଚ ତୋରଣ।

ଅମରପାଲି,୬ା୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ରଘୁନାଥ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ମହୋତ୍ସବ ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ଏଥିପାଇଁ ଉତ୍ସବ ମୁଖର ହେଲାଣି ସମଗ୍ର କୋଟସମଲାଇ ଅଞ୍ଚଳ। ଗତ ବୁଧୁବାରଠାରୁ ଏଠାରେ ଦୁର୍ଗାପୂଜା ସୁବର୍ଣ୍ଣଜୟନ୍ତୀ ମହୋତ୍ସବ ଆରମ୍ଭ ହୋଇଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ପୂର୍ଣ୍ଣଚନ୍ଦ୍ର ପାଢୀ ସଭାପତି, ସତ୍ୟାନନ୍ଦ ମେଣ୍ଡିଲି ସମ୍ପାଦକ, ତାପସ ରଞ୍ଜନ ବହିଆଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ପୂର୍ବତନ ବିଧାୟକ ରବି ନାରାୟଣ ପାଣିଗ୍ରାହୀଙ୍କୁ ମୁଖ୍ୟ ଉପଦେଷ୍ଟାଭାବେ ରଖାଯାଇଛି। ଗତ ୨ତାରିଖ କଳସ ଶୋଭାଯାତ୍ରା କରାଯାଇ ପୂଜାରମ୍ଭ ହୋଇଛି। ୩ତାରିଖଠାରୁ ଆରମ୍ଭ ହୋଇଛି ନବରାତ୍ର ପୂଜା। ୧୨ ତାରିଖ ଶନିବାର ବିଜୟା ଦଶମୀ, ୧୩ ତାରିଖ ରବିବାର ଦଶହରା ଓ ୧୪ ତାରିଖ ସୋମବାର ଭଷାଣୀ ଯାତ୍ରା ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ୭ତାରିଖ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରର ଓଁ ଶ୍ରୀ ଭଜନ ସନ୍ଧ୍ୟା, ୮ତାରିଖ କଟକର ତ୍ରିନେତ୍ର କଳାକୁଞ୍ଜ ଓ ଭୁବନେଶ୍ୱର ଶ୍ରୀସାଇ ଡ୍ୟାନ୍ସ ଏକାଡେମୀ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ୯ ତାରିଖ ସଞ୍ଚାର ପରିବେଷଣ କରିବେ ପ୍ରଭାସିନି ବାଘ, ମୌଳିଫାର୍ମ ଓ ପଦ୍ମିନି ସୁନା। ୧୦ ତାରିଖ ଗୁରୁବାର ତଳାବିରା ସମ୍ବଲପୁରର ଜୟ ଶ୍ରୀରାମ କୃଷ୍ଣଗୁରୁ,୧୧ତାରିଖ କୋଟସମଲାଇ ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ପୌରାଣିକ ନାଟକ ମହିରାବଣ ବଧ ପରିବେଷଣ ହେବ। ୧୩ ତାରିଖ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ଜନମ ନେଇଛି କାନ୍ଦିବା ପାଇଁ ପରିବେଷଣ ହେବ। ସୁଉଚ୍ଚ ମେଢ, ଆକର୍ଷଣୀୟ ତୋରଣ ଓ ରଙ୍ଗୀନ ଆଲୋକ ସାଜସଜ୍ଜା କରାଯାଇଛି।

# ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା ଦାବି




## ଆଉଟସୋର୍ସିଂ କର୍ମଚାରୀ ମହାସଂଘର ବୈଠକ

ବୌଦ୍ଧ,୬ା୧୦ ( ଅଜିତ କୁମାର ବାରିକ)

ବୌଦ୍ଧ ଟାଉନହଲଠାରେ ଆଉଟସୋର୍ସିଂ ମହାସଂଘର ଏକ ସାଧାରଣ ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଏକ ଖବରଦାତା ସମ୍ମିଳନୀରେ ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପୂରଣ ଦିଗରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ନେଇ ଉଦବେଗ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଥିବା ଆଉଟ ସୋର୍ସିଂ କର୍ମଚାରୀମାନେ ଦୟନୀୟ ଆର୍ଥିକ ପରିସ୍ଥିତିରେ ସମ୍ମୁଖୀନ ହେଉଛନ୍ତି। ଦାବିପତ୍ର ମାଧ୍ୟମରେ ବାରମ୍ବାର ସରକାରଙ୍କୁ ଅନୁରୋଧ କରିବା ପରେ ମଧ୍ୟ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ତେଣୁ ଆଗାମୀ ୧୫ ତାରିଖ ଭିତରେ ରାଜ୍ୟ ସରକାର ଆଲୋଚନା ପୂର୍ବକ ଏହି କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ନ କଲେ ରାଜଧାନୀରେ ରାଜ୍ୟସାରା ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହେବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମୁଖ୍ୟତଃ ୩ଟି ଦାବି ସମ୍ପର୍କରେ ସରକାର ତୁରନ୍ତ ବିଚାର କରିବାକୁ ଆଉଟସୋର୍ସିଂ ମହାସଂଘ ପକ୍ଷରୁ ଦାବି କରାଯାଇଛି। ସମସ୍ତ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଆଉଟସୋର୍ସିଂ ବ୍ୟବସ୍ଥା ଭିତରେ ଦିନ ମଜୁରିଆକୁ ହଟାଇ ସମସ୍ତ କର୍ମଚାରୀଙ୍କୁ ସରକାରୀ ବ୍ୟବସ୍ଥାରେ ମାସିକ ଦରମା ପ୍ରଦାନ ଏବଂ ବହୁ ବର୍ଷଧରି ସେବା ଯୋଗାଇ ଆସୁଥିବା ସମସ୍ତ ଆଉଟ ସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଗଠନର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର,କନ୍ଧମାଳ ଜିଲା ସଭାପତି ସରୋଜ ନାଏକ, ସାଂଗଠାନିକ ସଂପାଦକ ସୁଶାନ୍ତ କଅଁର, ସଦସ୍ୟ ବିମଳ ବେଲରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବୌଦ୍ଧଜିଲା ମହାସଂଘର ସଭାପତି ସଞ୍ଜିତ ଜେନା, ସାଧାରଣ ସଂପାଦକ ପ୍ରକାଶ ବେହେରା, ସଂଗଠନ ସଂପାଦକ ଶ୍ରୀବତ୍ସ କର୍ମୀ,ଦେବେନ ବାରିକ ଏବଂ ଉପସଭାପତି ନରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଘଟରେ ସାମିଲ ହେବ ବୌଦ୍ଧ ଘରୋଇ ବସ୍ ମାଲିକ ସଂଘ

ବୌଦ୍ଧ,୬ା୧୦(ଅଜିତ କୁମାର ବାରିକ)

ରାଜ୍ୟରେ ଲକ୍ଷ୍ମୀବସ୍ ଟାୟର ଟୁ ବସ୍ ଚଳାଚଳ ଯୋଗୁ ଘରୋଇ ବସ ମାଲିକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏନେଇ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ଘରୋଇ ବସ ମାଲିକ ମଞ୍ଚ ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରୁ ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବସ ଚଳାଚଳ ବନ୍ଦ ଡାକରା ଦିଆଯାଇଛି। ଏହି ଡାକରାରେ ବୌଦ୍ଧ ଜିଲା ଘରୋଇ ବସ ମାଲିକ ସଂଘ ସାମଲ ହେବ ବୋଲି ସଂଘର ସଭାପତି ପ୍ରସନ୍ନ କୁମାର ସାହୁ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଚୂଡ଼ାଖାଇ ମହୋତ୍ସବ ପାଇଁ କଂସ ବରଣ

ତରଭା, ୬ା୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଚୂଡ଼ାଖାଇରେ ହେବାକୁ ଥିବା ଚୂଡ଼ାଖାଇ ମହୋତ୍ସବ ପାଇଁ କଂସବରଣ କରାଯାଇଛି। କମିଟି ନିଷ୍ପତ୍ତି ଅନୁଯାୟୀ ରବିବାର ତୁଲୁଣ୍ଡାସ୍ଥିତ ବାବା ଗୁପ୍ତେଶ୍ୱର ଶୈବ ପୀଠରେ ପୂଜାର୍ଚ୍ଚନା ପରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଫଟକରା(କ) ଗ୍ରାମର ଯୁବ କଳାକାର ଅନୀଲ କୁମାର ନାଏକଙ୍କୁ ଶ୍ରୀଫଳ, ଉପଢୌକାନ ଦ୍ୱାରା କଂସ ମହାରାଜ ଭାବେ ବରଣ କରାଯାଇଥିଲା। କଂସ ବରଣ ସମୟରେ କମିଟି ସଭାପତି ଦଶରଥ ସାହୁ, ବ୍ଲକ ଚେୟାରମ୍ୟାନ ସରୋଜ କର୍ମ, ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ତରଭା ଉପ ନଗରପାଳ ଗଗନ ଅଗ୍ରୱାଲ, ସରପଞ୍ଚ ଅଶ୍ୱନୀ ବିଶି, ମନମୋହନ ସାହୁ, ସମିତି ସଭ୍ୟ ରାମ ସାହୁ, ପବିତ୍ର ମିଶ୍ର, ରମେଶ ସାହୁ, ସୁବାସ ସେଠୀ, ଅକ୍ଷୟ ସାହୁ, ରଘୁନାଥ ରଣା, ଭବାନୀ କଲ୍ୟାଣ ମିଶ୍ର, ମାହେଶ୍ୱରୀ ସଙ୍ଗଠନ ସଭାପତି, କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାନଭଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସନ୍ତା ୧୪ରୁ ୧୬ ତାରିଖ ଯାଏ ତିନି ଦିନ ଧରି ଚୂଡାଖାଇ ମହୋତ୍ସବ ଅନୁଷ୍ଠିତ ହେବ।


ଅନୀଲ କୁମାର ନାଏକଙ୍କୁ କଂସ ମହାରାଜ ଭାବେ ବରଣ କରାଯାଉଛି।

# 'ପୂର୍ବ ଯୋଜନାର ରଙ୍ଗ ଓ ନାମ ବଦଳାଇ ଚାଲିଛି କାର୍ଯ୍ୟ'

## ଘଣ୍ଟାପଡ଼ାରେ ଜନସଂପର୍କ ପଦଯାତ୍ରା

ଖୁଣ୍ଟିଗୋରା, ୬ା୧୦(ମକରନ୍ଦ ସାହୁ)

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗତ ୨ ତାରିଖଠାରୁ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ଘଣ୍ଟାପଡ଼ାଠାରେ ବିଜେଡି ପକ୍ଷରୁ ପୂର୍ବତନ କନ୍ଧମାଳ ବିଧାୟକ ମହିଧର ରଣାଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଶନିବାର ଶୁଭାରମ୍ଭ ହୋଇଛି। ପ୍ରଥମେ କନ୍ଧମାଳଠାରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ ଘଣ୍ଟାପଡ଼ା ଇଷ୍ଟଦେବୀ ମା' ସମଲେଇଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ପୋଡ଼ାଫଦର ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିବା ବେଳେ ସ୍ଥାନୀୟ ଘଣ୍ଟାପଡ଼ା ହାଇସ୍କୁଲ ଖେଳପଡ଼ିଆଠାରେ ଏକ ସଭା ଆୟୋଜିତ ହୋଇଥିଲା। ଭାଜପା ସରକାରର ମିଛ ପ୍ରତିଶ୍ରୁତି, ମିଥ୍ୟା ପ୍ରଚାରକୁ ସାଧାରଣ ଲୋକଙ୍କୁ ପଦଯାତ୍ରା ମାଧ୍ୟମରେ ଅବଗତ କରାଇବାକୁ ପୂର୍ବତନ ବିଧାୟକ ରଣା କହିଥିଲେ। ବିଜେଡି ସରକାର ସମୟରେ ଚାଲିଥିବା ଯୋଜନାଗୁଡିକ ଶାସକ ଦଳ ରଙ୍ଗ ଓ ନାମ ବଦଳାଇ କାର୍ଯ୍ୟ କରୁଥିବା ବେଳେ ଅଦ୍ୟାବଧି ନୂତନ ଯୋଜନା କିଛି କରି ନ ଥିବା ଲୋକଙ୍କୁ ବୁଝାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, କୁଲତାଜୋର ସରପଞ୍ଚ ଟୁମକି ଭୋଇ, ଘଣ୍ଟାପଡ଼ା ସରପଞ୍ଚ ରିତା କଅଁର, ଶୁଣ୍ଡିପଦର ସରପଞ୍ଚ ସୁଜାତା ଭୋଇ, ଖୁଣ୍ଟିଗୋରା ବିଜେଡି ନେତ୍ରୀ ସୁନିତା ମାଝୀ, ସସ୍ମିତା ବାଘ, ରେଙ୍ଗାଲି ସରପଞ୍ଚ ଗୀତାଞ୍ଜଳି ରଣା, କନ୍ଧମାଳ ସରପଞ୍ଚ ଦୀପାଞ୍ଜଳି ଖଟୁଆ, ରେଙ୍ଗାଲି ସମିତି ସଭ୍ୟା ସସ୍ମିତା କଅଁର, ଜିଲା କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ,ଯୁବ ନେତା ବାବୁଲାଲ ମଲିକ, କନ୍ଧମାଳ ବ୍ଲକ ଯୁଗ୍ମ ସଭାପତି ଶମ୍ଭୁପ୍ରସାଦ ସାହୁ, ରାଧା ବଲ୍ଲଭ ପ୍ରଧାନ, ବିପିନ ପ୍ରଧାନ, କନ୍ଧମାଳ ବ୍ଲକ ସଭାପତି ପ୍ରେମରାଜ ରଣାଙ୍କ ସମେତ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ। ଆଗାମୀ ଦିନରେ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ତ୍ୱରାନ୍ୱିତ କରାଯିବ ବୋଲି ନେତୃବର୍ଗ ମତ ପ୍ରକାଶ କରିଥିଲେ।



ପଦଯାତ୍ରାରେ ବିଜେଡ଼ି ନେତା ଓ କର୍ମୀ ବୃନ୍ଦ।

# ଭୂୟାଁ ସମାଜକୁ ଆଦିବାସୀ ମାନ୍ୟତା ଦାବି


ବୈଠକ ରେ ଉପସ୍ଥିତ ସମାଜର ଭଉଣୀ ଭାଇ।

## ଭୂୟାଁ ସମାଜ ସେବା ସଂଘର ସାଧାରଣ ବୈଠକ

ବଡ଼ଗାଁ,୬।୧୦( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଶଙ୍କରାପୋଷ ଗ୍ରାମର ରାନିବୁଡ଼ାସ୍ଥିତ ଦେବ ମଣ୍ଡପଠାରେ ରବିବାର ସୁନ୍ଦରଗଡ଼ ଜିଲା ଭୂୟାଁ ସମାଜ ସେବା ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ସମାଜର ଗରିବ ଆଦିବାସୀମାନେ ଅବହେଳିତ ଓ ଉପେକ୍ଷିତ ହୋଇ ରହିଛନ୍ତି। ଏହି ସମାଜକୁ ଆଦିବାସୀ ମାନ୍ୟତା ଦେଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ସମାଜର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ କାର୍ଯ୍ୟରେ ଅବହେଳିତ ହୋଇ ଆସୁଛନ୍ତି। ଏହି ସମାଜକୁ ଆଦିବାସୀ ମାନ୍ୟତା ଦେବାପାଇଁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ତତ୍କାଳୀନ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତତ୍କାଳୀନ ରାଜ୍ୟପାଳ, ରାଷ୍ଟ୍ରପତିଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏହା ଉପରେ ଆଲୋଚନା କରି ଅସନ୍ତୋଷ ପ୍ରକାଶ କରାଯିବା ସହିତ ସରକାର ବିଚାରକୁ ନେଇ ଶୀଘ୍ର ଭୂୟାଁର ସମାଜକୁ ଆଦିବାସୀ ମାନ୍ୟତା ଦେବାକୁ ଦାବି ହୋଇଥିଲା। ବୈଠକରେ ଦୟାନିଧି କାଲୋ ସଭାପତିତ୍ୱ କରିଥିଲେ। ସମାଜର ମୁଖ୍ୟ ଉପଦେଷ୍ଟା ରଞ୍ଜନ ପଟେଲ ଉପସ୍ଥିତ ସମାଜ କର୍ମକର୍ତ୍ତା ଓ ସାମାଜିକ ଭାଇ ଭଉଣୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ସନାତନ ନାଏକ, ପାନୁଲାଲ ନାଏକ, ହୃଦାନନ୍ଦ ନାଏକ, ହର୍ଷ ବର୍ଦ୍ଧନ କାଲୋ, ଦୈତାରି ବଣ୍ଡା, ଜୟନ୍ତ କାଲୋ, ଲଳିନ୍ଦ୍ର ପୁରାଲେ, ଦିଲ୍ଲୀପ ମାଝୀ, ଗୌରାଙ୍ଗ ବେହେରା, ମଧୁ କୁଢ଼ୁଆ, ରୋହିତ ଛିତକି, ଗୌରାଙ୍ଗ ପୂରାଲେ ବୈଠକରେ ମତ ଉପସ୍ଥାପନ କରି ସମାଜର ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ମହେନ୍ଦ୍ର ପୁରାଲେ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ବ୍ୟାଗ୍, ପାଠ୍ୟ ଉପକରଣ ବଣ୍ଟନ


କାର୍ଯ୍ୟକ୍ରମରେ କ୍ଲବ କର୍ମକର୍ତ୍ତା ଏବଂ ପିଲାମାନେ।

ହେମଗିର,୬।୧୦(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଜୁବଲି ହିଲ୍‌ର ରୋଟାରି କ୍ଲବ ଓ ବିଜିଆର କମ୍ପାନୀର ମିଳିତ ଉଦ୍ୟମରେ ଲଇକେରା, ସରବାହାଲ, କିରିପସିରା ଓ ଡୁରୁବଗା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ୨୬୭ ଜଣ ଏବଂ ହେମଗିର ହାଇସ୍କୁଲର ୬୨ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ୍ ସହିତ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। ସେହିପରି ରଙ୍ଗିଆଡିପା, ଆର୍‌ଆର୍ କଲୋନୀ ମନୋହରପୁର, ଆର୍‌ଆର୍ କଲୋନୀ ସାନଘୁମୁଡା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ୍ ସହିତ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଭାପତି ବାଲକୋଟି ରେଡି, ବିଜିଆର କମ୍ପାନୀର ଶାଖା ନିର୍ଦ୍ଦେଶକ ଚନ୍ଦ୍ର ଭାନୁ, ସାନଘୁମୁଡା ସରପଞ୍ଚ ରେବତୀ ଛତ୍ରିଆ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ବିଜିଆର ପ୍ରୋଜେକ୍ଟ ମ୍ୟାନେଜର ଖଗେଶ୍ୱର ରାଓ, ହେମଗିର ବିଇଓ କରୁଣା ସାଗର ପଟେଲ, ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଶୈଳୀକୁ ପ୍ରଶଂସା କଲେ

## ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କୁଆଁରମୁଣ୍ଡା ଗସ୍ତ

କୁଆଁରମୁଣ୍ଡା,୬।୧୦
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ କୁଆଁରମୁଣ୍ଡା ବ୍ଲକକୁ ଶନିବାର ପ୍ରଥମ ଗସ୍ତ କରିଥିଲେ। ଏହି ସମୟରେ ସାହୁ ବିଡିଓ ଗଙ୍ଗାରାମ ବୁଡେକ ଓ ଏଇଇ ଚୈତନ୍ୟ ହେମ୍ବ୍ରମଙ୍କ ସହ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ପରେକୁ ଆଁରମୁଣ୍ଡା,କଲୋଷିହିରିଆ,ପୁତ୍ରିଖମନ, କଚାରୁ,ଝରବେଡ଼ା,ପ୍ରତାପପୁର,ଦଲକି ଆଦି ୧୦ଟି ପଞ୍ଚାୟତ ବୁଲି ଦେଖିଥିଲେ। ହେଲେ କଚାରୁ ବୁଲିବା ସମୟରେ ସିଡିଓ ସାହୁ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ସେଠାକାର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଶୈଳୀ ଠାରୁ ଆରମ୍ଭ କରି ପଞ୍ଚାୟତର ସ୍ୱଚ୍ଛତାକୁ ଦେଖି ସିଡିଓ ସାହୁ ବେଶ ଖୁସି ବ୍ୟକ୍ତ କରିଥିଲେ।ଏହି ସମୟରେ ପଞ୍ଚାୟତ ଉକ୍ତ ପଞ୍ଚାୟତ ସରପଞ୍ଚ ଝୁବା ଟପ୍ପୋ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସଙ୍କ କାର୍ଯ୍ୟଶୈଳିକୁ ପ୍ରଶଂସା କରିଥିଲେ। ଏହାସହ ଆଗାମୀ ଦିନରେ ଏମଜିଏନଆରଇଜିଏସ ଯୋଜନାକୁ କିଭଳି ଅଧିକ ତ୍ୱରାନ୍ୱିତ କରାଯିବା ସେ ସମ୍ପର୍କରେ କହିଥିଲେ। ଏହାସହ ସ୍ୱଚ୍ଛତାରେ ଖୁସି ହୋଇ ସ୍ୱଚ୍ଛ ସାଥିମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ପରିଶେଷରେ କଚାରୁ ପଞ୍ଚାୟତ ଭଳି ବ୍ଲକର ଅନ୍ୟାନ୍ୟ ପଞ୍ଚାୟତ କାର୍ଯ୍ୟକରିବା ଦରକାର ବୋଲି ସିଡିଓ ସାହୁ ଉପସ୍ଥିତ ବିଡ଼ିଓ ବୁଡେକ ଓ ଏଇଇ ହେମ୍ବ୍ରମଙ୍କୁ କହିଥିଲେ।


କଚାରୁ ପଞ୍ଚାୟତ ବୁଲିବା ସମୟରେ ସିଡିଓ ସୁରଞ୍ଜନ ସାହୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ବଢୁଛି ଚୋରି, ପୋଲିସ ହାତ ଖାଲି

ଟେନସା,୬।୧୦(ସମୀର କୁମାରପାଢ଼ୀ)

ଦିନେ ନୁହେଁ କି, ମାସ ନୁହେଁ, ଗତ ୨ ମାସ ହେଲା ଚୋରମାନେ ପୋଲିସକୁ ଚକମା ଦେଖାଇ ଲୁଟପାଟ କରୁଛନ୍ତି। ପୋଲିସ ଚୋର ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସୁନ୍ଦରଗଡ଼ ଜିଲା କୋଇଡା, ଟେନସା, ଲହୁଣୀପଡା ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଶନିବାର ରାତିରେ ଟେନସା ଟାଉନଶିପିର ୫ଟି ଘରୁ ଚୋରି ହୋଇଛି। କୁଲୁଦୀପ ସିଂ, ଆପିଲା ରାଜୁ, ସିଆଇଏସଏଫ କଲୋନୀର ହରିବନ୍ଧୁ ମାରାଣ୍ଡି, କେ ସି ପ୍ରଧାନଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ଗତ ଏକ ସପ୍ତାହ ତଳେ ଟେନସାର କ୍ରିଷ୍ଣା ଦୁବେ ଘରେ ନ ଥିବା ବେଳେ ଚୋରମାନେ ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଥିଲେ। ସେ ଟେନସା ଫାଣ୍ଡି, ଲହୁଣୀପଡା ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗତ କିଛି ଦିନ ତଳେ ଟେନସା ଜିନ୍ଦଲ କଲୋନୀରୁ ଚୋରମାନେ ୭ଜଣଙ୍କ ଘର ତାଲା ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କା ସମେତ ସୁନା ଗହଣା ଲୁଟି ନେଇଥିଲେ। ଅନୁରୂପଭାବେ କୋଇଡା ଥାନା ଅନ୍ତର୍ଗତ ସାନଇନ୍ଦୁପୁର ରୁଙ୍ଗଟା କଲୋନୀରୁ ୧୫ଟି ଘରୁ ତାଲା ଭାଙ୍ଗି ଚୋରମାନେ ପାଖାପାଖି ୪୦ ଲକ୍ଷ ଟଙ୍କାର ସୁନା ଗହଣା ଓ ୫ରୁ ୧୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ବଣାଇଁ ଏସଡିପିଓ ସ୍ୱରାଜ ଦେବତାଙ୍କୁ ପଚାରିବାରୁ, ଚୋରି ଘଟଣା ଘଟୁଛି। ଏନେଇ ତଦନ୍ତ ପ୍ରକ୍ରିୟା ଚାଲିଛି। ଖୁବ ଶୀଘ୍ର ଚୋରଙ୍କୁ ଧରାଯିବ ବୋଲି ଏସଡିପିଓ ଦେବତା କହିଛନ୍ତି।

# ସର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ


ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଉଛି।

କୁତ୍ରା,୬।୧୦(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଅବସ୍ଥିତ ସର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ଜଙ୍ଗଲ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଚଳିତବର୍ଷ ପାଇଁ ବିଦ୍ୟାଳୟକୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ସୁନ୍ଦରଗଡସ୍ଥିତ ସଦ୍‌ଭାବନା ଭବନଠାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ସର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟର ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାପାଳ ମନୋଜ ମହାଜନ, ବିଧାୟକ ଯୋଗେଶ ସିଂ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ପ୍ରମୁଖ ଉପସ୍ଥିତ ଥିଲେ। ସର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେଶ ସାହୁ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଦ୍ୟମରେ ବିଦ୍ୟାଳୟ ପରିସର ସବୁଜ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିଛି। ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିବା ପରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସର୍ବୋପରି ଅଞ୍ଚଳବାସୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି।

# ଫୁଟ୍‌ବଲ: ପଟୁଆବେଢ଼ା ଚାମ୍ପିୟନ


ଖେଳାଳିଙ୍କ ସହିତ ଅତିଥି।

ବଡ଼ଗାଁ,୬।୧୦(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଅନ୍ତର୍ଗତ ମୁଣ୍ଡାଗାଁର ସିଂହମ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସମିତି ସଭ୍ୟା ସଂଯୁକ୍ତା ଶୋରେଙ୍ଗ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୫ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ପଟୁଆବେଡା ଓ କେକେଢିପା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ପଟୁଆବେଡା ଟିମ କେକେଢିପାକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ ସିଂ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଏମ୍‌ପି ପ୍ରତିନିଧି ପରୀକ୍ଷିତ ସାହୁ, ନାଏବ ସରପଞ୍ଚ ଅନନ୍ତ ବାଗ, ୱାର୍ଡ ମେମ୍ବର ହୃଦାନନ୍ଦ ପ୍ରଧାନ, ବିଶାଖା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ପଟୁଆବେଡା ଟିମକୁ ଖାସି ସହିତ କପ୍ ପୁରସ୍କୃତ କରାଯାଇଥିଲା। ରନର୍ସ ଅପ୍ କେକେଢିପା ଟିମ୍ ସହିତ ତୃତୀୟ ସ୍ଥାନ ପାଇଥିବା ମଚାମରା ଓ ଚତୁର୍ଥ ସ୍ଥାନ ପାଇଥିବା ବରଙ୍ଗାକଛାର ଟିମ୍‌କୁ ଖାସି ସହିତ କପ୍ ପୁରସ୍କୃତ କରାଯାଇଥିଲା। ରମେଶ ଚନ୍ଦ୍ର ମାଝୀ, ସୁନୀଲ ମାଝୀ ଖେଳ ପରିଚାଳନା କରିଥିଲାବେଳେ ଆୟୋଜକ କ୍ଲବର ଜୟତରାମ ପ୍ରଧାନ, ଦୀପକ ସା, ମୀନକେତନ ବେହେରା, ସଜୁ ରଉଡିଆ, ଅଞ୍ଜନ କୁମାର ସା, ଭେଙ୍କେଟ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାହକ ସେବାକେନ୍ଦ୍ର ପରିଚାଳକ ଗିରଫ

## ଅର୍ଥ ହଡ଼ପ ଘଟଣା

ବଡ଼ଗାଁ, ୬।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସାପ୍ତାହିକ ହାଟ ନିକଟ ଗ୍ରାହକ ସେବା କେନ୍ଦ୍ରରେ ହୋଇଥିବା ଅର୍ଥ ହଡ଼ପ ଘଟଣାରେ ରବିବାର ପୋଲିସ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଯୁବକଙ୍କୁ ଗିରଫ କରିଛି। ଦଫା ୩୧୮(୪)ରେ କୁଚିଣ୍ଡା ଥାନା ଅନ୍ତର୍ଗତ ଜଟିଆପାଲି ଗ୍ରାମର ଅମୃତ ସାନେ(୩୦)ଙ୍କୁ ପୋଲିସ ଗିରଫ କରିଛି। ଘଟଣା ଅନୁଯାୟୀ, ବଡ଼ଗାଁ ସାପ୍ତାହିକ ହାଟ ନିକଟରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ରରେ ବ୍ୟାପକ ପରିମାଣରେ ଅର୍ଥ ହଡ଼ପ ହୋଇଥିବା ନେଇ ଗ୍ରାହକମାନେ ବଡ଼ଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅର୍ଥ ହଡ଼ପ ଘଟଣା ପ୍ରମାଣିତ ହେବା ପରେ ଘଟଣାସ୍ଥଳରେ ଗ୍ରାହକମାନେ ହଟ୍ଟଗୋଳ କରିଥିଲେ। ବଡ଼ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଗ୍ରାହକ ସେବାକେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ଅମୃତଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ସଞ୍ଜୁ ମେହେର,ବିମଳା ରଣା ଓ ଅନ୍ୟ ଜଣେ ତାଙ୍କ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିଥିଲେ। ତେବେ ଗ୍ରାହକ ସେବା କେନ୍ଦ୍ର ପକ୍ଷରୁ ସଞ୍ଜୁ ମେହେରଙ୍କୁ ୧ଲକ୍ଷ ୨୦ ହଜାର ଓ ବିମଳା ରଣାଙ୍କ ୨୫ ହଜାର ଓ ଅନ୍ୟ କିଛି ଗ୍ରାହକଙ୍କ ଟଙ୍କା ଫେରସ୍ତ କରାଯାଇଛି।

# ଗୁଆଲିମୁଣ୍ଡାନଗର ଚାମ୍ପିୟନ

## ୪ ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

ଲହୁଣୀପଡ଼ା,୬।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ଛିଡାକୁଦର ଗ୍ରାମ ଖେଳ ପଡ଼ିଆଠାରେ ହଂସନନ୍ଦନ କ୍ଲବ ପଟାସାହି ପକ୍ଷରୁ ଚାଲିଥିବା ଦ୍ୱାଦଶତମ ୪ ଦିନିଆ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୪ ଦିନିଆ ଫୁଟବଲ ପ୍ରତିଯୋଗିତାରେ ୩୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ଖେଳରେ ନାଇନ ଷ୍ଟାର ଟିକେଡି କ୍ଲବ ଦଳକୁ ୧-୦ ଗୋଲରେ ଗୁଆଲିମୁଣ୍ଡା ନଗର ଦଳ ହରାଇ ଚାମ୍ପିୟନ ହୋଇଥିଲା। ଏହି ୪ ଦିନିଆ ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ଗୋପନା ସରପଞ୍ଚ ମୁକ୍ତା ମୁଣ୍ଡା, ସମିତି ସଭ୍ୟା ଶକୁନ୍ତଳା କିଷାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ସାମାଜିକ କର୍ମୀ ବାଦଲ ବାରିକ, ତପନ କୁମାର ଦଣ୍ଡିଆ ଯୋଗଦେଇଥିଲେ। କିଶୋର ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ହଂସନନ୍ଦନ କ୍ଲବ ସଭାପତି ବୀରେନ୍ଦ୍ର ମୁଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ଅତିଥିଙ୍କୁ ମଞ୍ଚ ନିକଟକୁ ପାଛୋଟି ନେବା ସହିତ କମିଟିର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଜେତା ଓ ଉପବିଜେତା ଓ ତୃତୀୟ ଦଳଭାବେ ସିକନ୍ଦର ଫୁଟବଲ କ୍ଲବ ଦଳ, ଚତୁର୍ଥ ଦଳ ଭାବେ ଜେପି ବ୍ରଦର୍ସ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଞ୍ଜୟ କୁମାର ସାମାଡ଼, ସଞ୍ଜୀବ କୁମାର ମୁଣ୍ଡା, ବିଶ୍ୱନାଥ ସଏ, ଅମ୍ରିତ ସଏ କ୍ରୀଡ଼ା ପରିଚାଳନା କରିଥିଲେ। ଓମନ୍ତ କୁମାର ମାହାନ୍ତ, ଡୂରୀ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡାଙ୍କ ସମେତ କ୍ଲବ କର୍ମକର୍ତ୍ତାଙ୍କ ପରିଚାଳନାରେ ଏହି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ଅତିଥିଙ୍କ ସହ ଚାମ୍ପିୟନ ଦଳ ଓ ଅନ୍ୟମାନେ।

# ରୋତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ଲୋଇସିଂହା,୬।୧୦(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ବାଣୀନିକେତନ କଲେଜରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରମୋଦ ଦାଶ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଦୀପ କୁମାର ହଡଙ୍ଗୀ, ଅଧ୍ୟାପକ ବାମଦେବ ମେହେର, ସୋମନାଥ ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଛାତ୍ରୀ ତୃପ୍ତିମୟୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜି ବିମଳାଗଡ଼ ଆର୍‌ପିଏଫ୍ ପୋଷ୍ଟ ଘେରାଉ

■ ପୀଡ଼ିତ ୨ ଭାଇଙ୍କୁ ଭେଟିଲେ ବିଧାୟକ

■ ଚୋରି ସନ୍ଦେହରେ ୨ଯୁବକଙ୍କୁ ଆରପିଏଫ୍‌ର ଥାର୍ଡ ଡିଗ୍ରୀ ପ୍ରସଙ୍ଗ

ବଣାଇଁ, ୬।୧୦(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ପଟାସାହି ରେଲୱେ ପୋଲିସ ଫୋର୍ସର ଥାର୍ଡ ଡିଗ୍ରୀରେ ଆହତ ହୋଇଥିବା ୨ ଭାଇଙ୍କୁ ରବିବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା କେ. ବଲାଙ୍ଗ ଡାକ୍ତରଖାନାରେ ଭେଟି ନ୍ୟାୟ ପ୍ରଦାନ ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିରୀହ ଆଦିବାସୀଙ୍କ ଉପରେ ଆରପିଏଫ୍‌ର ମରଣାନ୍ତକ ଆକ୍ରମଣକୁ ବିଧାୟକ ପ୍ରତିବାଦ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଓ ପୀଡିତଙ୍କୁ କ୍ଷତିପୂରଣ ଦାବି ନେଇ ବିଧାୟକ ମୁଣ୍ଡାଙ୍କ ନେତୃତ୍ୱରେ ଆଜି ସିପିଆଇଏମ୍ ବିମଳାଗଡ ଆର୍‌ପିଏଫ୍ ପୋଷ୍ଟ ଘେରାଉ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୧୪ ତାରିଖ ରାତିରେ ଷ୍ଟେଶନରେ ଛିଡ଼ା ହୋଇଥିବା ଗୋଟିଏ ଡିଜେଲ ରେଳ ଇଞ୍ଜିନରୁ ପ୍ରାୟ ୬୦୦ ଲିଟରରୁ ଉର୍ଦ୍ଧ୍ୱ ଡିଜେଲ ଓ ୪ଟି କ୍ୟାବିନ ଫ୍ୟାନ ଚୋରିରେ ସମ୍ପୃକ୍ତି ଦର୍ଶାଇ ପଟାସାହି କଲୋନିର ୨ ଭାଇଙ୍କୁ ଗତ ୨ ତାରିଖ ରାତିରେ ଶୋଇଥିବା ଅବସ୍ଥାରେ ରେଲୱେ ପୋଲିସ ଉଠାଇ ନେଇଥିଲା। ପରେ ବିମଳାଗଡ ରେଲୱେ ଷ୍ଟେଶନର ଏକ କୋଠରିକୁ ନେଇ ୨ ଭାଇଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିଲା। ୩ ତାରିଖ ଅପରାହ୍ନରେ ୨ ଯୁବକଙ୍କୁ ଛାଡ଼ି ଦିଆଯାଇଥିଲା। ଗୁରୁତର ଅସୁସ୍ଥ ହେବାରୁ ଶନିବାର ସେମାନେ କେ. ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୭୯/୨୪) ରୁଜୁ କରିଛି। ଗୁରୁତର ଆହତ ୨ଜଣ କେ. ବଲାଙ୍ଗ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗକାରୀ ୨ ଯୁବକ ହେଲେ ଛୋଟେଲାଲ ଇଚାଗୁଟୁ (୨୭) ଓ ତୁମ୍ବି ଇଚାଗୁଟୁ (୨୪)। ବିମଳାଗଡ଼ ଆରପିଏଫ୍ ଅଧୀନ ପଟାସାହି ରେଳବାଇ ଷ୍ଟେଶନରେ ହୋଇଥିବା ଏହି ଚୋରି ଘଟଣା ଚକ୍ରଧରପୁର ରେଳ ମଣ୍ଡଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ରାଜସ୍ଥାନୀ ପ୍ୟାଲେସ ମୁଖ୍ୟ ଆକର୍ଷଣ






ଦୁର୍ଗାପୂଜାର ନିର୍ମାଣାଧୀନ ତୋରଣ।

**ମଣ୍ଡଳିଆ ଦୁର୍ଗାପୂଜା କମିଟି**

ବ୍ରଜରାଜନଗର,୬।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମ୍ୟୁନିସିପାଲିଟି ଅନ୍ତର୍ଗତ ମଣ୍ଡଳିଆ ଦୁର୍ଗାପୂଜା କମିଟି ଚଳିତ ବର୍ଷ ୬୩ ବର୍ଷରେ ପଦାର୍ପଣ କରିଛି। ଚଳିତ ପୂଜାର ବିସ୍ତୃତ ତଥ୍ୟ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି କମିଟି କର୍ମକର୍ତ୍ତା। ଚଳିତବର୍ଷ ପୂଜାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି ୧୨ ଲକ୍ଷ ଟଙ୍କା। ବଙ୍ଗୀୟ ପରମ୍ପରା ଅନୁସାରେ ପୂଜା କରାଯିବ। କୋଲକତା ପୂଜକ ଲକ୍ଷ୍ମୀକାନ୍ତ ମିଶ୍ର ଓ ତାଙ୍କର ସହଯୋଗୀ କୋଲକତାର ବାଦ୍ୟଯନ୍ତ୍ର ସହିତ ଆସି ପୂଜା କରିବେ। ବ୍ରଜରାଜନଗରର କମଳ ଟେଣ୍ଟ ହାଉସ ପକ୍ଷରୁ ରାଜଧାନୀ ପ୍ୟାଲେସ ନିର୍ମାଣ କରାଯାଇଛି। ଯାହା ଚଳିତବର୍ଷ ପୂଜାର ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ସଭାପତି ଭାନୁ ସିଂ ପ୍ରକାଶ କରିଛନ୍ତି। ଏସକେ ପାଲ ମୂର୍ତ୍ତୀ ନିର୍ମାଣ କରୁଛନ୍ତି। ଅଷ୍ଟମୀ ତିଥିରେ ଓଡ଼ିଶାର ସୁନାମଧନ୍ୟ ଗାୟୀକା ସୁଜ୍ଞାନୀ ମହାପାତ୍ରଙ୍କ ଦ୍ୱାରା ଭଜନ ପରିବେଷଣ କରିବେ। ନବମୀ ତିଥିରେ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ଓ ୧୩ ତାରିଖରେ ମା'ଙ୍କର ଭସାଣି କରାଯିବ। କାର୍ଯ୍ୟକ୍ରମରେ କମିଟି ସଦସ୍ୟ ସୁଧାକର ବିଶ୍ୱାଳ, ବାବୁଲୁ ଜୟସୱାଲ, ରାଜୀବ ସିଂ ପ୍ରମୁଖ ଉପସ୍ଥିତଥିଲେ।

# ଟିଜିକେ ସରାବ ସଭାପତି, ଅସିତ ନାୟକ ସମ୍ପାଦକ ମନୋନୀତ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

**ଓଡ଼ିଶା ଇଞ୍ଜିନିୟରିଂ ଆସୋସିଏଶନ ଦେବଗଡ଼ ଶାଖା ନିର୍ବାଚନ**

ଦେବଗଡ଼ ଜିଲା ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଓଡିଶା ଇଂଜିନିୟରିଂ ଆସୋସିଏଶନ ଦେବଗଡ ଶାଖା(ଡିଭିଜନାଲ କମିଟି)ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ତିଲେଇବଣି ବ୍ଲକର ସହକାରୀ ଯନ୍ତ୍ରୀ ଇଂ. ଟି.ଗୋପାଳକୃଷ୍ଣ ସରାବ, ଉପସଭାପତି ଭାବେ ତିଲେଇବଣି ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ. ଘନଶ୍ୟାମ ସାହୁ, ସମ୍ପାଦକ ଭାବେ ବାରକୋଟ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଅସିତ କୁମାର ନାୟକ, ସହ ସମ୍ପାଦିକା (ବିତ୍ତ)ଭାବେ ବାରକୋଟ ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ. କଲ୍ୟାଣୀ ସେଠୀ, ସହ ସମ୍ପାଦକ(ସଙ୍ଗଠନ)ଭାବେ ରିଆମାଳ ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ. ଭୋଳାନାଥ ମାଝି, ଉପଦେଷ୍ଟା ଭାବେ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ.ସୁମିତ୍ରା ଗନ୍ଧର୍ବ, ଅଡିଟର ଭାବେ ଗୋହିରା ମଧ୍ୟମ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରମେଶ କୁମାର ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବେ ଗୋହୀରା ମଧ୍ୟମ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ସହକାରୀ ଯନ୍ତ୍ରୀ ଇଂ.ପ୍ରମୋଦ ବେହେରା, ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ)ଇଂ. ଦୀପକ କୁମାର ମେହେର, ଗ୍ରାମ୍ୟ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ରଞ୍ଜନ ଚାରଡିଆ, ରିଆମାଳ ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ. ଅଜିତ କୁମାର ସାହୁ, ବାରକୋଟ ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ. ଜାନକୀ ବଲ୍ଲଭ ମହାନ୍ତି ଓ ବାରକୋଟ ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ ନୁଏଲ ମୁଣ୍ଡାଙ୍କୁ ମନୋନୀତ କରାଯାଇଛି। ଏହି ନିର୍ବାଚନକୁ ଓଡିଶା ଇଂଜିନିୟରିଂ ଆସୋସିଏଶର ଅତିରିକ୍ତ ଜୋନାଲ ସମ୍ପାଦକ ଓ ସିଇସି ପ୍ରତିନିଧି ପରିଚାଳନା କରିଥିଲେ।



ମନୋନୀତ ନୂତନ ଓଡ଼ିଶା ଇଞ୍ଜିନିୟରିଂ ଆସୋସିଏଶନ ଦେବଗଡ଼ ଶାଖାର ସଦସ୍ୟବୃନ୍ଦ।



ଦେବଗଡ଼ ସହର ମଠ ସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜାରେ ମା'ଙ୍କ କୁଷ୍ମାଣ୍ଡା ବେଶ।

# ସମ୍ବଲପୁର ଜିଲା ଯାଦବ ପରିବାର ବନ୍ଧୁମିଳନ

ସମ୍ବଲପୁର,୬।୧୦(ଭବାନୀ ଶଙ୍କର ଭୋଇ)

ଶିକ୍ଷାର ବିକାଶ ହେଲେ ଯାଇ ସମାଜ ଆଗକୁ ବଢ଼ିବ। ପୁଣି ସୁସ୍ଥ ସମାଜ ଗଠନ ପାଇଁ ଅବହେଳିତ ଗୋଷ୍ଠୀକୁ ସକ୍ଷମ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ପଡିବ ବୋଲି ଯାଦବ ପରିବାର ସମ୍ବଲପୁର ପକ୍ଷରୁ ଆୟୋଜିତ ବନ୍ଧୁ ମିଳନର ମୁଖ୍ୟ ଅତିଥି ଏସ୍.ବି. ଯାଦବ କହିଛନ୍ତି। ରାଷ୍ଟ୍ରୀୟ ଯାଦବ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାରେ ଏକ ଯାଦବ ଭବନ ନିର୍ମାଣ ସହ ବୁର୍ଲାକୁ ଆସୁଥିବା ରୋଗୀ ପରିଜନଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ଯାଦବ ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ ସମେତ ଜିଲାର ୯ଟି ବ୍ଲକରୁ ୫ ଶହରୁ ଅଧିକ ଯାଦବ ସାମିଲ ହୋଇଥିଲେ। କୁଚିଣ୍ଡାର ଦେବାନନ୍ଦ ଖର୍ସେଲ ଯାଦବ ପରିବାର ଶିକ୍ଷା ସମ୍ମାନ, ଯୁବ କଣ୍ଠଶିଳ୍ପୀ ଚେତନାମୟୀ ବେହେରାଙ୍କୁ ସଂସ୍କୃତି ସମ୍ମାନ, ପୀତାବାସ ସାନବଡ଼ଙ୍କୁ ରାଷ୍ଟ୍ରସେବା ସମ୍ମାନ, ସଞ୍ଜୟ ବାଗଙ୍କୁ ସେବା ସମ୍ମାନ, ଆରାଧା ପ୍ରିୟଦର୍ଶିନୀଙ୍କୁ ଶିଶୁ ପ୍ରତିଭା ସମ୍ମାନ, ତ୍ରିବିକ୍ରମ ପୋଢ଼ଙ୍କୁ ଜନସେବା ସମ୍ମାନ ପ୍ରଦାନ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ସଫଳ ହୋଇଥିବା ପ୍ରିୟଦର୍ଶିନୀ ମଟାରୀ, ମାନସୀ ବାଗ, ପ୍ଲସ୍ ଟୁ ରେ ସଫଳ ହୋଇଥିବା ଭୂମିକା ଛତର, ଶାସୁତୀ ପ୍ରିୟଦର୍ଶିନୀ ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରୀୟ ଯାଦବ ଟ୍ରଷ୍ଟ ସଭାପତି ଏସ୍.ବି. ଯାଦବ ଓଡ଼ିଶା ପ୍ରାନ୍ତ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସୁରେନ୍ଦ୍ର କୁମାର ବରର୍ତ୍ତିଙ୍କୁ ଯାଦବ ଟ୍ରଷ୍ଟ ଓଡ଼ିଶା ରାଜ୍ୟ ସଭାପତି, ଅନୀଲ ଯାଦବଙ୍କୁ ରାଜ୍ୟ ଉପ ସଭାପତି ଏବଂ କିଶୋର ଧରେଇଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ କରିଥିଲେ। ଗୌରହରି ଗୁରୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଦେବାଶିଷ ପ୍ରଧାନ ଏବଂ ସାଥୀ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଉତ୍କଳ ଯାଦବ ମହାସଭା ଓଡ଼ିଶାର ଆଇନ ପରାମର୍ଶଦାତା ସୁବାସ ଭୋଇ, ଯାଦବ ପରିବାର ସମ୍ବଲପୁରର ସଂଯୋଜକ ଅନୀଲ ଯାଦବ, ସମ୍ପାଦକ ବିଭୂତି ଭୂଷଣ ବାଗ୍, ହରିଶଙ୍କର ଷଣ୍ଡ, ଉଜ୍ୱଳ ମହାକୁଡ଼, ଦର୍ଶନୀ ଷଣ୍ଡ, ରାଜେନ୍ଦ୍ର ବନ୍‌ଛୋର୍,ବିଜୟଲକ୍ଷ୍ମୀ ବର୍ଗତି, ଶ୍ରୀବସ୍ତ ଭୋଇ, ଦୁଃଖବନ୍ଧୁ ଧର ଅତିଥିଭାବେ ଯୋଗ ଦେଇଥିଲେ।



ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଏସ୍.ବି. ଯାଦବ ଓ ଅନ୍ୟ ଅତିଥି ବୃନ୍ଦ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବଳାତ୍କାରୀ, ସହଯୋଗୀ ବିରୋଧରେ ମାମଲା ରୁଜୁ**

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନାଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକାକୁ ଶନିବାର ସନ୍ଧ୍ୟାରେ ୨ଜଣ ଯୁବକ ଆମ୍ବ ତୋଟାକୁ ଟେକି ନେଇ ଜୋରଜବରଦସ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ୨ଜଣଙ୍କ ବିରୋଧରେ ପୋକ୍‌ସୋ ସହ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନାବାଳିକା ଜଣକ ଶନିବାର ସନ୍ଧ୍ୟା ପ୍ରାୟ ୭ଟା ୧୫ ମିନିଟରେ ପରିଶ୍ରା କରିବାକୁ ବାହାରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୨ଟାରେ ଗାଁମୁଣ୍ଡ ଆମ୍ବ ତୋଟାରେ ନାବାଳିକା ଅଚେତା ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଘରକୁ ନେଇ ଆସିଥିଲେ। ଚେତା ଫେରିବା ପରେ ନାବାଳିକା ଗ୍ରାମର ୨ଜଣ ଯୁବକ ତାଙ୍କ ପାଟିଚିପି ଆମ୍ବ ତୋଟାକୁ ଟେକି ନେଇ ଅସଦାଚରଣ କରିବା ସହ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିବା କହିଥିଲେ। ଏଥିରେ ଅନ୍ୟ ଯୁବକ ଜଣକ ସହଯୋଗ କରିଥିବା ମଧ୍ୟ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ରବିବାର ପୀଡିତାଙ୍କ ମା' ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବରକୋଟ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୫୪ଟି ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭିନ୍ନ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇ ସମାଧାନ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକ ଅଭିନବ ପଦକ୍ଷେପ ଆପଣାଇଥିବା ବେଳେ ପ୍ରତି ରବିବାର ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକଙ୍କ ସମସ୍ୟା ଶୁଣି ସମାଧାନର ବାଟ ବାହାର କରାଯାଉଛି। ଫଳରେ ବିଭିନ୍ନ ଅଭିଯୋଗ ନେଇ ଜନସାଧାରଣ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ରାସ୍ତା, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସମସ୍ୟା ସମେତ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନାରେ ସାମିଲ କରିବାକୁ ଜନସାଧାରଣ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଶୁଣାଣି ଶିବିରରେ ବରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟ ସମରେନ୍ଦ୍ର ଜିତ ପ୍ରମୁଖ ଉପସ୍ଥିତ ରହିଥିଲେ।



ନଂ. ଦେବଗଡ଼ ୧: ବିଧାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ବାଇକରୁ ଖସି ପଡ଼ି ମହିଳା ମୃତ

ଜମନକିରା,୬।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)

ବାଇକରୁ ଖସିପଡି ସମ୍ବଲପୁର ଜିଲା ଜମନକିରା ବ୍ଲକ ଟଙ୍ଗାରମାଳ ଗାଁର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗାଁର ମାନସ ମହାନନ୍ଦଙ୍କ ସ୍ତ୍ରୀ। ଦଶହରା ପାଇଁ ନିଜ ଭଉଣୀଙ୍କୁ ଡାକିବାକୁ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ବାଇକରେ ଦେବଗଡ ଜିଲା ତିଲେଇବଣି ବ୍ଲକ ଲୁଢ଼ର ଗାଁକୁ ଯାଇ ଫେରିବା ବେଳେ ରବିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ଲୁଢରରୁ ଫେରିବା ବେଳେ ରାସ୍ତାରେ ହମ୍ପସ ଥିବା ଯୋଗୁଁ ମାନସ ବ୍ରେକ ମାରିବାବେଳେ ପଛ ସିଟ୍‌ରେ ବସିଥିବା ତାଙ୍କ ସ୍ତ୍ରୀ ଗାଡିରୁ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିବାବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜିଲାସ୍ତରୀୟ ଜୁଡୋ: ଆଶିଷ, ଶୁଭଶ୍ରୀ ଶ୍ରେଷ୍ଠ ଖେଳାଳି

ସମ୍ବଲପୁର,୬।୧୦(ବି.ଶଙ୍କର)

ସମ୍ବଲପୁର ଜିଲାସ୍ତରୀୟ ଜୁଡୋ ପ୍ରତିଯୋଗୀତା ରବିବାର କଚେରି ସ୍ଥିତ ଜିଲା ଜୁଡୋ ହଲରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୩୪ ଜଣ ପ୍ରତିଯୋଗୀ ବିଜୟ ଲାଭ କରିଛନ୍ତି । କୃତୀମାନେ ଆସନ୍ତା ୮ ତାରିଖ ଖୋର୍ଦ୍ଧା ଜିଲା ଜଟଣୀଠାରେ ହେବାକୁ ଥିବା ରାଜ୍ୟ ଜୁଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ପୁଷ୍ପାଞ୍ଜଳି ସାହୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଶିଷ କୁମାର ସାହୁ ଓ ଶୁଭଶ୍ରୀ ମେହେର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସମ୍ବଲପୁର ଲଜପତ ରାଏ ଆଇନ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ସମ୍ମାନୀତ ଅତିଥି ଯୋଗଦେଇଦ୍‌ଥିଲେ।



ଅତିଥିଙ୍କ ସହ ଜୁଡୋ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

# ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ତଥା ତିଲେଇବଣି ଫାଣ୍ଡି ଅନ୍ତର୍ଗତ ଜଡାଗୋଳା ଛକରେ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିଲେଇବଣି ଗ୍ରାମର ହେମନ୍ତ କୁମାର ବେହେରା (୫୦)। ରବିବାର ସନ୍ଧ୍ୟାରେ ହେମନ୍ତ ଏକ ବାଇକ୍ ଯୋଗେ କୁଚିଣ୍ଡା ପଟୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଦୁର୍ଘଟଣା ସମୟରେ ଘଟଣାସ୍ଥଳରେ କେହି ନ ଥିବାରୁ ଦୁର୍ଘଟଣାର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡିନାହିଁ। ଖବର ପାଇ ଦେବଗଡ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷିତ ରଖିଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସତ୍ୟପୀର ସେବାସଂଘ ପକ୍ଷରୁ ରକ୍ତଦାନ ଶିବିର

କୁଚିଣ୍ଡା,୬।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଭିକାପାଲି ପାଲା ମଣ୍ଡପରେ ରବିବାର ସତ୍ୟପୀର ସେବାସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାମରା ବିଡିଓ ପୁଷ୍ପକ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଡିଓ ପ୍ରଧାନ ନିଜେ ରକ୍ତଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମୋଟ ୨୬ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କେଶାଇବାହାଲ ସରପଞ୍ଚ ବାଲେଶ୍ୱର ନାଏକ, ସମାଜସେବୀ ସରୋଜ ପଟେଲ, ସଞ୍ଜୟ ନାୟକ, ହିମାଂଶୁ ସିଂ, ସତ୍ୟପୀର ସେବାସଂଘ ସଭାପତି ରମେଶ ସାହୁ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କୁଚିଣ୍ଡା ବ୍ଲଡ ବ୍ୟାଙ୍କ ଟେକ୍ନିସିଆନ ପ୍ରମୋଦ ପଟେଲ ଓ ସହଯୋଗୀମାନେ ରକ୍ତ ସଂଗ୍ରହ କରିଥିଲେ। ସେବାସଂଘ ସାଧାରଣ ସମ୍ପାଦକ ମୁରଲୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ମୁଖ୍ୟ ଅତିଥି ବିଡିଓ ପୁଷ୍ପକ ପ୍ରଧାନ ଜଣେ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି ।

# ବଜରଙ୍ଗୱାଲୀ ଫୁଟ୍‌ବଲ କ୍ଲବ ଚାମ୍ପିୟନ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

**ରାଧାକୃଷ୍ଣ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଲଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମରେ ଗତ ବୁଧବାରଠାରୁ ମୋଟ ୧୬ଟି ଦଳକୁ ନେଇ ଚାଲିଥିବା ରାଧାକୃଷ୍ଣ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଜୟଲକ୍ଷ୍ମୀ ଫୁଟବଲ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ବଜରଙ୍ଗୱାଲୀ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ଆଲୋକ ଦେହୁରୀ, ବାପୁନ ମାହାନ୍ତ, ଜଗନ୍ନାଥ ମାଝି ଓ ବଳରାମ ଗାଗରାଇ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଧରଣୀଧର ପ୍ରଧାନ, ଦେବରାଜ ସାହୁ ଓ ସୁମନ୍ତ ବେହେରା ମ୍ୟାଚର ଧାରାବିବରଣି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ସରପଞ୍ଚ ସଂଘ ଉପଦେଷ୍ଟା ସତ୍ୟ ନାରାୟଣ ପାଣି ଯୋଗଦେଇ ଚାମ୍ପିୟନ ବଜରଙ୍ଗୱାଲୀ ଫୁଟବଲ କ୍ଲବକୁ ଟ୍ରଫିସହ ନଗଦ ୮୦ ହଜାର ଟଙ୍କା ଓ ରନର ଅପ ବିଜୟଲକ୍ଷ୍ମୀ ଫୁଟବଲ କ୍ଲବକୁ ଟ୍ରଫିସହ ନଗଦ ୬୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଅତିଥି ଭାବେ ବଲଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ରଣଦୀପ ପ୍ରଧାନ ଓ ଭୋଳେଶ୍ୱର ପ୍ରଧାନ, ସୁଖଲାଲ ସୋଏ, ଅର୍ଜୁନ ସାହୁ ଓ ଫକୀର ମୋହନ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ରମାକାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ କ୍ଲବ ସବାପତି ଦୁଷ୍ମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ମ୍ୟାଚରେ ବଳରାମ ଦାସ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିବା ବେଳେ ସମ୍ମାନିତ ଚନ୍ଦନ ଦାସ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମ୍ପାଦକ ଦୁର୍ବାଦଳ ସାହୁ, ବାପୁନ ପାଣି, ବିରେନ ସାହୁ, ହିମାଂଶୁ ସାହୁ, ବସନ୍ତ ସାହୁ, ରିଙ୍କୁ ପ୍ରଧାନ ଓ ଦିଲୀପ ସାହୁ ସକ୍ରିୟ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ୟୁପି ଉପନିର୍ବାଚନ ଇଣ୍ଡିଆ ବ୍ଲକ୍ ପାଇଁ ବଡ଼ ପରୀକ୍ଷା ହେବ

ଲକ୍ଷ୍ନୌ,୬।୧୦(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭାର ୧୦ ଆସନରେ ଉପନିର୍ବାଚନ ହେବାକୁ ଥିବାବେଳେ ଲୋକ ସଭା ନିର୍ବାଚନରେ ସଫଳତା ହାସଲ କରିଥିବା ଇଣ୍ଡିଆ ବ୍ଲକ୍ ପାଇଁ ଏହା ଏକ ଅଗ୍ନିପରୀକ୍ଷା ହେବ ବୋଲି କୁହାଯାଉଛି। ଲୋକ ସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ଉତ୍ତରପ୍ରଦେଶରେ ୪୩ ଆସନ ଜିତିବାରୁ ଭାଜପା ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ୟୁପିର ୨ ଇଣ୍ଡିଆ ମେଣ୍ଟ ସହଯୋଗୀ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ କଂଗ୍ରେସ ଆଗାମୀ ଉପନିର୍ବାଚନ ପାଇଁ ଆସନ ବୁଝାମଣାରେ ବିଫଳ ହୋଇଛନ୍ତି। ୧୦ ଆସନରୁ କଂଗ୍ରେସ ୫ଟିରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିବାବେଳେ ଏସ୍‌ପି ଏଥିରେ ସହମତ ହୋଇପାରୁ ନାହିଁ। ତେବେ ଭାଜପାକୁ ପରାଜିତ କରିବା ସେମାନଙ୍କର ଲକ୍ଷ୍ୟ ଏବଂ ଏଥିପାଇଁ ସେମାନେ ଉପନିର୍ବାଚନରେ ଏକାଠି ଲଢ଼ିବେ ବୋଲି ଉଭୟ ଦଳର ନେତା କହିଛନ୍ତି।


ରାହୁଲ ଗାନ୍ଧୀ


ଅଖିଳେଶ ଯାଦବ

ଉପନିର୍ବାଚନ ହେବାକୁ ଥିବା ସମସ୍ତ ୧୦ ବିଧାନସଭା ଆସନ ପାଇଁ 'କଂଗ୍ରେସ ସମ୍ବିଧାନ ବଚାଓ ସମ୍ମିଳନୀ'ର ଆୟୋଜନ କରୁଛି। ଏହି ସମସ୍ତ ଆସନ ପାଇଁ କଂଗ୍ରେସ ପ୍ରଭାରୀ ଓ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିବା ୟୁପିର ପିସିସି ସଭାପତି ଅଜୟ ରାୟ କହିଛନ୍ତି। ଉପନିର୍ବାଚନ ହେବାକୁ ଥିବା ଆସନଗୁଡ଼ିକ ହେଲା କଟେହାରି, କର୍‌ହଲ, ମିଲ୍‌କିପୁର, ମୀରାପୁର, ଗାଜିଆବାଦ, ମଝୱାନ, ସିଶାମାଉ, ଖଇର୍, ଫୁଲପୁର ଏବଂ କୁଣ୍ଡାର୍କି। ୯ ଜଣ ବିଧାୟକ ଲୋକ ସଭାକୁ ନିର୍ବାଚିତ ହେବାରୁ ଉକ୍ତ ଆସନ ଖାଲି ପଡ଼ିଛି। ଏହା ବ୍ୟତୀତ ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ସମାଜବାଦୀ ପାର୍ଟି ବିଧାୟକ ଇର୍ଫାନ ସୋଲାଙ୍କିଙ୍କୁ ଅଯୋଗ୍ୟ ଘୋଷଣା କରାଯିବାରୁ ସିଶାମାଉ ଆସନ ଖାଲି ରହିଛି। ୨୦୨୨ ବିଧାନସଭା ନିର୍ବାଚନରେ ସିଶାମାଉ, କଟେହାରି, କର୍‌ହଲ, ମିଲ୍‌କିପୁର ଏବଂ କୁଣ୍ଡାର୍କି ଆସନରେ ଏସ୍‌ପି ବିଜୟୀ ହୋଇଥିବାବେଳେ ଫୁଲପୁର, ଗାଜିଆବାଦ, ମଝୱାନ ଏବଂ ଖଇର୍ ଆସନରେ ଭାଜପା ପ୍ରାର୍ଥୀ ଜିତିଥିଲେ। ମୀରାପୁର ଆସନ ଆର୍‌ଏଲ୍‌ଡି ହାତକୁ ଯାଇଥିଲା। ଉପନିର୍ବାଚନରେ ଏସ୍‌ପି ଏବଂ କଂଗ୍ରେସ ମଧ୍ୟରେ ନିଶ୍ଚୟ ମେଣ୍ଟ ହେବ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ଏସ୍‌ପିର ମୁଖ୍ୟ ମୁଖପାତ୍ର ତଥା ରାଷ୍ଟ୍ରୀୟ ସମପାଦକ ରାଜେନ୍ଦ୍ର ଚୌଧୁରୀ କହିଛନ୍ତି, ଉପନିର୍ବାଚନ ପାଇଁ ଆମେ ପୂର୍ଣ୍ଣ ପ୍ରସ୍ତୁତ ରହିଛୁ ଏବଂ ଇଣ୍ଡିଆ ବ୍ଲକ୍ ୧୦ଟି ଯାକ ଆସନ ଜିତିବ। ୨ ଦଳର ନେତା ଏକାଠି ବସି ଆସନ ବୁଝାମଣା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ-ମେ'ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ସହଯୋଗୀ ସମାଜବାଦୀ ପାର୍ଟି ୩୭ ଆସନ ଜିତିଥିବାବେଳେ କଂଗ୍ରେସ ୬ଟିରେ ବିଜୟୀ ହୋଇଥିଲା। ଭାଜପା ୨୦୧୯ରେ ୬୨ ଆସନ ଜିତିଥିବାବେଳେ ଏଥର ୩୩ ଆସନରେ ସୀମିତ ରହିଥିଲା। ଏପରିକି ଏହାର ସହଯୋଗୀ ଦଳ ଆର୍‌ଏଲ୍‌ଡି ଏବଂ ଅପନା ଦଳ (ସୋନେଲାଲ୍) ଯଥାକ୍ରମେ ୨ ଓ ଗୋଟିଏ ଆସନରେ ଜିତିଥିବାବେଳେ ଆଜାଦ ସମାଜ ପାର୍ଟି ଗୋଟିଏ ଆସନ ହାସଲ କରିଥିଲା।



୨୦୨୫ ମହାକୁମ୍ଭ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରୟାଗରାଜଠାରେ ରବିବାର ଲୋଗୋ ଉନ୍ମୋଚନ କରୁଛନ୍ତି।

## ଖଣିଜ ସମ୍ପଦରୁ ୫୦ ହଜାର କୋଟି ପାଇବ ଓଡ଼ିଶା: ଶ୍ରୀକାନ୍ତ

**ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ମାନିଲେ**

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ସୁପ୍ରିମକୋର୍ଟ ଗତ ୧୪ ଜୁଲାଇ ଏବଂ ୨୫ ଅଗଷ୍ଟରେ ଦୁଇଟି ବଡ଼ ନିଷ୍ପତ୍ତି ନେଇଥିଲେ, ଯାହା ଓଡ଼ିଶା ପାଇଁ ଶୁଭ ଖବର ଥିଲା। ସୁପ୍ରିମକୋର୍ଟ କହିଥିଲେ, ଯେଉଁ ରାଜ୍ୟରେ ଖଣିଜ ସମ୍ପଦ ଭରପୂର ଅଛି ସେହି ରାଜ୍ୟର ସରକାରମାନେ ଖଣିଜ ସମ୍ପଦର ବଜାର ଦର ଉପରେ ସେସ୍ ଏବଂ ଯେଉଁଠାରୁ ଉତ୍ତୋଳନ ହେବ ସେହି ଜମି ଉପରେ ଟିକସ ଲଗାଇପାରିବେ। ଯାହାକୁ ବିରୋଧ କରି ଭାରତ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିକଟରେ ବିଭିନ୍ନ ଆଳ ଦେଖାଇ ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ପିଟିଶନ ଦାଖଲ କରିଥିଲେ। ସୁପ୍ରିମକୋର୍ଟ ତାଙ୍କ ରାୟରେ ଜଣାଇଲେ ରାଜ୍ୟ ସରକାର ଚାହିଁଲେ ଜମି ଏବଂ ଖଣିଜ ସମ୍ପଦ ଉପରେ ଅଧିକ ଟ୍ୟାକ୍ସ ଲଗାଇପାରିବେ। ଆହୁରି କହିଛନ୍ତି ରୟାଲଟି ଟିକସ ନୁହେଁ। ରାଜ୍ୟ ସରାକର ଖଣିଜ ସମ୍ପଦ ମାର୍କେଟ ରେଟ୍‌କୁ ଆଧାର କରି ସେସ୍ ଲାଗୁ କଲେ ପ୍ରତି ବର୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ପାଇପାରିବେ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

ଏକ ଭିଡିଓ ବାର୍ତ୍ତା ଜରିଆରେ ଶ୍ରୀକାନ୍ତ ଆହୁରି କହିଛନ୍ତି, ଯେଉଁ ଅଧିକାର ରାଜ୍ୟ ସରକାର ପାଆନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁ ନ ଥିଲେ। ଯେଉଁ ରାଜ୍ୟରେ ଖଣିଜ ସମ୍ପଦ ରହିଛି ଯେପରିକି ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ହେଉ ତା'ର ଲାଭ ସେହି ରାଜ୍ୟ ପାଇପାରନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁ ନ ଥିଲେ। ଓଡ଼ିଶାରେ ଭାରତ ବର୍ଷର ଯେତିକି ଖଣିଜ ସମ୍ପଦ ରହିଛି ତାର ୫୦ ପ୍ରତିଶତ ଏଠାରେ ଅଛି। ଏଠାରେ ବିଭିନ୍ନ ପ୍ରକାର ଖଣିଜ ସମ୍ପଦ ରହିଛି। ସୁପ୍ରିମକୋର୍ଟଙ୍କ ରାୟ ରାଜ୍ୟ ସରକାରମାନଙ୍କୁ ସୁଯୋଗ ଦେଇଛି ସେମାନେ ଖଣିଜ ସମ୍ପଦ ଉପରେ ନିଜର ଟିକସ ଲାଗୁ କରିପାରିବେ। ୨୦୦୪ ମସିହାରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଏକ ବିଲ୍ ପାସ କରାଯାଇଥିଲା, ଯାହାକୁ ଓରିସେଡ ଆକ୍ଟ ୨୦୦୪ ବୋଲି କୁହାଯାଉଛି। ତାକୁ ହାଇକୋର୍ଟ ପ୍ରତ୍ୟାଖାନ କଲେ। ଏହାପରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଏକ ପିଟଶନ ଫାଇଲ କରିଥିଲେ। ଏବେ ଏ ନିଷ୍ପତ୍ତି ହୋଇସାରିଲା ପରେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କହିଛନ୍ତି, ଏହି ବିଲ୍ କିପରି ଲାଗୁ କରାଯାଇପାରିବ ସେକଥା ଆମେ ସୁପ୍ରିମକୋର୍ଟରେ ଉଠାଇବୁ। ସୁପ୍ରିମକୋର୍ଟ ଯେତେବେଳେ କହିସାରିଲେଣି ଏ ଅଧିକାର ରାଜ୍ୟ ସରକାରଙ୍କ ହାତରେ। ଖଣିଜ ସମ୍ପଦ ଉପରେ ସେସ୍ ଲାଗୁ କରିବା ନିଷ୍ପତ୍ତି ରାଜ୍ୟ ସରକାର ନେଇପାରିବେ। ଏହାପରେ ଆଉ ଆଲୋଚନା କରିବାର କିଛି ନାହିଁ। ୨୦୦୪ ବିଲ୍ ଦେଖିଲେ ବୁଝାପଡୁଛି ଖଣି ମାଲିକମାନଙ୍କୁ ସୁହାଇଲା ଭଳି କରାଯାଇଥିଲା। ତୁରନ୍ତ ସେହି ବିଲ୍‌କୁ ରଦ୍ଦ କରାଯାଉ। ଏନେଇ ବିଧାନସଭାରେ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ଆଉ ଏକ ନୂଆ ବିଲ୍ ଆଣି ସେ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସୁପ୍ରିମକୋର୍ଟ ଯେଉଁ ଅଧିକାର ଦେଇଛନ୍ତି ତା'ର ନିଷ୍ପତ୍ତି ନିଆଯାଉ। ଯେଉଁ ଅଞ୍ଚଳରୁ ଖଣିଜ ସମ୍ପଦ ଆଦାୟ ହେଉଛି ମିଳିବାକୁ ଥିବା ସେସ୍ ଟଙ୍କାର ଅଧା ରାଶି ସେହି ଜିଲାରେ ଖର୍ଚ୍ଚ କରାଯାଉ। ସେସ୍ କେତେ ଲାଗିବ ତାକୁ କିଏ ସ୍ଥିର କରିବ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଶ୍ରୀକାନ୍ତ କହିଛନ୍ତି।

## ତରବରିଆ ଭାବେ ସରିଲା କୁଜଙ୍ଗ ବିଜେଡି ଜନସମ୍ପର୍କ ପଦଯାତ୍ରା

କୁଜଙ୍ଗ,୬।୧୦( ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ତରବରିଆଭାବେ ଶେଷ ହୋଇଛି। ଏହି ପଦଯାତ୍ରାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବାପି ସର୍ଖେଲ, ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ, ମୋନିଦୀପା ସର୍ଖେଲ, ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁତଳ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଆରୁପ୍ରସାଦ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ସାହୁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ପ୍ରମୋଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଗାନ୍ଧୀ ଜୟନ୍ତୀରୁ ବିଜେଡିର ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ପଦଯାତ୍ରା ଅବସରରେ ନେତୃମଣ୍ଡଳୀମାନେ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିବା କଥା। ମାତ୍ର ରବିବାର ଆୟୋଜିତ ପଦଯାତ୍ରା କୁଜଙ୍ଗ ବଜାରର ଏକ ମୁଣ୍ଡରୁ ବାହାରି କଟକ ପାରାଦୀପ ରାସ୍ତାରେ ଯାଇ ସିଧା ଷଣ୍ଢପୁର ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ପହଞ୍ଚିବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମଞ୍ଚରେ ନେତୃମଣ୍ଡଳୀମାନେ ହାତ ଧରାଧରି ହୋଇ ଫଟୋ ଉଠାଇ ମଞ୍ଚ ତଳକୁ ଚାଲି ଆସିଥିଲେ। ଏହି ଜନ ସମ୍ପର୍କ ପଦଯାତ୍ରାରେ ଦଳର ବରିଷ୍ଠ ନେତା ଓ ପୁରୁଖା କର୍ମୀଙ୍କର ଦେଖା ମିଳି ନ ଥିବାବେଳେ କେତେଜଣ ଠିକାଦାର ଓ ପାରାଦୀପରୁ ଆସିଥିବା ଲୋକେ ସାମିଲ ହୋଇଥିଲେ। ଅନ୍ୟପଟେ ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା, ଶ୍ରମିକ ନେତା ତଥା ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ସମ୍ପାଦକ ଗୋଲେଖ ନାୟକ, ଜିଲା ଉପସଭାପତି କବି ପୀତାମ୍ବର ତରାଇ, ପୂର୍ବତନ ସରପଞ୍ଚ ପୁରୁଖା ନେତା ବିଜୟ ଖଟାଇ, ଶୁଭକାନ୍ତ ସାମନ୍ତରାୟ ପ୍ରମୁଖ ଅନୁପସ୍ଥିତ ଥିଲେ। ଏସମ୍ପର୍କରେ ଡାକ୍ତର କୁଳମଣି ସାମଲଙ୍କୁ ପଚାରିବାରୁ, ସେ ପଦଯାତ୍ରା ବିଷୟରେ କିଛି ଜାଣି ନାହାନ୍ତି ବୋଲି କହିଥିଲେ। ଏହି ପଦଯାତ୍ରାରେ ମାତ୍ର ୨୪ଜଣ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସାମିଲ ହୋଇଥିଲେ।


ଜନସମ୍ପର୍କ ପଦଯାତ୍ରା ମଞ୍ଚରେ ଉପସ୍ଥିତ ନେତା ଓ କର୍ମୀ।

## ବିଜେଡି ଛାଡ଼ିଲେ ରାଜ୍ୟ ସମ୍ପାଦକ ନିର୍ମଳ ସାହୁ

ପୁରୁଷୋତ୍ତମପୁର,୬।୧୦(ସୀମାଞ୍ଚଳ ମିଶ୍ର)


ନିର୍ମଳ ଚନ୍ଦ୍ର ସାହୁ

ଗଞ୍ଜାମ ଜିଲାରେ ବିଜେଡିକୁ ପୁଣି ଏକ ଝଟକା ଲାଗିଛି। ପୁରୁଷୋତ୍ତମପୁର ଅଞ୍ଚଳର ଯୁବନେତା ବିଜେଡିର ରାଜ୍ୟ ସମ୍ପାଦକ ତଥା ଆସିକା ସଂସଦୀୟ କ୍ଷେତ୍ର ଜୀବନବିନ୍ଦୁର ସଂଯୋଜକ ନିର୍ମଳ ଚନ୍ଦ୍ର ସାହୁ ରବିବାର ଦଳ ଛାଡ଼ିଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପତ୍ର ପଠାଇଥିବା କହିଛନ୍ତି। ଆଗାମୀ ଦିନରେ କେଉଁ ଦଳକୁ ଯିବି ପରବର୍ତ୍ତୀ ସମୟରେ ବିଚାର କରିବି ବୋଲି ନିର୍ମଳ କହିଛନ୍ତି।

## କ୍ଷମା ମାଗିଲେ ବ୍ଲକ ବିଜେଡି ସଭାପତି

ପ୍ରୀତିପୁର,୬।୧୦(ସୁଶାନ୍ତ ବେହୁରିଆ)

ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ସମୟରେ ଯାଜପୁର ଜିଲା ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ଭାଜପା କର୍ମୀଙ୍କୁ 'ଜୋତାରେ ପିଟ' ବୋଲି ଦେଇଥିବା ମନ୍ତବ୍ୟ ଉପରେ ରବିବାର କ୍ଷମା ପ୍ରାର୍ଥନା କରିଛନ୍ତି। ଏଭଳି ମନ୍ତବ୍ୟ ନେଇ ଭାଜପା ପକ୍ଷରୁ ଦଶରଥପୁର ଥାନାରେ ଏତଲା ଦାଏର କରାଯାଇଥିଲା। ଯାହାକୁ ନେଇ ଦଶରଥପୁର ଅଞ୍ଚଳରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା।

ଗାନ୍ଧୀ ଜୟନ୍ତୀ ଅବସରରେ କୁଆଁସ ମଙ୍ଗଳା ପୀଠରେ ଅନୁଷ୍ଠିତ ବିଜେଡି ସଭାରେ ଅଜୟ ଭାଜପା କର୍ମୀଙ୍କୁ ଜୋତାରେ ପିଟ ବୋଲି ମନ୍ତବ୍ୟ ଦେଇଥିଲେ। ରବିବାର ଉକ୍ତ କୁଆଁସ ପୀଠରେ ଆୟୋଜିତ

**ଭାଜପା କର୍ମୀଙ୍କୁ 'ଜୋତାରେ ପିଟ' ମନ୍ତବ୍ୟ**

ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବକ୍ତବ୍ୟ ଦେଉଥିବା ସମୟରେ ନକରାତ୍ମକ ଶବ୍ଦ ପାଟିରୁ ବାହାରି ଯାଇଥିଲା। କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ଆକ୍ଷେପ କରିବା ତାଙ୍କ ଉଦ୍ଦେଶ୍ୟ ନୁହେଁ। ଏପରି ଶବ୍ଦ ବାହାରି ଯିବା ଠିକ ନୁହେଁ ବୋଲି ଉପଲବ୍ଧି କରିଛନ୍ତି। ଏକ ରାଜନୈତିକ ଦଳର ବ୍ଲକ ସଭାପତି ଭାବେ ନିଜ ଦଳ ସହ ସବୁ ଦଳ ପ୍ରତି ଯଥେଷ୍ଟ ସମ୍ମାନ ରହିଛି, ଆଗକୁ ରହିଥିବ ବୋଲି ସେ ପ୍ରକାଶ କରିଛନ୍ତ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜୋନ ସଭ୍ୟା ମାମିନା ମଲ୍ଲିକ, ପଙ୍କଜ ଜେନା, ଧର୍ମରାଜ ଧୀର, ପ୍ରଭାତ ନାୟକ, ମାନସ ସାମଲ, ସୁଶାନ୍ତ ବାରିକ ଓ ଶୁଭ୍ରାଂଶୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଏକଜିଟ୍ ପୋଲ୍ ରିପୋର୍ଟ ପରେ ବଢ଼ିଲା ରାଜନୀତି

ଭୁବନେଶ୍ୱର, ୨।୧୦(ସୁନିତ୍ ମିଶ୍ର)

ହରିୟାଣା ଏବଂ ଜମ୍ମୁ-କଶ୍ମୀର ନିର୍ବାଚନ ପାଇଁ ଭୋଟ ଶେଷ ହେବା ପରେ ଏକ୍‌ଜିଟ ପୋଲ୍ ରିପୋର୍ଟ ମଧ୍ୟ ଅନେକ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି। ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ, ଏହି ଦୁଇ ରାଜ୍ୟରେ ଇଣ୍ଡି ମେଣ୍ଟ ସରକାର କରିବ ବୋଲି ଦର୍ଶାଇଛନ୍ତି। ଏହାପରେ ଓଡ଼ିଶା ରାଜନୀତିରେ ଭିନ୍ନ ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଜେଡି ଏବେ ଇଣ୍ଡି ମେଣ୍ଟ ସପକ୍ଷରେ ରହୁଥିବା ଚର୍ଚ୍ଚା ମଧ୍ୟ ଜୋର୍ ଧରିଛି। ଏକଜିଟ୍ ପୋଲ୍ ରିପୋର୍ଟ ଆସିବା ପରେ ବିଜେଡି ନେତା ତଥା ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟ କହିଛନ୍ତି, ସମୀକରଣ ଯାହା କହୁଛି ଇଣ୍ଡି ମେଣ୍ଟ ଶକ୍ତିଶାଳୀ ହେଉଛି। ଏହା ହେଉଛି ଆଗାମୀ ଦିନ ଲାଗି ଇଣ୍ଡିକେଟର। ସାମାଜିକ ଗଣମାଧ୍ୟମରେ ଆମେ ଯାହା ଦେଖୁଛେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତା ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଆଗକୁ ଇଣ୍ଡି ମେଣ୍ଟ ସହିତ ବିଜେଡି ଯିବ କି ନାହିଁ ସେହି ନିଷ୍ପତ୍ତି ଦଳ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

- ଇଣ୍ଡି ମେଣ୍ଟ ଶକ୍ତିଶାଳୀ ହେଉଛି: ଦେବାଶିଷ
- କାହାର ଉପର ଗତି, କାହାର ତଳ ଗତି ହେଉଛି ତାହା ଆଗକୁ ଜଣାପଡ଼ିବ: ପ୍ରସନ୍ନ
- ଯିଏ ମହାନ୍ ସ୍ରୋତରେ ନ ଯିବ ସିଏ ପଛରେ ପଡ଼ିବ: ଜୟଦେବ
- ଭାଜପା ଲୋକପ୍ରିୟତା ଦେଖି ବିଜେଡିର ସ୍ୱଭାବ ଏଭଳି ହେବା ସ୍ୱାଭାବିକ: ଗୋଲକ

ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଇଣ୍ଡିଆ ମେଣ୍ଟ ସମ୍ପର୍କରେ କିଛି ମତ ଦେବାର ନାହିଁ କିନ୍ତୁ ଆମ ଦେଶ ଆଗକୁ ଯାଉ ବୋଲି ଚାହୁଁଛୁ। କଶ୍ମୀର ଏବଂ ହରିୟାଣାରେ ଯେଉଁ ନିର୍ବାଚନ ସରିଲା ଆଗକୁ ଯେଉଁ ୨ଟା ରାଜ୍ୟରେ ନିର୍ବାଚନ ହେବ ଅପେକ୍ଷା କରନ୍ତୁ କିଏ କେଉଁ ଦିଗକୁ ଯାଉଛି, କାହାକୁ ଉପର ଗତି ହେଉଛି କାହାର ତଳ ଗତି ହେଉଛି ତାହା ଭବିଷ୍ୟତରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ଦେଶରେ କଂଗ୍ରେସ ଯେଉଁଭଳି ଆଗକୁ ଯାଉଛି, ଏହାର ପ୍ରଭାବ ଓଡ଼ିଶା ଉପରେ ମଧ୍ୟ ପଡ଼ିସାରିଲାଣି। ଯିଏ ଏହି ମହାନ ସ୍ରୋତରେ ନ ଯିବ ସିଏ ପଛରେ ପଡ଼ିଯିବ। ସବୁଆଡେ କଂଗ୍ରେସର ଲହର ହେବା ଆରମ୍ଭ ହେଲାଣି, ଓଡ଼ିଶାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ସେ କହିଛନ୍ତି।

ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଓଡ଼ିଶାରେ ଯେତେବେଳେ ଭାଜପା ଲୋକପ୍ରିୟ ହେଉଛି ବିଜେଡିର ଆଚରଣ ଏଭଳି ହେବା ସ୍ୱାଭାବିକ। ସେମାନେ କେଉଁଆଡେ ଯିବେ ନ ଯିବେ ସେ ନିଷ୍ପତ୍ତି ସେମାନେ କରିବେ। ରାଜ୍ୟ ରାଜନୀତିରେ ତା'ର କିଛି ପ୍ରଭାବ ପଡ଼ିବ ନାହିଁ। ଭାଜପାର ଓଡ଼ିଶାରେ କିଛି ଅସୁବିଧା ନାହିଁ ବୋଲି ଗୋଲକ କହିଛନ୍ତି।

**ରାଜ୍ୟ ଖବର**

## ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିହାତି ଆବଶ୍ୟକ

**ଓଇଏସ୍ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ**

ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)

ସାମ୍ପ୍ରତିକ ପରିସ୍ଥିତିରେ ଆମ ପ୍ରାକୃତିକ ଐତିହ୍ୟ ପାଇଁ ପ୍ରମୁଖ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ। ଏହା ଜୀବଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ, ପାଣିପାଗ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ବୃଦ୍ଧି ଘଟାଇ ଚାଲିଛି। ଏହି ପ୍ରଭାବଗୁଡିକର ମୁକାବିଲା ପାଇଁ କୃଷି, ଶିଳ୍ପ ଏବଂ ସହରୀ ବିକାଶରେ ଚିରସ୍ଥାୟୀ ଅଭ୍ୟାସ ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ 'ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ତଥା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟ ଶ୍ରୀ ଗୌରବ ଯୋଗଦେଇ କହିଲେ, ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ପାରମ୍ପାରିକ ସଂରକ୍ଷଣ ପଦ୍ଧତି ଯଥେଷ୍ଟ ମହତ୍ତ୍ୱ ବହନ କରେ। ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ଏବଂ ସଚେତନତାର ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ ବର୍ଣ୍ଣନା କରିଥିଲେ। ଓଇଏସ୍‌ର ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରି ପ୍ରାକୃତିକ ପରିସଂସ୍ଥା ଏବଂ ଜୈବବିବିଧତା ସଂରକ୍ଷଣର ଜଟିଳତାକୁ ଠିକ୍ ରୂପେ ବୁଝିବା ସହିତ ରାଜନୈତିକ ପ୍ରତିବଦ୍ଧତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଲେ, ସଂରକ୍ଷଣକୁ ପ୍ରାଥମିକତା ପ୍ରଦାନ କରି ପ୍ରକୃତି ପ୍ରତି ଗଭୀର ସମ୍ମାନ ବଢ଼ାଇବା ଆବଶ୍ୟକ। ଏହାଦ୍ୱାରା ଆମେ ଭବିଷ୍ୟତ ପିଢ଼ି ପାଇଁ ଆମ ଗ୍ରହର ଅପୂରଣୀୟ ସମ୍ପଦକୁ ସୁରକ୍ଷିତ କରିପାରିବା। ପୂର୍ବତନ ପିସିସିଏଫ ଡ. ବିଜୟ କେତନ ପଟ୍ଟନାୟକ ଜୈବିକ ସମ୍ବଳର ଅତ୍ୟଧିକ ଶୋଷଣ କିପରି ପ୍ରାକୃତିକ ଐତିହ୍ୟ ସଂରକ୍ଷଣରେ ବାଧା ସୃଷ୍ଟି କରେ ସେ ବିଷୟରେ ଆଲୋଚନା କରିଥିଲେ। ଉପସଭାପତି ଡ. ଲାଲା ଏକେ ସିଂହ ସଂରକ୍ଷଣ ବିଜ୍ଞାନର ଗବେଷଣାକୁ ପ୍ରାଧାନ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଧାକର କର, ପ୍ରଫେସର କୃଷ୍ଣ ଚନ୍ଦ୍ର ସାହୁ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ରବୀନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ନିଜ ମତ ରଖିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟ ଶ୍ରୀ ଗୌରବଙ୍କ ସହ ଅନ୍ୟମାନେ।

## ଯୁବତୀଙ୍କୁ ବ୍ଲାକ୍‌ମେଲ: ଫେରାର ଯୁବକ ଗିରଫ

ଭୁବନେଶ୍ୱର,୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରିବା ସହ ତାଙ୍କର କିଛି ଗୁପ୍ତ ଫଟୋ ଫେସ୍‌ବୁକ୍‌ରେ ଭାଇରାଲ କରିବା ମାମଲାରେ ଖାରବେଳ ନଗର ଥାନା ପୋଲିସ ଫେରାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଶିମୁଳିଆ ଥାନା ଅଞ୍ଚଳର ପ୍ରକାଶ କୁମାର ବେହେରା। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ସୂଚନାନୁସାରେ, ପୀଡ଼ିତା ଯୁବତୀ ଜଣକ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ପଢ଼ିବା ସହ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଛାତ୍ରୀନିବାସରେ ରହୁଥିଲେ। ଅଭିଯୁକ୍ତ ଜଣକ ଭୁବନେଶ୍ୱରରେ ରହି ଇଲେକ୍ଟ୍ରିକ୍ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ଚିହ୍ନା ପରିଚୟ ହୋଇ ସମ୍ପର୍କ ବଢ଼ିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟଙ୍କ କିଛି ଫଟୋ ସଂଗ୍ରହ କରି ନିଜ ପାଖରେ ରଖିଥିଲେ। ପୀଡ଼ିତା ଜଣକ ଅଭିଯୁକ୍ତଙ୍କଠାରୁ ଦୂରେଇ ଯିବାରୁ ଉକ୍ତ ଫଟୋଗୁଡ଼ିକୁ ଏଡିଟ୍ କରି ଭାଇରାଲ୍ କରିଦେଇଥିଲେ। ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଗୋଆ ପଳାଇଥିଲେ।

## ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଭୁବନେଶ୍ୱର,୬।୧୦(ସତ୍ୟଜିତ୍ ରାଉତ)

ଦୁର୍ଘଟଣାର ହଟ୍‌ସ୍ପଟ୍ ପାଲଟିଥିବା ଭୁବନେଶ୍ୱର ପଳାଶୁଣି ଛକ ଜାତୀୟ ରାଜପଥରେ ଆଉଏକ ଜୀବନ ଯାଇଛି। ରବିବାର ଟ୍ରକ୍ ଧକ୍କାରେ ଜଣେ ସାଇକେଲେ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ବାଙ୍ଗେରେଡା ଗ୍ରାମର ବୁଲା ସେଠୀ (୪୨)। ବୁଲା ପଳାଶୁଣି ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ମଞ୍ଚେଶ୍ୱର ଥାନା ପୋଲିସ ଜବତ କରିଛି। ଏଥିସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନାନୁସାରେ, ଅପରାହ୍ନ ୩ଟା ୩୦ରେ ବୁଲା ତାଙ୍କ ସାଇକେଲ ଧରି ପିଏଚ୍‌ଡି ରୋଡ୍ ପାର୍ଶ୍ୱରୁ ଅପରପାର୍ଶ୍ୱକୁ ଯିବାକୁ ଜାତୀୟ ରାଜପଥକୁ ପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ କଟକ ଯାଉଥିବା ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ବୁଲା ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିବାବେଳେ ତାଙ୍କ ସାଇକଲେ ଭାଙ୍ଗି ଯାଇଥିଲା। ଘଟଣାସ୍ଥଳରୁ ବୁଲାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବୁଲା ଏଠାରେ ବିଭିନ୍ନ ସ୍ଥାନରେ ରହୁଥିବା ବେଳେ ତାଙ୍କର କୌଣସି ସ୍ଥାୟୀଘର ନ ଥିଲା। ପୋଲିସ ପରିଚୟ ପାଇବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକଙ୍କ ଏତଲା ପରେ ମାମଲା ରୁଜୁ କରାଯିବ ଓ ସୋମବାର ଡ୍ରାଇଭରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ପଳାଶୁଣୀ ଛକରେ ପୁଣି ଦୁର୍ଘଟଣା**

ପଳାଶୁଣୀରେ ବାରମ୍ବାର ଦୁର୍ଘଟଣା ଘଟିବ ବହୁ ଧନଜୀବନ ଯାଉଥିବାରୁ ସେଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇ ଆସୁଛି। ତେବେ ଗତ ଜୁନ୍ ୧୯ରେ ଭୁବନେଶ୍ୱର ଏମ୍‌ପି ସେଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏନ୍‌ଏଚ୍‌ଆଇ ପକ୍ଷରୁ ଏହି କାମ ମନ୍ଥର ଗତିରେ ଚାଲୁଥିବା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ନାରାୟଣ ପୃଷ୍ଟି ଅଭିଯୋଗ ଆଣିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ପିକଲବଲରେ ଓଡ଼ିଶାକୁ ସ୍ୱର୍ଣ୍ଣ, ବ୍ରୋଞ୍ଜ



ପଦକ ସହ ଓଡ଼ିଶା ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)

ହରିୟାଣାର ପାନିପତଠାରେ ଜାତୀୟ ପିକଲବଲ ଚାମ୍ପିୟନଶିପ୍‌ର ୮ମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ହରିୟାଣା ପିକଲବଲ ଆସୋସିଏଶନ ଓ ସର୍ବଭାରତୀୟ ପିକଲବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୧୬ରୁ ୬୦ ବର୍ଷରୁ ଊର୍ଦ୍ଧ୍ୱର ବିଭିନ୍ନ ବର୍ଗରେ ଏହି ପ୍ରତିଯୋଗିତା ହୋଇଥିଲା। ଓଡ଼ିଶାର ପ୍ରତିଷ୍ଠିତ ଟେନିସ କୋଚ୍ ଶୁଭ୍ରାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ରାଜ୍ୟରୁ ମୋଟ ୧୭ ଖେଳାଳି ପ୍ରତିଯୋଗିତାର ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଅଂଶଗ୍ରହଣ କରିଥିଲେ। ୬୦ ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୩୫ ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବର୍ଗରେ ଶକ୍ତି ରଞ୍ଜନ ଦାଶ ଓ ଅନନ୍ତ ନାୟକ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟ କେତେକ ଖେଳାଳି କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ଏହି ସଫଳତା ରାଜ୍ୟରେ ପିକଲବଲରେ ଉନ୍ନତି ହେଉଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଗତ ୪ରୁ ୬ ପର୍ଯ୍ୟନ୍ତ ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୪ ରାଜ୍ୟରୁ ୪୨୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଭାରତର ସହଜ ବିଜୟ

ଗ୍ୱାଲିୟର,୬।୧୦

ବାଂଲାଦେଶ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ୭ ଉଇକେଟରେ ଜିତି ନେଇଛି ଭାରତ। ଭାରତୀୟ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ବାଂଲାଦେଶ ୧୯.୫ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୧୧.୫ ଓଭରରେ ୩ ଉଇକେଟ ହରାଇ ୧୩୨ ରନ୍ କରିଥିଲା। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ମୟଙ୍କ ଯାଦବ ଓ ନୀତୀଶ କୁମାର ରେଡ୍ଡୀ ପଦାର୍ପଣ କରିଥିବା ବେଳେ ୩ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବରୁନ୍ ଚକ୍ରବର୍ତ୍ତୀ ଓ ଅର୍ଶଦୀପ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ।

## ପ୍ରଥମ ଟି୨୦

ଭାରତ ପକ୍ଷରୁ ଅର୍ଶଦୀପ ସିଂ ପ୍ରଥମରୁ ଘାତକ ବୋଲିଂ କରିବା କାରଣରୁ ବାଂଲାଦେଶ ୧୪ ରନ୍‌ରେ ୨ ଉଇକେଟ ହରାଇଥିଲା। ଅଧିନାୟକ ନଜମୋଲ ହୋସେନ ଶନ୍ତୋ ୨୭ ରନ୍ କରି ଇନିଂସ ସମ୍ଭାଳିଥିଲେ। ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିବା ବେଳେ ୧୦୦ ରନ୍ ପାର କରିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ମେହିଦୀ ହସନ ମିରାଜ ଅପରାଜିତ ୩୫ ରନ୍‌ର ଇନିଂସ ଖେଳିଥିଲେ। ମେହିଦୀ ୩୨ ବଲ୍ ଖେଳି ୩ ଚୌକା ମାରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ଓ ବରୁନ ୩ ଉଇକେଟ ଲେଖାଏ ୱାଶିଂଟନ୍ ସୁନ୍ଦର, ମୟଙ୍କ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୨୮ ରନ୍ ଲକ୍ଷ୍ୟରେ ଭାରତ ପକ୍ଷରୁ ସଞ୍ଜୁ ସାମସନ ୨୯ ଓ ଅଭିଷେକ ଶର୍ମା ୧୬ ବିସ୍ଫୋରକ ଆରମ୍ଭ କରିଥିଲେ। ଉଭୟ ୨ ଓଭରରେ ୨୫ ରନ୍ ଯୋଡିଥିଲେ। ୭ ବଲ୍‌ରୁ ୧୬ ରନ୍ କରଥିବା ଅଭିଷେକ ଦୁର୍ଭାଗ୍ୟଜନକ ଭାବରେ ରନଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ସୂର୍ଯ୍ୟକୁମାର ଯାଦବ (୨୯) ଓ ସଞ୍ଜୁଙ୍କ ମଧ୍ୟରେ ୪୦ ରନ୍‌ର ପାର୍ଟନରଶିପ ହୋଇଥିଲା। ସାମସନ ୧୯ ବଲ ଖେଳି ୬ ଚୌକା ଓ ସୂର୍ଯ୍ୟ ୧୪ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରିଥିଲେ। ଶେଷ ଆଡକୁ ହାର୍ଦ୍ଦିକ ପାଣ୍ଡ୍ୟା ୩୯ ଓ ନୀତୀଶ ରେଡ୍ଡୀ ୧୬ ରନରେ ଅପରାଜିତ ରହି ଭାରତକୁ ଜିତାଇଥିଲେ। ହାର୍ଦ୍ଦିକ ୧୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ଓ ମେହିଦୀ ହସନ ମିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଉଲ୍ଲସିତ ବରୁନ୍ ଚକ୍ରବର୍ତ୍ତୀ।

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ୧୯.୫ ଓଭରରେ ୧୨୭/୧୦ (ମେହିଦୀ ହସନ-୩୫, ନଜମୋଲ ହୋସେନ-୨୭, ତୌହିଦ୍ ହ୍ରିଦୟ-୧୨, ଅର୍ଶଦୀପ ସିଂ-୩/୧୪, ବରୁନ୍ ଚକ୍ରବର୍ତ୍ତୀ-୩/୩୧, ୱାଶିଂଟନ୍ ସୁନ୍ଦର-୧/୧୨)। ଭାରତ ୧୧.୫ ଓଭରରେ ୧୩୨/୩ (ହାର୍ଦ୍ଦିକ ପାଣ୍ଡ୍ୟା-୩୯*, ସୂର୍ଯ୍ୟକୁମାର ଯାଦବ-୨୯, ସଞ୍ଜୁ ସାମସନ-୨୯, ମେହିଦୀ ହସନ-୧/୭, ମୁସ୍ତାଫିଜୁର ରେହମାନ-୧/୩୬)।

# ସ୍ୱର୍ଣ୍ଣ, ରୌପ୍ୟ ଜିତିଲେ ରୋହିତ

କୋରାପୁଟ,୬।୧୦
(ଅମିତାଭ ବେହେରା)

## ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟି ଚାମ୍ପିୟନଶିପ୍

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଦକ୍ଷିଣ ଆଫ୍ରିକାର ସନ୍‌ସିଟିରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟି ଚାମ୍ପିୟନଶିପ୍‌ରେ ୧୨୦ କିଗ୍ରା + ସବ୍‌ଜୁନିୟର ବର୍ଗରେ ଡେଡ ଲିଫ୍ଟରେ ସ୍ୱର୍ଣ୍ଣ ଏବଂ ବେଞ୍ଚ ପ୍ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି । ଇଂଲଣ୍ଡର ୱିଲ ଆଣ୍ଡର୍ସ ଏବଂ ଉତ୍ତର ଆୟର୍ଲାଣ୍ଡର ଜ୍ୟାକ ଗ୍ରାହାମଙ୍କ ଭଳି ଶୀର୍ଷ ଆଥଲେଟ୍ସଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ରୋହିତଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବିଶ୍ୱସ୍ତରରେ ଚମତ୍କାର ପ୍ରଦର୍ଶନ ସହ ଏହି ପଦକ ହାସଲ କରି ଭାରତ ଏବଂ ତାଙ୍କ ବିଶ୍ୱବିଦ୍ୟାଳୟକୁ ଗର୍ବିତ କରିଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କ ଏହି ସଫଳତା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ, ବରଂ ସମଗ୍ର ଦେଶ ଲାଗି ଗର୍ବ ଆଣିଛି ବୋଲି କହିଥିଲେ। ରୋହିତଙ୍କ ବିଜୟ କେବଳ ତାଙ୍କ ପାଇଁ ନୁହେଁ ବରଂ ଆମ ବିଶ୍ୱବିଦ୍ୟାଳୟ, ରାଜ୍ୟ ଲାଗି ଏକ ଐତିହାସିକ ମୁହୂର୍ତ୍ତ। ତାଙ୍କର କର୍ତ୍ତବ୍ୟ ଏବଂ ନିଷ୍ଠା ତାଙ୍କୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।

ସୂଚନାଯୋଗ୍ୟ, ସନ୍‌ସିଟିରେ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟି ଚାମ୍ପିୟନଶିପ୍ ଅକ୍ଟୋବର ୪ରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ରୋହିତ ତାଙ୍କ ପିତା ଓ ଭାଇଙ୍କୁ ତାଙ୍କର ବଡ଼ ପ୍ରେରଣା ବୋଲି ଶ୍ରେୟ ଦେଇଛନ୍ତି । ରାଜସ୍ଥାନ ଶ୍ରୀଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟି ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିଲେ। କ୍ରୀଡ଼ାରେ ଉତ୍କୃଷ୍ଟ ହେବା ବ୍ୟତୀତ ରୋହିତ ସମନ୍ୱିତ ଗଣିତର ସ୍ନାତକୋତ୍ତର ଛାତ୍ର। ବିଶ୍ୱବିଦ୍ୟାଳୟରେ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ ସମସ୍ତେ ଏକାଠି ହୋଇଛନ୍ତି ବୋଲି ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି ।



ପୋଡିୟମରେ ପୁରସ୍କାର ଗ୍ରହଣ ଅବସରରେ ରୋହିତ ପାତ୍ର (ଡାହାଣ)।

# ଭାରତୀୟ ମହିଳା ଦଳକୁ ରୌପ୍ୟ ପଦକ

## ଏସିଆ ରଗ୍‌ବୀ ସେଭେନ୍ସ

■ ସାମିଲ ଥିଲେ କିସ୍‌ର ୩ ଖେଳାଳି

ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)

କାଠମାଣ୍ଡୁସ୍ଥିତ ଦଶରଥ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି-୨୦୨୪ରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ଭାରତୀୟ ଦଳରେ କିସ୍‌ର ୩ ଖେଳାଳି ହୁପି ମାଝି, ନିର୍ମାଲ୍ୟ ରାଉତ ଓ ଡୁମୁନି ମାର୍ଣ୍ଡି ସାମିଲ ଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ଦଳ ଫିଲିପାଇନ୍ସଠାରୁ ୫-୭ରେ ପରାଜିତ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କାକୁ ୨୯-୧୦, ଇଣ୍ଡୋନେସିଆକୁ ୧୭-୧୦, ଇରାନକୁ ୨୦-୦ରେ ହରାଇବାପରେ ସେମିଫାଇନାଲରେ ଗୁଆମକୁ ୨୪-୭ ଗୋଲରେ ପରାସ୍ତ କରିଥିଲା ଭାରତ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

# ଓଏଫ୍‌ସିର ନିରାଶାଜନକ ଆରମ୍ଭ

ଭୁବନେଶ୍ୱର,୬।୧୦
(ସରୋଜ ଜେନା)

## ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପ୍

ଭିଏଟ୍‌ନାମର ଥଙ୍ଗ ନାଟ ଷ୍ଟାଡିୟମରେ ଖେଳା ଯାଉଥିବା ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପ୍‌ରେ ଇଣ୍ଡିଆନ ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି)ର ଆରମ୍ଭ ନିରାଶାଜନକ ରହିଛି। ଗ୍ରୁପ୍ ଷ୍ଟେଜରେ ଜାପାନିଜ୍ କ୍ଲବ୍ ଉରାୱା ରେଡ୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିବା ବେଳେ ଦଳ ୧୭-୦ ବ୍ୟବଧାନରେ ଲଜ୍ଜାଜନକ ପରାଜୟ ବରଣ କରିଛି। ଉରାୱା ରେଡ୍ସ ପକ୍ଷରୁ ଦୁଇ ଜଣ ଖେଳାଳି ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ସମୁଦାୟ ୧୧ ଜଣ ଖେଳାଳି ଗୋଲ ସ୍କୋର କରିଥିଲେ। ଉରାୱା ରେଡ୍ସ ପକ୍ଷରୁ ୟୁଜୁହୋ ଶିଓକୋଶି ୧୫, ୧୮ ଓ ୩୦ ମିନିଟରେ ଓ ମିକି ଇଟୋ ୫୬, ୫୯, ୬୨ ଓ ୯୦+୪ ମିନିଟରେ ଗୋଲ ଦେଇଥିଲେ। ମେଇ ଶିମାଡା ୧୭ ଓ ୪୪ ମିନିଟରେ ଡବଲ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁ ଏଣ୍ଡୋ(୫), ସାଟୋକୋ ଫୁଜିସାକି(୯), ଏନା ଟାକାଟସୁକା(୧୩), ରିରିକା ଟାନୋ(୫୨), ଆକାରି କୁରିଶିମା(୫୪), ଫୁକା ଶୁନୋଡା(୬୮) ଓ ଆମି ଟାକେଉଚି (୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଏଫ୍‌ସି ପକ୍ଷରୁ ମରିୟମ ଜୁକ୍ ଇବ୍ରାହିମ୍ ଏକ ଆତ୍ମଘାତୀ ଗୋଲ ଦେଇଥିଲେ।

ଉରାୱା ରେଡ୍ସ ମ୍ୟାଚ୍‌ରେ ୭୭ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଓଏଫ୍‌ସି ଖେଳାଳିଙ୍କୁ ଗୋଟିଏ ମଧ୍ୟ କର୍ନର ମିଳି ନ ଥିବା ବେଳେ ଉରାୱା ଖେଳାଳି ୧୨ଟି କର୍ନର ହାସଲ କରିଥିଲେ। ଓଏଫ୍‌ସି ପ୍ରିଲିମିନାରି ରାଉଣ୍ଡରେ ବିଜୟ ସହ ଗ୍ରୁପ୍ ପର୍ଯ୍ୟାୟରେ ସାମିଲ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଲାଇନ ସିଟି ସେଲର୍ସ ଓ ପରବର୍ତ୍ତୀ ମ୍ୟାଚ୍‌ରେ ଏଟିହାର୍ଡକୁ ଦଳ ହରାଇଥିଲା। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ବୁଧବାର ହୋ ଚି ମିନ୍ ସିଟି ବିପକ୍ଷରେ ଖେଳିବ।


# Classified Everyday
0674-2580101, 2549949


REAL ESTATE
SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048. D-1582

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

3/4BHK ready to move speious duplex with amenities at Balianta near Syphon Sqr. Contact No.-8457085107. D-1535

Plot for Sale at Puri Konark Marine Drive (850/- per Sqft). Contact: 6371703010. D-1580

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-1583




A Vertified Tile with Semi-Furnished Flat having 1100sqft. with 2 Rooms, 1 Kitchen, 1 Dining, 1 Toilet required for Office purpose. At Plot No.-533, Madhusudan Nagar, NICCO Park Lane, Bhubaneswar. Contact No- 8270887551, 8144088916. D-74720

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Kerala Massage therapy gents/ Ladies pain relief Bhubaneswar. 9337672475. D-1575

Newly open health benefits SPA special Offer @ 799 Bapuji Nagar. 9861237682. D-76160

Newly open Jyoti SPA positively health benefits (Expert therapist). 8458067955. D-76162

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

AFFIDAVIT

By virtue an affidavit sworn before Notary Public dated 25.09.2024 I, Kamalakanta Nayak, At/P.O.- Sanamanga, P.S.- Aul, Dist.- Kendrapara, Pin- 754218 declare that I have changed my daughter's name from Sarojini Nayak to Aradhya Nayak. Henceforth, She shall be known as Aradhya Nayak for all purposes. D-1584

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆକାଶ-ତ୍ରିନାଥଙ୍କୁ ଟାଇଟଲ

ଭୁବନେଶ୍ୱର, ୬।୧୦ (ସରୋଜ ଜେନା)

ଭୁବନେଶ୍ୱର ଡିଷ୍ଟ୍ରିକ୍ଟ କ୍ୟାରମ ଆସୋସିଏଶନ (ବିଡିସିଏ) ଏବଂ କ୍ଲବ ଯୁବଶକ୍ତି ୟୁନିଟ-୪ ମିଳିତ ସହଯୋଗରେ ପ୍ରଥମ ଜିଲାସ୍ତରୀୟ ଭାଗୀରଥି ପଟ୍ଟନାୟକ ମେମୋରିଆଲ କ୍ୟାରମ ଡବଲ୍ସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର ଏସ୍.ଆର. ସାମନ୍ତରାୟ ଓ ଜେ.କେ. ରାଉତରାୟଙ୍କୁ ପରାସ୍ତ କରି ଜଟଣୀର ଭି.ଆକାଶ ଓ ତ୍ରିନାଥ ବେହେରା ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, କର୍ପୋରେଟର ଅଲିଅଲୀ ମଲ୍ଲିକ ଏବଂ ସାମାଜିକକର୍ମୀ ମନ୍ମଥ ରାଉତରାୟ, ନବକିଶୋର ବେହେରା ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଟିମ୍ ଓ ରନରଅପ ଟିମ୍‌କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଡିସିଏର ସଭାପତି ଇଂ. ସୁନୀଲ ପଟ୍ଟନାୟକଙ୍କ ସମେତ ବୀରେନ୍ଦ୍ର ମିଶ୍ର, ବିଚିତ୍ର ନାରାୟଣ ମିଶ୍ର, ବଦ୍ରିନାରାୟଣ ମିଶ୍ର, ଗୋପାଳ କୃଷ୍ଣ ଦାସ, ମାନସ ଦାସ, କାନ୍ତି ସ୍ୱାଇଁ, ନାରାୟଣ ଭ୍ରମରବର ରାଏ, ସୁଧୀର ପଟ୍ଟନାୟକ, ପ୍ରଶାନ୍ତ ପାଣି, ଅଂଶୁଭୂଷଣ ମିଶ୍ର, ବିଭୂତିଭୂଷଣ ପଣ୍ଡା, ବାଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆର୍ଯ୍ୟଂଶ, ସତ୍ୟମ୍ ଚାମ୍ପିୟନ

ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଷ୍ଟିୱାର୍ଟ ସ୍କୁଲରେ ରବିବାର ସ୍କୁଲ୍ସ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ମିନି ଗ୍ରୁପ୍ ବିଭାଗରେ ସେଣ୍ଟ ଜାଭିଅର୍ସ ହାଇସ୍କୁଲର ଆର୍ଯ୍ୟଂଶ ମିଶ୍ର ଚାମ୍ପିୟନ ହୋଇଛନ୍ତି। ସେହିପରି ସବ୍‌ଜୁନିୟର ଗ୍ରୁପ୍‌ରେ ସତ୍ୟମ୍ ସ୍ୱରୂପ ସାହୁ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଷ୍ଟିୱାର୍ଟ ସ୍କୁଲ ପ୍ରିନ୍ସିପାଲ ରଶ୍ମିରେଖା ସେନାପତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲର ସମ୍ପାଦକ ଏଫ.ସି. ନର୍ଥ, ଜୁନିୟର କୋର୍ଡିନେଟର ସ୍ୱାତୀ ସୁଦେଷ୍ଣା ଦାସ, ସିନିୟର କ୍ରୀଡ଼ା ଶିକ୍ଷକ ଅସିତ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ସୁପ୍ରସନ୍ନ ନାୟକ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବ୍ରେନ୍ ଟ୍ୟୁମର: କାରଣ, ସତର୍କତା



ଡା. ନିତ୍ୟାନନ୍ଦ ସ୍ୱାଇଁ

"ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ।"

ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ। ଖପୁରି ଭିତରେ ମସ୍ତିଷ୍କ ସୁରକ୍ଷିତ ହୋଇ ରହିଛି, ପୁଣି ପ୍ରାକୃତିକ ଉପାୟରେ। ମସ୍ତିଷ୍କଟି ବେଶ୍ ନରମ ଓ ଧଳା ଏହାର ଭିତର ଅଂଶ। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ 'ଦହି ବାହାରି ଆସିଲା' ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡ଼ିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା- ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡ଼ିକର କାର୍ଯ୍ୟ ମଧ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ସୁସ୍ଥଅସୁସ୍ଥ ମଧ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେରଖିବା, ମନେପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୂଣ ଅବସ୍ଥାରୁ।

ବ୍ରେନ୍ ଟ୍ୟୁମର ବିଷୟରେ ଆମେ ଜାଣିବା ନିହାତି ଦରକାର। ଏହାର କାରଣ ଏବଂ କେଉଁ ପ୍ରକାର ସତର୍କତା ଅବଲମ୍ବନ କଲେ ସେଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଆମେ ସମ୍ମୁଖୀନ ହେବା ନାହିଁ, ସେ ବିଷୟରେ ଜନସାଧାରଣ ଅବଗତ ହେବା ଦରକାର। ତେଣୁ ଏ ନେଇ ଯେତେ ଜନସଚେତନତା ସୃଷ୍ଟି କରାଯାଇ ପାରିବ ତାହା ସେତେ ଭଲ। ଏହାଦ୍ୱାରା ସାଧାରଣ ଲୋକ ଏଭଳି ସମସ୍ୟାର କାରଣ ବିଷୟରେ ଭଲ ଭାବରେ ଜାଣିପାରିବେ ଏବଂ ଠିକ୍ ସମୟରେ ତାହାର ଚିକିତ୍ସା ମଧ କରାଇପାରିବେ। ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପରମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ।





ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ।

ପିଲାଠାରୁ ବୁଢ଼ା- ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍‌ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାଯାଏନା, କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେରଖିପାରନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମ୍‌ଆର୍‌ଆଇ ସ୍କାନ୍, ପେଟ ସ୍କାନ୍, ଇସିଜି, ଆଞ୍ଜିଓଗ୍ରାମ୍, ଭେଣ୍ଟ୍ରିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା'ର ବାୟୋଲୋଜି ପରୀକ୍ଷା।

ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

-'ଅଭୀପ୍ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

## ରୁହନ୍ତୁ ସଚେତନ



ଧୂମପାନ ଏଭଳି ଏକ ଅଭ୍ୟାସ ଯାହା ପରୋକ୍ଷରେ କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଟାଇପ-୨ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡ଼ର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଦୁଇ ପ୍ରକାର- ଧୂମବିହୀନ ଏବଂ ଧୂମଯୁକ୍ତ। ଧୂମବିହୀନ ତମାଖୁ ମଧ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ।

## ଉପକାରୀ ଭିଟାମିନ୍-ଇ



ଭିଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଭଳି ଭିଟାମିନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଆଣ୍ଟିଅକ୍ସିଡାଣ୍ଟ୍ ପରି କାମ କରେ। କେବଳ ସେତିକି ନୁହେଁ, ଏହାର ଆଉ ଏକ ଉପକାରୀ ଗୁଣ ମଧ ରହିଛି। ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ ସାହାଯ୍ୟ କରେ। ଆଲର୍ଜି ଭଳି ସମସ୍ୟାରୁ ଏହା ମଧ କେତେକାଂଶରେ ରକ୍ଷା କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।

## ଜାଣି ରଖନ୍ତୁ



- ସବୁବେଳେ ନିଜ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। କାରଣ ଏହା ଠିକ୍ ବାଟରେ ଚାଲିଲେ ଆମେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବା।
- ପ୍ରତିଦିନ ବ୍ରେକ୍‌ଫାଷ୍ଟ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଜଣେ ବ୍ୟକ୍ତି ପ୍ରତିଦିନ ୬-୮ ଗ୍ଲାସ ପାଣି ପିଇବା ନିହାତି ଜରୁରୀ। କାରଣ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ଦରକାର। ଖାଦ୍ୟ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପରେ ପାଣି ପିଇଲେ ଭଲ।
- ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରନ୍ତୁ।
- ଘରେ ଯଦି ଦୀର୍ଘ ମାସ ଧରି କୌଣସି ମେଡିସିନ୍ ଅଛି ଏବଂ ସେଗୁଡ଼ିକର ଏକ୍ସପାୟେରୀ ତାରିଖ ମନେ ନାହିଁ, ତେବେ ସେଗୁଡ଼ିକ ବ୍ୟବହାର ନ କରି ଫିଙ୍ଗି ଦିଅନ୍ତୁ।
- ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ନିଜର ପୁରୁଣା ପ୍ରେସ୍‌କ୍ରିପ୍‌ସନ ସାଙ୍ଗରେ ନିଅନ୍ତୁ। କାରଣ ଏଗୁଡ଼ିକ ବେଳେବେଳେ ରୋଗକୁ ଚିକିତ୍ସା କରିବାରେ ସହାୟକ ହୋଇଥାଏ।

## ଉନ୍ନତ ଜୀବନଶୈଳୀ ଅନ୍ତରାଳେ...



ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ତେବେ ଏଥିପାଇଁ କେତୋଟି ଦିଗ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ପଡ଼ିବ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ଏହାଦ୍ୱାରା ନିଜର କାର୍ଯ୍ୟଧାରା ପ୍ରଭାବିତ ହୁଏ। ତେଣୁ ସବୁଠାରୁ ବଡ଼ କଥା ହେଲା, ନିଜକୁ ସବୁବେଳେ ନକାରାତ୍ମକ ଚିନ୍ତାଧାରାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ମାନସିକତା ଯଦି ସକାରାତ୍ମକ ରହିଲା, ତେବେ ଆମେ ନିଜ ଜୀବନଧାରାକୁ ସୁରୁଖୁରୁରେ ଆଗକୁ ଆଗେଇ ନେଇପାରିବା। ନିଜକୁ ଏଭଳି ପରିବେଶରେ ରଖନ୍ତୁ, ଯାହାର ନକାରାତ୍ମକ ପ୍ରଭାବ ଆପଣଙ୍କର ମାନସିକତା ଉପରେ ପଡ଼ିବ ନାହିଁ। ନିଜେ ହସନ୍ତୁ ଅନ୍ୟମାନଙ୍କୁ ହସାନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ ନିଜେ ସମ୍ପାଦନ କରୁଥିବା କାମକୁ ସୁଚାରୁ ରୂପେ କରିହୁଏ। ସନ୍ତୁଳିତ ଜୀବନଶୈଳୀ ପାଇଁ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ସବୁବେଳେ ଠିକ୍ ସମୟରେ ଖାଆନ୍ତୁ। ନିଜକୁ ଏଭଳି ପରବେଶରେ ରଖନ୍ତୁ ଯେପରି ଆପଣ ଅନେକାଂଶରେ ସୁସ୍ଥ ରହିବେ। ଏହାବ୍ୟତୀତ ଯେତେ ବ୍ୟସ୍ତ ରହିଲେ ମଧ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।

## ର୍‌ହ୍ୟୁମାଟଏଡ୍ ଆର୍ଥ୍ରାଇଟିସ୍



ର୍‌ହ୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର, କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହାବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ଗୁଡ଼ିକୁ ପରସ୍ପର ସହିତ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତାହାହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍‌ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ ଜମା ହେବା ଦ୍ୱାରା ମଧ ଗଣ୍ଠି ପ୍ରଭାବିତ ହୋଇଥାଏ। ତେଣୁ ଏଭଳି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଅଭିଜ୍ଞ ର୍‌ହ୍ୟୁମାଟଏଡ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ଖାଇବା ସାରିବାର ଠିକ୍ ପରେ ଚା, କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଞ୍ଚାଳନ ଉପରେ ମଧ ପ୍ରଭାବ ପକାଏ।

➢ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ, ତେବେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହାଦ୍ୱାରା ମେଦ ବୃଦ୍ଧି ହେବାର ଯଥେଷ୍ଟ ଆଶଙ୍କା ରହିଛି।



➢ଦାନ୍ତଜନିତ କିଛି ସମସ୍ୟା ଥିଲେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ନ ହେଲେ ତାହା ପରବର୍ତ୍ତୀ ସମୟରେ ଗୁରୁତର ଆକାର ଧାରଣ କରେ ଏବଂ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

➢ପ୍ରତିଦିନ ସକାଳୁ ଉଠି ବିଛଣାରେ ହିଁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।

➢ଦିନତମାମ ଖାଉଥିବା ଖାଦ୍ୟ ମଧରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ମଧ ଖାଆନ୍ତୁ ନାହିଁ।

➢ସବୁବେଳେ ନିଜକୁ ଚିନ୍ତାଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ତେଣୁ ସବୁବେଳେ ନିଜ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## କୃତ୍ରିମ ବୁଦ୍ଧିମତ୍ତା

(ଶେଷ ଭାଗ)

ଯଦିଓ କୃତ୍ରିମ ବୁଦ୍ଧିମତ୍ତାର ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟ ଆମେ ବର୍ତ୍ତମାନ ଆଣିଛୁ ତଥାପି କୃତ୍ରିମ ବୁଦ୍ଧିମତ୍ତା ମାନବ ସମାଜକୁ ଅନେକ ଉପାୟରେ ଉପକୃତ କରିବାର ସାମର୍ଥ୍ୟ ରଖିଛି। କୃତ୍ରିମ ବୁଦ୍ଧିମତ୍ତା ସ୍ୱାସ୍ଥ୍ୟସେବାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ଯନ୍ତ୍ର ଡାକ୍ତରମାନଙ୍କୁ ଅଧିକ ଠିକ୍ ଏବଂ ଶୀଘ୍ର ରୋଗ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥାଏ। ଉଦାହରଣ ସ୍ୱରୂପ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ଅତିପ୍ରାଥମିକ ସ୍ତରରୁ ଚିହ୍ନଟ କରି ଏହାକୁ ଭଲ କରିବାରେ ସହାୟକ ହେବ। କୃତ୍ରିମ ବୁଦ୍ଧିମତ୍ତା ନିର୍ଦ୍ଦେଶରେ ପରିଚାଳିତ ନାନୋ ରୋବୋ ଯାହା କି ମାନବ ଶରୀରରେ ପ୍ରବେଶ କରି ନିର୍ଦ୍ଦିଷ୍ଟ ଆଭ୍ୟନ୍ତରୀଣ ଅଙ୍ଗରେ ଜଟିଳ ଅସ୍ତ୍ରୋପଚାର କରିପାରିବ। ଏହାବ୍ୟତୀତ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ, ସ୍ମାର୍ଟ ହୋମ ନିର୍ମାଣ, ସ୍ୱୟଂଚାଳିତ ଯାନ ପ୍ରଭୃତି ତଥା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ସମସ୍ତ ବୈଷୟିକ ଜ୍ଞାନକୌଶଳ ପରି କୃତ୍ରିମ ବୁଦ୍ଧିମତ୍ତାର ମଧ ବିପଜ୍ଜନକ ଦିଗ ଅଛି। କୃତ୍ରିମ ବୁଦ୍ଧିମତ୍ତା କେତେକ କ୍ଷେତ୍ରରେ ମନୁଷ୍ୟ ଠାରୁ ଅଧିକ ସକ୍ଷମ ହୋଇଥିବାରୁ ମନୁଷ୍ୟକୁ କର୍ମସଂସ୍ଥାନରୁ ବିସ୍ଥାପନ କରିପାରେ। ତେଣୁ ସବୁଠାରୁ ବଡ଼ ଚିନ୍ତା ହେଉଛି କୃତ୍ରିମ ବୁଦ୍ଧିମତ୍ତା ଚାକିରି କମାଇ ଦେଇ ବେକାରି ବୃଦ୍ଧି କରିପାରେ। ଅନ୍ୟପକ୍ଷରେ ବ୍ୟକ୍ତିଗତ ଗୋପନୀୟତାକୁ ନଷ୍ଟ କରିପାରେ। ଖଳ ପ୍ରକୃତିର ଲୋକ ତଥା ଆପରାଧିକ ତତ୍ତ୍ୱ ଏହାକୁ ସମାଜ ବିରୋଧୀ କାର୍ଯ୍ୟରେ ଲଗାଇପାରନ୍ତି। କୃତ୍ରିମ ବୁଦ୍ଧି ହେଉଛି ଏକ ଶକ୍ତିଶାଳୀ ସାଧନ, ଯାହା ଆମ ଦୁନିଆକୁ ସର୍ବଶ୍ରେଷ୍ଠ ଉନ୍ନତ ସଭ୍ୟତାରେ ପରିଣତ କରିବାର ସାମର୍ଥ୍ୟ ରଖିଛି ଓ ମନୁଷ୍ୟ ସମାଜର ସୁଖ, ସୁବିଧା ଓ ହିତ ପାଇଁ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ। କିନ୍ତୁ ଏହା ଏକ ଦୁଇ ଧାରୁଆ ଅସ୍ତ୍ର, ଯାହାର ବ୍ୟବହାର ଅତି ସାବଧାନତାର ସହିତ କରିବା ଉଚିତ। ପୂର୍ବପରି ଅନ୍ୟାନ୍ୟ ବୈଜ୍ଞାନିକ ଆବିଷ୍କାର ପରି ଏହି ଦୁର୍ଲଭ ଉଦ୍ଭାବନକୁ ଲୋଭ ଓ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଯଦି ମାନବ ସମାଜ ବ୍ୟବହାର କରେ ତେବେ ଏହା ମାନବ ସମାଜର ପ୍ରଭୂତ କ୍ଷତି କରିପାରେ। ତେଣୁ ଏହାର ସୁବିଧା ଓ ଅସୁବିଧାକୁ ବୁଝି ଏହା ପ୍ରସ୍ତୁତ କରୁଥିବା ଆହ୍ୱାନକୁ ସମାଧାନ କଲେ କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାକୁ ସର୍ବଶ୍ରେଷ୍ଠ ବିକଶିତ ସଭ୍ୟତାରେ ପରିଣତ କରିବ।



- ଡ. ଦେବାଶିଷ ମହାନ୍ତି, ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୭/୨୦୨୪ Bhubaneswar, Monday, October 7/ 2024

# ମୁନାୱିରାଙ୍କ ଅର୍ଦ୍ଧଶତକ

**ଜମ୍ମୁ, ୬।୧୦**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ରବିବାର ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦିଲସାନ ମୁନାୱିରା। ଫଳରେ ଟୋୟମ ହାଇଦ୍ରାବାଦ ବିପକ୍ଷରେ କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ କରିବାକୁ ସକ୍ଷମ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ବଡ଼ ସ୍କୋର ସମ୍ଭବ ହୋଇ ନ ଥିଲା। ଦିଲସାନ ମୁନାୱିରାଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟର ବିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିବାରେ ବିଫଳ ହୋଇଥିଲେ। ୮ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ମୁନାୱିରା ୫୧ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହାୟତାରେ ୫୧ ରନ ସ୍କୋର କରିଥିଲେ। ହାଇଦ୍ରାବାଦ ପକ୍ଷରୁ ବିପୁଲ ଶର୍ମା ଓ ରବି ଜାଙ୍ଗିଦ ୨ଟି ଏବଂ ନୁଆନ ପ୍ରଦୀପ, ମଣ୍ଟି ପନିସର, ଶିବକାନ୍ତ ଶୁକ୍ଲା ଓ ଷ୍ଟୁଆର୍ଟ ବିନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୨୦ ଓଭରରେ ୧୦୦/୯ (ଦିଲସାନ ମୁନାୱିରା-୫୧, ବିପୁଲ ଶର୍ମା-୨/୨୩, ରବି ଜାଙ୍ଗିଦ-୨/୧୫, ନୁଆନ ପ୍ରଦୀପ-୧/୨୧, ମଣ୍ଟି ପନିସର-୧/୧୩, ଶିବକାନ୍ତ ଶୁକ୍ଲା-୧/୧୦, ଷ୍ଟୁଆର୍ଟ ବିନି-୧/୬)।




# ପ୍ରଥମ ଫାଇନାଲ ଜିତିଲା ବରଗଡ଼

**ବାରିପଦା,୬।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍

■ ମଙ୍ଗଳବାର ସୁନ୍ଦରଗଡ଼ରେ ଦ୍ୱିତୀୟ ଫାଇନାଲ

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ପଡ଼ିଆରେ ରବିବାର ଅନୁଷ୍ଠିତ ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନଶିପ୍-୨୦୨୪ର ପ୍ରଥମ ଫାଇନାଲରେ ବରଗଡ଼ ୩-୦ ଗୋଲରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଫାଇନାଲ ଆସନ୍ତା ମଙ୍ଗଳବାର ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବ। ଏହି ମ୍ୟାଚର ଫଳାଫଳ ପରେ କେଉଁ ଦଳ ଚାମ୍ପିୟନ ହେବ ତାହା ନିର୍ଦ୍ଧାରିତ ହେବ। ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଫାଇନାଲରେ ବରଗଡ଼ ଦଳର ରାଜୁ ଭାନ, ପ୍ରଭାସ ଗଣ୍ଡସେନା ଓ ଚନ୍ଦ୍ର ମୁର୍ମୁ ଗୋଲ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପ ସଭାପତି ବିଜୟ ଦାସ, ପଦ୍ମଲୋଚନ ଲେଙ୍କା ଓ ଅସିତ ପତି, ସହ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଅଲମ୍ପିକ ଆସୋସିଏସନ କୋଷାଧ୍ୟକ୍ଷ ଅଧିପ ଦାସ ଓ ଭଦ୍ରକ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଧିରେନ ପଲେଇ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବରଗଡ଼ର ପ୍ରଭାତ ଦଣ୍ଡସେନା, ଚନ୍ଦ୍ର ମୁର୍ମୁ, ସିରାଜ ଖାନ, ସିଦ୍ଧାନ୍ତ ପ୍ରଧାନ ଏବଂ ମୟୂରଭଞ୍ଜର ଫାଗୁ ହେମ୍ବ୍ରମ ଓ ମାନଚିତ୍ର ମାର୍ଣ୍ଡିଙ୍କୁ ଆର୍‌କେ ଫାଉଣ୍ଡେଶନର ନିର୍ଦ୍ଦେଶକ ଅମର ସେଠୀ ତାଙ୍କ ପିତାମାତାଙ୍କ ସ୍ମୃତିରେ ୫ ହଜାର ପ୍ରୋତ୍ସାହନ ରାଶି ଅତିଥିଙ୍କ ଦ୍ୱାରା ପ୍ରଦାନ କରିଥିଲେ। ଏଥିସହିତ ବାରିପଦା ପୌରପାଳିକା ପକ୍ଷରୁ ୫୦ ହଜାର ଓ ଭଞ୍ଜସେନା ତରଫରୁ ୩୦ ହଜାର ଓ ଏମ୍‌ପିଙ୍କ ପକ୍ଷରୁ ୩୦ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ମୟୂରଭଞ୍ଜ ଦଳକୁ ଉତ୍ସାହିତ କରାଯାଇଥିଲା। ମୟୂରଭଞ୍ଜ କ୍ରୀଡ଼ାର ବିକାଶ ପାଇଁ ଜୀବନ ତମାମ ପ୍ରଚେଷ୍ଟା କରିଥିବା ୭ ଜଣଙ୍କୁ ସ୍ମୃତି ସମ୍ମାନ ତଥା ବର୍ତ୍ତମାନର ବରିଷ୍ଠ ୧୫ ଜଣ ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୀର୍ବାଦ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।


ପ୍ରଥମ ଫାଇନାଲ ଜିତିବାପରେ ଟ୍ରଫି ସହ ବରଗଡ଼ର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ମଣିପାଲ-ଓଡ଼ିଶା ମ୍ୟାଚରେ ପଏଣ୍ଟ ଭାଗହେଲା

**ଯୋଧପୁର, ୬।୧୦ (ପି.ଟି.)**

## ସ୍କୋର ରିଭାଇଜ୍

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ମଣିପାଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି) ଉଦ୍‌ଘାଟନୀ ମ୍ୟାଚର ସ୍କୋର ରିଭାଇଜ୍ ହୋଇଛି। ସ୍କୋରିଂରେ ଅସାମଞ୍ଜସ୍ୟ ପରିଲକ୍ଷିତ ହେବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ପ୍ରଦାନ କରାଯାଇଛି। ଏହି ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିଲା। ମଣିପାଲ ୨୦ ଓଭରରେ ୮ ଉଇକେଟ ହରାଇ ୧୦୨ ରନରେ ସୀମିତ ରହିଥିବାରୁ ସୂର୍ଯ୍ୟସକୁ ୨ ରନରେ ବିଜେତା ଘୋଷଣା କରାଯାଇଥିଲା। ମାତ୍ର ଏଲ୍‌ଏଲ୍‌ସିର ଆପେକ୍ସ କାଉନ୍ସିଲ ଓ ଇଭେଣ୍ଟ ଟେକ୍ନିକାଲ କମିଟି (ଇଟିସି) ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ମଣିପାଲ ଟାଇଗର୍ସର ସ୍କୋର ୧୦୨/୮ ନୁହେଁ ବରଂ ୧୦୪/୮ ବୋଲି ସ୍ପଷ୍ଟ କରିଛି। ଯୋଧପୁରର ବର୍କତୁଲ୍ଲା ଷ୍ଟାଡିୟମରେ ସେପ୍ଟେମ୍ବର ୨୦ରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ସମୟରେ ମଣିପାଲ ସ୍କୋରିଂକୁ ନେଇ ଚିନ୍ତାବ୍ୟକ୍ତ କରିଥିଲା। ମାତ୍ର ତ୍ରୁଟି ସେତେବେଳେ ଧରା ପଡ଼ି ନ ଥିଲା। ଫଳରେ ତ୍ରୁଟିପୂର୍ଣ୍ଣ ସ୍କୋର ପ୍ରକାଶ କରାଯାଇଥିଲା।

କିମ୍ବଦନ୍ତୀ କ୍ରିକେଟର ରବିଶାସ୍ତ୍ରୀ, ସୟଦ କିରମାନୀ ଓ ଅନ୍ୟମାନଙ୍କୁ ନେଇ ଗଠିତ ଆପେକ୍ସ କାଉନ୍ସିଲ ଆଡ୍ରିଆନ୍ ଗ୍ରିଫିଥଙ୍କ ନେତୃତ୍ୱାଧୀନ ଇଟିସିର ନିଷ୍ପତ୍ତିରେ ପରିବର୍ତ୍ତନ କରି ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ପ୍ରଦାନ ପାଇଁ ପରାମର୍ଶ ଦେଇଛନ୍ତି। ''ଏହା ଏକ ଯଥାର୍ଥ ଏବଂ ଗ୍ରହଣଯୋଗ୍ୟ ତ୍ରୁଟି ଯାହାକୁ ଚତୁର୍ଥ ଅମ୍ପାୟର ନଜରକୁ ଆଣିଥିଲେ। ନିୟମ ଯାହା ଥାଉନା କାହିଁକି ଏହି ଘଟଣାରେ ପଏଣ୍ଟ ଭାଗ କରାଗଲା। ସ୍କୋରରଙ୍କ ତ୍ରୁଟି ପାଇଁ କୌଣସି ଦଳକୁ ପଏଣ୍ଟରୁ ବଞ୍ଚିତ କରାଯାଇ ପାରିବନାହିଁ। ନିୟମ ଅନୁସାରେ ଅମ୍ପାୟର ପଡ଼ିଆ ଛାଡ଼ିବା ପରେ ଫଳାଫଳରେ ପରିବର୍ତ୍ତନ କରାଯାଏ ନାହିଁ। ମାତ୍ର ଏହା ଏକ ଅସାଧାରଣ ଘଟଣା। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ'' ବୋଲି ଶାସ୍ତ୍ରୀ କହିଛନ୍ତି। ନିଷ୍ପତ୍ତିରେ ପରିବର୍ତ୍ତନ ଫଳରେ ମଣିପାଲ ଟାଇଗର୍ସ ୬ ମ୍ୟାଚରୁ ୨ ବିଜୟ, ୧ ପରାଜୟ ଓ ୩ ଫଳାଫଳ ବିହୀନ କିମ୍ବା ଟାଇ ସହିତ ୭ ପଏଣ୍ଟରେ ପହଞ୍ଚିଛି।







5.55%# ସୁଧ ହାର | ଡାଉନ ପେମେଣ୍ଟ ₹8 699# | ICICI Bank 5% discount* upto Rs. 7500/- on Credit and Debit Card EMIs. *T&Cs | HDFC BANK Up to ₹7 500^ Instant Discount using EasyEMI on Credit Card

Finance Partners: TVS CREDIT, L&T Finance, IDFC FIRST Bank ALWAYS YOU FIRST, HDFC BANK, SHRIRAM Finance

# Finance will be at the sole discretion of the financier and is valid with select financier only. ^ Schemes valid till 31st October 2024. Finance plans are mutually exclusive and cannot be clubbed with each other. T&C apply. Offers and schemes cannot be clubbed. Limited period offer.

FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280701, JHARSUGUDA: MARUTI TVS: 9124590071, 9124590070, SONEPUR: MINERVA TVS: 6370700730, 6370700732, BHAWANIPATNA: RAAJ RAJESWARI TVS: 7682809880; JUNAGARH: MAA BANJARI TVS: 9437939586, 7978323005. Authorised Dealers: BRAJRAJNAGAR: 9937077883, DEOGARH: 9437392892, MODIPARA: 9337016000, BAMRA: 9668005302, KUCHINDA: 9777189689, KANTAPALI: 9437096134, DHAMA: 7735079641, RAIRAKHOL: 9937503010, PATNAGARH:9938621078, RAJ KHARIAR: 9439144433, KANTABANJI: 8596980487, GAISILAT: 7683848645, SAINTALA: 9861471371, BANGAMUNDA: 9937526500, TUSURA: 9437890955, UDANBANDH: 9437626855, LATHOR: 7008086417, TITILAGARH: 9776516666, BELPARA: 7008771977, BELPAHAR: 8249880971, NUAPARA: 9938098888, BARAGARH: 9938739550, ATTABIRA:9583558398, PAIKAMAL: 9938119999, BHEDEN: 7008822177, GODBAGHA: 9438043220, DIPTIPUR:9937119913, PADAMPUR: 8018570957, JAGADALPUR: 7974013864, AGALPUR: 8658048760, LAIKERA: 9938465363, BAGDEHI: 9438736989, RAJGANGPUR: 9437172724, KUTRA: 6370578102, BONAI: 9124187787, BADGAON: 9937060901, SABDEGA: 9583907310, SUNDARGARH: 7008604840, JALDA: 9437555007, DUNGRIPALLY: 9937926986, KANTAMAL: 7008225996, BIRMAHARAJPUR: 8018860710, BOUDH : 9668507569, BAUNSUNI: 9938312281, NARLA: 9437707650, KESINGA: 9437625573, CHARBAHAL: 9178236679, M. RAMPUR: 9078855864, SINAPALI: 9937906526, LADUGAON: 8594857691, DHARAMGARH: 9938883405, KALAMPUR: 7008516495. dentsu/dha sam/09/24


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ